

ଆସିବନି
ତେରେନାମ୍-୨
▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-129 ♦WEDNESDAY ♦5 NOVEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୨୯ ♦ବୁଧବାର ♦୫ ନଭେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦




## ଛତିଶଗଡ଼ରେ ଭୟଙ୍କର ଟ୍ରେନ ଦୁର୍ଘଟଣା

### ମାଲଗାଡ଼ିକୁ ଧକ୍କା ଦେଲା ପାସେଞ୍ଜର ଟ୍ରେନ୍

# ୧୦ ମୃତ, ୧୫ ଆହତ

■ **ବିଳାସପୁର, ୪।୧୧ (ଏଜେନ୍ସି):** ଛତିଶଗଡ଼ର ବିଳାସପୁର ନିକଟରେ ଆଜି ଏକ ଭୟଙ୍କର ଟ୍ରେନ ଦୁର୍ଘଟଣାରେ ୧୦ ଜଣ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ୨୦ରୁ ଅଧିକ ଆହତ ହୋଇଛନ୍ତି। ଦୁର୍ଘଟଣାରେ ଟ୍ରେନର ଇଞ୍ଜିନ ମାଲଗାଡ଼ି ଉପରେ ଚଢ଼ିଯାଇଥିବା ବେଳେ ଏହାପଛକୁ ଲାଗି ରହିଥିବା କୋଚିଗୁଡ଼ିକ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ଦୁର୍ଘଟଣା ସ୍ଥଳରେ ରିଲିଫ ଓ ଉଦ୍ଧାର କାର୍ଯ୍ୟ ଚାଲିଛି ଏବଂ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ସରକାରୀ ଭାବେ ମୃତ୍ୟୁସଂଖ୍ୟା ୬ କୁହାଯାଉଥିବା ବେଳେ ୧୦ରୁ ଅଧିକ ଯାତ୍ରୀ ପ୍ରାଣ ହରାଇଥିବା ସ୍ଥାନୀୟ ଲୋକଙ୍କ ସୂତ୍ରରୁ ଜଣାପଡ଼ିଛି। ଦୁର୍ଘଟଣା ପରେ ଏହି ରୁଟ୍‌ରେ ଅନେକ ଟ୍ରେନ ଚଳାଚଳକୁ ବାତିଲ କରି ଦିଆଯାଇଛି। ଅଟକି ରହିଥିବା ଯାତ୍ରୀମାନଙ୍କୁ ନେବାଲାଗି ବିକଳ୍ପ ବ୍ୟବସ୍ଥା କରାଯାଉଛି।

ବିଳାସପୁର-କଟନି ସେକସନ୍ ଅନ୍ତର୍ଗତ ଗଟୌରା ଷ୍ଟେସନ ନିକଟରେ ଆଜି ଅପରାହ୍ଣ ୪ଟାରେ ଏକ ଯାତ୍ରୀବାହୀ (ମେମୁ) ଟ୍ରେନ ଠିଆ ହୋଇଥିବା ମାଲବାହୀ ଟ୍ରେନକୁ ଧକ୍କା ଦେଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ଯାତ୍ରୀବାହୀ ଟ୍ରେନର ଅନେକ ବଗି ଲାଇନଚ୍ୟୁତ ହୋଇଯାଇଛି। ଆଉ ଗୋଟିଏ ବଗି ମାଲବାହୀ ଟ୍ରେନ୍ ଉପରେ ଚଢ଼ିଯାଇଛି। ଦୁର୍ଘଟଣାରେ ମୃତାହତଙ୍କ ମଧ୍ୟରେ ଅନେକ ଶିଶୁ ଓ ମହିଳା ଯାତ୍ରୀ ରହିଛନ୍ତି। ଓଲଟି ପଡ଼ିଥିବା କୋଚ୍ ଭିତରେ ଅନେକ ଯାତ୍ରୀ ଫସି ରହିଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବାର ଆଶଙ୍କା ରହିଛି।

ଘଟଣାସ୍ଥଳରେ ଦମକଳ ବାହିନୀ, ପୁଲିସ, ରେଳବାଇ ଏବଂ ଏନ୍‌ଡିଆରଏଫ ସହିତ ଅନ୍ୟ ଟିମ୍ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଛନ୍ତି। ଅବଶେଷ ତଳୁ ଜୀବନ ଖୋଜୁଛନ୍ତି। ବଗି ଗୁଡ଼ିକୁ ଫସି ରହିଥିବାରୁ ତାହାକୁ ଗ୍ୟାସ୍ କଟରରେ କାଟି ଯାତ୍ରୀଙ୍କୁ ଉଦ୍ଧାର କରାଯାଉଛି। ସିଡି ମାଧ୍ୟମରେ ଯାତ୍ରୀ ଏବଂ ଶିଶୁଙ୍କୁ ଟ୍ରେନ ଭିତରୁ ଉଦ୍ଧାର କରି ତଳକୁ ଅଣାଯାଉଛି। ତେବେ ଏ ପର୍ଯ୍ୟନ୍ତ ଦୁର୍ଘଟଣାର କାରଣ ଜଣାପଡ଼ି ନାହିଁ। ▶ପୃଷ୍ଠା-୭

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆପଡ଼ା ପ୍ରତାରିତ

## ସ୍ୱାସ୍ଥ୍ୟବୀମା ଯୋଜନାରେ ନାହିଁ ଜିଲ୍ଲାର ଗୋଟିଏ ବି ଘରୋଇ ହସ୍‌ପିଟାଲ

■ **ଭୁବନେଶ୍ୱର, ୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନ ପ୍ରିପେକ୍ଷୀରେ ରାଜ୍ୟ ନିର୍ବାଚନ ଅଧିକାରୀଙ୍କ ଏକ ନିର୍ଦ୍ଦେଶନାମା ଜିଲ୍ଲାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ରକୁ ପଦାରେ ପକାଇ ଦେଇଛି। ଆୟୁଷ୍ମାନ ଭାରତ-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ନେଇ ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ନୂଆପଡ଼ା ଜିଲ୍ଲାରେ ଏହି ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଉପଲବ୍ଧ ନାହିଁ। ଯୋଜନା ଅଧିନରେ ନୂଆପଡ଼ାରେ ଜିଲ୍ଲା ଏପରିକି ପଡ଼ୋଶୀ ରାୟପୁରରେ ଗୋଟିଏ ହେଲେ ବି ବେସରକାରୀ ଅନୁବନ୍ଧିତ ହସ୍ପିଟାଲ ନ ଥିବା ଜଣାପଡ଼ିଛି। ରାଜ୍ୟସାରା ଅନ୍ୟ ଜିଲ୍ଲାମାନଙ୍କରେ ଲୋକେ ଦେୟମୁକ୍ତ ବୀମା ଚିକିତ୍ସା ସୁବିଧା ପାଉଥିବା ବେଳେ ରାଜ୍ୟ ବିଜେପି ସରକାର ନୂଆପଡ଼ାବାସୀଙ୍କୁ ଏଥିରୁ କାହିଁକି ବଞ୍ଚିତ ରଖିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଗତ ଅକ୍ଟୋବର ୧୦ ତାରିଖରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ସଚିବ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ସହ ଭିସି ଯୋଗେ ଏକ ବୈଠକ କରିଥିଲେ। ବୈଠକରେ ଉପ ନିର୍ବାଚନରେ ନିୟୋଜିତ ହେବାକୁ ଥିବା




**ଆୟୁଷ୍ମାନ ଯୋଜନାରେ ସହବନ୍ଧିତ ହୋଇନାହିଁ କୌଣସି ଡାକ୍ତରଖାନା**

**ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶନାମା ଖୋଲିଲା ଗୁମର**

କର୍ମଚାରୀ ଏବଂ ସୁରକ୍ଷାକର୍ମୀଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଚିକିତ୍ସା ସୁବିଧା ଯୋଗାଇ ଦେବା ସମ୍ପର୍କରେ ଆଲୋଚନା ହୋଇଥିଲା। ମାତ୍ର ବୈଠକରେ ସ୍ୱାସ୍ଥ୍ୟ ସଚିବ ନୂଆପଡ଼ା କିମ୍ବା ପଡ଼ୋଶୀ ରାୟପୁରରେ ରାଜ୍ୟ ସରକାରଙ୍କ ଦ୍ୱାରା ଯୋଗାଇ ଦିଆଯାଉଥିବା ଦେୟମୁକ୍ତ ସ୍ୱାସ୍ଥ୍ୟବୀମା ଯୋଜନା ଅଧିନରେ କୌଣସି ଘରୋଇ ହସ୍ପିଟାଲ ସହବନ୍ଧିତ ହୋଇ ନ ଥିବା ସୂଚନା ଦେଇଥିଲେ। ଯାହାକୁ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚିନ୍ତାବ୍ୟକ୍ତ କରିବା ସହ ଉପ ନିର୍ବାଚନ ସମୟରେ ନୂଆପଡ଼ାରେ ନିର୍ବାଚନ ଡ୍ୟୁଟିରେ ନିୟୋଜିତ କର୍ମଚାରୀ, ପୁଲିସ ଏବଂ ସିଏପିଏଫ ଜବାନଙ୍କ ସ୍ୱାସ୍ଥ୍ୟସେବାକୁ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

ପୂର୍ବରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଜିଲ୍ଲାର ସମସ୍ତ ବେସରକାରୀ ହସ୍ପିଟାଲରେ ଉପଲବ୍ଧ ଥିଲା। ଫଳସ୍ୱରୂପ ଗ୍ରାମାଞ୍ଚଳର ଗରିବ ଲୋକେ ଏହାଦ୍ୱାରା ବିଶେଷ ଭାବେ ଉପକୃତ ହୋଇ ପାରୁଥିଲେ। ତେବେ ନୂଆ ସରକାର କ୍ଷମତାକୁ ଆସିବା ପରେ ବିଏସକେୱାଇକୁ ବନ୍ଦ କରିଦେବା ସହ ରାଜ୍ୟରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ କଲେ। ମାତ୍ର ଏହି ଯୋଜନା କାର୍ଯ୍ୟକାରୀ ହେବା ସହ ନୂଆପଡ଼ା ଜିଲ୍ଲାର ସମସ୍ତ ଘରୋଇ ହସ୍ପିଟାଲ ଯୋଜନା ଅନୁବନ୍ଧିତ ତାଲିକାରୁ ବାଦ୍ ପଡ଼ିଥିବା ଜଣାପଡ଼ିଛି। ଏପରିକି ପଡ଼ୋଶୀ ରାୟପୁରରେ ମଧ୍ୟ କୌଣସି ଘରୋଇ ହସ୍ପିଟାଲରେ ରାଜ୍ୟ ସରକାରଙ୍କ ବୀମା ଯୋଜନା କାର୍ଯ୍ୟକାରୀ ହେଉନାହିଁ। ଯାହାଫଳରେ ଉନ୍ନତ ତଥା ଦେୟମୁକ୍ତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ହୋଇ ସନ୍ତୁଳି ହେଉଛନ୍ତି ନୂଆପଡ଼ାବାସୀ। କେଉଁ ଅପରାଧ ▶ପୃଷ୍ଠା-୭

# ଆଜିଠୁ ଐତିହାସିକ ବାଲିଯାତ୍ରା

## କଟକ ମହାନଦୀ ତଟରେ ଜମିବ ମୁକ୍ତାକାଶ ମେଳା

■ **କଟକ, ୪।୧୧ (ସମିସ):** ଓଡ଼ିଶାର ପ୍ରାଚିନ ସମୃଦ୍ଧ ପରମ୍ପରାର ମୂକସାକ୍ଷୀ, ନୌବାଣିଜ୍ୟ ଐତିହ୍ୟର ଅମଳୀନ ସ୍ୱାକ୍ଷର ବହନ କରୁଥିବା ଐତିହାସିକ କଟକ ବାଲିଯାତ୍ରା ବୁଧବାର ଉଦ୍‌ଘାଟିତ ହେବ। ମହାନଦୀ ତଟରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣମୀ ତିଥିରୁ ୮ ଦିନ ଧରି ଚାଲିବ ଏହି ମୁକ୍ତାକାଶ ମହାବାଣିଜ୍ୟ ମେଳା। ଲକ୍ଷଲକ୍ଷ ଲୋକଙ୍କ ପାଦ ପଡ଼ିବ ମେଳା ପଡ଼ିଆରେ। ଶହେରୁ କୋଟିରୁ ଅଧିକ ଟଙ୍କାର ବେପାର ବଣିଜ ହେବ। ବେପାରୀମାନେ ମେଳା ପଡ଼ିଆରେ ଷ୍ଟଲ ବାନ୍ଧି ସାରିଥିବା ବେଳେ ପୁଲିସ ଓ ପ୍ରଶାସନର ପ୍ରସ୍ତୁତି ମଧ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ସାରିଛି। ବୁଧବାର ସନ୍ଧ୍ୟାରେ ଗଣକବି ବୈଷ୍ଣବ ପାଣି ମଞ୍ଚରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବାଲିଯାତ୍ରାକୁ ଉଦ୍‌ଘାଟନ କରିବେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟର ଅନେକ ବରେଣ୍ୟ ବ୍ୟକ୍ତିବିଶେଷ, ରାଜନେତାଙ୍କ ସମେତ ଇଣ୍ଡୋନେସିଆ ରାଷ୍ଟ୍ରଦୂତ ଇନା ଏଚ୍ କୃଷ୍ଣମୂର୍ତ୍ତି ଯୋଗଦେବାର କାର୍ଯ୍ୟସୂଚୀ ରହିଛି।




କେବଳ ତଳ ପଡ଼ିଆରେ ଏଥରର ବାଲିଯାତ୍ରା ପୂର୍ଣ୍ଣ ମାତ୍ରାରେ ଆୟୋଜନ ହେଉଛି। ଉପର ପଡ଼ିଆରେ ମେଳା ଆୟୋଜନ ହେବ ବୋଲି ପୂର୍ବରୁ ପ୍ରଶାସନ ଘୋଷଣା କରିଥିଲେ ସୁଦ୍ଧା ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ବ୍ୟବସ୍ଥା ଗ୍ରହଣ ହୋଇ ପାରିଲାନାହିଁ। ଏଣୁ ତଳ ପଡ଼ିଆରେ ହେବାକୁ ଥିବା ୧୬୫୪ ଷ୍ଟଲ ବାଲିଯାତ୍ରାର ଆକର୍ଷଣକୁ ବଜାୟ ରଖିବ। ଚଳିତଥର ବାଲିଯାତ୍ରାରେ କଳା ଏବଂ ସଂସ୍କୃତି ସହ ସାହିତ୍ୟର ଝଲକ ଦେଖିବାକୁ ମିଳିବ। ଓଡ଼ିଆ ଭାଷା, ସାହିତ୍ୟ ଓ କାଳଜୟୀ ପୁସ୍ତକଗୁଡ଼ିକ ବିଷୟରେ ସମସ୍ତେ ଜାଣିବେ। ଓଡ଼ିଆ ଘରର ପରମ୍ପରା ସାଙ୍ଗକୁ ଲୋକ ସଂସ୍କୃତି ବିଷୟରେ ଦିଆଯିବ ବାର୍ତ୍ତା। ଏଥିପାଇଁ ▶ପୃଷ୍ଠା-୭

## ସୁଦାନରେ ଅପହୃତ ଓଡ଼ିଆ ପୁଅ ଆଦର୍ଶ

# ଉଦ୍ଧାର ପାଇଁ କେନ୍ଦ୍ରକୁ ରାଜ୍ୟ ସରକାରଙ୍କ ଚିଠି



**କେନ୍ଦ୍ର ବୈଦେଶିକ ମନ୍ତ୍ରଣାଳୟକୁ ନବୀନଙ୍କ ଟ୍ୱିଟ୍**

**ତୁରନ୍ତ ମୁକ୍ତି ପାଇଁ ପଦକ୍ଷେପ ନେବାକୁ ଅନୁରୋଧ**

■ **ଭୁବନେଶ୍ୱର, ୪।୧୧ (ସମିସ):** ଆଫ୍ରିକୀୟ ରାଷ୍ଟ୍ର ସୁଦାନରେ ପଣବନ୍ଦୀ ଥିବା ଜଗତସିଂହପୁର ଜିଲ୍ଲାର ଓଡ଼ିଆ ଯୁବକ ଆଦର୍ଶ କୁମାର ବେହେରାଙ୍କୁ ଉଦ୍ଧାର କରିବା ପାଇଁ ମଙ୍ଗଳବାର କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଅନୁରୋଧ କରିଛନ୍ତି ରାଜ୍ୟ ସରକାର ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶକ୍ରମେ ଗୁଇନ୍ଦା ବିଭାଗ ମହାନିର୍ଦ୍ଦେଶକ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ପତ୍ରଲେଖି ଆଦର୍ଶଙ୍କୁ ଫେରାଇ ଆଣିବାକୁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି। ଏଥି ସହିତ ନୂଆଦିଲ୍ଲୀରେ ଅବସ୍ଥାପିତ ଆବାସିକ କମିଶନର ମଧ୍ୟ ବୈଦେଶିକ ମନ୍ତ୍ରାଳୟକୁ ପତ୍ରଲେଖି ସୁଦାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ସହିତ ଯୋଗାଯୋଗରେ ରହି ଆଦର୍ଶଙ୍କ ଖୋଜ୍ ଖବର ନେବା ଏବଂ ତାଙ୍କୁ ସୁରକ୍ଷିତ ଭାବେ ଫେରାଇ ଆଣିବା ପାଇଁ ଅନୁରୋଧ କରିଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀ ଆଦର୍ଶଙ୍କ ପରିବାର ବର୍ଗଙ୍କୁ ଧୈର୍ଯ୍ୟର ସହ ଏହି ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଆଶ୍ୱାସନା ଦେଇଛନ୍ତି। ଅପରପକ୍ଷେ ବିରୋଧୀ ଦଳ ନେତା ନବୀନ ▶ପୃଷ୍ଠା-୭

## ବିଜେପିରେ 'ହାରୁ ଘୋଡ଼ା' ନିଆଁ

# ବସନ୍ତ ଖପ୍ପା, ଦଳରେ ଫାଟ

■ **ଭୁବନେଶ୍ୱର, ୪।୧୧ (ସମିସ):** ନୂଆପଡ଼ା ଉପନିର୍ବାଚନରେ ଜୟ ଢୋଲକିଆଙ୍କ ପ୍ରାର୍ଥିତ୍ୱକୁ ଏବେ ବି ବସନ୍ତ ଏବଂ ତାଙ୍କ ପୁଅ ଅଭିନନ୍ଦନ ପଣ୍ଡା ଖୋଲା ହୃଦୟରେ ଗ୍ରହଣ କରୁ ନ ଥିବା ଚର୍ଚ୍ଚା ହେଉଛି। ଉଭୟ ପିତା-ପୁତ୍ରଙ୍କୁ ବିଭିନ୍ନ ଉପାୟରେ ବୁଝାସୁଝା କରି ବିଜେପି ନେତୃତ୍ୱ ନିର୍ବାଚନ ପରିଚାଳନା କରୁଥିବା ସମୟରେ ବସନ୍ତ ଓ ତାଙ୍କ ଅସନ୍ତୁଷ୍ଟ ସମର୍ଥକ ଶିବିରରେ ନିଆଁ ଲଗାଇଛନ୍ତି ବିଜେପିର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପଦ୍ମଲୋଚନ ପଣ୍ଡା । ବିଜେପି ଜିତିବା ଘୋଡାକୁ ବାଜିରେ ଲଗାଏ। ହାରିବା ଘୋଡାକୁ ପାଖକୁ ଯାଏ ନାହିଁ କି ବାଜିରେ ଲଗାଏ ନାହିଁ। ବସନ୍ତଙ୍କର କ୍ରେଜ ନାହିଁ ବୋଲି ଉଲ୍ଲେଖ କରି ପରୋକ୍ଷରେ ▶ପୃଷ୍ଠା-୭

**ହାରିବା ଘୋଡ଼ାରେ ବିଜେପି ବାଜି ଲଗାଏ ନାହିଁ**

**ବସନ୍ତଙ୍କ କ୍ରେଜ୍ ନାହିଁ, ତେଣୁ ଟିକଟ ମିଳିଲାନାହିଁ**

# ଖସିଗଲେ ଧଳାହାତୀ; ଓପିଆର୍‌ବି ସୁନାପିଲା

## କ୍ରାଇମ୍‌ବ୍ରାଞ୍ଚ ନଜରରେ ସୁରେଶ ମୁଖ୍ୟ ଅଭିଯୁକ୍ତ, ଶଙ୍କର ସହଯୋଗୀ

■ **ଭୁବନେଶ୍ୱର, ୪।୧୧ (ସମିସ):** ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ସିଲିକନ୍‌ର ସିଇଓ ସୁରେଶ ନାୟକ ଏବଂ ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟି ଗିରଫ ହୋଇଛନ୍ତି। ଏହି ଜାଲିଆତିରେ ବହୁ ବଡ଼ ବଡ଼ ଧଳାହାତୀ ଏବଂ ସରକାରୀ ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଅଭିଯୋଗ ହେଉଥିଲେ ହେଁ କ୍ରାଇମବ୍ରାଞ୍ଚ ସେ ସମ୍ପର୍କରେ ସମ୍ପୂର୍ଣ୍ଣ ନିରବ ରହିଛି ଶଙ୍କର ଗିରଫ ପରେ ୨୦ଘଣ୍ଟା ଧରି ତାଙ୍କୁ ଦିନରାତି ଜେରା କରାଗଲା। ସିବିଆଇ ତଦନ୍ତ ହାତରୁ ଖସିବା ପରେ କ୍ରାଇମ୍‌ବ୍ରାଞ୍ଚର ତତ୍‌କ୍ଷଣାତ କାର୍ଯ୍ୟାନୁଷ୍ଠାନ ଦେଖି ଲାଗୁଥିଲା ଯେପରି ସମସ୍ତେ ଧରାପଡ଼ିଯିବେ। ବଡ ଦଲାଲ, ସରକାରୀ କର୍ମଚାରୀ, ବଡ ବାବୁ ଏବଂ ଧଳାହାତୀ ସମସ୍ତଙ୍କ ନାଆଁ ବାହାରକୁ ବାହାରି ଆସିବ। ହେଲେ ଯାହା ସନ୍ଦେହ କରାଯାଉଥିଲା ତାହା ହିଁ ହେଲା। ସିଲିକନ୍, ପଞ୍ଚସଫ୍ଟ, କିଛି ଦଲାଲ ଓ କନଷ୍ଟେବଳ ବିଶ୍ୱରଞ୍ଜନଙ୍କ ମଧ୍ୟରେ ତଦନ୍ତ ସୀମିତ ରହିଗଲା। କେଉଁ ପରିସ୍ଥିତିରେ ସିଲିକନ୍‌କୁ ଆଇଟିଆଇ ପରୀକ୍ଷା ପରିଚାଳନା ଦାୟିତ୍ୱ ଦେଲା ଓ ଏଥିରେ ଓପିଆର୍‌ବିର କି ଭୂମିକା ଥିଲା ସେ ସମ୍ପର୍କରେ ତଦନ୍ତ କରାଯାଇ ନାହିଁ। ଅନ୍ୟପକ୍ଷରେ ସିଲିକନ୍ ▶ପୃଷ୍ଠା-୭

**ପରୀକ୍ଷାର୍ଥୀଙ୍କଠାରୁ ଆଦାୟ ଅର୍ଥ ସମ୍ପର୍କରେ କ୍ରାଇମବ୍ରାଞ୍ଚ ନିରବ**

**କେଉଁଠି ଓ କାହା ପାଖରେ ଅଛି ଚାକିରି ବିକ୍ରିର ଆଦାୟ ଟଙ୍କା**

**ସିବିଆଇ ତଦନ୍ତ ପୂର୍ବରୁ ସନ୍ଦେହରେ କ୍ରାଇମ୍‌ବ୍ରାଞ୍ଚର ତତ୍ପରତା**

# ଅକାଳ ମୃତ୍ୟୁ ରୋକିବାକୁ ଅଜବ ପ୍ରଥା

## ବାହ୍ୟଜଗତରୁ ନିଜକୁ ବିଚ୍ଛିନ୍ନ କଲେ ଗ୍ରାମବାସୀ



■ **ନାରାୟଣପାଟଣା, ୪।୧୧ (ସମିସ):** ଅନ୍ଧବିଶ୍ୱାସ ଓ କୁ-ପ୍ରଥା ଦୂର ପାଇଁ ସରକାର ବିଭିନ୍ନ ଉପାୟରେ ଲୋକଙ୍କୁ ସଚେତନ କରୁଛନ୍ତି। ହେଲେ ଏହାର ପ୍ରଭାବ ଅନେକ କ୍ଷେତ୍ରରେ ଦେଖିବାକୁ ମିଳୁନି। ନିଜ ବଂଶରେ ପ୍ରେମ ବିବାହ କଲେ ନବଦମ୍ପତିଙ୍କ ବେକରେ ଜୁଆଳି ପକାଇ ହଳ କରାଇବା ପରି ପରମ୍ପରାକୁ ନେଇ ନିକଟ ଅତୀତରେ ଚର୍ଚ୍ଚାକୁ ଆସିଥିବା ନାରାୟଣପାଟଣା ବ୍ଲକ୍‌ରେ ପୁଣି ଏକ ବିଚିତ୍ର ପ୍ରଥା ଦେଖିବାକୁ ମିଳିଛି। ଗାଁରେ ଅକାଳ ମୃତ୍ୟୁ ରୋକିବା ପାଇଁ ଲୋକେ ଗାଁ ରାସ୍ତାରେ ବାଡ଼ ପକାଇ ନିଜକୁ ବାହ୍ୟଜଗତରୁ ବିଚ୍ଛିନ୍ନ କରି ରଖିଛନ୍ତି। ନା ବାହାର ଲୋକଙ୍କୁ ଗାଁରେ ପୂରାଇ ଦେଉଛନ୍ତି ନା ଗାଁ ଲୋକ କେହି ବାହାରକୁ ଆସୁଛନ୍ତି। ଏପରିକି, ଗାଁକୁ ପ୍ରବେଶ ନକରିବାକୁ ପ୍ରବେଶ ପଥରେ ବଡ଼ବଡ଼ ଅକ୍ଷରରେ ଲେଖି ▶ପୃଷ୍ଠା-୭

**ପ୍ରବେଶ ପଥରେ ବାଡ଼ ପକାଇ ଫଳକ ମାରିଲେ**

**ବାହାର ଲୋକଙ୍କୁ ୮ ଦିନ ଗାଁ ମନା**

# ଓଡ଼ିଶା ଲୋକାୟୁକ୍ତ ଦନ୍ତହୀନ

## ଦେଢ଼ ବର୍ଷ ହେଲା ଅଧ୍ୟକ୍ଷ ସମେତ ସମସ୍ତ ସଦସ୍ୟ ପଦ ଫାଙ୍କା

■ **ଭୁବନେଶ୍ୱର, ୪।୧୧ (ସମିସ):** ଦନ୍ତହୀନ ହୋଇ ପଡ଼ିଛି ଓଡ଼ିଶା ଲୋକାୟୁକ୍ତ। ଦୀର୍ଘ ଦେଢ଼ ବର୍ଷରୁ ଅଧିକ ସମୟ ହେବ ଅଧ୍ୟକ୍ଷ ପଦ ଖାଲି ପଡ଼ିଛି ଓ ଅନ୍ୟ ୫ଟି ସଦସ୍ୟ ପଦରେ ମଧ୍ୟ କାହାରିକୁ ନିଯୁକ୍ତି ଦିଆଯାଇ ନାହିଁ। ବର୍ଷାଧିକ ସମୟ ହେଲା କୌଣସି ଅଭିଯୋଗର ଶୁଣାଣି ହୋଇନାହିଁ। ଅପରପକ୍ଷରେ ଗତବର୍ଷ ଫେବୃଆରୀରେ ନୂତନ ନିଯୁକ୍ତି ପାଇଁ ପ୍ରକାଶ ପାଇଥିଲା। ହେଲେ ବିଜେପି ସରକାରକୁ ଆସିବା ପରେ ନୂତନ ନିଯୁକ୍ତି ପ୍ରକ୍ରିୟା ସେହିଠାରେ ହିଁ ଅଟକି ରହିଛି। ୧୬ ମାସ ହେବ ସରକାର ଆଉ କୌଣସି ପଦକ୍ଷେପ ନେଉ ନାହାନ୍ତି। ଫଳରେ ରାଜ୍ୟରେ ଦୁର୍ନୀତି ବଢ଼ିବା ସହ ଲୋକାୟୁକ୍ତରେ ମଧ୍ୟ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି।

ଲୋକାୟୁକ୍ତର ଅଧ୍ୟକ୍ଷ ଭାବେ ଜଷ୍ଟିସ




**ଶୁଣାଣି ବନ୍ଦ, ବିଚାର ଅପେକ୍ଷାରେ ୮୦୦ରୁ ଅଧିକ ମାମଲା**

**ଦୁର୍ନୀତିର ପୃଷ୍ଠପୋଷକତା ଯୋଗୁଁ ନୂତନ ନିଯୁକ୍ତି ବନ୍ଦ ଅଭିଯୋଗ**

ଅଜିତ ସିଂଙ୍କ କାର୍ଯ୍ୟକାଳ ୨୦୨୪ ମସିହା ଫେବୃଆରୀ ୧୯ ତାରିଖରେ ସରିଛି। ୩ଜଣ ସଦସ୍ୟଙ୍କ ମଧ୍ୟରୁ ଜଷ୍ଟିସ୍ ବିଜୟ କୁମାର ନାୟକ (ଜୁଡିସିଆଲ୍)ଙ୍କ କାର୍ଯ୍ୟକାଳ ମାର୍ଚ୍ଚ ୩୦ ଓ ଡ. ଦେବବ୍ରତ ସ୍ୱାଇଁଙ୍କ କାର୍ଯ୍ୟକାଳ ଏପ୍ରିଲ୍ ୪ରେ ଶେଷ ହୋଇଛି। ଅନ୍ୟତମ ସଦସ୍ୟ ଡ. ଆରପି ଶର୍ମାଙ୍କର କାର୍ଯ୍ୟକାଳ ଅଗଷ୍ଟ ୮ ତାରିଖରୁ ଶେଷ ହେଲାଣି। ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ସରିବାକୁ ୨୧ ମାସ ଓ ସଦସ୍ୟମାନଙ୍କ କାର୍ଯ୍ୟକାଳ ସରିବାକୁ ୧୫ମାସ ବିତିଥିଲେ ମଧ୍ୟ ସରକାର ନୂତନ ନିଯୁକ୍ତି ଦେଉନାହାନ୍ତି। କେବେ ସୁଦ୍ଧା ଲୋକାୟୁକ୍ତ ନିଯୁକ୍ତି ଦିଆଯିବ, ସେ ସମ୍ପର୍କରେ ମଧ୍ୟ କୌଣସି ସୂଚନା ନାହିଁ।

ରାଜ୍ୟରେ ଦୁର୍ନୀତି ରୋକିବା ପାଇଁ ତତ୍କାଳୀନ ବିଜେଡି ସରକାର ଲୋକାୟୁକ୍ତ ନିଯୁକ୍ତିକୁ ତ୍ୱରାନ୍ୱିତ କରିଥିଲେ। ଏଥିପାଇଁ ଗତବର୍ଷ ଫେବୃଆରୀ ୨୮ ତାରିଖରେ ଲୋକାୟୁକ୍ତ ଅଧ୍ୟକ୍ଷଙ୍କ ସମେତ ୫ଜଣ ସଦସ୍ୟଙ୍କୁ ନିଯୁକ୍ତି କରିବା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଗ୍ରହୀ ପ୍ରାର୍ଥୀମାନେ ମାର୍ଚ୍ଚ ୧ରୁ ୧୧ ତାରିଖ ମଧ୍ୟରେ ଆବେଦନ କରିଥିଲେ। ଆବେଦନ ପତ୍ରକୁ ଯାଞ୍ଚ କରିବା ପାଇଁ ସର୍ଚ୍ଚ କମିଟି ମଧ୍ୟ ଗଠନ କରାଯାଇଥିଲା। ସୁପ୍ରିମକୋର୍ଟର ପୂର୍ବତନ ▶ପୃଷ୍ଠା-୭

# ଦ୍ୱିତୀୟ ପର୍ଯ୍ୟାୟ ଏସ୍ଆଇଆର ଆରମ୍ଭ

ନୂଆଦିଲ୍ଲୀ.କୋଲକାତା, ୪।୧୧(ଏଜେନ୍ସି): ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୧୨ଟି ରାଜ୍ୟରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟା ଆଜିଠାରୁ ଆରମ୍ଭ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ବିହାରରେ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ଯେଉଁ ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ହେବାକୁ ଯାଉଛି ସେଗୁଡ଼ିକ ମଧ୍ୟରେ ରହିଛି ପଶ୍ଚିମ ବଙ୍ଗ, ତାମିଲନାଡୁ, ଗୁଜରାଟ, ଉତ୍ତର ପ୍ରଦେଶ, କେରଳ, ଆଣ୍ଡାମାନ-ନିକୋବର, ଛତିଶଗଡ଼, ଲକ୍ଷଦୀପ, ମଧ୍ୟପ୍ରଦେଶ ଏବଂ ରାଜସ୍ଥାନ। ଆଜିଠାରୁ ଅଧିକାରୀମାନେ ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବେ। ଏହା ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ଚାଲିବ। ଡିସେମ୍ବର ୯ ତାରିଖରେ ଭୋଟର ଚିଠା ତାଲିକା ପ୍ରକାଶ କରାଯିବ। ଭୋଟରମାନେ

## ■ ଏସ୍ଆଇଆର ବିରୋଧରେ ମମତାଙ୍କ ପଦଯାତ୍ରା

ସେମାନଙ୍କର ଆପତ୍ତି ଅଭିଯୋଗ ଜାନୁଆରୀ ୮ ପର୍ଯ୍ୟନ୍ତ ଦାଖଲ କରିପାରିବେ ଏବଂ ଫେବୃଆରୀ ୭ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏହି ପ୍ରକ୍ରିୟାରେ ୫୧ କୋଟି ଭୋଟର ସାମିଲ ହେବେ। ତେବେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି। ମମତା କୋଲକାତାରେ ପଦଯାତ୍ରା ବାହାର କରିଛନ୍ତି। ଏହିକ୍ରମରେ ଆୟୋଜିତ ୩.୮ କିମି ଦୈର୍ଘ୍ୟର ପଦଯାତ୍ରାରେ ତୃଣମୂଳ କଂଗ୍ରେସ (ଟିଏମ୍ସି) ମହାସଚିବ ଅଭିଷେକ ବାନାର୍ଜୀ ଓ ବହୁ ସଂଖ୍ୟାରେ ଦଳ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ। ଏସ୍ଆଇଆର୍ ନେଇ ଟିଏମ୍ସିର ଅଭିଯୋଗ ରହିଛି। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଉନାହିଁ ଓ ଏଥିରେ ବିଜେପିକୁ ସୁହାଇବା ଭଳି କାର୍ଯ୍ୟ କରାଯାଉଛି। ବିଜେପି ଓ ନିର୍ବାଚନ କମିଶନ ମିଳିତ ଭାବେ ଏହି ପ୍ରକ୍ରିୟାକୁ ଆଗକୁ ବଢ଼ାଉଛନ୍ତି ବୋଲି ଟିଏମ୍ସି ଅଭିଯୋଗ କରିଛି।

### ଅପରେସନ ସିନ୍ଦୂର ପରେ ପ୍ରଥମ

# ପାକିସ୍ତାନ ଗଲେ ଭାରତୀୟ ଶିଖ ଶ୍ରଦ୍ଧାଳୁ

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ଅପରେସନ ସିନ୍ଦୂର ପରେ ଭାରତୀୟ ଶିଖ ଶ୍ରଦ୍ଧାଳୁ ପାକିସ୍ତାନ ଗସ୍ତ କରିଛନ୍ତି। ଏଥିସହ ଅପରେସନ ସିନ୍ଦୂର ପରେ ପ୍ରଥମଥର ପାଇଁ ଭାରତୀୟ ନାଗରିକ ସୀମା ପାର କରି ପାକିସ୍ତାନ ଯାଇଛନ୍ତି। ଶ୍ରଦ୍ଧାଳୁମାନେ ଗୁରୁ ନାନକଙ୍କ ଜନ୍ମସ୍ଥାନ ନନ୍କାନା ସାହିବ୍‌ରେ ଏକାଠି ହେବେ। ନନ୍କାନା ସାହିବ ଲୋହୋରଠାରୁ ସଡ଼କ ପଥରେ ଗଲେ ୮୦ କିମି ଦୂରରେ ପଡ଼ିବ। ଶ୍ରଦ୍ଧାଳୁମାନେ ଗୁରୁଦ୍ୱାର ପଞ୍ଜା ସାହିବ ହାସନ ଅବଦଲ, ଗୁରୁଦ୍ୱାର ସଚା ସୌଦା ଫାରୁକାବାଦ୍ ଓ ଗୁରୁଦ୍ୱାର ଦରବାର ସାହିବ କର୍ତ୍ତାରପୁର ଭଳି ତୀର୍ଥ ସ୍ଥଳି ପରିଦର୍ଶନ କରିବା ପରେ ଆସନ୍ତା ୧୩ରେ ଭାରତକୁ ପ୍ରତ୍ୟାବର୍ତ୍ତନ କରିବେ। କର୍ତ୍ତାପୁରରେ ଗୁରୁ ନାନକଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ଗୁରୁ ନାନକଙ୍କ ୫୫୬ତମ ଜନ୍ମଦିବସ ପାଳନ ପାଇଁ ୧୦ ଦିନିଆ ଉତ୍ସବରେ ଯୋଗ ଦେବାକୁ ପାକିସ୍ତାନ ସରକାର ୨, ୧୫୦ ଜଣ ଶିଖ ଶ୍ରଦ୍ଧାଳୁଙ୍କୁ ଭିସା ପ୍ରଦାନ କରିଛି। ଶିଖ ଶ୍ରଦ୍ଧାଳୁଙ୍କୁ ସୀମା ସେପଟେ ପାକିସ୍ତାନ ଅଧିକାରୀମାନେ ଫୁଲ ମାଳା ଦେଇ ସ୍ୱାଗତ କରିଥିଲେ।

# ପାକିସ୍ତାନ, ଇରାନରୁ ଆଉ ୧୬ ହଜାର ଆଫଗାନ ବିଦା

କାବୁଲ, ୪।୧୧(ଏଜେନ୍ସି): ପାକିସ୍ତାନ ଓ ଆଫଗାନିସ୍ତାନ ଗୋଟିଏ ଦିନରେ ୧୬, ୨୪୨ ଜଣ ଆଫଗାନ ଶରଣାର୍ଥୀଙ୍କୁ ବିଦା କରିଛି ବୋଲି ତାଲିବାନ ଉପ ମୁଖପାତ୍ର ହାମଦୁଲ୍ଲା ଫିତରତ ମଙ୍ଗଳବାର କହିଛନ୍ତି। ଶରଣାର୍ଥୀଙ୍କ ସମେତ ୨, ୯୬୩ ଆଫଗାନ ପରିବାରକୁ ମଧ୍ୟ ବିଦା କରଯାଇଛି। କାନ୍ଦାହରର ଦେଇ ଏମାନ ଆଫଗାନିସ୍ତାନରେ ପ୍ରବେଶ କରିଛନ୍ତି। ୨, ୧୬୧ ପରିବାରର ୧୧, ୭୭୨ ଲୋକଙ୍କୁ ସେମାନଙ୍କ ରାଜ୍ୟକୁ ପଠାଇ ଦିଆଯାଇଛି। ଟେଲିକମ୍ୟୁନିକେସନ କମ୍ପାନୀଗୁଡିକ ଘରକୁ ଫେରିଥିବା ଏହି ଶରଣାର୍ଥୀଙ୍କୁ ୨, ୯୫୮ ସିମ୍‌କାର୍ଡ ପ୍ରଦାନ କରିଛନ୍ତି ବୋଲି ସେ କହିଛନ୍ତି। ତାଲିବାନ ଶାସନକୁ ଆସିବା ପରେ ପାକିସ୍ତାନ, ଇରାନ ଓ ଅନ୍ୟ ପଡୋସୀ ଦେଶମାନଙ୍କରେ ଥିବା ଆଫଗାନ ଶରଣାର୍ଥୀଙ୍କୁ ସେଠାରୁ ନିଜ ଦେଶକୁ ଫେରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କିଛିଦିନ ତଳେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସଂଘର୍ଷ ହେବା କାରଣରୁ ପାକିସ୍ତାନ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଆଫଗାନଙ୍କୁ ନିଜ ମାଟିରୁ ବାହର କରିବାର ପ୍ରକ୍ରିୟାକୁ ଆହୁରି ତ୍ୱରାନ୍ୱିତ କରିଛି।



# ମୋତେ ଏଡ଼ାଇବାକୁ ଉଦ୍ୟମ କରୁଛି କେନ୍ଦ୍ର: ଜଷ୍ଟିସ ଗଭାଇ

## ଟ୍ରିବ୍ୟୁନାଲ ଆଇନର ବିଚାର ସମ୍ବିଧାନ ପୀଠକୁ ପଠାଇବା ଲାଗି କେନ୍ଦ୍ରର ରାତିଅଧିଆ ଆବେଦନକୁ ଅଗ୍ରାହ୍ୟ କଲେ ସୁପ୍ରିମ କୋର୍ଟ

ନୂଆଦିଲ୍ଲୀ, ୩।୧୧: ଟ୍ରିବ୍ୟୁନାଲ ସଂସ୍କାର ଆଇନକୁ ଚାଲେଞ୍ଜ କରି ଆଗତ ପିଟିସନ ଉପରେ ଶୁଣାଣି ଚାଲିଥିବା ବେଳେ ଏହି ମାମଲାକୁ ପାଞ୍ଚ ଜଣିଆ ସମ୍ବିଧାନ ପୀଠକୁ ପଠାଇବା ଲାଗି କେନ୍ଦ୍ର ସରକାରଙ୍କ ଅନୁରୋଧ ନେଇ ବିରକ୍ତି ପ୍ରକାଶ କରିଛନ୍ତି ପ୍ରଧାନ ବିଚାରପତି ଜଷ୍ଟିସ ବିଆର ଗଭାଇ। ସେ କହିଛନ୍ତି ଯେ ସର୍ବୋଚ୍ଚ ଅଦାଲତ ସହିତ କେନ୍ଦ୍ର ସରକାରଙ୍କ ଏଭଳି ଖେଳ ତାଙ୍କୁ ବିସ୍ମିତ କରିଛି। କେନ୍ଦ୍ର ଏଭଳି ରଣନୀତି ଗ୍ରହଣ କରିବ ବୋଲି ଆମେ ଆଶା କରିନଥିଲୁ। ଏହି ମାମଲାରେ ଆବେଦନକାରୀଙ୍କ ପକ୍ଷରୁ ଯୁକ୍ତି ଉପସ୍ଥାପନ ଶେଷ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କର ଏଭଳି ରାତି ଅଧିଆ ପିଟିସନ ଭିନ୍ନ ସୂଚନା ଦେଉଛି। ମୁଁ ଖୁବଶୀଘ୍ର ଅବସର ।।ନେବାକୁ ଯାଉଛି। ଯାହା ଲାଗୁଛି ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ମୋ ବେଞ୍ଚକୁ ଏଡ଼ାଇବା ଲାଗି ଏଭଳି ପଦକ୍ଷେପ ନେଉଛି। ସେ ସରକାରଙ୍କ ସେହି ଆବେଦନକୁ ଖାରଜ କରିବା ସହିତ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୭ ତାରିଖକୁ ଦିନ ଧାର୍ଯ୍ୟ କରିଛନ୍ତି।

ପ୍ରଧାନ ବିଚାରପତି କହିଲେ ଯେ ମାମଲାର ଶୁଣାଣି ଚାଲିଥିବା ବେଳେ କେନ୍ଦ୍ର ସରକାରଙ୍କ ପ୍ରତିନିଧି ଉପସ୍ଥିତ ରହିଲେ। କିନ୍ତୁ କେବେହେଲେ ସମ୍ବିଧାନ ବେଞ୍ଚ କଥା ଉଠାଇନଥିଲେ। ଅନ୍ୟପକ୍ଷରେ ବିଦେଶ ଗସ୍ତରେ ଯାଉଥିବାରୁ ଶୁଣାଣିକୁ ସ୍ଥଗିତ ରଖିବା ଲାଗି ଆଟର୍ଣ୍ଣି ଜେନେରାଲ ଆର ଭେଙ୍କଟରମଣୀ ଅନୁରୋଧ କରିଥିଲେ। ତାଙ୍କର ଅନୁରୋଧକୁ ରକ୍ଷା କରି କୋର୍ଟ ଶୁଣାଣି ସ୍ଥଗିତ ରଖିଲେ। ସେ ଫେରିବା ପରେ ଶୁଣାଣି ଆରମ୍ଭ ହେବାକୁ ଯାଉଥିବା ବେଳେ କେନ୍ଦ୍ର ସରକାରଙ୍କର ଏଭଳି ପିଟିସନରୁ ସ୍ପଷ୍ଟ ସୂଚନା ମିଳୁଛି ଯେ ସେମାନେ ମୋ ବେଞ୍ଚକୁ ଏଡ଼ାଇବାକୁ ଉଦ୍ୟମ କରୁଛନ୍ତି। ଅନ୍ୟପକ୍ଷରେ ଭେଙ୍କଟରମଣୀ କହିଥିଲେ ଯେ କେନ୍ଦ୍ର ସରକାର କିମ୍ବା ତାଙ୍କର ଏଭଳି କୌଣସି ଉଦ୍ଦେଶ୍ୟ ନାହିଁ। ସେ କହିଲେ ଯେ ଏହି ମାମଲାର ଗୁରୁତ୍ୱ ଦୃଷ୍ଟିରୁ ଏହାର ବିଚାର ସମ୍ବିଧାନ ବେଞ୍ଚ କରିବା ଉଚିତ। ତାଙ୍କର ଏହି ଯୁକ୍ତିକୁ ଅଗ୍ରାହ୍ୟ କରି ପ୍ରଧାନ ବିଚାରପତି କହିଲେ ଯେ ଆଗରୁ ଏହି ପ୍ରଶ୍ନ ଉଠାନଯାଇ ଶେଷ ମୁହୂର୍ତ୍ତରେ, ତାହା ପୁଣି ରାତିଅଧରେ ପିଟିସନ ଦାଖଲ କରାଯାଇଛି। ସରକାରଙ୍କ ଏଭଳି ଯୁକ୍ତି ଆମକୁ ସନ୍ତୁଷ୍ଟ କରିପାରୁ ନାହିଁ। ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ ବେଞ୍ଚ ଉଚିତ ମନେକଲେ ଏହାକୁ ସମ୍ବିଧାନ ବେଞ୍ଚକୁ ପଠାଇପାରିବେ। କିନ୍ତୁ କେନ୍ଦ୍ର ସରକାର ଏଥିପାଇଁ ଯେଉଁ କୌଶଳ ଆପଣାଇଲେ, ତାହା ଗ୍ରହଣୀୟ ନୁହେଁ।

ଏହାପରେ ଆଟର୍ଣ୍ଣି ଜେନେରାଲ ଏହି ମାମଲା ଉପରେ ଯୁକ୍ତି ଉପସ୍ଥାପନ କରିଥିଲେ। ସେ କହିଥିଲେ ବିଭିନ୍ନ ଟ୍ରିବ୍ୟୁନାଲର ଅଧକ୍ଷ ଏବଂ ସଦସ୍ୟଙ୍କ ପାଇଁ ନୂଆ ଆଇନ ଜରିଆରେ ଯେଉଁ ବ୍ୟବସ୍ଥା କରାଯାଇଛି, ସେଥିରେ କିଛି ଭୁଲ ନାହିଁ।

# ବିହାରରେ ପ୍ରଥମ ପର୍ଯ୍ୟାୟ ପ୍ରଚାର ଶେଷ

## ଲଲନ ସିଂହଙ୍କ ବିରୋଧରେ ଏତଲା - କେନ୍ଦ୍ରୀମନ୍ତ୍ରୀଙ୍କ ବୋହୂଙ୍କ ଗାଡ଼ିରୁ ମଦ ଜବତ

ପାଟନା, ୪।୧୧ (ଏଜେନ୍ସି): ବିହାରରେ ପ୍ରଥମ ପର୍ଯ୍ୟାୟ ମତଦାନ ପାଇଁ ମଙ୍ଗଳବାର ସନ୍ଧ୍ୟା ୫ଟାରେ ପ୍ରଚାର ଥମିଛି। ନେତାମନ୍ତ୍ରୀମାନେ ପ୍ରତ୍ୟକ୍ଷ ପ୍ରଚାରପ୍ରସାର ଛାଡ଼ି ଏବେ ସାମାଜିକ ଗଣମାଧ୍ୟମକୁ ଅସ୍ତ୍ର କରିଛନ୍ତି। ୧୨୧ ଆସନରେ ଗୁରୁବାର ହେବାକୁ ଥିବା ମତଦାନ ପାଇଁ ଏହା ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ କରିଛନ୍ତି। ଆଜି ଦିନ ସାରା କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ଇଣ୍ଡିଆ ପକ୍ଷରୁ ବିଭିନ୍ନ ସ୍ଥାନରେ ରାଲି କରାଯାଇଥିବା ବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ମଧ୍ୟ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା।

ପ୍ରଚାରର ଶେଷ ଦିନରେ କେନ୍ଦ୍ରମନ୍ତ୍ରୀ ଲଲନ ସିଂହଙ୍କ ବିରୋଧରେ ନିର୍ବାଚନ କମିଶନ ଏତଲା ଦେଇଥିବାବେଳେ କେନ୍ଦ୍ରମନ୍ତ୍ରୀ ତଥା ହାମ୍ ମୁଖ୍ୟ ଜିତନ ରାମ ମାନ୍‌ଝୀଙ୍କ ବୋହୂ ତଥା ରାଜ୍ୟମନ୍ତ୍ରୀ ଡ. ସନ୍ତୋଷ କୁମାରଙ୍କ ପତ୍ନୀ ତଥା ହାମ୍ ପ୍ରାର୍ଥୀ ଦୀପା କୁମାରୀଙ୍କ ପ୍ରଚାର ଗାଡ଼ିରୁ ୧୭ ପେଟି ମଦ ଜବତ କରାଯାଇଛି। ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ତିନୋଟି, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ୫ଟି, ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ରାଲି ସହିତ ରୋଡ ସୋ' ଏବଂ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ତିନୋଟି ରାଲି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲରେ ବିଜେପିର ମହିଳା କର୍ମୀଙ୍କ ସହ କଥା ହୋଇଛନ୍ତି।

ଆଜି ଇଣ୍ଡିଆ ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ତେଜସ୍ୱୀ ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ସରକାର ଗଠନ କଲେ ଜାନୁଆରୀ ୧୪ରେ 'ମାଇ ବହିନ ମାନ ଯୋଜନା' ଅଧିନରେ ମହିଳାଙ୍କ ବ୍ୟାଙ୍କ ଖାତାକୁ ୩୦ ହଜାର ଟଙ୍କା ଲେଖାଏଁ ପଠାଯିବ। ୫ ବର୍ଷକୁ ମୋଟ ଦେଢ଼ ଲକ୍ଷ ଟଙ୍କା ଦିଆଯିବ। ରାଜ୍ୟର ଜିବୀକା ଦିଦିଙ୍କୁ ସ୍ଥାୟୀ କରି ୩୦ ହଜାର ଟଙ୍କା ଦରମା ଦିଆଯିବ। ସେହିପରି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନକୁ ନେଇ ଇସି କେନ୍ଦ୍ରମନ୍ତ୍ରୀ ତଥା ଜେଡିୟୁ ନେତା ରାଜୀବ ରଞ୍ଜନ ଓରଫ ଲଲନ ସିଂହଙ୍କ ବିରୋଧରେ ଏତଲା ରୁଜୁ କରିଛନ୍ତି। ସୂଚନା ଅନୁଯାୟୀ ଲଲନ ସୋମବାର ଆରଜେଡି ନେତା ଦୁଲାରଚାନ୍ଦ ଯାଦବଙ୍କ ହତ୍ୟା ମାମଲାରେ ଗିରଫ ଜେଡିୟୁ ନେତା ତଥା ବାହୁବଳୀ ଅନନ୍ତ ସିଂହଙ୍କ ପାଇଁ ମୋକାମାରେ ନିର୍ବାଚନ ପ୍ରଚାର କରୁଥିଲେ। ଏହି ସମୟରେ ସେ ଲୋକଙ୍କୁ ସମ୍ବୋଧନ କରି କହିଥିଲେ ଯେ ନିର୍ବାଚନ ଦିନ ଏଠାକାର କିଛି ନେତାଙ୍କୁ ଘରୁ ବାହାରିବାକୁ ନ ଦେଇ ବନ୍ଦୀ କରି ରଖ। ଯଦି ଗୋଡ଼ହାତ ଯୋଡ଼ନ୍ତି ତେବେ ସାଙ୍ଗରେ ନେଇ ଭୋଟ ଦେଇ ଆଣ ଏବଂ ଘରେ ବସାଇ ଦିଅ। ଆରଜେଡି ପକ୍ଷରୁ ଏହାର ଭିଡିଓ ସେୟାର କରାଯାଇଥିଲା। ଗରିବଙ୍କୁ ଭୋଟ ଦେବାକୁ କେନ୍ଦ୍ରମନ୍ତ୍ରୀ ରୋକୁଥିବା କୁହାଯାଇଥିଲା। ଇସି ଏହାକୁ ନେଇ ଲଲନ ସିଂହଙ୍କୁ ନୋଟିସ ଜାରି କରି ଜବାବ ମାଗିଥିଲେ। ତେବେ ଏହି ଭିଡିଓକୁ କାଣ୍ଟଛାଣ୍ଟ କରାଯାଇଛି ବୋଲି ଜେଡିୟୁ ପକ୍ଷରୁ କୁହାଯାଇଛି।

## ୧୦% ଲୋକ ସେନାକୁ ନିୟନ୍ତ୍ରଣ କରୁଛନ୍ତି: ରାହୁଲ

ପାଟନା, ୩।୧୧: କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର ଔରଙ୍ଗାବାଦର କୁଟମ୍ବାରେ କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ ରାଜେଶ ରାମଙ୍କ ପାଇଁ ନିର୍ବାଚନ ପ୍ରଚାର କରି ବିବାଦୀୟ ଟିପ୍ପଣୀ ଦେଇଛନ୍ତି। ଦେଶର ୧୦ ପ୍ରତିଶତ ଲୋକଙ୍କ ନିୟନ୍ତ୍ରଣରେ ଭାରତୀୟ ସେନା ରହିଛି ବୋଲି ସେ କହିଛନ୍ତି। ସେ ଉଚ୍ଚ ଜାତିକୁ ନେଇ ଏହି ଟିପ୍ପଣୀ ଦେଇଛନ୍ତି। ରାହୁଲ କହିଥିଲେ ଯେ ଦେଶର ୯୦% ଲୋକ ଦଳିତ, ମହାଦଳିତ, ପଛୁଆବର୍ଗ, ଅତି ପଛୁଆ କିମ୍ବା ସଂଖ୍ୟାଲଘୁ ସମ୍ପ୍ରଦାୟର। ଯଦି ଭାରତର ୫୦୦ ସବୁଠୁ ବଡ଼ କମ୍ପାନୀଙ୍କୁ ଦେଖିବେ ତେବେ ସେଥିରେ ପଛୁଆ କିମ୍ବା ଦଳିତ ବର୍ଗର କେହି ବ୍ୟକ୍ତି ନ ଥିବେ। ସେମାନେ ଶୀର୍ଷ ୧୦ ପ୍ରତିଶତରୁ ଆସନ୍ତି। ସବୁ ଚାକିରି ତାଙ୍କ ପାଖକୁ ଯାଉଛି। ଦେଶର ସଶସ୍ତ୍ର ବାହିନୀ ମଧ୍ୟ ତାଙ୍କ ନିୟନ୍ତ୍ରଣରେ ରହିଛି। କେଉଁଥିରେ ବି ଏହି ୯୦% ଜନସଂଖ୍ୟାକୁ ପ୍ରତିନିଧିତ୍ୱ ମିଳିବ ନାହିଁ। ସେହିପରି ମୁଖ୍ୟମନ୍ତ୍ରୀଙ୍କୁ ନିଶାଣ କରି ରାହୁଲ କହିଛନ୍ତି ଯେ ନୀତୀଶ ୨୦ ବର୍ଷ ହେଲା ସରକାର ଚଳାଉଛନ୍ତି, କିନ୍ତୁ ସେ ଚାଲିପାରୁ ନାହାନ୍ତି।

### କୋଏମ୍ବାଟୁର ଗଣଦୁଷ୍କର୍ମ ମାମଲା

# ଏନ୍‌କାଉଣ୍ଟର ପରେ ୩ ଅଭିଯୁକ୍ତ ଗିରଫ

କୋଏମ୍ବାଟୁର, ୪।୧୧(ଏଜେନ୍ସି): ତାମିଲନାଡୁର କୋଏମ୍ବାଟୁରରେ ୨୦ ବର୍ଷୀୟା କଲେଜ ଛାତ୍ରୀଙ୍କୁ ହୋଇଥିବା ଗଣଦୁଷ୍କର୍ମ ମାମଲାରେ ପୁଲିସ ସୋମବାର ରାତିରେ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନଙ୍କୁ ଏନ୍‌କାଉଣ୍ଟର କରାଯିବା ପରେ ହିଁ ଗିରଫ କରାଯାଇଛି ବୋଲି ପୁଲିସ କହିଛି। ସିସିଟିଭି ଫୁଟେଜକୁ ଯାଞ୍ଚ କରାଯାଇଥିଲା। ୩ ଅଭିଯୁକ୍ତ ଭେଲିକିନାରୁରେ ଏକ ଶୂନଶାନ ସ୍ଥାନରେ ଲୁଚି ରହିଥିବାର ପୁଲିସ ସୂଚନା ପାଇଥିଲା। ବିଳମ୍ବିତ ରାତିରେ ପୁଲିସ ୩ ଜଣଙ୍କୁ ଘେରାଉ କରିଥିଲା। ୩ ଜଣ ପଳାଇବାକୁ ଚେଷ୍ଟା କରିଥିଲେ ଓ ପୁଲିସ ଦଳ ଉପରେ ଆକ୍ରମଣ କରିଥିଲେ। ଫଳରେ ପୁଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଥିଲା ଓ ୩ ଜଣ ଗୋଡରେ ଗୁଳି ଲାଗିଥିଲା। କୋଏମ୍ବାଟୁର ସରକାରୀ ହସ୍ପିଟାଲରେ ଅଭିଯୁକ୍ତଙ୍କ ଚିକିତ୍ସା କରାଯାଉଛି। ୩ ଅଭିଯୁକ୍ତଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇଛି। ଅଭିଯୁକ୍ତଙ୍କ ନାମ ହେଉଛି ଗୁଣା, ସତୀଶ ଓ କାର୍ତ୍ତିକ ବୋଲି ପୁଲିସ କହିଛି।

ନଭେମ୍ବର ୨ରେ କୋଏମ୍ବାଟୁର ବିମାନ ବନ୍ଦର ନିକଟରେ ରାତି ପାଖାପାଖି ୧୧ଟାରେ ପ୍ରଥମବର୍ଷ ପିଜି ଛାତ୍ରୀ ଗଣଦୁଷ୍କର୍ମର ଶିକାର ହୋଇଥିଲେ। ପୀଡିତା ଏକ ପୁରୁଷ ବନ୍ଧୁଙ୍କ ସହିତ କାର୍‌ରେ ବସି କଥା ହେଉଥିବା ବେଳେ ୩ ଅଭିଯୁକ୍ତ ଗାଡିରେ ଆସିଥିଲେ। ପୁରୁଷ ବନ୍ଧୁଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିବା ପରେ ସେମାନେ ଛାତ୍ରୀଙ୍କୁ ଅପହରଣ କରି ଶୂନଶାନ୍ ସ୍ଥାନରେ ଗଣଦୁଷ୍କର୍ମ କରିଥିଲେ। ପୀଡିତାଙ୍କ ପୁରୁଷ ବନ୍ଧୁ ପୁଲିସକୁ ସୂଚନା ଦେଇଥିଲେ। ରାତିରେ ହିଁ ପୁଲିସ ପୀଡିତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଠାବ କରି ହସ୍ପିଟାଲରେ ଭର୍ତ୍ତି କରାଇଥିଲା। ଏହି ଏହି ଘଟଣା ନେଇ ରାଜନୀତି ଆରମ୍ଭ ହୋଇଛି। ବିରୋଧୀ ଓ ଶାସକ ଦଳ ପରସ୍ପରକୁ ଦୋଷ ଦେଉଛନ୍ତି।


# ଆଝାରୁଦ୍ଦିନଙ୍କୁ ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟ

ହାଇଦରାବାଦ୍, ୪।୧୧(ଏଜେନ୍ସି): ପୂର୍ବତନ କ୍ରିକେଟର ତଥା ଭାରତୀୟ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନଙ୍କୁ ତେଲଙ୍ଗାନା ରାଜ୍ୟ ସରକରାଙ୍କ କ୍ୟାବିନେଟ୍‌ରେ ସଂଖ୍ୟାଲଘୁ କଲ୍ୟାଣ ଓ ସାର୍ବଜନିକ ଉଦ୍ୟୋଗ ମନ୍ତ୍ରଣାଳୟର ଦାୟିତ୍ୱ ମିଳିଛି। ରାଜ୍ୟପାଳ ଜିଷ୍ଣୁ ଦେବ ଶର୍ମା ତାଙ୍କୁ ମଙ୍ଗଳବାର ଏହି ପୋର୍ଟଫୋଲିଓ ପ୍ରଦାନ କରିଛନ୍ତି। ପୂର୍ବରୁ ଅନୁସୂଚିତ ଜାତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଅଦଲୁରି ଲକ୍ଷ୍ମଣ କୁମାର ସଂଖ୍ୟାଲଘୁ କଲ୍ୟାଣ ମନ୍ତ୍ରଣାଳୟର ଦାୟିତ୍ୱରେ ଥିଲେ। ସେହିପରି ସାର୍ବଜନିକ ଉଦ୍ୟୋଗ ବିଭାଗକୁ ନିଜେ ମୁଖ୍ୟମନ୍ତ୍ରୀ ଏ ରେବନ୍ତ ରେଡ୍ଡୀ ହାତରେ ରଖିଥିଲେ। ୪ ଦିନ ତଳେ ଆଝାରୁଦ୍ଦିନଙ୍କୁ ରାଜ୍ୟ କ୍ୟାବିନେଟ୍‌ରେ ସାମିଲ କରାଯାଇଥିଲା ଓ ଅକ୍ଟୋବର ୩୧ରେ ରାଜଭବନରେ ରାଜ୍ୟପାଳ ତାଙ୍କୁ ଶପଥ ପାଠ କରାଇଥିଲେ। ରେବନ୍ତ ରେଡ୍ଡୀଙ୍କ କ୍ୟାବିନେଟ୍‌ରେ ୬୨ ବର୍ଷୀୟ ଆଝାରୁଦ୍ଦିନ ପ୍ରଥମ ମୁସଲମାନ ମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଗତ ଅଗଷ୍ଟରେ ରାଜ୍ୟ କ୍ୟାବିନେଟ ଆଝାରୁଦ୍ଦିନଙ୍କୁ ରାଜ୍ୟପାଳଙ୍କ କୋଟାରେ ବିଧାନ ପରିଷଦ (ଏମ୍ଏଲ୍ସି)କୁ ମନୋନୀତ କରିବାକୁ ନିଷ୍ପତ୍ତି ନେଇଥିଲା। ନଭେମ୍ବର ୧୧ରେ ଜୁବଲି ହିଲ୍ସରେ ଉପ- ନିର୍ବାଚନ ଆୟୋଜନ ହେବାକୁ ଯାଉଥିବା ବେଳେ ମୁସ୍‌ଲିମ ଭୋଟ୍‌କୁ ଦୃଷ୍ଟିରେ ରଖି ରେବନ୍ତ ସରକାର ତାଙ୍କୁ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି ବୋଲି ଅନୁମାନ କରାଯାଉଛି। ଜୁବଲି ହିଲ୍ସରେ ୩୦ ପ୍ରତିଶତ ମୁସ୍‌ଲିମ ନାଗରିକ ରହୁଛନ୍ତି। ଏଥିସହ ରାଜ୍ୟ ମନ୍ତ୍ରୀମଣ୍ଡଳରେ ମୁଖ୍ୟମନ୍ତ୍ରୀଙ୍କ ସହ ମୋଟ୍ ୧୮ ଜଣ ମନ୍ତ୍ରୀ ସାମିଲ ହୋଇଛନ୍ତି। ୨୦୨୩ରେ ଆଝାରୁଦ୍ଦିନ ଜୁବଲି ହିଲ୍ସରେ କଂଗ୍ରେସ ଟିକଟରେ ନିର୍ବାଚନ ଲଢ଼ି ପରାସ୍ତ ହୋଇଥିଲେ।

# ଦୁଇ ଡାକ୍ତରଙ୍କ କଳା କାରନାମା

## ତୁମ ପାଇଁ ପତ୍ନୀଙ୍କୁ ମାରିଛି

### ହତ୍ୟା ପରେ ୪-୫ ମହିଳାଙ୍କୁ ଡାକ୍ତରଙ୍କ ମେସେଜ୍



ବେଙ୍ଗାଲୁରୁ, ୪।୧୧(ଏଜେନ୍ସି): ବେଙ୍ଗାଲୁରୁରେ ପତ୍ନୀ ଡା କୃତୀକା ରେଡ୍ଡୀଙ୍କୁ ହତ୍ୟା କରିଥିବା ତାଙ୍କ ସ୍ୱାମୀ ଡା ମହେନ୍ଦ୍ର ରେଡ୍ଡୀ ଜିଏସ୍‌ଙ୍କୁ ନେଇ ପୁଲିସ ମଙ୍ଗଳବାର ଚକିତ କଲା ଭଳି ସୂଚନା ପ୍ରଦାନ କରିଛି। ପତ୍ନୀଙ୍କୁ ହତ୍ୟା କରିବାର କେତୋଟି ସପ୍ତାହ ପରେ ମହେନ୍ଦ୍ର ୪ରୁ ୫ ଜଣ ମହିଳାଙ୍କୁ ମେସେଜ ଦେଇଥିଲେ। ମୁଁ ତୁମ ପାଇଁ ମୋ ପତ୍ନୀଙ୍କୁ ହତ୍ୟା କରିଛି ବୋଲି ସେ ଏହି ମେସେଜରେ ଉଲ୍ଲେଖ କରିଥିଲେ। ସେ ଏକ ପେମେଣ୍ଟ ଆପ୍‌ର ଟ୍ରାନଜାକସନ ନୋଟ୍ସ ସେକ୍ସନର ବ୍ୟବହାର କରି ଏହି ମେସେଜ ପଠାଇଥିଲା। ଏହି ମହିଳାଙ୍କ ମଧ୍ୟରେ ଜଣେ ମେଡିକାଲ ପେସାଦାର ସାମିଲ ଥିଲେ ଓ ସେ ପୂର୍ବରୁ ମହେନ୍ଦ୍ରଙ୍କ ପ୍ରସ୍ତାବକୁ ପ୍ରତ୍ୟାଖାନ କରିଥିଲେ। ପୁଲିସ ମହେନ୍ଦ୍ରଙ୍କ ଫୋନ୍ ଓ ଲାପଟପ ଜବତ କରିଛି। ଡାଟାର ଫରେନସିକ ଯାଞ୍ଚ ପରେ ଏହି ମେସେଜ ସାମ୍ନାକୁ ଆସିଥିଲା। ପତ୍ନୀଙ୍କୁ ହତ୍ୟା କରିବା ପରେ ସେ ଏହି ମହିଳାମାନଙ୍କ ସହ ସମ୍ପର୍କ ସ୍ଥାପନ କରିବାକୁ ପ୍ରୟାସ କରିଥିଲା ବୋଲି ପୁଲିସ କହିଛି। ଏହି ମହିଳାମାନଙ୍କୁ ସେ ପୂର୍ବରୁ ଜାଣିଥିଲା। ମହେନ୍ଦ୍ର ଏବେ ନିଜ ଜାଲରେ ନିଜେ ଫସିଯାଇଛନ୍ତି।

ବିବାହର ୧୧ ମାସ ପରେ ମହେନ୍ଦ୍ର କୃତୀକାଙ୍କୁ ହତ୍ୟା କରିଥିଲା। ମହେନ୍ଦ୍ରଙ୍କ ପତ୍ନୀ କୃତ୍ତିକା ଡର୍ମୋଟୋଲିଜଷ୍ଟ ଥିଲେ। ୨୦୨୪ ମେ ୨୬ରେ ଦୁହେଁ ବିବାହ କରିଥିଲେ। ଦୁହେଁ ବେଙ୍ଗାଲୁରୁର ଭିକ୍ଟୋରିଆ ହସ୍ପିଟାଲ୍‌ରେ କାର୍ଯ୍ୟ କରୁଥିଲେ। କିନ୍ତୁ ଗତ ଏପ୍ରିଲ ୨୩ରେ କୃତ୍ତିକା ଅସ୍ୱାଭାବିକ ଭାବେ ମୃତ୍ୟୁବରଣ କରିଥିଲେ। ଏହାର ୬ ମାସ ପରେ ଅକ୍ଟୋବର ୧୫ରେ ଆନାସ୍ଥାନିଆ ଓଭରଡୋଜ ଦେଇ ପତ୍ନୀଙ୍କୁ ହତ୍ୟା କରିବା ଅଭିଯୋଗରେ ପୁଲିସ ମହେନ୍ଦ୍ରଙ୍କୁ ଗିରଫ କରିଥିଲା। ଦୁହେଁ ବେଙ୍ଗାଲୁରୁ ଗୁଞ୍ଜୁରରେ ରହୁଥିଲେ। ଗତ ଏପ୍ରିଲ ୨୧ରେ କୃତ୍ତିକା ପେଟରେ ଯନ୍ତ୍ରଣା ଅନୁଭବ କରିଥିଲେ। ଏହାପରେ ମହେନ୍ଦ୍ର କାନୁଲା ଦେଇ ତାଙ୍କ ପାଦରେ ଇଞ୍ଜେକସନ ମାଧ୍ୟମରେ କିଛି ଔଷଧ ଦେଇଥିଲେ। ତା'ପର ଦିନ ମହେନ୍ଦ୍ର କୃତ୍ତିକାଙ୍କୁ ତାଙ୍କ ପିତାମାତାଙ୍କ ଘରେ ଛାଡି ଦେଇଥିଲେ। କିନ୍ତୁ ପାଦରେ ଯନ୍ତ୍ରଣା ହେବା କାରଣରୁ ସେ କାନୁଲା ବାହର କରିବେ କି ନା ସେ ନେଇ ମହେନ୍ଦ୍ରଙ୍କୁ ଫୋନ କରିଥିଲେ। କିନ୍ତୁ ଆଉ ଏକ ଡୋଜ ଔଷଧ ଦିଆଯିବ ବୋଲି ମହେନ୍ଦ୍ର ତାଙ୍କୁ କହିଥିଲେ। ରାତିରେ ମହେନ୍ଦ୍ର ଆଉ ଏକ ଡୋଜ ଇଞ୍ଜେକସନ ମାଧ୍ୟମରେ ଦେଇଥିଲେ। ଏହାପରେ କୃତ୍ତିକା ଅସୁସ୍ଥ ହୋଇ ପଡ଼ିଥିଲେ ଓ ତାଙ୍କୁ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ପ୍ରଥମେ ଏହା ଏକ ସ୍ୱାଭାବିକ ମୃତ୍ୟୁ ବୋଲି ଧରିନିଆଯାଇଥିଲା। କିନ୍ତୁ କୃତ୍ତିକାଙ୍କ ଭଉଣୀ ଡା ନିକିତା ଏମ୍ ରେଡ୍ଡୀଙ୍କ ସନ୍ଦେହ ହୋଇଥିଲା ଓ ଏ ନେଇ ଯାଞ୍ଚ କରିବାକୁ ଦାବି କରିଥିଲେ। ୬ ମାସ ପରେ ଫରେନସିକ ରିପୋର୍ଟ ଆସିଥିଲା। ଏଥିରେ କୃତ୍ତିକାଙ୍କ ଶରୀରର ବିଭିନ୍ନ ଅଙ୍ଗରେ ଶକ୍ତିଶାଳୀ ଆନସ୍ଥାନିଆ 'ପ୍ରୋପୋଫଲ' ମଳିଥିଲା।

## ଡାକ୍ତରଙ୍କ ହାଇଦରାବାଦ୍ ଘରେ ଡ୍ରଗ୍ସ ରାକେଟ

ହାଇଦରାବାଦ, ୪।୧୧(ଏଜେନ୍ସି): ହାଇଦରାବାଦ୍‌ର ମୁସିରାବାଦ୍‌ରେ ଜଣେ ଡାକ୍ତରଙ୍କ ଘରୁ ଏକ ଡ୍ରଗ୍ସ ଆଡ୍ଡାର ପର୍ଦ୍ଦାଫାସ ହୋଇଛି। ତେଲଙ୍ଗାନା ଏକ୍ସାଇଜ୍ ସ୍ପେଶାଲ ଟ୍ୟାକ୍ସ ଫୋର୍ସ (ଏସ୍‌ଟିଏଫ୍) ଡାକ୍ତରଙ୍କ ଭଡ଼ା ଘରେ ଚଢ଼ାଉ କରିବା ପରେ ସେଠାରୁ ଏକ ବଡ଼ ଧରଣରର ଡ୍ରଗ୍ସ ର୍ୟାକେଟ୍ ଚାଲୁଥିବାର ଜଣାପଡ଼ିଛି। ପୂରା ହାଇଦରାବାଦ୍‌ରେ ଏହି ର୍ୟାକେଟ୍ ଚାଲୁଥିଲା। ଡାକ୍ତରଙ୍କ ନାମ ହେଉଛି ଜନ୍ ପଲ୍। ଜନ୍‌ଙ୍କ ଘରୁ ୬ ପ୍ରକାର ନିଶାଦ୍ରବ୍ୟ ଜବତ କରାଯାଇଛି ଓ ଏହାର ମୂଲ୍ୟ ୩ ଲକ୍ଷ ବୋଲି କୁହାଯାଇଛି। ଏହି ନିଶାଦ୍ରବ୍ୟଗୁଡିକ ହେଲା ଓଜି କୁଶ୍ (୨୬.୯୫ ଗ୍ରାମ), ଏମ୍‌ଡିଏମ୍ଏ (୬.୨୧ ଗ୍ରାମ), ୧୫ ଏଲ୍ଏସଡି ଷ୍ଟିକ୍ସ, କୋକେନ୍ (୧.୩୨ଗ୍ରାମ), ଗୁମୁସ୍ (୫.୮୦ ଗ୍ରା) ଓ ହାସିସ ତେଲ (୦.୦୦୮ ଗ୍ରା)। ଜନ ହେଉଛନ୍ତି ଜଣେ ପୋଷ୍ଟ ଗ୍ରାଜୁଏଟ (ପିଜି) ଡାକ୍ତର। ଜନ୍ ନିଜ ୩ଜଣ ସାଥିଙ୍କ ସହ ମିଶି ନିଶା ଔଷଧର ଚୋରା କାରବାର କରୁଥିଲେ ଓ ସାରା ସହରରେ ଏହାର ଜାଲ ବିଛାଇଥିଲେ। ହାଇଦରାବାଦ୍‌ରେ ବିକ୍ରି ଓ ବିତରଣ କରିବା ପାଇଁ ଜନ୍ ଦିଲ୍ଲୀ, ବେଙ୍ଗାଲୁରୁ ଓ ଗୋଆରୁ ନିଶାଦ୍ରବ୍ୟ ମଗାଉଥିଲା। ଜନ୍‌କୁ ପ୍ରମୋଦ, ସନ୍ଦୀପ ଓ ଶରତ ନିଶାଦ୍ରବ୍ୟ କ୍ରୟ କରିବା ସହ ଯୋଗାଇବାରେ ସହାୟତା ପ୍ରଦାନ କରୁଥିଲେ। ଏହି ମାମଲାରେ ପଲ୍‌ଙ୍କୁ ଗିରଫ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ପୁଲିସ ଖୋଜିବା ଜାରି ରଖିଛି। ନିଜ ଘରକୁ ନିଶା ଔଷଧ ବିକ୍ରି କରିବାକୁ ଅନୁମତି ଦେଉଥିବାରୁ ପଲ ମାଗଣାରେ ଏହି ନିଶା ଔଷଧ ସେବନ କରିବାର ସୁଯୋଗ ମିଳୁଥିଲା। ଡ୍ରଗ୍ସକୁ ପଲଙ୍କ ଘରେ ରଖାଯାଉଥିଲା ଓ ସେଗୁଡିକ ତା'ର ୩ ସହଯୋଗୀ ଅନ୍ୟମାନଙ୍କୁ ବିକ୍ରି କରୁଥିଲେ।



# ଏବେ ବି ପ୍ରଦୂଷଣ ସହ ସଂଘର୍ଷ କରୁଛନ୍ତି ଦିଲ୍ଲୀବାସୀ

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ଦେଶରେ ଏବେ ଏକା ସମୟରେ ୩ ପ୍ରକାର ଋତୁ ଦେଖିବାକୁ ମିଳିଛି। ରାଜସ୍ଥାନ- ମଧ୍ୟପ୍ରଦେଶ ସମେତ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ବର୍ଷା ଚାଲିଥିବା ବେଳେ ରାଜଧାନୀ ଦିଲ୍ଲୀ ଏବେ ମଧ୍ୟ ପ୍ରଦୂଷଣ, କୁହୁଡି ଓ ଧୂଆଁ ନେଇ ସଂଘର୍ଷ କରୁଛି। ଅନ୍ୟପଟେ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ହିମାଳୟ ନିକଟସ୍ଥ ରାଜ୍ୟଗୁଡିକରେ ତୁଷାରପାତ ହୋଇଛି। ଦୀପାବଳିର ୧୩ ଦିନ ପରେ ମଧ୍ୟ ଦିଲ୍ଲୀରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ସ୍ତର ଗମ୍ଭୀର ବର୍ଗରେ ରହିଛି। ମଙ୍ଗଳବାର ସକାଳେ ୯.୩୦ରେ ଦିଲ୍ଲୀ ଏକ୍ୟୁଆଇ ପାଖାପାଖି ୪୦୦ ରହିଛି। ଦିଲ୍ଲୀର ଆନନ୍ଦ ବିହାର ଓ ଅକ୍ଷରଧାମରେ ଏକ୍ୟୁଆଇ ୩୯୨ ରେକର୍ଡ କରାଯାଇଛି ଓ ଏହା ବହୁତ ଖରାପ ଓ ସ୍ୱାସ୍ଥ୍ୟ ପାଇଁ ଚିନ୍ତାଜନକ ବୋଲି କୁହାଯାଇଛି। ତେବେ ଦିଲ୍ଲୀ ବିଭିନ୍ନ ସ୍ଥାନରେ ଏକ୍ୟୁଆଇ ଭିନ୍ନ ରହିଛି ବୋଲି କୁହାଯାଇଛି। କିନ୍ତୁ ଅଧିକାଂଶ ସ୍ଥାନରେ ଏହା ବିପଜ୍ଜନକ ରହିଛି। ଦିଲ୍ଲୀ ଏମ୍ସରେ ଏକ୍ୟୁଆଇ ୨୯୭, ଲୋଧି ରୋଡ ଓ ତିଳକ ମାର୍ଗରେ ଏହା ୧୫୩, ଆନନ୍ଦ ବିହାରରେ ୩୯୨, କର୍ତ୍ତବ୍ୟ ପଥରେ ୨୭୮ ରେକର୍ଡ କରାଯାଇଛି। ତିଳକମାର୍ଗ ଓ ଲୋଧି ରୋଡ ନିକଟରେ ସକାଳୁ ବାୟୁରେ ପ୍ରବଳ ଧୂଆଁ ଦେଖିବାକୁ ମିଳିଥିଲା। ଏହି ଅଞ୍ଚଳରେ ରହୁଥବା ଲୋକେ ଘରୁ ବାହରକୁ ଯିବା ଓ ନିଃଶ୍ୱାସ ନେବାରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ କିଛି କମ୍ ହୋଇଥିବା ପରିଲକ୍ଷିତ କରାଯାଇଛି। ସେହିପରି ଗ୍ରେଟର ନୋଏଡାରେ ପ୍ରଦୂଷଣ ସ୍ତର କମିଥିବା ଲକ୍ଷ୍ୟ କରାଯାଇଛି ଓ ଏଠାରେ ଏକ୍ୟୁଆଇ ୩୦୦ ରହିଛି। ସେହିପରି ଗାଜିଆବାଦ୍‌ରେ ମଧ୍ୟ ପ୍ରଦୂଷଣ ଜାରି ରହିଛି। ଫରିଦାବାଦ୍ ସ୍ମାର୍ଟ ସିଟିର ବାୟୁ ଦିଲ୍ଲୀ ଭଳି ପ୍ରଦୂଷିତ ହୋଇଛି। ଏଠାରେ ଏକ୍ୟୁଆଇ ୩୦୦ ଉପରେ ରହିଛି।

## ବ୍ରହ୍ମୋସ୍ ପାଇଁ ଭାରତ- ଇଣ୍ଡୋନେସିଆ ମଧ୍ୟରେ ଚୁକ୍ତି

ନୂଆଦିଲ୍ଲୀ, ୪।୧୧(ଏଜେନ୍ସି): ବ୍ରହ୍ମୋସ ସୁପରସୋନିକ୍ କ୍ରୁଜ୍ ମିସାଇଲ ନେଇ ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ଚୁକ୍ତି ହେବା ଏକ ପ୍ରକାର ନିଶ୍ଚିତ ହୋଇଛି। ଫଳରେ ଭାରତର ସ୍ୱଦେଶୀ ପ୍ରତିରକ୍ଷା ଶିଳ୍ପକୁ ଜବରଦସ୍ତ ବଳ ତଥା ଉତ୍ସାହ ମିଳିବାକୁ ଯାଉଛି। ଚୁକ୍ତି ନେଇ ସବୁ ପ୍ରକାର ଔପଚାରିକତା ଶେଷ ହୋଇଛି। ଦୀର୍ଘଦିନ ହେବ ଦୁଇ ଦେଶ ଏ ନେଇ କଥାବାର୍ତ୍ତା କରିଆସୁଛନ୍ତି। ଗତ ଜାନୁଆରୀରେ ଏକ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଏଥିପାଇଁ ଇଣ୍ଡୋନେସିଆର ଆଗଧାଡିର ନେତା ଓ ସେନା ପ୍ରମୁଖମାନେ ଦିଲ୍ଲୀ ଆସିଥିଲେ। ପୂର୍ବରୁ ଭାରତ ଫିଲିପାଇନ୍ସକୁ ଏହି ମିସାଇଲ ବିକ୍ରି କରିଛି ଓ ଏବେ ଅନ୍ୟ ଦେଶଗୁଡିକୁ ତା'ର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ମିସାଇଲ ବିକ୍ରି କରିବାକୁ କ୍ଷେତ୍ର ପ୍ରସ୍ତୁତ କରୁଛି। ପାକିସ୍ତାନ ବିରୋଧରେ ଗତ ମେରେ ହୋଇଥିବା ଅପରେସନ ସିନ୍ଦୂର ଅବସରରେ ବ୍ରହ୍ମୋସର ଦକ୍ଷତା ଓ ଗୁଣବତ୍ତା ପ୍ରମାଣିତ ହୋଇଥିଲା ଓ ଏବେ ବିଶ୍ୱର ଅନ୍ୟ ଦେଶଗୁଡିକ ଏହି ମିସାଇଲ କିଣିବାକୁ ଇଚ୍ଛା ପ୍ରକାଶ କରିଛନ୍ତି।



ଆକାଶମାର୍ଗରୁ ପୁରୀ ସହରର ସୂର୍ଯ୍ୟାସ୍ତ ବେଳର ମନୋରମ ଦୃଶ୍ୟ

## ଆଜି କାର୍ତ୍ତିକ ପୂର୍ଣ୍ଣିମା

# ସୁରକ୍ଷା ଦାୟିତ୍ୱରେ ୪୫ ପ୍ଲାଟୁନ ଫୋର୍ସ

ପୁରୀ, ୪।୧୧(ସମିସ): ବୁଧବାର ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା। ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ଏବଂ ମହୋଦଧିରେ ଲକ୍ଷାଧିକ ଶ୍ରଦ୍ଧାଳୁ ସ୍ନାନ ଓ ବୋଇତ ବନ୍ଦାଣ କରିବେ। ଏଥିସହ ରତ୍ନସିଂହାସନରେ ଚତୁର୍ଦ୍ଧାବିଗ୍ରହ ସୁନାବେଶ ଧାରଣ କରିବେ। ତେଣୁ ଏହି ଦୁର୍ଲଭ ବେଶ ଦର୍ଶନ ଲାଗି ଶ୍ରୀକ୍ଷେତ୍ରରେ ୩ରୁ ୪ଲକ୍ଷ ଭକ୍ତଙ୍କ ସମାଗମ ହେବା ଆକଳନ କରିଛି ପ୍ରଶାସନ। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର, ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ସହରର ଟ୍ରାଫିକ୍ ନିୟନ୍ତ୍ରଣ, ଭକ୍ତଙ୍କ ସୁରକ୍ଷିତ ସ୍ନାନ, ଡଙ୍ଗାଭସା ଏବଂ ଶ୍ରୀମନ୍ଦିରରେ ଶୃଙ୍ଖଳିତ ଦର୍ଶନ ଲାଗି ମୋଟ୍ ୪୫ ପ୍ଲାଟୁନ ଫୋର୍ସ ମୁତୟନ ରହିବେ।

ବଡ଼ଦାଣ୍ଡରେ ବଗଲା ଧର୍ମଶାଳା ନିକଟରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅସ୍ଥାୟୀ ଛାୟାପ୍ରଦ ବ୍ୟାରିକେଡ୍ ନିର୍ମାଣ କରାଯାଇଛି। ଭକ୍ତ ଏହି ବ୍ୟାରିକେଡ୍ ଦେଇ ସିଂହଦ୍ୱାର ପଟେ ମନ୍ଦିରକୁ ପ୍ରବେଶ କରିବେ। ଅନ୍ୟ ତିନି ଦ୍ୱାର ଦେଇ ବାହାରିବେ। ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ ଏବଂ ଟ୍ରାଫିକ୍ ସୁପରିଚାଳନା ନିମନ୍ତେ ୭ଜଣ ଅତିରିକ୍ତ ଏସ୍‌ପିଙ୍କ ତତ୍ତ୍ୱାବଧାନରେ ୨୫ ଜଣ ଡିଏସ୍‌ପି, ୪୯ ଇନ୍ସପେକ୍ଟର, ୧୭୯ ଏସ୍‌ଆଇ, ଏଏସ୍‌ଆଇ, ୨୭ ହାବିଲ୍‌ଦାର, ୨୧୦ କନେଷ୍ଟବଲ, ୪୮ ଟ୍ରାଫିକ୍ କନେଷ୍ଟବଲ, ୫୫୧ ହୋମ୍‌ଗାର୍ଡଙ୍କ ସହ ୪୫ ପ୍ଲାଟୁନ୍ ପୁଲିସ ଫୋର୍ସ ଶ୍ରୀମନ୍ଦିର ସହିତ ସମୁଦ୍ର କୂଳ ଏବଂ ପୁରୀ ସହରର ବିଭିନ୍ନ ସ୍ଥାନରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ମୁତୟନ ରହିବେ।

ସମୁଦ୍ର କୂଳରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ସହ ୩୭୦ ଜଣ ଲାଇଫ୍‌ଗାର୍ଡ, ଫାଷ୍ଟଏଡ୍

- ସମୁଦ୍ରକୂଳ ଓ ପୁଷ୍କରିଣୀରେ ରହିବ କଡ଼ା ନଜର
- ବଗଲା ଧର୍ମଶାଳାଠାରୁ ଶ୍ରୀମନ୍ଦିର କାର୍ଯ୍ୟାଳୟ ପର୍ଯ୍ୟନ୍ତ ଅସ୍ଥାୟୀ ବ୍ୟାରିକେଡ୍



ସେଣ୍ଟର୍, ଆମ୍ବୁଲାନ୍ସର ବ୍ୟବସ୍ଥା କରାଯାଇଛି। ସେହିପରି ଜିଲ୍ଲାର କୋଣାର୍କ, ପୀର୍‌ଜାହାନିଆ, ବାଲିହରଚଣ୍ଡୀ ଆଦି ପର୍ଯ୍ୟଟନସ୍ଥଳୀରେ ମଧ୍ୟ ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଏସ୍‌ପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

ଏସ୍‌ପି ଶ୍ରୀ ସିଂ କହିଛନ୍ତି, ପବିତ୍ର କାର୍ତ୍ତିକ ପୂର୍ଣ୍ଣିମାରେ ଶ୍ରୀକ୍ଷେତ୍ରକୁ ଲକ୍ଷାଧିକ ଭକ୍ତଙ୍କ ଆଗମନ ହେବ। ଭକ୍ତମାନେ ପବିତ୍ର ମହୋଦଧି ସମେତ ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ପରେ ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବେ। ଏଣୁ ଭକ୍ତଙ୍କ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ପୁଲିସ ଓ ପ୍ରଶାସନ ପକ୍ଷରୁ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ସମୁଦ୍ର କୂଳରେ ଭକ୍ତଙ୍କ ସୁରକ୍ଷା ପାଇଁ ସବୁ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବେଳାଭୂମିରେ ୩୭୦ ଲାଇଫ୍‌ଗାର୍ଡ ମୁତୟନ ସହ ଅଗ୍ନିଶମ ବାହିନୀ, ୨ଟି ଓଡ୍ରାଫ୍ ଟିମ୍ ମୁତୟନ ସହ ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ଭକ୍ତଙ୍କ ସୁରକ୍ଷାକୁ ଆମେ ଅଧିକ ଗୁରୁତ୍ୱ ଦେଉଛୁ। ଟ୍ରାଫିକ୍ ସୁପରିଚାଳନା ପାଇଁ ବ୍ୟବସ୍ଥା ହୋଇଛି। ସବୁ ପାର୍କିଂରେ ପୁଲିସ କର୍ମଚାରୀ ଉପସ୍ଥିତ ରହିବେ। ସମୁଦ୍ର କୂଳରେ ଦିଗବାରେଣୀ ଛକରୁ ଯାତ୍ରିକା ପାର୍କିଂ ଯାଏ ଓ ବଡ଼ଦାଣ୍ଡର ମେଡିକାଲ ଛକରୁ ଶ୍ରୀମନ୍ଦିର ଯାଇ ନୋ ଭେଇକିଲ୍ ଜୋନ୍ କରାଯାଇଛି।

# ଲକ୍ଷ୍ମୀନୃସିଂହ ବେଶ ଦେଖିଲେ ଭକ୍ତ

ପୁରୀ, ୪।୧୧(ସମିସ): କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମଙ୍ଗଳବାର ରତ୍ନସିଂହାସନରେ ମହାପ୍ରଭୁଙ୍କ ଲକ୍ଷ୍ମୀନୃସିଂହ ବେଶ ଅନୁଷ୍ଠିତ ହୋଇଛି। ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ଜମିଥିଲା।

## ଆଜି ଚତୁର୍ଦ୍ଧାବିଗ୍ରହଙ୍କ ସୁନାବେଶ



ସକାଳେ ଠାକୁରଙ୍କ ଅବକାଶ ନୀତି ପରେ ଏହି ବେଶ କରାଯାଇଥିଲା। ଲକ୍ଷ୍ମୀନୃସିଂହ ବେଶରେ ଠାକୁରମାନେ ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କୀରିଟ, କୁଣ୍ଡଳ, ଚନ୍ଦ୍ରିକା ଆଦି ଧାରଣ କରିଥିଲେ। ବଡ଼ଠାକୁର ସୁବର୍ଣ୍ଣର ହଳ ମୂଷଳ ଏବଂ ଜଗନ୍ନାଥ ମହାପ୍ରଭୁ ରୁପାର ଶଙ୍ଖ ଏବଂ ସୁବର୍ଣ୍ଣ ଚକ୍ର ଧାରଣ କରିଥିଲେ। ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଚୂଳରେ ସୁବର୍ଣ୍ଣ କିଆ ଖଞ୍ଜା ଯାଇଥିଲା। ଏଥିସହ ଶୋଲ ଓ ଜରିରେ ନିର୍ମିତ ବିଭିନ୍ନ ଫୁଲ ଧାରଣ କରିଥିଲେ। ଏହି ବେଶରେ ଠାକୁରମାନେ ପାଟବସ୍ତ୍ରରେ ବିଭୂଷିତ ହେବା ସହିତ ବିଭିନ୍ନ ସୁବାସିତ ପୁଷ୍ପରେ ମଣ୍ଡିତ ହୋଇଥିଲେ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ଧର୍ମ ମାସ କାର୍ତ୍ତିକର ଶେଷ ଦିବସ। ରତ୍ନସିଂହାସନରେ ମହାପ୍ରଭୁଙ୍କ ରାଜାଧିରାଜ ବା ସୁନାବେଶ ଅନୁଷ୍ଠିତ ହେବ। ବିଭିନ୍ନ ପାଟବସ୍ତ୍ର ଏବଂ ରତ୍ନଅଳଙ୍କାରରେ ମହାପ୍ରଭୁ ବିଭୂଷିତ ହେବେ।

# ଆଜି ଘରକୁ ଫେରିଯିବେ ହବିଷ୍ୟାଳି

ପୁରୀ, ୪।୧୧(ସମିସ): ସରିଆସିଲା କାର୍ତ୍ତିକ ମାସ। ବୁଧବାର କାର୍ତ୍ତିକ ପୂର୍ଣ୍ଣିମା। ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀ ସମେତ ପବିତ୍ର ମହୋଦଧିରେ ଡଙ୍ଗା ଭସାଇ ଘରକୁ ବାହୁଡ଼ିବେ ହବିଷ୍ୟାଳି। ଶ୍ରୀମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ ସାରି ବ୍ରତ ଶେଷ କରି ଗାଁକୁ

## ମନେପଡ଼ିବ ଶ୍ରୀକ୍ଷେତ୍ର ରହଣି, କାଳିଆ ଦର୍ଶନ

ଫେରିଯିବେ। ଏଥିପାଇଁ ପ୍ରସ୍ତୁତି ସାରିଦେଲେଣି। ସାଥିରେ ଆଣିଥିବା ବାକ୍ସକୁ ସଜାଡ଼ି ସାରିଥିବା ବେଳେ ପରସ୍ପର ସହ ବିଦାୟ ବେଳାର ସୁଖଦୁଃଖ ହୋଇସାରିଲେଣି। ମାସେ ହେଲା, ଘରଠାରୁ ଦୂରରେ ରହିଥିବା ହବିଷ୍ୟାଳିଙ୍କ ମଧ୍ୟରୁ କିଏ ପରିବାର ପାଇଁ ପୁରୀ ଖଜା ତ ଆଉ କିଏ ନାତିନାତୁଣୀଙ୍କ ପାଇଁ ଖେଳଣା, ଚୁଡ଼ି, ଖଡ଼ୁ କିଣି ନେଉଛନ୍ତି।

ଗଞ୍ଜାମର ସୁଜ୍ଞାନୀ ସାହୁ କହିଛନ୍ତି, ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ହବିଷ କରିବାକୁ ଶ୍ରୀକ୍ଷେତ୍ର ଆସିଥିଲି। ଅନ୍ୟ ହବିଷ୍ୟାଳିଙ୍କ ସହ କେମିତି ମାସଟା ବିତିଗଲା ଜାଣିପାରିଲି ନାହିଁ। ଘରଛାଡ଼ି ଦୂରରେ ରହୁଥିଲେ ବି ସେମିତି କିଛି ଅନୁଭବ କରିନି। ପୂଜାର୍ଚ୍ଚନା,



ମହାପ୍ରଭୁଙ୍କ ଦର୍ଶନ, ଖାଇବା, ରହିବାରେ କୌଣସି ଅସୁବିଧା ହୋଇନି। ମଝିରେ ମଝିରେ ପିଲାଙ୍କ କଥା ମନେ ପଡ଼ିଲେ ବି ଅନ୍ୟମାନଙ୍କ ସହ ସୁଖ, ଦୁଃଖରେ ସେ ସବୁକୁ ଭୁଲିଯାଇଛି। ଏବେ ସରିଗଲା ବ୍ରତ। ପବିତ୍ର ତୀର୍ଥ ପୁଷ୍କରିଣୀରେ ଡଙ୍ଗା ଭସାଇବା ପରେ ବୁଧବାର ମହାପ୍ରଭୁଙ୍କୁ ଦର୍ଶନ କରି ଗାଁକୁ ଫେରିଯିବି। କିନ୍ତୁ ଶ୍ରୀକ୍ଷେତ୍ରରେ ରହଣି ଏବଂ ବିଶେଷକରି ଶ୍ରୀମନ୍ଦିରରେ କାଳିଆ ଠାକୁରଙ୍କୁ ଦର୍ଶନ କରିବା ନିଶ୍ଚିତ ମନେପଡ଼ିବ।

ସେହିପରି ଅନ୍ୟ ଜଣେ ବ୍ରତଧାରୀ ପାର୍ବତୀ ମହାନ୍ତି କହିଛନ୍ତି, ପୂର୍ବ ଜନ୍ମର ପୁଣ୍ୟ ଥିଲା ବୋଲି ଶ୍ରୀକ୍ଷେତ୍ର ମାଟିରେ ରହି କାର୍ତ୍ତିକ ବ୍ରତ ପାଳନ କରିବାର ସୁଯୋଗ ପାଇଲି। ମାସଟାଯାକ ଆନନ୍ଦରେ କଟିଗଲା। ପ୍ରତିଦିନ ମହାପ୍ରଭୁଙ୍କୁ ଦର୍ଶନ କରିବାର ଅପୂର୍ବ ଆନନ୍ଦ ପାଇଲି। ବ୍ରତ ଶେଷ ହେଲା, ଏବେ ପୁରୀ ଛାଡ଼ିଯିବାକୁ ପଡ଼ିବ। ଆଶ୍ରୟସ୍ଥଳୀରେ ରହି ଅନ୍ୟମାନଙ୍କ ସହ ହସଖୁସି କରୁଥିଲୁ। ଅବସର ସମୟରେ କେହି କେହି ତାସ୍ ଆଉ ଲୁଡୁ ବି ଖେଳୁଥିଲେ। ଘରେ ରହିବାର ଅନୁଭୂତି ମିଳୁଥିଲା। ଘରକୁ ଫେରିଗଲେ ବି କିଛି ଦିନ ପୁରୀ ରହଣି କଥା ମନେପଡ଼ିବ ବୋଲି ସେ କହିଛନ୍ତି।

# ଖସୁଛି ପାରଦ, ବଢୁଛି ଶୀତ

## ଫୁଲବାଣୀ, କୋରାପୁଟରେ ୧୫ ଡିଗ୍ରୀ

ଭୁବନେଶ୍ୱର, ୪।୧୧ (ସମିସ): ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ହ୍ରାସ ପାଇବାରେ ଲାଗିଛି। ଗତ ୨ଦିନ ମଧ୍ୟରେ ରାଜ୍ୟରେ ପ୍ରାୟ ୨-୩ ଡିଗ୍ରୀ ତାପମାତ୍ରା କମିଥିବା ବେଳେ ଆଗକୁ ଏହି ସ୍ଥିତି ଜାରି ରହିବାର ସମ୍ଭାବନା ରହିଛି। ତାପମାତ୍ରା ହ୍ରାସ ହେବା କାରଣରୁ ଗତ ୨୪ ଘଣ୍ଟାରେ ଫୁଲବାଣୀ, କୋରାପୁଟ ଓ ଦାରିଙ୍ଗବାଡ଼ିରେ ତାପମାତ୍ରା ୧୫ ଡିଗ୍ରୀକୁ ଖସିଛି। ସେହିପରି କେନ୍ଦୁଝର ଓ ଝାରସୁଗୁଡ଼ାରେ ତାପମାତ୍ରା ୧୭ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଥିବା ବେଳେ ରାଉରକେଲା ଓ ଅନୁଗୁଳରେ ତାପମାତ୍ରା ୧୮ ଏବଂ ବାରପଦା ଓ ସୁନ୍ଦରଗଡ଼ରେ ତାପମାତ୍ରା ୧୯ ଡିଗ୍ରୀ ଲେଖାଏଁ ରେକର୍ଡ କରାଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ଦକ୍ଷିଣ ଆଭ୍ୟନ୍ତରୀଣ ଓ ଉତ୍ତର ଆଭ୍ୟନ୍ତରୀଣ ବିଭିନ୍ନ ସ୍ଥାନରେ ଥଣ୍ଡା ଅନୁଭୂତ ହେବ। ରାଜ୍ୟ ମଧ୍ୟକୁ ଉତ୍ତର-ପଶ୍ଚିମ ଦିଗରୁ ଶୁଷ୍କ-ଥଣ୍ଡା ବାୟୁ ପ୍ରବେଶ କରୁଛି। ଏହା ପ୍ରଭାବରେ ୨-୩ ଡିଗ୍ରୀ ରାତିର ତାପମାତ୍ରା ହ୍ରାସ ପାଇବ। ଗତ ୨ ତାରିଖରୁ ସାରା ରାଜ୍ୟରେ କମିଛି ରାତ୍ରି ତାପମାତ୍ରା। ଏହାକୁ ନେଇ ଆଗକୁ ରାଜ୍ୟରେ ଶୀତ ଅନୁଭୂତ ହେବ। ୨ରୁ ୩ ଦିନ ମଧ୍ୟରେ ୩ରୁ ୪ ଡିଗ୍ରୀ ରାତି ତାପମାତ୍ରା କମିବ ବୋଲି ସେ କହିଛନ୍ତି।

## ଏମ୍‌ସର ଗବେଷଣା

# ପାର୍କିନସନ, ଡିମେନ୍ସିଆ ଭଳି ରୋଗକୁ ଜନ୍ମଦିଏ ଅରୁଗୁଣ

ଭୁବନେଶ୍ୱର, ୪।୧୧(ସମିସ): ଖୋର୍ଦ୍ଧା, ଢେଙ୍କାନାଳ ସମେତ ଓଡ଼ିଶାର ବିଭିନ୍ନ ଜଙ୍ଗଲରେ ଦେଖାଯାଉଥିବା ବିରଳ ଅରୁଗୁଣ ଗଛ (ଇଂରାଜୀ ନାମ: ସାଇକାଡ୍)ର ହାନିକାରକ ଗୁଣ ରହିଛି। ବୈଜ୍ଞାନିକମାନେ ଏହି ଉଦ୍ଭିଦର ବିଭିନ୍ନ ପ୍ରଜାତିରେ ସମ୍ଭାବ୍ୟ ନ୍ୟୁରୋଟକ୍ସିନ୍ ଚିହ୍ନଟ କରିଛନ୍ତି। କିଛି କିଛି ସ୍ଥାନରେ ଏହି ଗଛ ଭେରୁ ନାମରେ ମଧ୍ୟ ପରିଚିତ। ଏହି ପ୍ରାଚୀନ ଉଦ୍ଭିଦ ପ୍ରଜାତି ୩୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଡାଇନୋସର ସହିତ ସହାବସ୍ଥାନ କରିଥିଲା। ଆଜି ପ୍ରାୟତଃ ଅଳଙ୍କାରିକ ଉଦ୍ଭିଦ ଭାବରେ ବ୍ୟବହୃତ ହେଉଥିବା ଏହି ସାଇକାଡ୍ ପ୍ରଜାତିରେ ସାଇକାସିନ୍ ଏବଂ ମିଥାଇଲାଜୋକ୍ସିମେଥାନଲ୍ ଭଳି ଶକ୍ତିଶାଳୀ ବିଷାକ୍ତ ପଦାର୍ଥ ରହିଛି। ଏହା ପାର୍କିନସନ, ଡିମେନ୍ସିଆ ଭଳି ଜଟିଳ ସ୍ନାୟୁଗତ ରୋଗ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଛି। ଏମ୍‌ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ଓ ଉତ୍ତର-ପୂର୍ବ ହିଲ୍ ବିଶ୍ୱବିଦ୍ୟାଳୟ (ଏନଇଏଚୟୁ), ଶିଲଂ ଦ୍ୱାରା ମିଳିତ ଭାବରେ ଆୟୋଜିତ ଏକ କର୍ମଶାଳାରେ ଏଭଳି ମତପ୍ରକାଶ ପାଇଛି। ଏହି କର୍ମଶାଳାରେ 'ସାଇକାଡ-ସମ୍ବନ୍ଧିତ ସ୍ନାୟୁଗତ ବ୍ୟାଧି' ସଂପର୍କରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ସାଇକାଡ୍ସ ସହିତ ଜଡ଼ିତ



ଗମ୍ଭୀର ସ୍ୱାସ୍ଥ୍ୟବିପଦ ଉପରେ ଆଲୋକପାତ କରାଯାଇଥିଲା।

କର୍ମଶାଳାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଭାବେ ବିଶେଷଜ୍ଞମାନେ ଖୋର୍ଦ୍ଧା ଜିଲ୍ଲାର ଧୂଆନାଳି ଏବଂ ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗରର ଗଙ୍ଗାମୁଣ୍ଡା, ସୁଆଗିନାଳି ଗ୍ରାମଗୁଡ଼ିକୁ କ୍ଷେତ୍ର ପରିଦର୍ଶନ କରିଥିଲେ। ଏହି ଅଞ୍ଚଳଗୁଡ଼ିକରେ, ସ୍ଥାନୀୟ ଆଦିବାସୀ ଜନସଂଖ୍ୟା ପାରମ୍ପରିକ ଖାଦ୍ୟ ଉତ୍ସ ଭାବେ ସାଇକାସ୍ ଗଛ ଉପରେ ନିର୍ଭରଶୀଳ। ଏହାକୁ ଖାଇବାରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ସ୍ନାୟୁ ଏବଂ ସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକୁ ବୁଝିବା ପାଇଁ ବିଶେଷଜ୍ଞମାନେ ଗ୍ରାମବାସୀ, ରୋଗୀ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ।

## ଖୋର୍ଦ୍ଧା, ଢେଙ୍କାନାଳ ଜିଲ୍ଲାରେ ଖାଇଥା'ନ୍ତି

କର୍ମଶାଳାର ମୁଖ୍ୟ ଅତିଥି ଭାବରେ ଏମ୍‌ସର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ଭାରତୀୟ ସାଇକାଡ୍ ପ୍ରଜାତି ବିଷ ବିଜ୍ଞାନ ଉପରେ ଗବେଷଣା ପାଇଁ ଏହି ପଦକ୍ଷେପକୁ ଅଭିନନ୍ଦନ ଜଣାଇଥିଲେ। ପ୍ରଫେସର ଏସ୍.କେ. ବାରିକ, ଡିନ୍ ସ୍କୁଲ୍ ଅଫ୍ ଲାଇଫ୍ ସାଇନ୍‌ସେସ୍, ଏନଇଏଚୟୁ ଏବଂ ପ୍ରଫେସର୍ ସଞ୍ଜୀବ କୁମାର ଭୋଇ, ବିଭାଗୀୟ ମୁଖ୍ୟ ନ୍ୟୁରୋଲୋଜି, ଏମ୍ସ ଭୁବନେଶ୍ୱର, ପ୍ରମୁଖ ବିଶେଷଜ୍ଞ ଦଳର ନେତୃତ୍ୱ ନେଇଥିଲେ।

# ପୂର୍ବ ଶତ୍ରୁତାରୁ ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ

ବଡ଼ସାହି, ୪।୧୧(ସମିସ): ବଡ଼ସାହି ଥାନା ଅଧୀନ ପ୍ରତାପପୁର ପଞ୍ଚାୟତ ହରିପୁର ଗ୍ରାମରେ ଦୁଇ ପରିବାର ମଧ୍ୟରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ଘଟିଛି। ଗୋଟିଏ ପରିବାରର ସଂଘବଦ୍ଧ ଆକ୍ରମଣରେ ସ୍ୱାମୀ-ସ୍ତ୍ରୀ ଗୁରୁତର ହୋଇ ବାରିପଦା ଜିଲ୍ଲା ମୁଖ୍ୟାଳୟରେ ଭର୍ତ୍ତି ହୋଇଛନ୍ତି। ଏ ସଂକ୍ରାନ୍ତରେ ତାଙ୍କ ବୋହୂ ମତାଙ୍ଗିନୀ ମଣ୍ଡଳଙ୍କ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

ଘଟଣାରୁ ପ୍ରକାଶ ଯେ ଗ୍ରାମର ସବିତା ମଣ୍ଡଳ ମଙ୍ଗଳବାର ସକାଳ ପ୍ରାୟ ୮ଟାରେ ନିଜ ପରିବା ବାଡ଼ିରେ ପାଣି ଦେବାକୁ ଯାଉଥିବା ବେଳେ ସେହି ଗ୍ରାମର ଆନନ୍ଦ ବେରା, ତାଙ୍କ ସ୍ତ୍ରୀ ହର୍ଷ ବେରା ଏବଂ ୩ ପୁଅ ଭିକୁ, ସୁମିତ ଓ ସଞ୍ଜୟ ତାଙ୍କୁ ଅଟକାଇ ଗାଳିଗୁଲଜ ଓ ବିଭିନ୍ନ ପ୍ରକାର ଧମକ ଦେବା ସହିତ ତାଙ୍କୁ ମାରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ତାଙ୍କର ଦୁଇଟିଯାକ ହାତ ଭାଙ୍ଗିଯାଇଛି। ଏହା ଦେଖି ତାଙ୍କ ସ୍ୱାମୀ ଶୀତଳ ମଣ୍ଡଳ ପ୍ରତିବାଦ କରିବାରୁ ତାଙ୍କୁ ମଧ୍ୟ ସେମାନେ ନିସ୍ତୁକ ମାଡ ମାରିଥିବାରୁ ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ପୁଲିସ ତଦନ୍ତ ଚଳାଇଛି।

# ବେଇମାନୀ କଳଙ୍କରୁ ବର୍ତ୍ତିବା ପାଇଁ ଜୟ ମିଛ କହୁଛନ୍ତି: ବିଜେଡି

ଭୁବନେଶ୍ୱର,୪।୧୧(ସମିସ): ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ବେଇମାନି ଟିପ୍ପଣୀ ପ୍ରସଙ୍ଗରେ ବିଜେପି ପ୍ରାର୍ଥୀ ଜୟ ଢ଼ୋଲକିଆ ଓ ତାଙ୍କ ମା' କଳ୍ପନା ଢ଼ୋଲକିଆଙ୍କ ମନ୍ତବ୍ୟକୁ କଠୋର ଶବ୍ଦରେ ସମାଲୋଚନା କରିଛି ବିଜେଡି। ବେଇମାନି କାମ କରିଥିବା

- ବେଇମାନୀର କାମ କରିଥିବା ଲୋକଙ୍କୁ ବେଇମାନ କହିଲେ ବାଧୁଛି କାହିଁକି?
- କେଉଁ ପରିସ୍ଥିତିରେ ଜୟ ବିଜେପିରେ ଯୋଗଦେଲେ, ତାହା ଆଜିବି ପ୍ରଶ୍ନବାଚୀ

ଲୋକଙ୍କୁ ବେଇମାନ କହିଲେ ବାଧୁଛି କାହିଁକି ବୋଲି ବିଜେଡି ପ୍ରଶ୍ନ କରିବା ସହ କଳଙ୍କରୁ ବର୍ତ୍ତିବା ପାଇଁ ଜୟ ମିଛ କହୁଛନ୍ତି ବୋଲି ବିଜେଡ଼ି କହିଛି।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ଡ. ଲେନିନ ମହାନ୍ତି ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ନୂଆପଡ଼ାରେ ଜୟ ଓ ତାଙ୍କ ମାଆଙ୍କ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଲେନିନ୍ କହିଛନ୍ତି ଯେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ବାଚନ ସଭାରେ ବିଶାଳ ଜନସମାଗମ ଦେଖି ଜୟ ଢୋଲକିଆ ଓ ବିଜେପି ଆତଙ୍କିତ ହୋଇଛନ୍ତି । ତେଣୁ ଜୟ ତାଙ୍କ ବାପାଙ୍କୁ ଶେଷ ସମୟରେ ବିଜେଡି ଅଣଦେଖା କରିଥିଲା ବୋଲି ମିଛ ଅଭିଯୋଗ ଆଣିଛନ୍ତି । ନିଜ ଅସୁସ୍ଥତା ସତ୍ତ୍ୱେ ବିଧାୟକ ରାଜୁ ଢୋଲକିଆଙ୍କ ସ୍ୱାସ୍ଥ୍ୟ ବିଷୟରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନିୟମିତ ଖବର ରଖୁଥିଲେ। ତାଙ୍କ ଦେହାନ୍ତ ହେବା ପରେ ଦଳ ପକ୍ଷରୁ ଆବଶ୍ୟକ ସହଯୋଗର ହାତ ବଢାଇବା ସହିତ ତାଙ୍କର ଶୁଦ୍ଧିକ୍ରିୟା କାର୍ଯ୍ୟରେ ଦଳର ବରିଷ୍ଠ ନେତୃବୃନ୍ଦଙ୍କୁ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିଜେ ଭର୍ଚୁଆଲରେ ଯୋଗଦେଇ ଶୋକବାର୍ତ୍ତା ପ୍ରଦାନ କରିଥିଲେ। ଅପରପକ୍ଷେ ଜୟ ଢୋଲକିଆ ବିଜେଡିର ପ୍ରାର୍ଥୀ ହେବା ପାଇଁ ନିଜର ଇଚ୍ଛା ପ୍ରକାଶ କରିବା ସହିତ ତାଙ୍କର ବିଜେପିରେ ଯୋଗଦେବା ଚର୍ଚ୍ଚାକୁ ଖଣ୍ଡନ କରିଥିଲେ। ବିଜେଡି ପକ୍ଷରୁ ହୋଇଥିବା ପଦଯାତ୍ରା ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଜୟ ଓ ତାଙ୍କ ମାଆ ଯୋଗ ଦେଇଥିଲେ । ମାତ୍ର କେଉଁ ପରିସ୍ଥିତିରେ ଓ କେଉଁ କାରଣରୁ ସେ ରାତାରାତି ମତ ପରିବର୍ତ୍ତନ କରି ବିଜେପିରେ ଯୋଗଦେଲେ, ତାହା ଆଜି ବି ପ୍ରଶ୍ନବାଚୀ ବୋଲି ଡ. ମହାନ୍ତି କହିଥିଲେ।

ସୁଲତା ଦେଓ କହିଥିଲେ ଯେ ବିଜେଡି ଢୋଲକିଆ ପରିବାର ସହିତ ସମ୍ପର୍କ କାଟିନାହିଁ। କେଉଁ କାରଣରୁ କେଉଁ ପରିସ୍ଥିତିରେ ଜୟ ଢୋଲକିଆ ବିଜେପିରେ ଯୋଗଦେଲେ, ସେ ନିଜେ ଭଲ ଭାବରେ ଜାଣିଥିବେ। ଏହାଛଡ଼ା ବିଜେପି ଠାରୁ ମୋଟା ଅଙ୍କର ଅର୍ଥ ନେଇ ବିଜେପିରେ ଜୟ ଯୋଗ ଦେଇଛନ୍ତି ବୋଲି ହେଉଥିବା ଅଭିଯୋଗକୁ ଶ୍ରୀମତୀ ଢୋଲକିଆ ଖଣ୍ଡନ କରିଥିଲା ବେଳେ, ଏହା ବିଜେଡିର ଅଭିଯୋଗ ନୁହେଁ ବୋଲି ଶ୍ରୀମତୀ ଦେଓ କହିଥିଲେ। ସୂଚନାଯୋଗ୍ୟ ଯେ ନବୀନ ପଟ୍ଟନାୟକଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ଦେଇ ରାଜୁ ଢୋଲକିଆଙ୍କ ଚିକିତ୍ସା ସମୟରେ ବିଜେଡି ତାଙ୍କୁ ଅଣଦେଖା କରିଥିଲା ବୋଲି ଉଭୟ ଜୟ ଓ ତାଙ୍କ ମା ଆଜି ଅଭିଯୋଗ କରିଥିଲେ ।

## ସକାଳ ପ୍ରଭାବ

# ପୁଲିସ ଆଣିଲା ବଦଳି ନୀତି

## ଥାନାରେ ୩ ବର୍ଷ ଓ ଜିଲ୍ଲାରେ ୬ବର୍ଷରୁ ଅଧିକ ରହିପାରିବେନି

ଭୁବନେଶ୍ୱର,୩।୧୧(ସମିସ): ଏଣିକି ଥାନାରେ ୩ ବର୍ଷ ଏବଂ ଜିଲ୍ଲାରେ ୬ ବର୍ଷରୁ ଅଧିକ ରହିପାରିବେନି ପୁଲିସ ଅଧିକାରୀ। ଏଥିସହ ବଦଳି ହେବା ପାଇଁ ସବୁବେଳେ ଦେଇପାରିବେନି ନିବେଦନପତ୍ର(ରିପ୍ରେଜେଣ୍ଟେସନ୍)। କର୍ମଚାରୀଙ୍କ ବଦଳି ପାଇଁ ପୁଲିସ ବିଭାଗ ସ୍ୱତନ୍ତ୍ର ନୀତି ଆଣିଛି। ପୁଲିସ ବିଭାଗରେ ବଦଳି ନୀତି କାମ କରୁନଥିବା ନେଇ ଗତମାସ ୨୯ ତାରିଖ ଦିନ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ଏଭଳି ପଦକ୍ଷେପ ନିଆଯାଇଛି।

ସୂଚନାନୁସାରେ, ଅନେକ ସମୟରେ ଅଧିକାରୀମାନେ ରାଜ୍ୟ ପୁଲିସ ମୁଖ୍ୟାଳୟରେ ଥିବା ଅଭିଯୋଗ ପ୍ରକୋଷ୍ଠରେ ବଦଳି ହେବାକୁ ନେଇ ନିବେଦନ ପତ୍ର(ରିପ୍ରେଜେଣ୍ଟେସନ୍) ଦେଇ ଆସୁଛନ୍ତି। ଅନେକ ପୁଲିସ ଅଧିକାରୀ ନିୟମ ନମାନି ଷ୍ଟେସନରେ ୩ ବର୍ଷରୁ ଅଧିକ ଓ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ ଧରି ରହିଛନ୍ତି। ଅଧିକ ସମୟ ଧରି ଗୋଟିଏ ଜିଲ୍ଲାରେ ରହିବା ପୁଲିସର ଛବିକୁ ମଳିନ କରୁଥିବା ବେଳେ ବଦଳିକୁ ନେଇ ମାଳମାଳ ନିବେଦନପତ୍ର ଆସିବା ପୁଲିସ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ବଦଳିରେ ସ୍ୱଚ୍ଛତା ଆଣିବାକୁ ବୁକ୍ ସର୍କୁଲାର ୪୨ ଓ ସାଧାରଣ ପ୍ରଶାସନ ବିଭାଗ ପତ୍ର ସଂଖ୍ୟା - ୧୦୨୭୧/୯୫ ଅନୁସାରେ ରାଜ୍ୟ ପୁଲିସ ବିଭାଗ ସ୍ୱତନ୍ତ୍ର ବଦଳି ନୀତି ଆଣିଛି।

- ବର୍ଷକୁ ଦୁଇ ମାସରେ ବଦଳି ଋତୁ
- ସବୁବେଳେ କରିପାରିବେନି ନିବେଦନ
- ସମସ୍ତ ଏସପି ଓ ୱିଙ୍ଗକୁ ଡିଆଇଜିଙ୍କ ନିର୍ଦ୍ଦେଶ

ନୀତି ଅନୁସାରେ, ପ୍ରତିବର୍ଷ ଏପ୍ରିଲ ୧୫ରୁ ଜୁନ୍ ୧୫ତାରିଖ ମଧ୍ୟରେ ସାଧାରଣ ବଦଳି ପ୍ରକ୍ରିୟା କରାଯିବ। ସମସ୍ତ କର୍ମଚାରୀମାନେ ବଦଳି ଋତୁ (ଏପ୍ରିଲ ୧୫ ରୁ ଜୁନ୍ ୧୫) ମଧ୍ୟରେ ବଦଳି ଓ ପୋଷ୍ଟିଂର ବିଚାର ପାଇଁ ଉପଯୁକ୍ତ ଚ୍ୟାନେଲ ମାଧ୍ୟମରେ ନିବେଦନପତ୍ର ଦାଖଲ କରିବାକୁ ଡିଆଇଜି (ପର୍ସୋନେଲ) ଯୁଗଳ କିଶୋର ବନୋଥ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ବର୍ଷତମାମ ବଦଳି ଓ ପୋଷ୍ଟିଂ ସମ୍ପର୍କିତ ଅଭିଯୋଗ କରିବାକୁ କର୍ମଚାରୀମାନଙ୍କୁ ଅନୁମତି ନଦେବାକୁ ସମସ୍ତ ଏସ୍‌ପି ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ମୁଖ୍ୟଙ୍କୁ ଡିଆଇଜି ଚିଠି ଲେଖିଛନ୍ତି। ଏଥିସହ ବଦଳି ନୀତି ବା ଉପରୋକ୍ତ ନିର୍ଦ୍ଦେଶାବଳୀକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୁକ୍ ସର୍କୁଲାର ୪୨ ଅନୁଯାୟୀ ଜଣେ ସରକାରୀ ଅଧିକାରୀ ଗୋଟିଏ ଷ୍ଟେସନ୍‌ରେ ୩ବର୍ଷରୁ ଅଧିକ ରହିପାରିବେ ନାହିଁ। ଏଥିସହ ସାଧାରଣ ପ୍ରଶାସନ ବିଭାଗ ନିର୍ଦ୍ଦେଶ ଅନୁସାରେ ଦ୍ୱିତୀୟ ଶ୍ରେଣୀ କିମ୍ବା ତଦୂର୍ଦ୍ଧ୍ୱ ପାହ୍ୟାର ଅଧିକାରୀ ଗୋଟିଏ ଜିଲ୍ଲାରେ ୬ ବର୍ଷରୁ ଅଧିକ ସମୟ କାମ କରିପାରିବେ ନାହିଁ। ଏହି ବଦଳି ନିୟମକୁ କଡ଼ାକଡ଼ି ପାଳନ କରିବାକୁ ୧୯୮୬ ମସିହାରୁ ୨୦୦୧ ମଧ୍ୟରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଭିନ୍ନ ବିଭାଗୀୟ ମୁଖ୍ୟଙ୍କୁ ୬ ଥର ଚିଠି ଲେଖା ଯାଇଛି। ପୂର୍ବରୁ ବାରମ୍ବାର ନିର୍ଦ୍ଦେଶ ପରେ ମଧ୍ୟ ନିୟମ ମାନି ନଥିବା ପୁଲିସ ବିଭାଗ ଏବେ ଡିଆଇଜିଙ୍କ ଚିଠି ପରେ ବଦଳି ନୀତିକୁ କେତେ କାର୍ଯ୍ୟକାରୀ କରୁଛି, ତାହା ଦେଖିବାକୁ ବାକି ରହିଲା।

## ବିଜୁ ଜନତା ଦଳ ଆଣିଲା ସାଂଘାତିକ ଅଭିଯୋଗ

# ଚାପରେ ପୁଲିସ; ଥାନା ନିୟନ୍ତ୍ରଣ କରୁଛନ୍ତି ଅପରାଧୀ

ବାଲେଶ୍ୱର, ୪।୧୧(ସମିସ)




ବାଲେଶ୍ୱର ଜିଲ୍ଲାରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପୁଲିସ ଚାପରେ ଥିବାବେଳେ ଥାନା ନିୟନ୍ତ୍ରଣ କରୁଛନ୍ତି ଅପରାଧୀ। ଏଭଳି ସାଂଘାତିକ ଅଭିଯୋଗ ଆଣିଛି ବିଜୁ ଜନତା ଦଳ।

ବାଲେଶ୍ୱର ଜିଲ୍ଲାରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଅପରାଧୀମାନେ ନିର୍ଭୟରେ ବିଚରଣ କରୁଛନ୍ତି। ଯାହାଫଳରେ ସାଧାରଣ ଜନତା ନିଜକୁ ସୁରକ୍ଷିତ ମଣୁ ନାହାନ୍ତି। ଅଧିକନ୍ତୁ ବିଶେଷତଃ ଛାତ୍ରୀ ଓ କର୍ମଜୀବୀ ମହିଳାମାନଙ୍କର ଜୀବନଯାତ୍ରା ଦୁର୍ବିସହ ହୋଇପଡ଼ିଛି। ପ୍ରତ୍ୟେକ ଦିନ ଲୁଟ, ଡକାୟତି, ଛିନତାଇ, ରାହାଜାନୀ, ଦୁଷ୍କର୍ମ, ହତ୍ୟା, ଅପହରଣ ଭଳି ଜଘନ୍ୟ ଅପରାଧମାନ ଘଟୁଛି। ପୁଲିସ ଗୋଟିଏ ଦୁଇଟି ମାମଲାର ଆଂଶିକ ଅପରାଧୀଙ୍କୁ ଧରି ଶ୍ରେୟ ନେଉଛି। ଏହାଛଡା ଦିଗହରା, ଦୁର୍ବଳ ତଦନ୍ତ ମଧ୍ୟ କରାଯାଉଛି। ବାଲେଶ୍ୱର ଏବେ ଅପରାଧୀଙ୍କ ସ୍ୱର୍ଗ ପାଲଟିଯାଇଛି। ପୁଲିସ ନିରବଦ୍ରଷ୍ଟା ସାଜିଥିବା ବେଳେ ଏହିସବୁ ଅପରାଧୀଙ୍କୁ ବିଜେପି ଦଳର ବାହୁବଳୀ ନେତାମାନେ ସୁରକ୍ଷା ଦେଉଛନ୍ତି। ଶାସକ ଦଳର ବିଧାୟକଙ୍କ ଭାଇ, ସାଂସଦଙ୍କ ପ୍ରତିନିଧି ଓ ସେମାନଙ୍କର ଅନୁଗତମାନେ ଥାନାକୁ କବଜା କରି ରଖୁଛନ୍ତି। ଯାହାଫଳରେ ନିରୀହ ଲୋକେ ମିଛ ମାମଲାରେ ଜଡ଼ିତ ହେଉଥିବା ବେଳେ ଅପରାଧୀମାନେ ଦିବାଲୋକରେ ଗୋଟିଏ ପରେ ଗୋଟିଏ ଅପରାଧ ଘଟାଇ ଚାଲିଛନ୍ତି। ରେମୁଣା ଖଇରାଗୋଡା ଓ ଆଖପାଖ ଅଞ୍ଚଳରୁ ମାଳମାଳ ବନ୍ଧୁକ ଜବତ ହେବା ଏହାର ଜଳନ୍ତା ପ୍ରମାଣ। ଏହିସବୁ ମାରଣାସ୍ତ୍ର କେଉଁଠୁ ଆସିଲା, କିଏ ଆଣିଥିଲା, କ'ଣ ପାଇଁ ଆଣାଯାଇଥିଲା ସେ ସମ୍ପର୍କରେ ନିରପେକ୍ଷ ତଦନ୍ତ କରାଯାଉନାହିଁ ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ବିଜେପି ଦଳର ନେତା, ସମର୍ଥକମାନେ ଏଥିରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ଜଡିତ ଥିଲେ ମଧ୍ୟ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ବିଶେଷ କରି ରେମୁଣାରେ ଏବେ ଶହ ଶହ ସଂଖ୍ୟାରେ ବେଆଇନ ଭାବେ ଦେଶୀ ବିଦେଶୀ ବନ୍ଧୁକ ଅନ୍ୟାନ୍ୟ ମାରଣାସ୍ତ୍ର ଥିଲେ ମଧ୍ୟ ସେସବୁ ଜବତ କରିବାରେ ପୁଲିସର ନୀରବତା ଓ ନିଷ୍କ୍ରିୟତା ଯୋଗୁଁ ଅପରାଧ ବୃଦ୍ଧି ପାଉଛି ବୋଲି ଅଭିଯୋଗ କରାଯାଇଛି। ଏଣୁ ବିଜୁ ଜନତା ଦଳର ବାଲେଶ୍ୱର ଜିଲ୍ଲା କମିଟି ପକ୍ଷରୁ ଏହାକୁ ଦୃଢ଼ ନିନ୍ଦା କରାଯିବା ସହ ଅପରାଧୀମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନିରପେକ୍ଷ ଭାବରେ ଆଇନଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ କରା ନ ଗଲେ ବିଜୁ ଜନତା ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ନୀଳଗିରି ବିଧାୟକ ସୁକାନ୍ତ ନାୟକ, ପୂର୍ବତନ ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡା, ରେମୁଣା ଏନଏସି ଅଧ୍ୟକ୍ଷା ରଞ୍ଜୁଲା ଗିରି, ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ରଞ୍ଜନ ବାଗ, ଜିଲ୍ଲା ବିଜେଡି ମିଡିଆ ସେଲ ସଂଯୋଜକ ଧରେନ ନାୟକ, ରେମୁଣା ବ୍ଲକ ବିଜୁ ମହିଳା ଜନତା ଦଳର ସଭାପତି ସଂଯୁକ୍ତା ରାଉତ, ରେମୁଣା ଏନଏସି ବିଜୁ ମହିଳା ଜନତା ଦଳର ସଭାପତି ବିଦ୍ୟୁତଲତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋକାନ ଭାଙ୍ଗି ଟଙ୍କା ଲୁଟ୍, ୩ ଗିରଫ

ନୀଳଗିରି, ୪।୧୧ (ସମିସ): ମିତ୍ରପୁର ବଜାରର ଏକ ଦୋକାନର ଆଜବେଷ୍ଟସ ଭାଙ୍ଗି ତିନିଜଣ ଅଭିଯୁକ୍ତ ଟଙ୍କା ସହ ଅନେକ ଜିନିଷ ଚୋରି କରି ନେଇ ଯାଇଛନ୍ତି। ମିତ୍ରପୁର ବଜାରରେ କାହ୍ନୁ ସିଂ ନାମକ ଯୁବକ ଏକ ଡେକୋରେଟ ଦୋକାନ କରି ପରିବାର ଭରଣ ପୋଷଣ କରିଆସୁଥିଲେ। ଗତ ରବିବାର ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ଦୋକାନ ଘରର ଆଜବେଷ୍ଟସ ଛପରଭାଙ୍ଗି ଦୋକାନରେ ଥିବା ନଗଦ ୧୫ ହଜାର ଟଙ୍କା ସହ ବହୁ ସାମଗ୍ରୀ ଚୋରିକରି ନେଇ ଯାଇଛନ୍ତି। ପର ଦିନ ଦୋକାନକୁ ଆସି ଦେଖିବା ପରେ କାହ୍ନୁ ତୁରନ୍ତ ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତ ସମୟରେ ମହୁଆ ଗ୍ରାମର ଶମ୍ଭୁ ସିଂ (୨୪), ସଗାର ସିଂ (୨୨) ସମେତ ଜଣେ ନାବାଳକ ଘଟଣାରେ ସଂପୃକ୍ତି ଥିବାର ଜଣା ପଡ଼ିବା ପରେ ତିନି ଜଣଙ୍କୁ ପୁଲିସ ଗିରଫ କରିଛି। ଏ ନେଇ ନୀଳଗିରି ଥାନାରେ ଏକ ମାମଲା ରୁଜୁ ହୋଇଛି। ଜାମିନ ନାମଞ୍ଜୁର ହେବାରୁ ଦୁଇ ଅଭିଯୁକ୍ତଙ୍କୁ ନୀଳଗିରି ଜେଲକୁ ପଠାଇ ଦିଆଯାଇଥିବା ବେଳେ ନାବାଳକଙ୍କୁ ବାଲେଶ୍ୱର ପଠାଇ ଦିଆଯାଇଛି।

## ଯୋକନଣ୍ଡା ଗ୍ରାମରେ ଗଜାନନଙ୍କ ପ୍ରତିଷ୍ଠା ଉତ୍ସବ



ନୀଳଗିରି, ୪।୧୧ (ସମିସ): ନୀଳଗିରି ବ୍ଲକ ପୋଡାଶୁଳ ନିକଟସ୍ଥ ଯୋକନଣ୍ଡା ଗ୍ରାମରେ ପ୍ରାରମ୍ଭ ହୋଇଛି ଅଗ୍ରପୂଜ୍ୟ ଶ୍ରୀଶ୍ରୀ ଗଣନାଥଙ୍କ ପ୍ରାଣପ୍ରତିଷ୍ଠା ଉତ୍ସବ। ଏହି ଉତ୍ସବ ୩ଦିନ ଧରି ଚାଲିବ। ପ୍ରଥମ ଦିନରେ ୨୫୦ ମହିଳା ନିକଟସ୍ଥ ପୁଷ୍କରିଣୀରୁ କଳସ ଶୋଭାଯାତ୍ରାରେ ଗ୍ରାମପରିକ୍ରମା କରିବା ସହିତ ପୋଡ଼ାଶୋଳ, ସିଆଡିମାଳ ବାବନ୍ଧ ହୋଇ ଦୀର୍ଘ ୬କିଲୋମିଟର ପରିକ୍ରମା କରି ନବନିର୍ମିତ ମନ୍ଦିରରେ ପହଞ୍ଚିଥିଲେ। ଦିବସବ୍ୟାପି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ସନ୍ଧ୍ୟାରେ ବାବା ଅସିତ ଜେନାଙ୍କ ଦ୍ୱାରା ପ୍ରବଚନ ଏବଂ ଓଡ଼ିଶାର ଶିଶୁ ପ୍ରତିଭା ମୁସ୍କାନ ପ୍ରଧାନ ଏବଂ ସହଯୋଗୀ କଳାକାରଙ୍କ ଦ୍ୱାରା ଭଜନସନ୍ଧ୍ୟା ପରିବେଷଣ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ଦ୍ୱିତୀୟ ଦିବସରେ ଦେବତାଙ୍କ ପ୍ରାଣପ୍ରତିଷ୍ଠା, ଚକ୍ର ଏବଂ ଧ୍ୱଜା ସ୍ଥାପନ ହୋଇଥିଲା। କମିଟିର ସଭାପତି ଅଜୟ ପୃଷ୍ଟି, ସମ୍ପାଦକ ସନ୍ତୋଷ ଭୂୟାଁ, କୋଷାଧ୍ୟକ୍ଷ ହିମାଂଶୁ ଜେନା, ୱାର୍ଡସଭ୍ୟ ଦ୍ରୌପଦୀ ଭୂୟାଁ, ଗ୍ରାମ ସଭାପତି ଶ୍ରୀକାନ୍ତ ଭୂୟାଁ, ଗ୍ରାମ ସମ୍ପାଦକ ପ୍ରଦୀପ ବେହେରା, ଉପଦେଷ୍ଟା ବ୍ରହ୍ମାନନ୍ଦ ଜେନା, ସଂଯୋଜକ ସଞ୍ଜୟ ଭୋଳ, ସଦସ୍ୟ ରବୀନ୍ଦ୍ର ପୃଷ୍ଟି, ସୁରେନ୍ଦ୍ର ଭୋଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାସ ପୂର୍ଣ୍ଣିମାର ୫୦ ବର୍ଷ ପୂର୍ତ୍ତି

ଜଳେଶ୍ୱର, ୪।୧୧(ସମିସ): ଜଳେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଡ଼ସାହି ବାଲିଆପାଳ ଗ୍ରାପର ଗଡ଼ସାହି ବାଲିଆପାଳ ଗ୍ରାମରେ ପବିତ୍ର ରାସ ପୂର୍ଣ୍ଣିମାର ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବିଶାଳ ସଭାର ଆୟୋଜନ ହୋଇଥିଲା। ଉକ୍ତ ସଭାରେ ଜଳେଶ୍ୱର ବିଡ଼ିଓ ଗୌରାଙ୍ଗ ଚରଣ ଘୋଷ, ଯୁବ ବୈଜ୍ଞାନିକ ସିଦ୍ଧାନ୍ତ ପତି, ବିଜେପି ନେତା ବ୍ରଜମୋହନ ପ୍ରଧାନ ଉପସ୍ଥିତ ଥିଲେ। କର୍ମକର୍ତ୍ତାଙ୍କ ମଧ୍ୟରେ ରାସ ପୂର୍ଣ୍ଣିମା କମିଟିର ସଭାପତି ବଂଶୀଧର ସାହୁ, ଆଶୁତୋଷ ଧଳ, ନିକୁଞ୍ଜ ବିହାରୀ ଧଳ, ସୁଶାନ୍ତ କୁମାର ବାରିକ, ସୁଦର୍ଶନ ମାହାଲିକ, ଶଙ୍କର୍ଷଣ ମାହାଲିକ, ସନ୍ତୋଷ କୁମାର ଧଳ, ବସନ୍ତ ମାହାଲିକ, ବସନ୍ତ ଜେନା, ହରିପଦ ଧଳ, ଦିନବନ୍ଧୁ ଧଳ, ପୂର୍ଣ୍ଣ ଚନ୍ଦ୍ର ଧଳ, ଗୋପାଳ କୃଷ୍ଣ ସାହୁ, ସନ୍ତୋଷ କୁମାର ବାରିକ, ମହେଶ୍ୱର ଧଳ, ରାଧାକୃଷ୍ଣ ଧଳ ପ୍ରମୁଖ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସଞ୍ଜୟ କୁମାର ଧଳ ଅତିଥି ମାନଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ। ସଭା ପରେ ମନୋରଞ୍ଜନ କାର୍ଯ୍ୟକ୍ରମ ହୋଇଥିଲା।



## ରୋଟାରୀ ଜଳେଶ୍ୱରକୁ ଶ୍ରେଷ୍ଠ ପୁରସ୍କାର




ଜଳେଶ୍ୱର / ଜଳେଶ୍ୱର ବ୍ଲକ,୪।୧୧(ସମିସ): ରୋଟାରୀ ଜିଲ୍ଲା ୩୨୬୨ରେ ଜଳେଶ୍ୱର ରୋଟାରୀ କ୍ଲବ ୨୦୨୪-୨୫ ରୋଟାରୀ ବର୍ଷ ପାଇଁ ଭୁବନେଶ୍ୱର ରେଳ ଅଡ଼ିଟୋରିୟମ ହଲରେ ଦୁଇଦିନ ବ୍ୟାପୀ ପୁରସ୍କାର କାର୍ଯ୍ୟକ୍ରମରେ ପବ୍ଲିକ ଇମେଜରେ ଶ୍ରେଷ୍ଠ ପୁରସ୍କାର ହାସଲ କରିଛି। ଜଳେଶ୍ୱର ରୋଟାରୀ କ୍ଲବ ୨୦୨୪-୨୫ବର୍ଷରେ ୭୫ଟି ପ୍ରକଳ୍ପରେ ସାଧାରଣ ଲୋକଙ୍କର ସେବାକାର୍ଯ୍ୟ କରି ଜିଲ୍ଲାରେ ଏକ ସ୍ୱତନ୍ତ୍ର ଛାପ ତିଆରି କରିଥିଲା। ଉଲ୍ଲେଖନୀୟ ଅବଦାନ ପାଇଁ ରୋଟାରୀ ଜିଲ୍ଲା ୨୦୨୪-୨୫ ବର୍ଷର ଆୟୋଜିତ ଅର୍ଜୁନ ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ପ୍ରାନ୍ତପାଳ ଯଜ୍ଞାଶିଶ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ମୁଖ୍ୟଅତିଥି ଓଡ଼ିଶା ପୁଲିସ ଭୁବନେଶ୍ୱର-କଟକ ମହାନଗର ପୁଲିସ କମିଶନର ଏସ ଦେବଦତ୍ତ ସିଂଙ୍କ ତଥା ରୋଟାରୀ ପ୍ରାନ୍ତପାଳ ମନୋଜ ତ୍ରିପାଠୀ, ଆରଆଇ. ଡାଇରେକ୍ଟର ଅନିରୁଦ୍ଧ ରାୟଚୌଧୁରୀ ପ୍ରମୁଖଙ୍କ ଠାରୁ ଜନହିତକର କାର୍ଯ୍ୟ (ପାବ୍ଲିକ ଇମେଜ) ପାଇଁ ଜଳେଶ୍ୱର ରୋଟାରୀ କ୍ଲବ ୨୦୨୪-୨୫ ବର୍ଷର ସଭାପତି ଇଂ ଭାସ୍କର ରଞ୍ଜନ ସ୍ୱାଇଁ, ସମ୍ପାଦକ ସୁବିର ଚାଟାର୍ଜୀ, ସୁବ୍ରତ କୁମାର ରଣା, ବିକାଶ କୁମାର ଧର, ତାରାପଦ ମହାନ୍ତି, ରାଜେଶ ଖଟୁଆ, ପ୍ରବୀର ପ୍ରଧାନ, ୨୦୨୫-୨୬ର ସମ୍ପାଦକ ଅଂଶୁମାନ ରାଉତଙ୍କ ସହିତ କ୍ଲବର ଅନ୍ୟ ବହୁ ରୋଟାରିଆନଙ୍କ ଉପସ୍ଥିତିରେ ଟ୍ରଫି ଗ୍ରହଣ କରିଥିଲେ। ଏତଦ୍ ବ୍ୟତୀତ ଅନ୍ୟାନ୍ୟ ବର୍ଗରେ ବିଭିନ୍ନ ସେବା କାର୍ଯ୍ୟ ପାଇଁ ୨୫ଟି ପୁରସ୍କାର ମଧ୍ୟ ପାଇଥିଲେ।

## କାଠଗଣ୍ଡି ସହ ପିକ୍ଅପ୍ ଜବତ



ନୀଳଗିରି, ୪।୧୧ (ସମିସ): ଚୋରାରେ ଚାଲାଣ ହେଉଥିବା କାଠଗଣ୍ଡି ଭର୍ତ୍ତି ବୋଲେରୋ ପିକ୍ଅପକୁ ନୀଳଗିରି ବନବିଭାଗ ଜବତ କରି ନିଜ ହେପାଜତକୁ ନେଇଛି। ନୀଳଗିରି ବନବିଭାଗର ରେଞ୍ଜ ଅଧିକାରୀ ମନୱର ଖାଁଙ୍କ ନିର୍ଦ୍ଦେଶରେ ସଜନାଗଡ ଫରେଷ୍ଟର ପ୍ରତିମା ସ, ନରଣପୁର ବିଟ୍ ଫରେଷ୍ଟଗାର୍ଡ ବୁଧୁରାମ ହାଁସଦା ଏବଂ ଅନ୍ୟ ବନ କର୍ମଚାରୀ ମଙ୍ଗଳବାର ଭୋର ସମୟରେ ଗୋହିରା ତେନ୍ତୁଳିଆ ରାସ୍ତାର ଆରବନ୍ଧ ନିକଟରେ ଏକ ପିକଅପ୍ ଗାଡିରେ (୫୬.୩୯) ସିଫ୍ଟ ୭ଟି ଆମ୍ବଗଣ୍ଡି ଭର୍ତ୍ତିକରି ଯାଉଥିବା ସମୟରେ ଜବତକରି ନୀଳଗିରି ରେଞ୍ଜ କାର୍ଯ୍ୟାଳୟକୁ ଆଣିଥିଲେ।

## ବୈଷ୍ଣବ ମଲ୍ଲିକା ମେଧା ଅନ୍ୱେଷଣ ପରୀକ୍ଷା

ସୋର, ୪।୧୧(ସମିସ): ସୋରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମାନବ ଉତ୍ଥାନ ସେବା ସଂସ୍ଥାନ ଆନୁକୂଲ୍ୟରେ ୩ୟ ଓ ୫ମ ଶ୍ରେଣୀ ପିଲାମାନଙ୍କ ମଧ୍ୟରେ ବ୍ଲକ ସ୍ତରୀୟ ବୈଷ୍ଣବ ମଲ୍ଲିକା ମେଧା ଅନ୍ୱେଷଣ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ମୋଟ ବ୍ଲକର ବିଭିନ୍ନ ୬୦୩ ଜଣ ପିଲା ପରୀକ୍ଷା ଦେଇଥିଲେ। ଅନନ୍ତପୁର ବିବେକାନନ୍ଦ କୃଷ୍ଣଚନ୍ଦ୍ର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ମହୁମୁହାଣ ବିଶ୍ୱନାଥ ବିବେକାନନ୍ଦ ଶିକ୍ଷାକେନ୍ଦ୍ର, କୁଡେଇ ସରସ୍ୱତୀ ଶିଶୁ ମନ୍ଦିର ଚାରୋଟି ସେଣ୍ଟର୍‌ରେ ପରୀକ୍ଷା କରାଯାଇଥିଲା। ଏହାକୁ ମାନବ ଉତ୍ଥାନର ସଭାପତି ଜୟନ୍ତ କୁମାର ପ୍ରଧାନ, ସିଆରସି କମଳାକାନ୍ତ ସେଠୀ, ନିବେଦିତା ପୋଇ, ପ୍ରଦୀପ ବିଶ୍ୱାଳ, ଜ୍ୟୋସ୍ନାରାଣୀ ଜେନା, ସିଆରସି କମଳାକାନ୍ତ ଶଙ୍ଖୁଆ, ଅନନ୍ତ ପ୍ରସାଦ ପାତ୍ର, ଦେବୀ ପ୍ରସାଦ କର, ସସ୍ମିତା ପ୍ରଧାନ ପ୍ରମୁଖ ପରିଚାଳନା କରିଥିଲେ। ଏହି ପରୀକ୍ଷାରେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ୫ ହଜାର, ୩ ହଜାର ଓ ତୃତୀୟ ସ୍ଥାନକୁ ୨ହଜାର ଟଙ୍କା ପୁରସ୍କାର ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା।

## ବନ୍ୟା କ୍ଷତିଗ୍ରସ୍ତଙ୍କୁ ରିଲିଫ ବଣ୍ଟନ




ବାଲିଆପାଳ, ୪।୧୧ (ସମିସ): ସୁବର୍ଣ୍ଣରେଖା ନଦୀର ବିଗତ ବନ୍ୟାରେ କ୍ଷତିଗ୍ରସ୍ତ ବାଲିଆପାଳ ବ୍ଲକ କୁମ୍ଭାରୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଝଲଝଲିଆ ଆଦିବାସୀ ସାହିର ଶତାଧିକ ପରିବାରକୁ ଲାୟନ୍ସ କ୍ଲବ ବାଲିଆପାଳ ପକ୍ଷରୁ ରିଲିଫ ବଣ୍ଟନ କରାଯାଇଛି। ଲାୟନ୍ସ କ୍ଲବର ସଭାପତି ଅମିତ କୁମାର ପଟ୍ଟନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ରିଲିଫ ବଣ୍ଟନ କାର୍ଯ୍ୟକ୍ରମରେ କ୍ଲବର ଜେଡସି ତରୁଣ କୁମାର ମହାପାତ୍ର, ସମ୍ପାଦକ ତାରାକାନ୍ତ ଜେନା, ବରିଷ୍ଠ ସଦସ୍ୟ ଝଡେଶ୍ୱର ପ୍ରଧାନ, ଭୁବନ ମୋହନ ପିଳା, ନବୀନ କୁମାର ପାତ୍ର, ଗୋପାଳ ଚନ୍ଦ୍ର ଜେନା ଏବଂ ଅଜୟ କୁମାର ସାହୁ ପ୍ରମୁଖ ଯୋଗଦେଇ ରିଲିଫ ବଣ୍ଟନ କରିଥିଲେ।।

## ବିଭିନ୍ନ ସ୍ଥାନରେ ପଞ୍ଚୁକ ଓ ରାହାସ ମେଳା

କାଳିପଦା, ୪।୧୧ (ସମିସ): ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଏବେ ପଞ୍ଚୁକ ଓ ରାହାସ ମେଳା ଆରମ୍ଭ ହୋଇଛି। ସୁବର୍ଣ୍ଣ ରେଖା ନଦୀ ପଠା କୁଦ ମାନସିଂ, ଅସ୍ତି, ଆମ୍ବରୁଆ, ଚୌମୁଖରେ ଧୂମଧାମରେ ପଞ୍ଚୁକ ଓ ରାହାସ ମେଳା ପାଳନ କରାଯାଉଛି। ପୁରାତନ ରାହାସ ମେଳା କାଳରୂଇ, ମଧୁପୁରା, ବୋର୍ଲଂ, ଦେଉଳା, ସାଉଡି, ଲଙ୍ଗଳେଶ୍ୱର, ବାଲିକୁଟୀ, ଚାନ୍ଦମଣୀ, ଡଗରା, ନଇଘାଟୀ, ନିଖିରା ଆଦି ସ୍ଥାନରେ ପାଳନ କରାଯାଉଛି। ପ୍ରତିଦିନ ପଞ୍ଚୁକ ଓ ରାହାସ ଉପଲକ୍ଷେ ଶହ ଶହ ଶ୍ରଦ୍ଧାଳୁ ସୁବର୍ଣ୍ଣ ରେଖା ନଦୀ ଓ ଚୌମୁଖ, ଡଗରା, ଯମୁନା ଶୂଳ, ଚାନ୍ଦମଣୀ ଆଦି ସମୁଦ୍ର ଘାଟରେ ବୁଡ଼ ପକାଇବା ସହିତ ସୂର୍ଯ୍ୟ ଦେବଙ୍କୁ ଅର୍ଘ୍ୟ ଅର୍ପଣ କରୁଛନ୍ତି। ରାହାସ ମଣ୍ଡପ ଗୁଡିକରେ ରାଧାକୃଷ୍ଣ ଯୁଗଳ ମୂର୍ତ୍ତିକୁ ମଧ୍ୟ ଶ୍ରଦ୍ଧାଳୁ ମାନେ ପୂଜାର୍ଘ୍ୟ ଅର୍ପଣ କରୁଛନ୍ତି। ଶ୍ରଦ୍ଧାଳୁ ମାନେ ଆସନ୍ତା କାଲିକୁ ନଦୀ, ସମୁଦ୍ର, ଗାଡ଼ିଆ ଆଦିରେ ଡ଼ଙ୍ଗା ଭସାଇବେ। ଏହା ଏକ ପ୍ରାଚୀନ ପରମ୍ପରା। ଶ୍ରଦ୍ଧାଳୁ ମାନେ ସଂକୀର୍ତ୍ତନ ଦଳ ସହ ନଦୀ ପଠାରୁ ବାହାରି ଦେବା ଦେବୀ ପୀଠରେ ପରିକ୍ରମା କରି ପୂଜାର୍ଘ୍ୟ ମଧ୍ୟ ଅର୍ପଣ କରୁଛନ୍ତି। କେତେକ ରାହାସ କମିଟି ପକ୍ଷରୁ ସାତ ଆଠ ତାରିଖ ପର୍ଯ୍ୟନ୍ତ ମେଳା ଓ ମୀନାବଜାର ବସିବ ବୋଲି ଜଣାଇଛନ୍ତି। ମେଳା ଅବସରରେ ପ୍ରବଚନ ସଭା, ଭଜନ ସନ୍ଧ୍ୟା, ସାଂସ୍କୃତିକ କାର୍ଯ୍ୟକ୍ରମ, ଯାତ୍ରା ଅଭିନୟ, ମେଲୋଡି ଆଦି ଆୟୋଜନ କରାଯାଇଛି। ବାଲିଆପାଳର ଇସ୍କନ ମନ୍ଦିର ଓ ବୈଷ୍ଣବ ମଠ ଗୁଡିକରେ ମଧ୍ୟ ପଞ୍ଚୁକ ଓ ରାହାସ ଅନୁଷ୍ଠିତ ହୋଇଛି।



## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଚନ୍ଦନେଶ୍ୱର, ୪।୧୧ (ସମିସ) : ବନ୍ଦ କୋଠରୀରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତକ ହେଲେ ତାଳସାରି ସାମୁଦ୍ରିକ ଥାନା ଅନ୍ତର୍ଗତ ସାହାବାଜିପୁର ପଞ୍ଚାୟତ ଅଧୀନ ସେହି ଗାଁର ନିଧୁରାମ ଦାସଙ୍କ ପୁଅ ନିତ୍ୟାନନ୍ଦ(୧୯)। ପ୍ରାୟ ୨ବର୍ଷ ପୂର୍ବରୁ ନିଧୁରାମଙ୍କ ସ୍ତ୍ରୀ ମୃତ୍ୟୁବରଣ କରିଛନ୍ତି। ଘରେ ବୁଢୀ ମାଆ ମାୟାରାଣୀ, ଦୁଇ ପୁଅ ସେ ବସବାସ କରନ୍ତି। ଦୁଇ ପୁଅଙ୍କ ବାହାଘର ମଧ୍ୟ ହୋଇନାହିଁ। ସାନପୁଅ ନିତ୍ୟାନନ୍ଦ ଦୀଘାର ଏକ ହୋଟେଲରେ କାମ କରନ୍ତି। ଗତ କାଲି( ସୋମବାର) ହୋଟେଲରୁ କାମ ସାରି ଘରକୁ ଫେରି ଖାଇ,ପିଇ ଶୋଇଥିଲେ। ସକାଳୁ ଡାକିଲେ ମଧ୍ୟ କବାଟ ଖୋଲି ନଥିଲା। ଏକ ଫାଙ୍କରେ ଦେଖିବାରୁ ଏକ ଲୁଗାକୁ ବେକରେ ଲଗାଇ ନିତ୍ୟାନନ୍ଦ ଝୁଲୁଛନ୍ତି। ଖବର ପାଇ ସାମୁଦ୍ରିକ ଥାନା ପୁଲିସ ଓ ସ୍ଥାନୀୟ ସରପଞ୍ଚ ଅରୁଣ ଗିରି ପହଞ୍ଚି ଥିଲେ। ପରେ ଅତିରିକ୍ତ ତହସିଲଦାର ବ୍ରଜ ଗୋପାଳ ଦାସଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହ ଉଦ୍ଧାର କରାଯାଇ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଥିଲା। ଝୁଲନ୍ତା ଅବସ୍ଥାରେ ତାଙ୍କ କାନରେ ବ୍ଲୁଟୁଥ ଲାଗି ଥିବା ବେଳେ ତଳେ ମୋବାଇଲ ପଡ଼ିଥିଲା। ମୋବାଇଲକୁ ପୁଲିସ ଜବତ କରିଛି। ପ୍ରେମ ବ୍ୟାପାରରୁ ସେ ଆତ୍ମହତ୍ୟା କରିଥିବା ଚର୍ଚ୍ଚା ହେଉଛି।

## କମର୍ଦ୍ଦାରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ

ଭୋଗରାଇ, ୪।୧୧ (ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ କମର୍ଦ୍ଦା ଥାନାରେ ନୂତନ ଥାନା ଅଧିକାରିଣୀ ଭାବେ ପ୍ରିୟଦର୍ଶିନୀ ଖଟୁଆ ଯୋଗଦାନ କରିଛନ୍ତି। ଶ୍ରୀମତୀ ଖଟୁଆ ଭୋଗରାଇ ଥାନାରେ ସବ୍‌ଇନ୍ସପେକ୍ଟର ଭାବେ ୨୦୨୩ ଜାନୁଆରୀ ୯ରେ ଯୋଗଦାନ କରିଥିଲେ। ୨୦୨୫ ଅକ୍ଟୋବର ୧୦ରେ ଇନ୍ସପେକ୍ଟର ଭାବେ ତାଙ୍କର ପଦୋନ୍ନତି ହୋଇଥିଲା। ଶ୍ରୀମତି ଖଟୁଆ ଆଜି କମର୍ଦ୍ଦା ଥାନା ଅଧିକାରୀଣୀ ଭାବେ ଦାୟିତ୍ୱ ନେଇଛନ୍ତି।



## ୭ରୁ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ଓ ଛପନ ମାଦଳ ମହୋତ୍ସବ

ଜଳେଶ୍ୱର ବ୍ଲକ, ୪।୧୧ (ସମିସ): ଜଳେଶ୍ୱର ବ୍ଲକ ଶିଖରପୁର ଗ୍ରାମ ପଂଚାୟତ ରାଜନଗର ନୂତନ ଶିବ ମନ୍ଦିର ପ୍ରାଙ୍ଗଣରେ ସାର୍ବଜନୀନ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ୩୨ ବେଶ ସହିତ ଛପନ ମାଦଳ ହରିନାମ ସଂକୀର୍ତ୍ତନ ମହୋତ୍ସବ ଚଳିତ ମାସ ୭ ତାରିଖ ଶୁକ୍ରବାରଠାରୁ ୧୬ ତାରିଖ ରବିବାର ପର୍ଯ୍ୟନ୍ତ କମିଟିର ସଭାପତି ଗୌରହରି ମାଣିକ, ସଂପାଦକ ସୁନିଲ ବରଣ ଦାସ, ଗ୍ରାମ ସଭାପତି ପ୍ରବୀଣ କୁମାର ଗିରି, ପ୍ରାଣକୃଷ୍ଣ ପ୍ରଧାନ ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥାପନ କରିଛନ୍ତି। ପ୍ରତ୍ୟେକ ଦିନ ପ୍ରାତଃ ୫ଟାରେ ମଙ୍ଗଳ ଆରତୀ ଓ ସନ୍ଧ୍ୟା ୬ ଘଟିକା ସମୟରେ ସନ୍ଧ୍ୟା ଆରତୀ ସହିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ।୧୨ ତାରିଖ ଅପରାହ୍ନ ୩ ଘଟିକା ସମୟରେ ଛପନ ମାଦଳ ମହୋତ୍ସବର ଘଟୋତ୍ତୋଳନ ପରେ ପରେ ସନ୍ଧ୍ୟା ୬ଟାରେ ନାମ ସଙ୍କୀର୍ତ୍ତନ ଅନୁଷ୍ଠିତ ହେବ।

## ବୁଲାଗୋରୁଙ୍କ ବେକରେ ଲାଗିଲା ରେଡିୟମ ପଟି

ଜଳେଶ୍ୱର,୪।୧୧ (ସମିସ): ସଡକରେ ବୁଲାଗୋରୁଙ୍କ ଅବାଧ ବୁଲା ବୁଲି ଯୋଗୁଁ ଅଧିକ ସଡ଼କ ଦୁର୍ଘଟଣା ଘଟୁଛି। ବିଶେଷ କରି ରାତ୍ରିର ଅନ୍ଧାର ମଧ୍ୟରେ ଉକ୍ତ ପଶୁ ଗୁଡ଼ିକ ସଡ଼କରେ ଶୋଇବା ସହିତ ଏଣେ ତେଣେ ବିଚରଣ କରିଥାନ୍ତି। ଫଳରେ ଦୁର୍ଘଟଣା ଘଟିବା ସହିତ ପଥଚାରୀ ଓ ନିରୀହ ପଶୁ ଗଭୀର ଆଘାତ ପାଇ ମୃତାହତ ହେଉଛନ୍ତି। ଏଭଳି ସମ୍ବେଦନଶୀଳ ସମସ୍ୟାର ସମାଧାନ ଲାଗି ଜଳେଶ୍ୱର ସହରର ନରସିମା କ୍ଲବ ଅଭିନବ ଉପାୟ ଅବଲମ୍ବନ କରିଛନ୍ତି। ସମାଜସେବୀ ରାଜେଶ ଖଟୁଆଙ୍କ ନେତୃତ୍ୱରେ କ୍ଲବର ସଦସ୍ୟମାନେ ବୁଲାଗୋରୁଙ୍କ ବେକରେ ରେଡିୟମ ବାନ୍ଧିଛନ୍ତି। ସୋମବାର ସନ୍ଧ୍ୟାରେ ବଡ଼ ବଜାର ଛକ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜଳେଶ୍ୱର ଏସଡିପିଓ ସୁବ୍ରତ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରଥମ ରାତିରେ ଶହେଟି ରେଡିୟମ ପଟି ବନ୍ଧାଯାଇଥିଲା। କ୍ଲବର ସଭାପତି ରନିତ ଦାସ, ସମ୍ପାଦକ କ୍ଷିତୀଶ ବ୍ରହ୍ମ, ଉପ ସଭାପତି ଆଲୋକ ଡଗର, କାର୍ଯ୍ୟକାରୀ ସଭାପତି ସ୍ୱାଭିମାନ ସେନାପତି, ସତ୍ୟନାରାୟଣ ଦାସ, କୋଷାଧ୍ୟକ୍ଷ ଅଂଶୁମାନ ଜେନା, ସୁମିତ ସାହୁ, ସୁବ୍ରତ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।




## ଟ୍ୟାପ୍‌ରୁ ବାହାରୁଛି ଦୁର୍ଗନ୍ଧଯୁକ୍ତ ପାଣି

ଶୁଣୁନାହାନ୍ତି ଅଧିକାରୀ

କାଳିପଦା, ୪।୧୧ (ସମିସ)



ବାଲିଆପାଳ ବଜାରର କେନ୍ଦ୍ରସ୍ଥଳ ବ୍ଲକଛକ ପିଇବା ପାଣି ଟ୍ୟାପରୁ ଦୁର୍ଗନ୍ଧଯୁକ୍ତ ପାଣି ବାହାରୁଛି। ଫଳରେ ପାଣି ଟ୍ୟାପଟି ଆଦୌ ଲୋକଙ୍କ କାମରେ ଆସୁନାହିଁ। ସ୍ଥାନୀୟ ବଣିକ ସଂଘ, ଶ୍ରଦ୍ଧାକ୍ଷେତ୍ର ଖାଦ୍ୟ ବ୍ୟବସାୟୀ ସଂଘ, ସ୍ୱାଭିମାନୀ ବାଲିଆପାଳିଆ ମଞ୍ଚ ଆଦି ସଂଗଠନ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ଓ ବିଡ଼ିଓଙ୍କୁ ଜଣାଇଥିଲେ ମଧ୍ୟ ଅଦ୍ୟାବଧି କୌଣସି ପ୍ରତିକାର ହୋଇ ନାହିଁ। ଦୈନନ୍ଦିନ ବ୍ଲକ ଛକ ପାରି ବାଲେଶ୍ୱର, ବାରିପଦା, କଟକ, ଭୁବନେଶ୍ୱର ଆଦି ସ୍ଥାନକୁ ଯାଉଥିବା ବସ୍‌କୁ ଯାତ୍ରୀମାନେ ବ୍ଲକ ଛକରୁ ହିଁ ଧରି ଥାଆନ୍ତି। ପିଇବା ପାଣି ନ ପାଇ ଅପେକ୍ଷାରତ ଯାତ୍ରୀମାନେ ହନ୍ତସନ୍ତ ହୋଇ ଥାଆନ୍ତି। ଛକରେ ବ୍ୟବସାୟ କରୁଥିବା ଦୋକାନୀମାନଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ସରକାର ବିଶୁଦ୍ଧ ପାନୀୟ ଜଳ ଲୋକଙ୍କୁ ଯୋଗାଇ ଦେବା ପାଇଁ ଅନେକ ଯୋଜନା ପ୍ରଣୟନ କରୁଥିବାବେଳେ ଏଠାରେ ସେହିସବୁ ଯୋଜନା ପ୍ରହସନରେ ପରିଣତ ହୋଇଛି। ମଧୁପୁରା ଓ ବାଲିଆପାଳ ଦୁଇ ପଞ୍ଚାୟତ ମଧ୍ୟ ଦୁର୍ଗନ୍ଧ ପାଣି ବନ୍ଦ ନେଇ କୌଣସି ପଦକ୍ଷେପ ନେଉ ନାହାଁନ୍ତି। ବ୍ଲକ ଛକରେ ବସିଥିବା ଇଲେକ୍ଟ୍ରି ଟ୍ରାନ୍ସଫର୍ମରଠାରୁ କିଷାନ ସେବା କେନ୍ଦ୍ର ଭିତରେ ପାଣି ପାଇପ ଫାଟି ଥିବା ଅନୁମାନ କରାଯାଏ। ପାଇପ ଯାଇଥିବା ରାସ୍ତା କଡ଼ ଡ୍ରେନର ନର୍ଦ୍ଦମା ପାଣି ବିଛା ଯାଇଥିବା ପାଇପରେ ପଶୁଛି। ଏ ଦିଗରେ ବିଭାଗ ତୁରନ୍ତ ପଦକ୍ଷେପ ନ ନେଲେ ସୁମନ୍ତ ଜେନା, ଗୋବିନ୍ଦ ମହାନ୍ତି, ଗୋବିନ୍ଦ ପାତ୍ର, ବିକ୍ରମ କେଶରୀ ନାୟକ, ପ୍ରଭାତ ରଞ୍ଜନ କର, ବେଣୁଧର ବେହେରା, ହରିହର ସେନାପତି , ସଂଜୀବ କୁମାର ମହାନ୍ତି, ମନୋରଞ୍ଜନ ଗୋଛାୟତ, ମନୋରଞ୍ଜନ ବେହେରା, ହେମନ୍ତ କୁମାର ନାୟକ ପ୍ରମୁଖ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଶ୍ରୀରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବିଜ୍ଞାନ ମେଳା



ବାଲେଶ୍ୱର,୪।୧୧(ସମିସ): ମୋତିଗଞ୍ଜ ବଜାର ସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟରେ ବାର୍ଷିକ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ବିଜ୍ଞାନ ମେଳାକୁ ବରିଷ୍ଠ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ପଟ୍ଟନାୟକ ଉଦଘାଟନ କରିଥିଲେ। ସିଆରସି ସରିତା ଦ୍ୱିବେଦୀ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ନାୟକ ନିଜର ବକ୍ତବ୍ୟ ରଖିଥିଲେ। ଏହି ବାର୍ଷିକ ବିଜ୍ଞାନ ମେଳା ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ।

# ୧୬ରେ ସ୍ନାତକୋତ୍ତର ଶିକ୍ଷାର୍ଥୀ କର୍ମଶାଳା ଓ ଚିକିତ୍ସକ ସମ୍ମିଳନୀ

ବାଲେଶ୍ୱର, ୪।୧୧(ସମିସ): ସିଦ୍ଧ ବୈଦ୍ୟ ସ୍ୱର୍ଗତଃ ଶୀତିକଣ୍ଠ ଦାସଙ୍କ ସ୍ମୃତିରେ ଆୟୁର-ଆବେଗ ସଂଗଠନ ପକ୍ଷରୁ ଆସନ୍ତା ୧୬ ତାରିଖରେ ପଞ୍ଚମ ରାଜ୍ୟସ୍ତରୀୟ ସ୍ନାତକୋତର ଶିକ୍ଷାର୍ଥୀ କର୍ମଶାଳା ଓ ଚିକିତ୍ସକ ସମ୍ମିଳନୀ ଆୟୋଜନ ପାଇଁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି ପରିପ୍ରେକ୍ଷୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମାଧ୍ୟମରେ ସମ୍ମିଳନୀର ଜନସମ୍ପର୍କ ଅଭିଯାନ ଆରମ୍ଭ କରାଯାଇଛି। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏହି ରାଜ୍ୟସ୍ତରୀୟ ସମ୍ମିଳନୀର ବିବରଣୀ ପତ୍ରିକା ଉନ୍ମୋଚନ କରିଥିଲେ। ଭାରପ୍ରାପ୍ତ ଜିଲ୍ଲା ଆୟୁର୍ବେଦିକ ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଜୟନ୍ତ ପ୍ରଧାନ ଯୋଗଦେଇ ସମ୍ମିଳନୀର ସଫଳତା କାମନା କରିଥିଲେ। କମିଟି ସଭାପତି କବି ପ୍ରଶାନ୍ତ ଦାସ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ସୂଚନା ଦେଇଥିଲେ। ସମ୍ମିଳନୀ ଆୟୋଜନ କମିଟିର ଚେୟାରମ୍ୟାନ ଡାକ୍ତର ଶାନ୍ତନୁ ଦାସ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଚଳିତ ବର୍ଷର ବିଷୟ ପେଟ ରୋଗ ଏବଂ ତତ୍ ସମ୍ବନ୍ଧୀୟ ଆୟୁର୍ବେଦିକ ଚିକିତ୍ସାଗତ ରଣନୀତି ଉପରେ ସ୍ନାତକୋତର ଶିକ୍ଷାର୍ଥୀଙ୍କୁ ଅଧିକ ଗବେଷଣା କରିବା ନିମନ୍ତେ ଏହି ସମ୍ମିଳନୀ ପ୍ରୋତ୍ସାହିତ କରିବ ବୋଲି ସେ କହିଥିଲେ। ଶାସ୍ତ୍ରୀୟ ସମ୍ମତ ଆୟୁର୍ବେଦରେ ନୂତନ ଉଦ୍ଭାବନ ସହ ସାମ୍ପ୍ରତିକ ସ୍ଥିତିରେ ରୋଗ ନିରାକରଣରେ ଆୟୁର୍ବେଦର ଭୂମିକା ସମ୍ପର୍କରେ ଏଥିରେ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ (ଏଆଇଆଇଏ) ସହିତ ବିଭିନ୍ନ ଅନୁଷ୍ଠାନରୁ ବିଶେଷଜ୍ଞମାନେ ସନ୍ଦର୍ଭ ଉପସ୍ଥାପନ କରିବେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ଗତିକୃଷ୍ଣ ପଣ୍ଡା, ଡାକ୍ତର ହିମାଦ୍ରି ଭଞ୍ଜ ଓ ଡାକ୍ତର ସମ୍ବିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ରସାଲପୁର ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା



ବାଲେଶ୍ୱର, ୪।୧୧(ସମିସ): ରସାଲପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଜୟଦେବକସବା ହାଇସ୍କୁଲ ପ୍ରଧାନ ଶିକ୍ଷକ ନବକିଶୋର ବାରିକ୍ ଏହାକୁ ଉଦଘାଟନ କରିଥିଲେ। ଯଦୁନାଥ ମହାବିଦ୍ୟାଳୟର ବିଜ୍ଞାନ ବିଭାଗ ଅଧ୍ୟାପକ ସଂଜୟ କୁମାର ସାହୁ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ଶିକ୍ଷା ସାରଥୀ ଶମ୍ଭୁନାଥ ଯାଦବ, ବିଦ୍ୱତ୍ ପରିଷଦର ମୁଖ୍ୟ ସମାଜସେବୀ ଶିବାଜୀ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଦେବସ୍ମିତା ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଜୟସ୍ମିତା ଗୁରୁମା', ପ୍ରତିମା ଗୁରୁମା', ବିନୀତା ଗୁରୁମା', ଝୁନୀ ଗୁରୁମା', ମିତା ଗୁରୁମା', ପ୍ରଦୀପ ଗୁରୁଜୀ, ସୁପ୍ରଭାତ ଗୁରୁଜୀ, ଜ୍ୟୋତି ଗୁରୁମା', ମନୀଷା ଗୁରୁମା', ପ୍ରୀତିଲତା ଗୁରୁମା', ସୁକନ୍ୟା ଗୁରୁମା' ଓ ସେବୀକା ରଞ୍ଜିତା ଆଚାର୍ଯ୍ୟ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ୮୦ ଜଣ କୁନି ବୈଜ୍ଞାନିକ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବେ ଯଦୁନାଥ ମହାବିଦ୍ୟାଳୟର ବିଜ୍ଞାନ ବିଭାଗର ଅଧ୍ୟାପକ ଚିରଞ୍ଜିବ୍ ବିଶ୍ୱାଳ ଓ ଭାଗ୍ୟଦୀପ୍ ମିଶ୍ର ମୂଲ୍ୟାୟନ କରିଥିଲେ।

# ବାଲେଶ୍ୱର ବନ୍ଦର ଥିଲା ଉତ୍କଳ ନୌବାଣିଜ୍ୟର ପ୍ରଧାନ କେନ୍ଦ୍ରସ୍ଥଳୀ

ବାଲେଶ୍ୱର,୪।୧୧(ସମିସ)



ଜନ ଶ୍ରୁତିରେ ଅଛି 'ଆ କା ମା ବୈ, ପାନ ଗୁଆ ଥୋଇ, ପାନ ଗୁଆ ତକ ତୋର, ମାସକ ଧରମ ମୋର' । କାର୍ତ୍ତିକ ମାସରେ ବୋଇତ ମେଲାଇ ଦରିଆରେ, ସାଧବ ଆମର ଯାଇଥିଲେ ଦୂର ଦେଶ ପାରେ'। କାର୍ତ୍ତିକ ମାସ ଉତ୍କଳୀୟ ଜାତୀୟ ଜୀବନର ଶାସ୍ତ୍ରିକ, ସାମାଜିକ, ସାଂସ୍କୃତିକ, ଅର୍ଥନୀତିକ ଓ ରାଜନୀତିକ ଜୀବନ ଅଭ୍ୟୁଦୟର ସ୍ମରଣୀୟ ଅଧ୍ୟାୟ। ତେବେ ଉତ୍କଳର ବାଣିଜ୍ୟିକ ଐତିହ୍ୟରେ ବାଲେଶ୍ୱରର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। କାରଣ ବାଲେଶ୍ୱର ବନ୍ଦରକୁ ବିଭିନ୍ନ ଦେଶରୁ ଜାତିମାନେ ବାଣିଜ୍ୟ କରିବାକୁ ଆସୁଥିଲେ। ଯାହାର ସ୍ମୃତି ବହନ କରି ବାଲେଶ୍ୱରରେ ବୋଇତ ବନ୍ଦାଣ ଉତ୍ସବ ପ୍ରତିବର୍ଷ ପାଳିତ ହେଉଛି।

ଉତ୍କଳର ଅତୀତ ଇତିହାସରୁ ଏକଥା ସ୍ପଷ୍ଟ ହୁଏ ଯେ ନୌବାଣିଜ୍ୟ କ୍ଷେତ୍ରରେ ଉତ୍କଳ ଦିନେ ସୁବର୍ଣ୍ଣ ଯୁଗକୁ ଉତ୍ତୀର୍ଣ୍ଣ ହୋଇଥିଲା। ଉତ୍କଳର ସାଧବ ପୁଅ ଦିନେ ସାଗର ପାରି ବ୍ରହ୍ମ ଦେଶ, ଶ୍ୟାମ ଦ୍ୱୀପ, ସିଂହଳ ଜାଭା, ସୁମାତ୍ରା, ବାଲି, ବୋର୍ଣ୍ଣିଓ, ଚମ୍ପା ପ୍ରଭୃତି ଦେଶମାନଙ୍କ ସହିତ ବାଣିଜ୍ୟ କରି ଉତ୍କଳକୁ ଧନଧାନ୍ୟରେ ପୂର୍ଣ୍ଣ କରିଥିଲେ। ହଣ୍ଟରଙ୍କ ଓଡିଶା ଇତିହାସରୁ ଜଣାଯାଏ, ସେ ସମୟର ଉତ୍କଳରେ କାର୍ଯ୍ୟକ୍ଷମ ହେଉଥିବା ବନ୍ଦର ଗୁଡ଼ିକ ହେଉଛି ସୁବର୍ଣ୍ଣରେଖା, ଛାନୁଆ, ବାଲେଶ୍ୱର, ଛଣପୁର, ଚୂଡ଼ାମଣି, ଧାମରା, ଫଲସ୍ ପଏଣ୍ଟ, ପୁରୀ ଓ ଗୋପାଳପୁର। ଏସବୁ ବନ୍ଦର ମାନଙ୍କ ମଧ୍ୟରୁ ଧାମରା ବନ୍ଦରଟି ଗଭୀରତମ ବନ୍ଦର ହୋଇଥିବାରୁ ଏହା ବର୍ଷସାରା ନୌବାଣିଜ୍ୟ କ୍ଷେତ୍ରରେ କାର୍ଯ୍ୟକ୍ଷମ ଥିଲା। ଉପରୋକ୍ତ ବନ୍ଦର ଗୁଡିକରୁ ରପ୍ତାନି ହେଉଥିବା ଦ୍ରବ୍ୟ ମାନଙ୍କ ମଧ୍ୟରେ ଧାନ, ଚାଉଳ, ଶୁଖୁଆ, ଚମଡା, ଘିଅ, ଲାଖ, ଝୁଣା ଆଦି ଅନ୍ୟତମ। ଏସବୁ ଦ୍ରବ୍ୟ ଓଡ଼ିଶାର ଜଙ୍ଗଲ ଏବଂ ସମତଳ ଭୂମିରୁ ପ୍ରଚୁର ପରିମାଣରେ ସଂଗ୍ରହ ହେଉଥିଲା। ବାହାରୁ ଆମଦାନୀ ହେଉଥିବା ଦ୍ରବ୍ୟ ମାନଙ୍କ ମଧ୍ୟରେ ଲୁଣ, କିରାସିନି, ସୋରିଷ ତେଲ, ଗୁଆ, ନଡିଆ, ବିବିଧ ମସଲା, ଲୁଗା, ସୂତା ଓ ଧୂଆଁ ପତ୍ର ଇତ୍ୟାଦି। ବିଶେଷକରି ଷୋଡଶ ଓ ଶତଦଶ ଶତାବ୍ଦୀରେ ଓଡ଼ିଶାରେ ନୌବାଣିଜ୍ୟର ପ୍ରମୁଖ ବିକାଶ ସାଧିତ ହୋଇଥିଲା। ଏହି ନୌବାଣିଜ୍ୟକୁ ଆଶ୍ରୟ କରି ଓଡ଼ିଶାର ଜନମାନସରେ ଅନେକ କାହାଣୀ ଗଢି ଉଠିଥିଲା। ଏମାନଙ୍କ ମଧ୍ୟରୁ ତଅପୋଇ, ସଦାନନ୍ଦ ସୌଦାଗର, ଅଭିନ୍ନ ମଦନ ପାଲା, କାଠୁରିଆ ପାଲା ଓ ଖୁଦୁରୁକୁଣୀ ଓଷା ଆଦି ପର୍ବପର୍ବାଣୀ ମାଧ୍ୟମରେ ଓଡ଼ିଶାରେ ବହୁଳ ଭାବରେ ଲୋକପ୍ରିୟତା ଅର୍ଜନ କରିଥିଲା। କବି ନରସିଂହ ସେଣ, ଦୀନକୃଷ୍ଣ, କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ସେମାନଙ୍କ କାବ୍ୟରେ ଉତ୍କଳର ନୌବାଣିଜ୍ୟର ମନୋରମ ଚିତ୍ର ବର୍ଣ୍ଣନା କରିଛନ୍ତି। ଏହାଛଡା ମାଦଳା ପାଞ୍ଜିରେ ମଧ ଉତ୍କଳର ନୌବାଣିଜ୍ୟର କଥା ରହିଛି। ବାଲେଶ୍ୱର ବନ୍ଦର ଥିଲା ଉତ୍କଳ ନୌବାଣିଜ୍ୟର ଏକ ପ୍ରଧାନ କେନ୍ଦ୍ରସ୍ଥଳୀ। ଫକୀରମୋହନ ତାଙ୍କ ଆତ୍ମଜୀବନ ଚରିତରେ କମଳା ପ୍ରସାଦ ଗୋରାପ, କାଳିକା ପ୍ରସାଦ ଗୋରାପ ପ୍ରବନ୍ଧରେ ଓଡ଼ିଶା ତଥା ବାଲେଶ୍ୱର ନୌବାଣିଜ୍ୟର ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି। ତାଙ୍କ ଆତ୍ମଜୀବନୀରେ ବାଲେଶ୍ୱର ବନ୍ଦରରୁ ସହସ୍ର ବୋଇତ ସମୁଦ୍ର ଦ୍ୱୀପମାନଙ୍କୁ ତଥା ମାଡ୍ରାସ ଓ କଳିକତାକୁ ଯିବାର ଉଲ୍ଲେଖ ରହିଛି। ଯାହାଫଳରେ ଚାନ୍ଦିପୁର ମୁହାଣ ଦେଇ ବାଲେଶ୍ୱର ବାଲିଘାଟ ଓ ପରମିଟ ଘାଟକୁ ଯେଉଁସବୁ ପାଲଟଣା ବୋଇତ ଆସୁଥିଲା ସେସବୁ ବୋଇତ ମାନଙ୍କରେ ବ୍ୟବହୃତ ହେଉଥିବା ଓଝାଲ ଗୁଡିକର ମରାମତି କାର୍ଯ୍ୟର ତଦାରଖ ମଧ ଫକୀରମୋହନ ତାଙ୍କ ଯୁବକ ଅବସ୍ଥାରେ କରିଥିଲେ। ଫକୀରମୋହନଙ୍କ ବଡବାପା ଘରେ ଓଝାଲ ସିଲାଇ ପାଇଁ ଅନେକ ଦରଜୀ ନିଯୁକ୍ତି କରିଥିଲେ। କାଳକ୍ରମେ ନଦୀ ମୁହାଣ ପୋତିଯିବା ଏବଂ ସାମୁଦ୍ରିକ ବନ୍ୟା ଫଳରେ ନୌବାଣିଜ୍ୟ ବନ୍ଦ ହୋଇଆସିଲା। ବାଲେଶ୍ୱର ବନ୍ଦରକୁ ବାହାର ଦେଶର ଇଂରେଜ/ବ୍ରିଟିଶ, ଓଲନ୍ଦାଜ, ଫ୍ରାନ୍ସ (ଫରାସୀ), ଡେନମାର୍କ(ଡିନାମାର) ଆଦି ଜାତିମାନେ ବାଣିଜ୍ୟ କରିବାକୁ ଆସୁଥିଲେ। ବାଲେଶ୍ୱରରେ ଏବେ ସେମାନଙ୍କର ରହିଥିବା ସ୍ଥାନ ମାନଙ୍କର ନାମ ମଧ ପ୍ରଚଳିତ ଅଛି। ଯଥା ଫରାସୀଡିଙ୍ଗା, ଡିନାମାରଡିଙ୍ଗା, ଓଲନ୍ଦାଜସାହି ଇତ୍ୟାଦି। ଅତୀତର ସର୍ଭେରୁ ବାଲେଶ୍ୱରର ଓଲନ୍ଦା ନାଳରୁ ସେମାନଙ୍କ ଦ୍ୱାରା ବ୍ୟବହୃତ ପୋତ ମଧ ଆବିଷ୍କାର କରାଯାଇଥିଲା। ସେତେବେଳେ ବାଲିଘାଟ ଓ ପରମିଟ ଘାଟ ଏବଂ ପୁରୁଣା ବାଲେଶ୍ୱର ନଦୀ ଘାଟରେ ବହୁତ ବଙ୍କଶାଳ ରହିଥିଲା। ଯେଉଁଠି ଶହ ଶହ ବିଭିନ୍ନ କିସମର ପୋତ ସବୁ ନିର୍ମିତ ହେଉଥିଲା। ଅତୀତର ସେହି ନମୁନା ସ୍ୱରୂପ ଏବେ ମଧ ପରମିଟ ଘାଟ ନଦୀକୂଳ ବଙ୍କଶାଳରେ ପୋତ ସବୁ ନିର୍ମିତ ହେଉଛି। ଯାହା ଅତୀତ ନୌବାଣିଜ୍ୟର ସ୍ମୃତିକୁ ବହନ କରିଥାଏ ବୋଲି ଗବେଷକ ଡ. ଅରବିନ୍ଦ ଗିରି ସୂଚନା ଦେଇଛନ୍ତି। ସେହିପରି ଆ.କା. ମା.ବୈ ସାଂସ୍କୃତିକ ଅନୁଷ୍ଠାନର ଉପଦେଷ୍ଟା ମୁରଲୀଧର ନାୟକ କହିଛନ୍ତି, ବାଲେଶ୍ୱରର ବାଲିଘାଟ କଳିଙ୍ଗ ସାମ୍ରାଜ୍ୟର ଏକ ଅଭୁଲା ସ୍ମୃତି। ୧୬୩୩ ମସିହାରେ ବାଲେଶ୍ୱର ବନ୍ଦର ଗଢିଉଠିଥିଲା। ଲୁଗା, ସିଲକ୍, କାରବାର, ଜାହାଜ ନିର୍ମାଣର ପେଣ୍ଠସ୍ଥଳୀ ଥିଲା ବାଲେଶ୍ୱର। କର୍ପୁର ଉଡିଯାଇଛି, କନା ପଡ଼ିରହିଛି, ନ୍ୟାୟରେ ଆମେ ସିନା ସ୍ମୃତି ବଞ୍ଚାଇବାକୁ ପ୍ରୟାସ ଜାରି ରଖିଛୁ। ମାତ୍ର ଅର୍ଥନୀତି ମାନଦଣ୍ଡରେ ଆମେ ପଛୁଆ ଅଛୁ। ୮୦ ପ୍ରତିଶତ ଶିକ୍ଷିତ ଯୁବକ ଯୁବତୀ ଏବେ ଦିଗହରା। ଶିଳ୍ପ ନାହିଁ, କାମ ନାହିଁ। ଯାହାବି ହାତଗଣତି କୋଟୋଟି ବାଲେଶ୍ୱରରେ ଶିଳ୍ପ ଅଛି ତାହାର ଅବସ୍ଥା ନକହିବା ଭଲ। ସ୍ମୃତିକୁ ଜାବୁଡି ଧରି ମାନସିକ ଦୁଶ୍ଚିନ୍ତାରେ ଆଜିର ଯୁବପିଢି'। ଚଳିତ ବର୍ଷ ୧୪ ତମ ଉତ୍ସବ ପାଳିତ ହେଉଛି। ଆଜି ଓ କାଲି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ପିଲାମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେଉଛି। ପୋଖରୀରେ ସମସ୍ତେ ଡଙ୍ଗା ଭସାନ୍ତି ଏବଂ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି ଏବଂ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥାଏ ବୋଲି ଛତୁଆ ପୋଖରୀ ବୋଇତ ବନ୍ଦାଣ ଉତ୍ସବ କମିଟି ସଭାପତି ମନୋଜ କୁମାର ରାଉତ କହିଛନ୍ତି।

ଏବର୍ଷ ୬୬ ତମ ବୋଇତ ବନ୍ଦାଣ ଉତ୍ସବ ପାଳନ ହେବ। ପାରାଦୀପକୁ ବାଦ୍ ଦେଲେ ଏହା ଓଡ଼ିଶାର ସର୍ବପୁରାତନ ବୋଇତ ବନ୍ଦାଣ ଉତ୍ସବ ବୋଲି ସୁନହଟ ବୋଇତ ବନ୍ଦାଣ ଉତ୍ସବ କମିଟି ଉପସଭାପତି ସାହିରୁଲ ହକ୍ ମତବ୍ୟକ୍ତ କରିଛନ୍ତି।

**ଏଠାକୁ ଇଂରେଜ, ଓଲନ୍ଦାଜ, ଫ୍ରାନ୍ସ, ଡେନମାର୍କ ବାଣିଜ୍ୟ କରିବାକୁ ଆସୁଥିଲେ**

**ସ୍ମୃତି ବହନ କରି ପ୍ରତିବର୍ଷ ପାଳିତ ହେଉଛି ବୋଇତ ବନ୍ଦାଣ ଉତ୍ସବ**




ସହରରେ ବିଭିନ୍ନ ଡିଜାଇନର ବୋଇତ ବିକ୍ରି

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଭିଜନ ସେଣ୍ଟର' ଉଦ୍‌ଘାଟିତ




ବାଲେଶ୍ୱର,୪।୧୧(ସମିସ): ଫକୀରମୋହନ ବିଶ୍ୱବିଦ୍ୟାଳୟ ହେଲଥ କେୟାର ସେଣ୍ଟରରେ ବାଲେଶ୍ୱର ରୋଟାରୀ ଆଇ ହସ୍ପିଟାଲ୍ ମିଳିତ ସହଯୋଗରେ ଚକ୍ଷୁ ପରୀକ୍ଷଣ କେନ୍ଦ୍ର (ଭିଜନ ସେଣ୍ଟର) ଉଦଘାଟିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏହି କେନ୍ଦ୍ରର ଉଦଘାଟନ କରିଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଓ କୁଳସଚିବ କୁକୁମୀନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅଧ୍ୟାପକ-ଅଧ୍ୟାପିକାବୃନ୍ଦ, ଛାତ୍ରଛାତ୍ରୀ ଓ ଅଣଶିକ୍ଷକ କର୍ମଚାରୀମାନେ ଉପସ୍ଥିତ ହୋଇ ସ୍ଥାପିତ ମେସିନ ଦ୍ୱାରା ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ ତଥା ବିଶ୍ୱବିଦ୍ୟାଳୟର ସମଗ୍ର ସ୍ୱାସ୍ଥ୍ୟ ଓ ସାମାଜିକ କଲ୍ୟାଣ ପ୍ରତି ଦୃଢ଼ ପ୍ରତିବଦ୍ଧତାକୁ ସୁବିଦିତ କରିଥିଲେ। ରୋଟାରୀ ଆଇ ହସ୍ପିଟାଲ୍ ଅଧ୍ୟକ୍ଷ ରୋଟେରିଆନ୍ ବିଷ୍ଣୁଦାସ କୁଣ୍ଡୁ, ବାଲେଶ୍ୱର ରୋଟାରୀ କ୍ଲବର ସେକ୍ରେଟେରୀ ଦେବାଶିଷ ଦାସ ଓ ବରିଷ୍ଠ ପରାମର୍ଶଦାତା ସୁବ୍ରତ କର ଓ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ। ଡାକ୍ତର ସୋମା ନନ୍ଦଙ୍କ ସହ ଫକୀରମୋହନ ବିଶ୍ୱବିଦ୍ୟାଳୟ ହେଲ୍ଥ କେୟାର ସେଣ୍ଟରର କର୍ମଚାରୀ ମିନତୀ ପାତ୍ର, ଅଶ୍ରୁମୋଚନ ବାରିକ, ଅଞ୍ଜଳି ପ୍ରଧାନ ଓ ଶିବାନୀ ହାନ୍ସଦା (ଓ.ଆଇ.ସି., ବିଶ୍ୱବିଦ୍ୟାଳୟ ହେଲ୍ଥ ସେଣ୍ଟର) ଯୋଗଦେଇ ଏହି ଉଦ୍ୟମକୁ ସଫଳ କରିବାରେ ସହଭାଗୀ ହୋଇଥିଲେ।

# ଇନ୍ସପେକ୍ଟର ସ୍ତରରେ ଅଦଳବଦଳ

ବାଲେଶ୍ୱର,୪।୧୧(ସମିସ): ଜିଲ୍ଲା ପୁଲିସ ମୁଖ୍ୟାଳୟ ପକ୍ଷରୁ ଦ୍ୱିତୀୟ ଥର ପାଇଁ ପୁଣିଥରେ ଇନ୍ସପେକ୍ଟର ଏବଂ ଆସିଷ୍ଟାଣ୍ଟ ସବ୍ ଇନସପେକ୍ଟର ସ୍ତରରେ ଅଦଳବଦଳ ହୋଇଛି। ସହଦେବଖୁଣ୍ଟାରେ କାର୍ଯ୍ୟରତ ଥିବା ଇନସପେକ୍ଟର ଅଜୟ କୁମାର ମୁର୍ମୁଙ୍କର ସଦର ଥାନାକୁ ବଦଳି ହୋଇଥିବା ବେଳେ ସଦର ଥାନାରେ କାର୍ଯ୍ୟରତ ଥିବା ଇନସପେକ୍ଟର ସାଲଖାନ ମୁର୍ମୁଙ୍କ ବାଲିଆପାଳ ଥାନାକୁ ବଦଳି ହୋଇଛି। ସେହିପରି କମର୍ଦ୍ଦା ଥାନାରେ କାର୍ଯ୍ୟରତ ଥିବା ଇନସପେକ୍ଟର ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କୁ ବାଲେଶ୍ୱର ଟ୍ରାଫିକ ଥାନାକୁ ବଦଳି କରାଯାଇଥିବା ବେଳେ ଭୋଗରାଇ ଥାନାରେ କାର୍ଯ୍ୟରତ ଥିବର ଇନସପେକ୍ଟର କମର୍ଦ୍ଦା ଥାନାକୁ ବଦଳି ହୋଇଛି। ସେହିପରି ବାଲେଶ୍ୱର ଟ୍ରାଫିକ ଥାନାରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ଭୁବନମୋହନ ସେଠୀଙ୍କର ଖଇରା ଥାନାକୁ ବଦଳି ହୋଇଛି। ସହଦେବଖୁଣ୍ଟା ଥାନାରେ ଇନସପେକ୍ଟର ଭାବେ କାର୍ଯ୍ୟ କରୁଥିବା ସସ୍ମିତା ମଲ୍ଲିକଙ୍କୁ ଶିଳ୍ପାଂଚଳ ଥାନାକୁ ବଦଳି ହୋଇଥିବା ବେଳେ କଣ୍ଟାଫଳ ମେରାଇନ ଥାନାରେ କାର୍ଯ୍ୟରତ ଥିବା ଇନସପେକ୍ଟର ପ୍ରଶାନ୍ତ କୁମାର ପାଣିଙ୍କର ଅନନ୍ତପୁର ଥାନାକୁ ବଦଳି ହୋଇଛି। ସେହିପରି ଜିଲ୍ଲା ମୁଖ୍ୟାଳୟରେ ଇନ୍ସପେକ୍ଟର ଭାବେ କାର୍ଯ୍ୟକରୁଥିବା ଆଲୋକ କୁମାର ବେହେରାଙ୍କ ଆଇୟୁସିଏଡବ୍ଲ୍ୟୁକୁ ବଦଳି ହୋଇଥିବା ବେଳେ ଆଇ/ସି(ଆରଏସଆଇ)ରେ ଇନ୍ସପେକ୍ଟର ଭାବେ କାର୍ଯ୍ୟକରୁଥିବା ଦିଲ୍ଲୀପ କୁମାର ସାମଲଙ୍କ ବାଲେଶ୍ୱର ସ୍ପେଶାଲ ସ୍କ୍ୱାର୍ଡକୁ ବଦଳି ହୋଇଛି। ସେହିପରି ସୋର ଥାନାରେ କାର୍ଯ୍ୟକରୁଥିବା ଆସିଷ୍ଟାଂଟ ସବ୍ଇନସପେକ୍ଟର ସଂଗ୍ରାମ କେଶରୀ ବେହେରାଙ୍କ ଆରଏସଆଇକୁ ବଦଳି ହୋଇଛି।

# ବିନା ନିଲାମରେ ଘାଟରେ ଡଙ୍ଗା ଚଳାଇବା ଅଭିଯୋଗ

ବାଲେଶ୍ୱର,୪।୧୧(ସମିସ): ବିନା ନିଲାମରେ ଘାଟରେ ଡଙ୍ଗା ଚଳାଇବାକୁ ନେଇ ଆଲୁମେଦା ସରପଂଚ ମମତା ଦେନା ଓ ଆଲୁମେଦା ପିଇଓ ଅମରେଶଚନ୍ଦ୍ର ପଣ୍ଡା ସଦର ବିଡ଼ିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲୁମେଦା ଗ୍ରାମପଂଚାୟତ ଅଧିନ ଆଲୁମେଦା ସାହୁ ଫେରିଘାଟକୁ ଗ୍ରାମପଂଚାୟତରେ ଅଧିବେସନ କରାଯାଇ ବିଜୟ କୁମାର ପରିଡାଙ୍କୁ ଘାଟରେ ଡଙ୍ଗା ଚଳାଇବା ପାଇଁ ନିଲାମ ଦିଆଯାଇଛି। ଏପରିକି ସେ ମଧ ତାଙ୍କ କାର୍ଯ୍ୟ କରୁଛନ୍ତି। ହେଲେ ଗତମାସ ୨୭ତାରିଖ ଠାରୁ ଉକ୍ତ ଫେରିଘାଟ ଠାରୁ ୧କିମି ଦୂରରେ କଷାଫଳ ଗ୍ରାମପଂଚାୟତ ଅଧିନସ୍ଥ ସାର୍ଥାବିନ୍ଧାରେ ବେଆଇନ ଭାବେ ଓ ବିନା ନିଲାମରେ ପୂର୍ଣ୍ଣଚନ୍ଦ୍ର ସାସମଲ ଏହି କାର୍ଯ୍ୟ କରୁଛନ୍ତି। ଏପରିକି ସେ ଏକ ଘାଟ ପକାଇ ଡଙ୍ଗାରେ ଲୋକମାନଙ୍କ ସମେତ ମୋଟରସାଇକେଲ ଆଦି ନଦୀ ପାର କରୁଛନ୍ତି। ଫଳରେ ସାହୁ ଫେରିଘାଟରେ ବହୁ କ୍ଷତିରେ ପଡୁଛି। ଏ ନେଇ ପୂର୍ବରୁ ସରପଂଚ ବିଡ଼ିଓ ଓ ବିଭାଗୀୟ ଅଧିକାରୀଙ୍କୁ ମୌଖିକ ଅବଗତ କରାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଏଣୁ ବାଧ ହୋଇ ସେ ବିଡ଼ିଓଙ୍କ ଠାରେ ଲିଖିତ ଅଭିଯୋଗ କରିବା ସହ କଷାଫଳ ଗ୍ରାମପଂଚାୟତ ଅଧିନ ସାର୍ଥାବିନ୍ଧାରେ ଚାଲୁଥିବା ବେଆଇନ ଘାଟକୁ ବନ୍ଦ କରିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି।



# ଚାରାରୋପଣରେ ଖର୍ଚ୍ଚ ହେବ ୨୦ ଲକ୍ଷ

## ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟ

ବାଲେଶ୍ୱର, ୪।୧୧(ସମିସ)

ବାଲେଶ୍ୱର ସହରର ବିଭିନ୍ନ ରାସ୍ତାର ଡିଭାଇଡରରେ ଚାରାରୋପଣ କରାଯାଉଛି, ହେଲେ ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଯାଉଛି।

ଏକ୍ ପେଡ୍ ମା' କେ ନାମ୍' ଅର୍ଥାତ୍ ମା'ଙ୍କ ନାମରେ ଗୋଟିଏ ଗଛ ଅଭିଯାନରେ ବାଲେଶ୍ୱର ସହରରେ ପୌରପାଳିକା ପକ୍ଷରୁ ତିନି ହଜାର ବୃକ୍ଷରୋପଣ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ସହରର ବିଭିନ୍ନ ରାସ୍ତା ଯଥା ଓଟି ରୋଡ୍, ବିବେକାନନ୍ଦ ମାର୍ଗ, ହସପିଟାଲ ରୋଡ୍, ପୋଲିସ ଲାଇନ ଛକ, ତାମୁଲିଆ ଆଦି ରାସ୍ତାର ଡିଭାଇଡର୍‌ରେ ଗଛ ଲଗାଯାଇଛି। ପ୍ରାୟ ଚାରି ମାସ ହେବ ଗଛ ଲଗା ଆରମ୍ଭ ହୋଇଯାଇଛି।



ମା'ଙ୍କ ନାମରେ ଗୋଟିଏ ଗଛ ଅଭିଯାନରେ ବାଲେଶ୍ୱର ପୌରପାଳିକା ପକ୍ଷରୁ ୨୦ ଲକ୍ଷ ଟଙ୍କା ବଜେଟ୍ ଅଟକଳ ହୋଇଛି। ସେଥିରୁ ପ୍ରଥମ ପର୍ଯ୍ୟାୟରେ ଆସିଥିବା ଟଙ୍କା ୩ ଲକ୍ଷ ୬୪ ହଜାର ଟଙ୍କା ବ୍ୟୟରେ ପୌରପାଳିକା ପକ୍ଷରୁ ବିଭିନ୍ନ ଜାଗାରେ ଗଛ ଲଗାଯାଇଛି। ହସପିଟାଲ ରୋଡ୍, ଫାଣ୍ଡି ଛକ, ଓଟି ରୋଡ୍, ପୁଲିସ ଲାଇନ୍, ତାମୁଲିଆ, ରାଜାବଗିଚା, ରାମେଶ୍ୱର ନଗର ପୋଖରୀ, ସାରଶ୍ୱେର, ବାଲିଗଡିଆ ଶ୍ମଶାନ, ସେଣ୍ଟ୍ରାଲ ସ୍କୁଲ ଛକ, ପୁରୁଣା ଷ୍ଟାଡିୟମ, ବଡଖୁଆ ପୋଖରୀ, ଅଳହୁଆ ପୋଖରୀ, ପୁରୁଣା ବାଲେଶ୍ୱର, ପଡୁଆଁପଦାରୁ ପୁଲିସ ଲାଇନ ଛକ, ମଙ୍ଗଳପୁର ଆଦି ସ୍ଥାନରେ ପୌରପାଳିକା ପକ୍ଷରୁ ତିନି ହଜାର ଗଛ ଲଗାଯାଇଛି। ଏହି ସମସ୍ତ ସ୍ଥାନରେ ଔଷଧୀୟ ବୃକ୍ଷ ସମେତ ବିଭିନ୍ନ ପ୍ରକାରର ଗଛ ଫଳ ଗଛ ଆଦି ରୋପଣ କରାଯାଇଛି।


ସମ୍ପୂର୍ଣ୍ଣ ବଜେଟ ଅନୁସାରେ ଏହି ଗଛଗୁଡ଼ିକର ଯତ୍ନ ପାଇଁ ଏସ୍ଏଚଜି ଗ୍ରୁପ୍ କୁ ଦାୟିତ୍ୱ ଦିଆଯାଇଛି। ଚାରୋଟି ଏସ୍ଏଚଜି ଗ୍ରୁପ୍ ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଯେଉଁମାନେ ୨ ବର୍ଷ ପାଇଁ ଗଛର ଦାୟିତ୍ୱ ନେବେ। ପ୍ରତି ଗ୍ରୁପ୍ ପାଇଁ ୫ ଲକ୍ଷ ଟଙ୍କା ବଜେଟ୍ ରହିଥିବା ଜଣାପଡିଛି। ତେବେ ସହରର ବିଭିନ୍ନ ସ୍ଥାନରେ ଔଷଧୀୟ ତଥା ତୁଳସୀ ଗଛ ସହ ଅନ୍ୟାନ୍ୟ ଫଳ ଆଦି ଗଛ ଲଗାଯାଇଛି। ଓଟି ରୋଡ୍ ସାରା ବୃକ୍ଷରୋପଣ ସହିତ ନିକଟରେ ବିବେକାନନ୍ଦ ମାର୍ଗରେ ବୃକ୍ଷରୋପଣ କରାଯାଇଛି ବୋଲି ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ଲିପ୍ତା ମହାନ୍ତି ସୂଚନା ଦେଇଛନ୍ତି। ତେବେ ଏହି ଗଛଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆଗାମୀ ବର୍ଷରେ ଗଛ ଗୁଡ଼ିକ ବଞ୍ଚିଥିବ କି ନାହିଁ ତାହା ସନ୍ଦେହରେ ରହିଛି। ଓଟି ରୋଡ୍ ପୁରା ଚାରା ରୋପଣ ହୋଇଛି। କିଛି ତୁଳସୀ ଗଛ ଲଗାଯାଇଛି। ହେଲେ ଏବେ ସେଠାରେ କିଛି ଜାଗାରେ ଗଛ ଥିବାବେଳେ କିଛି ଜାଗାରେ ଗଛ ନାହିଁ। ଅନ୍ୟପଟେ ବିବେକାନନ୍ଦ ମାର୍ଗରେ ଗଛ ଚାରିପାଖେ ବାଉଁଶ ଦେଇ ବାଡ କରାଯାଇଛି। ବିଗତ ବର୍ଷରେ ଡିଆଇସି ଛକରୁ ଆଇଟିଆଇ ଛକ ଡିଭାଇଡର୍ ପରିସରରେ ଦାମୀ ଗଛ ଲଗାଯାଇଥିଲା। ଯତ୍ନ ଅଭାବରୁ ତାହା କିଛି ମାସ ପରେ ମରିଯାଇଥିବା ଦେଖିବାକୁ ମିଳିଥିଲା। ତେବେ ଗଛ ଲଗାଇବା ସହ ଗଛ ବଢିବା ଯାଏଁ ଯତ୍ନ ନେବାର ଦାୟିତ୍ୱ ରହିବା ଆବଶ୍ୟକ।

# ଦେଶୀ ମଦ ଜବତ, ୩ ଗିରଫ



ବାଲେଶ୍ୱର,୪।୧୧(ସମିସ): ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଖାନନଗରଠାରେ ଚଢ଼ଉ କରାଯାଇ ୩୪୫ଲିଟର ଦେଶୀମଦ ଜବତ କରିବା ସହ ୩ଜଣ ବେପାରୀକୁ ମଧ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରେବତୀ ସିଂ(୪୫),ବସନ୍ତ ସିଂ(୫୦) ଏବଂ ସଞ୍ଜୟ ଦାସ(୪୯)। ଖାନନଗର ଠାରେ ବ୍ୟାପକ ଭାବେ ଚୋରା ଦେଶୀମଦ କାରବାର ହେଉଥିବା ନେଇ ଅବକାରୀ ବିଭାଗ ଖବର ପାଇବା ପରେ ସେଠାରେ ଚଢ଼ାଉ କରିଥିଲା। ଚଢ଼ାଉ ବେଳେ ସେମାନଙ୍କ ଠାରୁ ୩୪୫ଲିଟର ମଦ ଜବତ କରାଯାଇଥିଲା ଯାହାର ମୂଲ୍ୟ ୭୦ହଜାର ଟଙ୍କା ହେବ ବୋଲି ଅବକାରୀ ବିଭାଗ କୁହାଯାଇଛି। ଏହି ଚଢ଼ାଉରେ ଅବକାରୀ ବିଭାଗର ଅଧିକାରୀମାନେ ସାମିଲ ଥିଲେ।

# ସମ୍ପାଦକୀୟ



କରୁଥିବା କାମକୁ ଭଲ ପାଇବା ହିଁ ସବୁଠାରୁ ଶ୍ରେଷ୍ଠ କାମ।
-ଷ୍ଟିଭ୍ ଜବ୍ସ

ସକାଳ
THE SAKALA

## ମୂଳରୁ ତଦନ୍ତ ହେଉ

ପୁଲିସ୍ ଏଏସ୍ଆଇ ଚାକିରି ବିକ୍ରି ଘଟଣାରେ ଇତିମଧ୍ୟରେ ରାଜ୍ୟ ଅପରାଧ ନିୟନ୍ତ୍ରଣ ଶାଖାର ତଦନ୍ତକାରୀ ଅଧିକାରୀମାନଙ୍କୁ ଆଂଶିକ ସଫଳତା ମିଳିଛି। ପ୍ରମୁଖ ଅଭିଯୁକ୍ତ ପଞ୍ଚସପ୍ଟ କମ୍ପାନୀର ମୁଖ୍ୟ ଶଙ୍କର ପୃଷ୍ଟିଙ୍କୁ ପୂର୍ବରୁ ଉତ୍ତରାଖଣ୍ଡରୁ ଗିରଫ କରାଯାଇଥିବା ବେଳେ ତାଙ୍କ ବୟାନ ଆଧାରରେ ସିଲିକନ୍ ଟେକ୍‌ର ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ନାୟକଙ୍କୁ ଗିରଫ କରାଯାଇଛି। ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି, ପ୍ରିଣ୍ଟିଂ, ପରିବହନ ଆଦି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସୁରେଶଙ୍କ ଉପରେ ନ୍ୟସ୍ତ ଥିବା ବେଳେ ପ୍ରଶ୍ନପତ୍ର ବିକ୍ରି ଓ ଅର୍ଥ ଆଦାୟ ଆଦି କାର୍ଯ୍ୟ ପାଇଁ ଶଙ୍କର ଦଲାଲ ସାଜିଥିଲେ। କିନ୍ତୁ ଏହି ସମ୍ପୂର୍ଣ୍ଣ ଘଟଣାରେ ଓଡ଼ିଶା ପୁଲିସ୍ ରିକ୍ରୁଟ୍‌ମେଣ୍ଟ ବୋର୍ଡ(ଓପିଆରବି)ର ଉତ୍ତରଦାୟିତ୍ୱ ନିର୍ବାହରେ ଯତ୍ନଶୀଳତା ପ୍ରଶ୍ନଘେରକୁ ଆସିଥିଲେ ମଧ୍ୟ ଆଶ୍ଚର୍ଯ୍ୟଜନକ ଭାବେ ତଦନ୍ତର ସୂଚୀ ସେହି ଦିଗଟିକୁ ଏ ପର୍ଯ୍ୟନ୍ତ ଇଙ୍ଗିତ କରିପାରି ନଥିବା ଭଳି ଜଣାପଡ଼ୁଛି

ଇତିମଧ୍ୟରେ ଦୁର୍ନୀତିର ତଦନ୍ତ ଭାର କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ)କୁ ଦେବା ଲାଗି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ରାଜ୍ୟ ପୁଲିସ୍‌ର ଅପରାଧ ନିୟନ୍ତ୍ରଣ ଶାଖା ତଦନ୍ତରେ ବେଶ୍ ଅଗ୍ରଗତି କରିସାରିଥିଲେ ମଧ୍ୟ ସିବିଆଇ ତଦନ୍ତର ଆବଶ୍ୟକତା ନେଇ ପ୍ରଶ୍ନ ଉଠୁଛି। ଏହା ଅସ୍ୱୀକାର କରିବାର ନାହିଁ ଯେ ଏଭଳି ବ୍ୟାପକ ଓ ଜଟିଳ ଦୁର୍ନୀତିର ତଦନ୍ତ ସିବିଆଇ ଦ୍ୱାରା କରାଗଲେ ହିଁ ନିରପେକ୍ଷତା ସନ୍ଦେହର ଊର୍ଦ୍ଧ୍ୱକୁ ଯାଇପାରିବ। ତେଣୁ ଆସନ୍ନ ନୂଆପଡ଼ା ଉପନିର୍ବାଚନ ପୂର୍ବରୁ ସରକାର ନିଜ ଭାବମୂର୍ତ୍ତି ଉଜ୍ଜ୍ୱଳ କରିବାକୁ ସିବିଆଇ ତଦନ୍ତ ଘୋଷଣା କରିଥାଇ ପାରନ୍ତି କିମ୍ବା ଏହି ଘୋଷଣା ପରେ ରାଜ୍ୟ ଅପରାଧ ନିୟନ୍ତ୍ରଣ ଶାଖାର ତଦନ୍ତ ତ୍ୱରାନ୍ୱିତ ହୋଇଥାଇପାରେ। କିନ୍ତୁ ସାମଗ୍ରିକ ଘଟଣାର ଏ ପର୍ଯ୍ୟନ୍ତ ଘଟିଥିବା ଅଗ୍ରଗତିରୁ କେତେକ ଦ୍ୱନ୍ଦ୍ୱ ରହିଯାଇଛି।

ପରୀକ୍ଷା ପରିଚାଳନାର ମୁଖ୍ୟ ଦାୟିତ୍ୱ ଥିଲା ଓପିଆରବି ଉପରେ। ପ୍ରଶ୍ନପତ୍ର ପ୍ରସ୍ତୁତି ଓ ଆନୁଷଙ୍ଗିକ ଦାୟିତ୍ୱ ଗୁଜରାଟ ସ୍ଥିତ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଆଇଟିଆଇକୁ ଦିଆଗଲା। ଏଥିପାଇଁ ସରକାରଙ୍କ ଅନୁମତି ନିଆଯାଇଥିଲା ନା ବୋର୍ଡ କର୍ତ୍ତୃପକ୍ଷ ନିଜେ ଏହି ନିଷ୍ପତ୍ତି ନେଇଥିଲେ ତାହା ଏଯାଏଁ ସ୍ପଷ୍ଟ ହୋଇନି। ସେହିପରି ଆଇଟିଆଇ କାର୍ଯ୍ୟଭାର ହାଲ୍‌କା ପାଇଁ ଭୁବନେଶ୍ୱର ସ୍ଥିତ ସିଲିକନ୍ ଟେକ୍‌କୁ ଦାୟିତ୍ୱ ହସ୍ତାନ୍ତର କରିଥିବା ବେଳେ ସିଲିକନ୍ ପୁଣି ପଞ୍ଚସପ୍ଟକୁ ଦାୟିତ୍ୱ ଦେଇଥିଲା। ଦ୍ୱିତୀୟ ପକ୍ଷ ଆଇଟିଆଇ ତା' ଦାୟିତ୍ୱ ତୃତୀୟ ପକ୍ଷ ସିଲିକନ୍ ଟେକ୍‌କୁ ହସ୍ତାନ୍ତର କରିବା ପୂର୍ବରୁ ପ୍ରଥମ ପକ୍ଷ ଓପିଆରବିର ଅନୁମତି ନେଇଥିଲା କି ନାହିଁ ତାହା ମଧ୍ୟ ଏକ ବଡ଼ ପ୍ରଶ୍ନ। ରାଜ୍ୟସ୍ତରୀୟ ଏକ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ପରିଚାଳନା ଏଭଳି କଣ୍ଢେଇ ଭଳି ହାତକୁ ହାତ ହୋଇ ବିଭ୍ରାଟ ସୃଷ୍ଟି ହେବା ପଛରେ ପ୍ରଥମ ଓ ଦ୍ୱିତୀୟ ପକ୍ଷର କାର୍ଯ୍ୟାବଳୀ ସ୍ୱତଃ ସନ୍ଦେହଘେରକୁ ଆସିଯାଉଛି। ତଦନ୍ତ ଦାୟିତ୍ୱରେ ଥିବା ଅଭିଜ୍ଞ ଅଧିକାରୀମାନେ ଯେ ଏଥିପ୍ରତି ଅଜ୍ଞ ଥିବେ ସେହି ଅଭିଯୋଗ ନିରାଧାର। ଓପିଆରବି ଓ ଆଇଟିଆଇରେ କାର୍ଯ୍ୟରତ ଉଚ୍ଚ ପଦାଧିକାରୀଙ୍କୁ ପଚରାଉଚୁରା କରିବାକୁ ବୋଧହୁଏ ରାଜ୍ୟ ତଦନ୍ତକାରୀ ଅଧିକାରୀଙ୍କ ହାତ ପାଉ ନଥିବାରୁ ସିବିଆଇକୁ ତଦନ୍ତ ଭାର ଦିଆଯାଇଛି ବୋଲି ହେଉଥିବା ଆଲୋଚନାକୁ ମଧ୍ୟ ଅସ୍ୱୀକାର କରାଯାଇପାରିବ ନାହିଁ। ତେବେ ସିବିଆଇ ତଦନ୍ତ ଦୁର୍ନୀତିର ମୂଳକୁ ଛୁଇଁବ ନା କ୍ରାଇମ୍‌ବ୍ରାଞ୍ଚ ଯେଉଁଠୁ ଛାଡ଼ିବ ସେଇଠାରୁ ଆରମ୍ଭ ହେବ ତାହା ଜାଣିବାକୁ ରାଜ୍ୟବାସୀ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି। ●

## ପ୍ରବାସୀଙ୍କ ସୁରକ୍ଷା ଚିନ୍ତା

ଉତ୍ତର ଆଫ୍ରିକୀୟ ଦେଶ ସୁଦାନରେ ଶ୍ରମିକ ଭାବେ କାର୍ଯ୍ୟରତ ଓଡ଼ିଶାର ଆଦର୍ଶ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ବିଦ୍ରୋହୀମାନେ ଅପହରଣ କରି ନେଇଥିବା ଖବର ଜାତୀୟସ୍ତରରେ ଆଲୋଡ଼ନ ସୃଷ୍ଟି କରିଛି। ଆଦର୍ଶଙ୍କୁ ଉଦ୍ଧାର ପାଇଁ ଭାରତ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଆଦର୍ଶଙ୍କ ଭଳି କାମଧନ୍ଦା ଅନ୍ୱେଷଣରେ ଦେଶାନ୍ତରୀ ହେଉଥିବା ଲକ୍ଷଲକ୍ଷ ଶ୍ରମିକଙ୍କ ମଧ୍ୟରୁ ଅନେକେ ଏଭଳି ଅପହରଣ, ପଣବନ୍ଦୀ, ଗୋତିଶ୍ରମିକ ଭାବେ ନିର୍ଯାତିତ ହେଉଥିବା ବେଳେ ଅନେକଙ୍କୁ ହତ୍ୟା କରାଯାଉଛି। ପୁଣି ଆହୁରି ଅନେକ ବିଭିନ୍ନ ଅଭିଯୋଗରେ ଗିରଫ ହୋଇ ସେଠାକାର କାରାଗାରମାନଙ୍କରେ ବନ୍ଦୀ ଭାବେ ଜୀବନ କାଟୁଛନ୍ତି। ଅନେକଙ୍କୁ ମଧ୍ୟ କାମ ପରେ ଦରମା ମିଳୁ ନାହିଁ। ସେଥିମଧ୍ୟରୁ ଯେଉଁମାନଙ୍କ ସମ୍ପର୍କରେ ସୂଚନା ମିଳୁଛି ସେମାନଙ୍କ ପାଇଁ ସହାୟତାର ହାତଟିଏ ଦେଖାଯାଉଛି। ଆଉ କେତେକ କ୍ଷେତ୍ରରେ ଭାରତ ସରକାରଙ୍କ ପାଖରେ ସୂଚନା ଥିଲେ ମଧ୍ୟ ଉପଯୁକ୍ତ ଆଇନ ଅଭାବରୁ ନିରୂପାୟ ଓ ନିରବ ରହିବା ସାର ହେଉଛି।

ଏଭଳି ଘଟଣାରେ ଦୁଇଟି ପ୍ରସଙ୍ଗ ସାମ୍ନାକୁ ଆସୁଛି। ବିଶ୍ୱର ଚତୁର୍ଥ ଅର୍ଥନୀତିର ମାନ୍ୟତା ପାଇଥିବା ଏକ ରାଷ୍ଟ୍ରରେ ବେରୋଜଗାରୀ ସ୍ଥିତି ଏତେ ଉତ୍କଟ ଯେ ନିଜ ଭିଟାମାଟି, ସହର, ରାଜ୍ୟ ଛାଡ଼ି ଲୋକେ ଦେଶାନ୍ତର ହେଉଛନ୍ତି। ଏଥିରୁ ଆଉ ଏକ ପ୍ରମାଣ ସ୍ପଷ୍ଟ ହେଉଛି ଯେ ରୋଜଗାର କ୍ଷେତ୍ରରେ ଗୃହଯୁଦ୍ଧ ବିଧ୍ୱସ୍ତ ସୁଦାନ୍ ବରଂ ଭାରତଠାରୁ ଉତ୍କୃଷ୍ଟ ସ୍ତରରେ ରହିଛି। ଦ୍ୱିତୀୟ ପ୍ରସଙ୍ଗଟି ହେଲା ଆମ ସରକାର ଏ ପର୍ଯ୍ୟନ୍ତ ଦେଶାନ୍ତରୀ ପ୍ରବାସୀ ଭାରତୀୟ ଶ୍ରମିକଙ୍କ ସୁରକ୍ଷା ଓ ନିରାପତ୍ତା ପାଇଁ ସେଭଳି କିଛି ପ୍ରଭାବଶାଳୀ ପଦକ୍ଷେପ ନେଇପାରିନାହାନ୍ତି। ବେସରକାରୀ ସୂଚନା ଅନୁଯାୟୀ ପ୍ରାୟ ଦୁଇଶହ ଦେଶରେ ୧ କୋଟି ୭୦ ଲକ୍ଷ ଭାରତୀୟ ଶ୍ରମିକ କାର୍ଯ୍ୟ କରୁଛନ୍ତି। ସଂସଦୀୟ ସୂଚନା ଅନୁଯାୟୀ ଗତ ତିନିବର୍ଷ ଭିତରେ ୧୨ ଲକ୍ଷ ଭାରତୀୟ ଶ୍ରମିକ କାମଧନ୍ଦା ଅନ୍ୱେଷଣରେ ଦେଶାନ୍ତର ହୋଇଛନ୍ତି।

ଦେଶାନ୍ତରୀ ଭାରତୀୟଙ୍କ ସୁରକ୍ଷା ପାଇଁ ଆମ ଦେଶରେ ପ୍ରଚଳିତ ଆଇନ୍‌ଟି ପ୍ରାୟ ୪୦ ବର୍ଷ ପୁରୁଣା। ଏହାକୁ ସମୟୋପଯୋଗୀ କରିବା ପାଇଁ ୨୦୧୯ ଓ ୨୦୨୧ରେ ପ୍ରୟାସ ହୋଇଥିଲେ ମଧ୍ୟ ଆନ୍ତରିକତା ଅଭାବରୁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ସୁଖର କଥା ନିକଟରେ କେନ୍ଦ୍ର ସରକାର ଏ ସମ୍ପର୍କିତ ନୂଆ ଚିଠା ବିଧେୟକଟିଏ ପ୍ରସ୍ତୁତ କରି ଜନମତ ଲୋଡ଼ିଛନ୍ତି। ଓଭରସିଜ୍ ମୋବିଲିଟି(ଫାସିଲିଟେସନ୍ ଆଣ୍ଡ ୱେଲ୍‌ଫେୟାର) ବିଲ୍ ୨୦୨୫ ନାମରେ ଆଗତ ଏହି ଚିଠା ବିଧେୟକରେ ଥିବା ପ୍ରସ୍ତାବରେ ଶ୍ରମିକଙ୍କ ସୁରକ୍ଷାରେ ଆନ୍ତରିକତା ତୁଳନାରେ ଅମଲାତାନ୍ତ୍ରିକ ଉଦାସୀନତା ଅଧିକ ଥିବା ଅଭିଯୋଗ ହୋଇଛି। 'କାମ'ର ସଜ୍ଞା ନିରୂପଣ ହୋଇନଥିବା ବେଳେ ଅଭିଯୋଗ ଆସୁଥିବା ଦେଶ ସହିତ କିଭଳି ଆଲୋଚନା କରି ସମସ୍ୟା ସମାଧାନ କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ପ୍ରବାସୀ ଶିଶୁ ଓ ମହିଳା ଶ୍ରମିକଙ୍କ ସୁରକ୍ଷା କିମ୍ବା ପ୍ରବାସୀ ଶ୍ରମିଙ୍କ ଆର୍ଥିକ ନିରାପତ୍ତା ପାଇଁ ପାଣ୍ଠି ଗଠନ ସମ୍ପର୍କରେ ପ୍ରସ୍ତାବ ନାହିଁ। ତେଣୁ ପ୍ରବାସୀ ଭାରତୀୟ ଶ୍ରମିକଙ୍କ ନିରାପତ୍ତା ପାଇଁ ଏହି ବିଧେୟକ ଆଇନରେ ପରିଣତ ହେବା ପୂର୍ବରୁ ସଂସଦରେ ବ୍ୟାପକ ଆଲୋଚନା ହେବା ଆବଶ୍ୟକ। ଏଥିସହିତ ଆନ୍ତର୍ଜାତିକ ଶ୍ରମ ସଂଗଠନର ସର୍ତ୍ତ ଓ ନିୟମାବଳୀ ଅନୁଯାୟୀ ଧାରା ମାନ ସାମିଲ୍ କରାଗଲେ ପ୍ରସ୍ତାବିତ ଆଇନଟି ପ୍ରଭାବଶାଳୀ ଓ ଉପଯୋଗୀ ହୋଇପାରିବ। ●

# ଗରିବ ସଂଜ୍ଞା ଓ ନୀତି ନିର୍ଦ୍ଧାରଣ

**ପ୍ରତାପ ଚନ୍ଦ୍ର ସାମଲ**

ଭାରତର ଆନୁମାନିକ ଜନସଂଖ୍ୟା ଗତ ଅକ୍ଟୋବର ସୁଦ୍ଧା ୧୪୬ କୋଟିରୁ ସାମାନ୍ୟ ଅଧିକ ଥିଲା ବେଳେ ସେମାନଙ୍କ ମଧ୍ୟରୁ ଶତକଡ଼ା ୬.୭ ଭାଗ ଲୋକ ଗରିବ। ଆନ୍ତର୍ଜାତିକ ମାନଦଣ୍ଡକୁ ବିଚାରକୁ ନେଲେ ଭାରତରେ ପ୍ରାୟ ୮ କୋଟି ଲୋକ ଗରିବ ଥିବା ବେଳେ ବିଶ୍ୱରେ ସେହି ସଂଖ୍ୟା ୩୪୪ କୋଟି। ପ୍ରକୃତରେ ମୌଳିକ ଆବଶ୍ୟକତାର କୌଣସି ସୀମା ନାହିଁ। ବର୍ତ୍ତମାନ ସରକାର ଦାରିଦ୍ର୍ୟ ଦୂରୀକରଣ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ବର୍ଷକୁ ଲକ୍ଷ ଲକ୍ଷ କୋଟି ଟଙ୍କା ବିନିଯୋଗ କରୁଥିଲା ବେଳେ ଅନ୍ୟପକ୍ଷରେ ବହୁଲୋକ ଏହା ଫଳରେ ସେମାନଙ୍କର କାର୍ଯ୍ୟ ଦକ୍ଷତା ହରାଉଛନ୍ତି।

ଦାରିଦ୍ର୍ୟ ସୀମାରେଖାକୁ ନେଇ ବହୁତ ବିତର୍କ ସୃଷ୍ଟି ହୋଇଛି। କେତେବେଳେ ପାରିବାରିକ ଖର୍ଚ୍ଚକୁ ନେଇ ସୀମାରେଖା ନିର୍ଦ୍ଧାରିତ ହୋଇଥିଲା ବେଳେ ଆଉ କେତେବେଳେ ଦୈନିକ ଗ୍ରହଣ କରୁଥିବା ଖାଦ୍ୟର କ୍ୟାଲୋରୀକୁ ନେଇ ସୀମାରେଖା ନିର୍ଦ୍ଧାରଣ ଆଖି ଆଗରେ ରଖି ପୁନଃ ଉପସ୍ଥାପିତ ହେଉଛି। ସରକାରଙ୍କ ରିହାତି ଚାଉଳ ଓ ମନରେଗା ଆଦି ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିବା ବେଳେ ଏହା ଦାରିଦ୍ର୍ୟ ହଟାଇବାରେ ସମର୍ଥ ହୋଇପାରି ନାହିଁ। ଯାହା ଦୂର ହେଉଛି ତା'ର ପ୍ରତିଶତ ଖୁବ୍ କମ୍। ତେଣୁ ଯେତେ ଯାହା ଯୋଜନା ହେଉ ପଛେ ଯେଉଁ ପର୍ଯ୍ୟନ୍ତ ଯୋଜନା ଅର୍ଥର ସଠିକ୍ ବିନିଯୋଗ ହୋଇପାରିନାହିଁ ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ ସମ୍ଭବ ନୁହେଁ। ନିମ୍ନ ଆୟକାରୀ ବ୍ୟକ୍ତିଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ସମୟରେ ଏହା ଉପରେ ବ୍ୟାପକ ତର୍ଜମା ହେବା ଆବଶ୍ୟକ ବୋଲି ପ୍ରାକ୍ତନ ଓଡ଼ିଶା ମୁଖ୍ୟ ଶାସନ ସଚିବ ଯୁଗଳ କିଶୋର ମହାପାତ୍ର ଏକଦା ମତ ଦେଇଥିଲେ। ବିଶିଷ୍ଟ ଅର୍ଥନୀତିଜ୍ଞ ବୈଦ୍ୟନାଥ ମିଶ୍ରଙ୍କ ମତରେ ଦାରିଦ୍ର୍ୟ ସୀମାରେଖା ନିର୍ଦ୍ଧାରଣ ସମୟରେ ଯେଉଁ ମୌଳିକ ଆବଶ୍ୟକତାକୁ ଗୁରୁତ୍ୱ ଦିଆଯାଉଛି ତାହା କେତେ ଯୁକ୍ତିଯୁକ୍ତ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

କୃଷି ସହିତ ଶିଳ୍ପ ଭିତ୍ତିଭୂମିର ବିକାଶ କରି ପୃଥିବୀର ଅଧିକାଂଶ ରାଷ୍ଟ୍ର ଦାରିଦ୍ର୍ୟ ଦୂରୀକରଣ କରିବାରେ ସମର୍ଥ ହୋଇଥିଲା ବେଳେ ଏହି ପନ୍ଥାକୁ ଆମ ଦେଶ ଆପଣେଇବା ଜରୁରୀ ହୋଇପଡ଼ିଛି। ସମ୍ପ୍ରତି ଭାରତରେ ବଳଦ ଅଭାବରୁ ଛୋଟ ଜମି ଚାଷ ହୋଇପାରୁନାହିଁ କି ଜମିରେ ଗୋବର ଖତ ବ୍ୟବହାର ହୋଇପାରୁ ନାହିଁ। ଯେଉଁ କୃଷି ଶ୍ରମିକମାନେ ମୂଳ ଉପରେ ନିର୍ଭର କରି ଚଳୁଥିଲେ ସେମାନେ ପର୍ଯ୍ୟାପ୍ତ କାମ ନପାଇ ବାହାର ରାଜ୍ୟରେ ଅନ୍ୟ କାର୍ଯ୍ୟକୁ ଆଦରି ନେଉଛନ୍ତି। ନିରନ୍ତର ବିକାଶରେ କୃଷି ଏକ ପ୍ରମୁଖ ଭୂମିକା ନିର୍ବାହ କରୁଥିବା ବେଳେ ଏଥିଲାଗି ଗ୍ରାମାଞ୍ଚଳରେ ସହରାଞ୍ଚଳ ଭଳି ସୁବିଧା ସୁଯୋଗ ଉପଲବ୍ଧ କରିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ। ସେହିପରି ଦାରିଦ୍ର୍ୟ ଦୂରୀକରଣ ପାଇଁ କୃଷି ସହିତ ଶିଳ୍ପକୁ ପ୍ରାଧାନ୍ୟ ଦିଆଯିବାର ଆବଶ୍ୟକତା ରହିଥିବା ବେଳେ ଶିଳ୍ପ ପାଇଁ ଯେପରି କୃଷି ବାଧାପ୍ରାପ୍ତ ନହୁଏ ସେଥିପ୍ରତି ଗୁରୁତ୍ୱ ଦିଆଯିବା ଆବଶ୍ୟକ।

ଲୋକମାନଙ୍କର ମାନସିକତାର ପରିବର୍ତ୍ତନ ହୋଇ ନପାରିଲେ ବିଭାଗର ଅଗ୍ରଗତି ହୋଇପାରିବ ନାହିଁ। ବ୍ରିଟିଶ ଶାସନ ସମୟରେ ଖାଦ୍ୟ ଅଭାବ ଓ ଖରାପ ପ୍ରଶାସନିକ ବ୍ୟବସ୍ଥା ପାଇଁ ୧୯୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ଦେଖାଦେଇଥିଲା। ଆଜି ପର୍ଯ୍ୟନ୍ତ ଏହି ବ୍ୟବସ୍ଥାରେ ପରିବର୍ତ୍ତନ ହୋଇପାରି ନାହିଁ। ଦାରିଦ୍ର୍ୟ ଦୂରୀକରଣ ପାଇଁ ସମ୍ବଳର ଆବଶ୍ୟକତା ଥିଲା ବେଳେ ଏହାର ସଠିକ୍ ବିନିଯୋଗ ଜରୁରୀ। ଯୋଜନା ପାଇଁ ଆସୁଥିବା ଅର୍ଥକୁ ଉତ୍ପାଦନଭିତ୍ତିକ ବାଟରେ ଖର୍ଚ୍ଚ କରାଗଲେ ବରଂ ସମସ୍ୟାର ସମାଧାନ ହୋଇପାରିବ। ଅନେକ ଦରିଦ୍ର ଲୋକଙ୍କ ପାଖରେ ଦୃଢ଼ ମନୋବଳ ଏବଂ ସାମାଜିକ ବଳ ଥିବା ବେଳେ ଏହାକୁ ବିନିଯୋଗ କରିବା ଆବଶ୍ୟକତା ରହିଛି।

ବାଂଲାଦେଶ ଗ୍ରାମୀଣ ବ୍ୟାଙ୍କର ପ୍ରତିଷ୍ଠାତା ତଥା ଅର୍ଥନୀତି ବିଶାରଦ ପ୍ରଫେସର ମହମ୍ମଦ ୟୁନୁସଙ୍କର ଦାରିଦ୍ର୍ୟ ଦୂରୀକରଣ ଉପରେ ଗବେଷଣା ଶୀର୍ଷକ ଏକ ସନ୍ଦର୍ଭରେ ପ୍ରକାଶ କରିଛନ୍ତି ଯେ ଦାରିଦ୍ର୍ୟର ସଂଜ୍ଞା ନିରୂପଣ ପାଇଁ ଏକ ବଖରା ଆଜବେଷ୍ଟସ ପକ୍କା ଘରର ଆବଶ୍ୟକ। ଦୁଇ ଓଳି ଖାଇବା ପାଇଁ ଖାଦ୍ୟର ଆବଶ୍ୟକତା। ଯାତାୟତ ପାଇଁ ଏକ ସାଇକେଲ ଏବଂ ବର୍ଷକୁ ୪ ଗୋଟି ଲୁଗାର ଆବଶ୍ୟକତା ଅଛି। ଏକ ଏକର ଚାଷଜମି ଥିବା ଆବଶ୍ୟକ। ଏହାଠାରୁ କମ୍ ହେଉଥିଲେ ଆମେ ଗରିବ ବୋଲି ପରିଗଣିତ କରିବା ଉଚିତ୍। ମାତ୍ର ଆମ ଦେଶରେ ଏହାର ବିଡ଼ମ୍ବନା। ୫ ଏକର ଚାଷଜମି ଥାଇ ମଧ୍ୟ ଜଣେ ଦାରିଦ୍ର୍ୟ ସୀମାରେଖା ତଳେ ରହି ବିଭିନ୍ନ ସମୟରେ ବିଭିନ୍ନ ପ୍ରକାର ସରକାରୀ ସାହାଯ୍ୟ ପାଇଁ ଆଗଭର। ଭୋଟ ଆପଣେଇବା ପାଇଁ କିଛି ରାଜନୈତିକ ଦଳ ଏସବୁ କାର୍ଯ୍ୟରେ ସେମାନଙ୍କୁ ସାହାଯ୍ୟ କରିବାକୁ ପଛାଉନାହାନ୍ତି। ୨୦୦୦ ରୁ ୨୦୨୪ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ଶାସନ ଦାୟିତ୍ୱରେ ଥିବା ବିଜେଡି ଗରିବଙ୍କ ହିତ ପାଇଁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର ଗରିବ ଅଭିମୁଖି ବିକାଶ କାର୍ଯ୍ୟକ୍ରମ ପାଇଁ ବଜେଟ୍‌ରେ ଆବଶ୍ୟକ ଅର୍ଥ ବ୍ୟୟ ବରାଦ କରିଛନ୍ତି।

ପ୍ରଫେସର ୟୁନୁସ୍‌ଙ୍କ ମତରେ ପ୍ରତିବର୍ଷ ଗ୍ରାମୀଣ ବ୍ୟାଙ୍କ୍ ତାହାର ପ୍ରାରମ୍ଭିକ ଋଣ ସଦସ୍ୟଙ୍କ ସାମାଜିକ, ଅର୍ଥନୈତିକ ଅବସ୍ଥାର ଅଭିବୃଦ୍ଧି ଘଟିଛି କି ନାହିଁ ସମୀକ୍ଷା କରି କାର୍ଯ୍ୟର ମୂଲ୍ୟାଙ୍କନ କରିଥାଏ। ଏହି ଦାରିଦ୍ର୍ୟ ପରିମାପକ ମୂଲ୍ୟାୟନ ନିମନ୍ତେ ଗ୍ରାମୀଣ ବ୍ୟାଙ୍କ୍ ଋଣୀ / ଗ୍ରାହକଙ୍କର ନିମ୍ନଲିଖିତ ୧୦ ଗୋଟି ନିର୍ଣ୍ଣାୟକ ମଧ୍ୟରୁ କିଛି ପୂରଣ କରିଥାଏ।

୧-ଯଦି ଗୋଟିଏ ପରିବାର ବାସ କରୁଥିବା ଗୃହର ସର୍ବନିମ୍ନ ମୂଲ୍ୟ ୨ ଲକ୍ଷ ଟଙ୍କାରୁ ଅଧିକ ହୋଇଥାଏ କିମ୍ବା ଅନ୍ୟୂନ ଘରର ଛାତ ଟିଣ ନିର୍ମିତ ହୋଇଥାଏ ଅଥବା ପରିବାରର ପ୍ରତିଟି ସଦସ୍ୟ ଚଟାଣରେ ନ ଶୋଇ ଖଟ ଏବଂ ବିଛଣା ବ୍ୟବହାର କରୁଥିବେ। ୨-ପରିବାରର ସଦସ୍ୟ ନଳକୂପର ସ୍ୱଚ୍ଛଜଳ, ଫୁଟାଜଳ ଅଥବା ଫିଟିକିରି ବ୍ୟବହୃତ କ୍ଷାର ରହିତ ଜଳ କିମ୍ବା ବିଶୁଦ୍ଧ ବଟିକା ବ୍ୟବହୃତ ମାଟି ଫିଲ୍‌ଟର ଜଳ ପିଇବା ପାଇଁ ବ୍ୟବହାର କରୁଥିବେ। ୩-ପରିବାର ଭୁକ୍ତ ଥିବା ୫ ବର୍ଷରୁ ଊର୍ଦ୍ଧ୍ୱ ପ୍ରତିଟି ପିଲା ପାଠ ପଢ଼ିବା ପାଇଁ ସ୍କୁଲ୍ ଯାଉଥିବେ; ଅଥବା ମାଧ୍ୟମିକ ଶିକ୍ଷା ସମାପ୍ତ କରିଥିବେ। ୪-ପରିବାରଭୁକ୍ତ ଋଣୀର କ୍ଷମତା ସାପ୍ତାହିକ କିସ୍ତିଦେୟ ସର୍ବନିମ୍ନ ୨୦୦୦ ଟଙ୍କା ହୋଇଥିବ। ୫- ପରିବାର ବିଶୋଧିତ ଶୌଚାଳୟ ବ୍ୟବହାର କରୁଥିବେ। ୬- ପରିବାରଭୁକ୍ତ ପ୍ରତି ସଦସ୍ୟଙ୍କ ଦୈନନ୍ଦିନ ବ୍ୟବହାର୍ଯ୍ୟ ପୋଷାକ ଏବଂ ଶୀତଦିନ ପାଇଁ ଗରମ ପୋଷାକ ଯଥା- ଶାଲ୍, ସ୍ୱେଟର, କମ୍ବଳ ଇତ୍ୟାଦି ବ୍ୟବହାର କରୁଥିବେ। ୭- ପରିବାରର ଅଧିକ ଉପାର୍ଜନ ପାଇଁ ଭିନ୍ନ ପନ୍ଥା ଯେପରିକି ପନିପରିବା ଓ ଫଳଗଛ ପ୍ରଭୃତି ଚାଷ କରୁଥିବେ ଏବଂ ପରିବାର ଅଧିକ ଅର୍ଥର ଆବଶ୍ୟକତାକୁ ମେଣ୍ଟାଇ ପାରୁଥିବ। ୮-ଋଣୀ ସଦସ୍ୟ ବାର୍ଷିକ ହାରାହାରି ୧୨ ହଜାର ଟଙ୍କା ନିଜର ସଂଚୟ ଖାତାରେ ଜମା ରଖିପାରୁଥିବେ। ୯-ପରିବାରର ସଦସ୍ୟ ବର୍ଷସାରା ତିନି ଓଳି ଖାଇବାର କୌଣସି ଅସୁବିଧାର ସମ୍ମୁଖୀନ ହେଉ ନଥିବ କିମ୍ବା କୌଣସି ଦିନ ଭୋକିଲା ରହୁ ନଥିବେ। ୧୦- ପରିବାର ସଦସ୍ୟ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନିମନ୍ତେ ଆବଶ୍ୟକ ଖର୍ଚ୍ଚ ବହନ କରିପାରୁଥିବେ।

ଏହି ୧୦ ଗୋଟି ମାନଦଣ୍ଡକୁ ଆଧାର କରି ଗରିବ ସଂଜ୍ଞା ନିରୂପଣ କରାଯାଇପାରିବ। ମାତ୍ର ଆମ୍ଭେମାନେ ଭୋଟ ସର୍ବସ୍ୱ ରାଜନୀତି ଭିତରେ ସ୍ୱାର୍ଥ ହାସଲ କରିବା ପାଇଁ ଧନୀ କେତେବେଳେ ଗରିବ ହୋଇଯାଏ ତ ଗରିବ କେତେବେଳେ ଧନୀ ହୋଇଯାଏ। ଏକଦା ବାଂଲାଦେଶର ଶରଣାର୍ଥୀମାନଙ୍କୁ ଓଡ଼ିଶାର ମାଲକାନାଗିରି, ନବରଙ୍ଗପୁର, ଉମରକୋଟ, କେନ୍ଦ୍ରାପଡ଼ା ଓ କୋରାପୁଟ ଇତ୍ୟାଦି ସ୍ଥାନମାନଙ୍କରେ ଆଶ୍ରୟ ଦିଆଯାଇଥିଲା। ମାତ୍ର ସେମାନେ ଆଜି ବ୍ୟବହାର ହେଉନଥିବା ଚାଷଜମିକୁ ଉପଯୁକ୍ତ ଭାବେ ଚାଷ କରି ଆର୍ଥିକ ମାନଦଣ୍ଡ ବଢ଼ାଉଥିବା ବେଳେ ଆଉ କେତେକ ବିକାଶ ବାଟ ନ ପାଇ ବିନାଶ ପାଇଁ ଗଞ୍ଜେଇ ଚାଷ କରି କୋଟି କୋଟି ଟଙ୍କା ରୋଜଗାର କରି ସମାଜକୁ ନିଶାସକ୍ତ କରୁଛନ୍ତି। ଏଥିପ୍ରତି ସରକାର ଉପଯୁକ୍ତ ଭାବେ ଗୁରୁତ୍ୱ ଦେବାର ଆବଶ୍ୟକତା ଦେଖାଦେଇଛି। ଯେଉଁ ପର୍ଯ୍ୟନ୍ତ ଦାରିଦ୍ର୍ୟ କ'ଣ, ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକମାନେ କ'ଣ ଆବଶ୍ୟକ କରନ୍ତି ସେ କଥା ସ୍ପଷ୍ଟ ନହୋଇଛି ସେ ପର୍ଯ୍ୟନ୍ତ ଦାରିଦ୍ର୍ୟ ଦୂରୀକରଣ କଥା ଚିନ୍ତା କରାଯାଇ ନପାରେ। ଯେଉଁଦିନ ଗରିବର ସଂଜ୍ଞା ନିରୂପଣ କରାଯାଇପାରିବ ସେଦିନ ସମାଜରୁ ଗରିବ ଶବ୍ଦ ଲୋପ ପାଇବ। ଏହା ଉପରେ ଗବେଷଣାର ଆବଶ୍ୟକତା ନିହାତି ଜରୁରୀ ବୋଲି ମନେହୁଏ। ●

(ବରିଷ୍ଠ ସମବାୟବିତ୍)
କଟକ, ମୋ.: ୯୦୯୦୩୨୫୮୦୨

# ବାଲିଯାତ୍ରା ଅନୁଚିନ୍ତା

**ବିରଜା ରାଉତରାୟ**

ଓଡ଼ିଆ ଜନମାନସକୁ କାର୍ତ୍ତିକ ମାସଟି ଏକ ପବିତ୍ର ଆଧ୍ୟାତ୍ମିକ ମୁଖର ମାସ ରୂପେ ଅନେକ ଦିଗରୁ ସୁଦୀର୍ଘକାଳ ଧରି ପ୍ରଭାବିତ କରି ଆସୁଛି। ଏପରିକି ଧର୍ମମାସ ରୂପେ ବିଦିତ ହେଉଥିବା ଏହି ମାସର ଗୁରୁତ୍ୱ ଓ ଶ୍ରୀବୃଦ୍ଧି ନିମନ୍ତେ 'କାର୍ତ୍ତିକ ମାହାତ୍ମ୍ୟ' ପରି ଏକ ପୁସ୍ତିକା ଶ୍ରୁତିପ୍ରିୟ ନବାକ୍ଷରୀ ବୃତ୍ତରେ ମଧ୍ୟ ରଚିତ ହୋଇଛି। ଦେବଦେବୀଙ୍କ ଈଶ୍ୱରୀୟ ଗୁଣଗାନ, ଜନ୍ମବୃତ୍ତାନ୍ତ, ପରଲୋକରେ ବୈକୁଣ୍ଠପ୍ରାପ୍ତି ଓ ଅନ୍ୟାନ୍ୟ ଅଲୌକିକତାରେ ମହିମାମଣ୍ଡିତ ଏହି ସଂକ୍ଷିପ୍ତ ସମୟଖଣ୍ଡ ମଧ୍ୟ ଐତିହାସିକ ଓ ଲୋକଗାଥା ଦୃଷ୍ଟିରୁ ସ୍ମରଣୀୟ। କାରଣ ଏହି ମାସ ସହ ଯୋଡ଼ିହୋଇ ରହିଛି ଗୋଟିଏ ଦରିଆପାରି ଜାତିର 'ଆ-କା-ମା-ବୈ'ର ଏକ ପ୍ରଶସ୍ତ ଛାତି। ଏକ ଦିଗନ୍ତ ପ୍ରସାରୀ ଡାକ। ସାଗର ବକ୍ଷର ଅଶାନ୍ତ ଢେଉର ଚୂଡ଼ାରେ ପୋତ ମେଲି ଦିଗବିଜୟୀ ପରି ଆଗୁସାର ହେବାର ଆହ୍ଲାଦ।

ଶ୍ରେଷ୍ଠମାସ ରୂପେ ବିବେଚିତ ଏହି ଅବଧି ଖଣ୍ଡର ପରିସମାପ୍ତି ଘଟିଥାଏ କାର୍ତ୍ତିକ ପୂର୍ଣ୍ଣମୀରେ। ଉଚ୍ଛ୍ୱାସ, ଆଲୋକ ଓ ବିଶ୍ୱାସର ତ୍ରିବେଣୀ ଏହି ଦିବସ। ଏକଦା ଓଡ଼ିଆ ସାଧବ ପୁଅକୁ ବନ୍ଦାପନା କରି ନୌଯାତ୍ରାର ଶୁଭାରମ୍ଭରେ ପ୍ରକମ୍ପିତ ହୋଇ ଉଠୁଥିଲା ପ୍ରାଚୀନ ଓଡ଼ିଶାର ସୁନାବ୍ୟା ନଦୀ ଓ ସାଗରଭିତ୍ତିକ ବନ୍ଦରସବୁ। ଏ ଜାତିର ସ୍ମୃତିର ଲଲାଟରେ ଆଜି ମଧ୍ୟ ସମୁଜ୍ଜ୍ୱଳ ତା'ର ଅବଶେଷ। ସମ୍ପ୍ରତି ଓଡ଼ିଶାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ବାଲିଯାତ୍ରା ପ୍ରାଚୀନ ନୌବାଣିଜ୍ୟ ସଂସ୍କୃତିର ଏକ ପ୍ରତୀକାତ୍ମକ ମହୋତ୍ସବ। ମୁକ୍ତାକାଶ ବାଣିଜ୍ୟ ହାଟର ଏକ ଲୋଭନୀୟ ପସରା। କ୍ରମଶଃ ଏହି ବାଲିଯାତ୍ରା ଉତ୍ସବ ତା'ର ଥାଟବାଟ ପ୍ରସାର କରି ଆହୁରି ଜାକଜମକର ସହ ଉଭା ହେଲାଣି। ବ୍ୟବସାୟ କଳେବରର ଅଭିବୃଦ୍ଧି ସାଙ୍ଗକୁ ମନୋରଞ୍ଜନ ଓ ସାଂସ୍କୃତିକ ବିଚିତ୍ରା ଏହାକୁ ଅଧିକ ଆକର୍ଷଣୀୟ କରି ତୋଳିଛି।

ଏହାକୁ ଦେଖି ମୋର ମନରେ ଏକ ଅଦ୍ଭୁତ କଳ୍ପନା ଜନ୍ମ ନେଉଛି। ତାହା ହେଉଛି, ଯଦି ଏହି ମୁହୂର୍ତ୍ତରେ ଆମେ ଆମର ପିଛିଲା ଅତୀତର ସଂସ୍କୃତିକୁ ପୂରା ବିସ୍ମରି ଦେବା ଏବଂ ଏକ କୌତୁହଳୀ ଅନୁସନ୍ଧିତ୍ସାରେ ଏହି ଯାତ୍ରାକୁ ଅବଲୋକନ କରିବା, ମନେହେବ ଯେପରି ଏ ରାଜ୍ୟର ଅତୀତଟା ସୁବର୍ଣ୍ଣ ପରି ଝଟକୁ ଥିଲା। ଅଙ୍ଗ, ବଙ୍ଗ, କଳିଙ୍ଗରେ ଦାରିଦ୍ର୍ୟର ଚିହ୍ନବର୍ଣ୍ଣ ସୁଦ୍ଧା ନ ଥିଲା। ସାଧବ ସଂସ୍କୃତିର ମଜବୁତ୍ ଅର୍ଥନୀତି ଉପରେ ପୁରୁଣା ଓଡ଼ିଶାର ମୁଣ୍ଡପିଛା ଆୟ ଓ ମାନବ ବିକାଶ ସୂଚକାଙ୍କଠାରୁ ସାମଗ୍ରିକ ଘରୋଇ ଉତ୍ପାଦ ଆଦି ସେତେବେଳର ଅଲିଖିତ ଅର୍ଥନୀତିର ସୁଉଚ୍ଚ ସୋପାନ ମଣ୍ଡନ କରୁଥିଲା ପରି ଲାଗୁଥିବ। ବାସ୍ତବତାଠାରୁ ଆମର ବାଲିଯାତ୍ରାକୁ ନେଇଥିବା କଳ୍ପନାବିଳାସ ଆଶାତୀତ ଭାବେ ଅନେକ ଗୁଣ ବଡ଼। ସେଥିରେ ପ୍ରତିବର୍ଷ ବାଲିଯାତ୍ରା ଅବସରରେ ଗବେଷକ ଓ ବକ୍ତାମାନଙ୍କ ଅତୀତର ଏଇ ନୌବାଣିଜ୍ୟ ସଂସ୍କୃତିକୁ ନେଇ କବିତା ପରି ଭାବପ୍ରବଣତା ଓଡ଼ିଆ ଜାତିକୁ ଆସନ୍ତାକାଲି ପାଇଁ ସଂକଳ୍ପ ନେବା ବଦଳରେ ଅତୀତକୁ ନେଇ ବେଶି ଭାଳିହେବା ଶିଖାଏ।

ନଦୀନାଳ ଓ ସାଗର ସମୁଦ୍ର ପରିବେଷ୍ଟିତ ଏହି ଭୂଖଣ୍ଡରେ ଜଳପଥ ଏକଦା ଯୋଗାଯୋଗର ପ୍ରମୁଖ ମାଧ୍ୟମ ହୋଇ ରହିଥିଲା, ଯାହା ସମ୍ପ୍ରତି ଏକ ରୂପକଥାର ଚିତ୍ର ପାଲଟି ସାରିଛି। ନୌବାଣିଜ୍ୟ ସଂସ୍କୃତି ସହ ଜଡ଼ିତ ଥିବା ସାଧବପୁଅମାନଙ୍କୁ ଏବେ କେବଳ ସେହି ସାଂକେତିକ ଭାବେ କାର୍ତ୍ତିକ ପୂର୍ଣ୍ଣିମା ଦିନ ନାଲିନେଳୀ ସୁନେଲି ଜରିଲଗା ଚିତ୍ରିତ ଡଙ୍ଗାରେ ମୁକୁଟ ନାଇ ଚଢ଼ିବା ଦେଖୁ। ସେମିତି ମଧ୍ୟ ଦେଖୁ ବେଶଭୂଷାରେ ସଜ୍ଜିତ ଓଡ଼ିଆ ସାଧବାଣୀଙ୍କ ପ୍ରତୀକାତ୍ମକ ବନ୍ଦାପନା। ଏହି ଦୃଶ୍ୟଚିତ୍ର ନିଃସନ୍ଦେହରେ ବୋଇତ ବଣିଜ ଯୁଗର ଏକ ମଧୁର ଉଚ୍ଛ୍ୱସିତ ଝଲକକୁ ଆମ ଆଖି ପରଦାରେ ରୂପାୟିତ କରିଥାଏ। କିନ୍ତୁ ଏସବୁ ଆମ ଭିତରେ ଉଦ୍ୟୋଗପଣର ଯେମିତି ବଳ ଭରିବା କଥା, ସେପରି ଭରିପାରେ କି? ତାହା ସୁଧୀଜନେ ବିଚାର କରିବେ।

ଅତୀତାବଲୋକନ ବା ଜାତିର ଇତିହାସ ଦର୍ପଣ ପରି ଯେଉଁ ପ୍ରତିବିମ୍ବଟିଏ ବିକିରଣ କରିଥାଏ, ସେହି ଆଲୁଅ ଅଗ୍ରଗାମୀ ହେବା ପାଇଁ ଉତ୍ପ୍ରେରିତ କରିଥାଏ। କୌଣସି ଆବରଣ ନ ରଖି ମୁକ୍ତ ଭାବରେ କହିଲେ ଅତୀତକୁ ପଢ଼ି, ହେଜି, ଅନୁଭବୀ ଆଗାମୀ ଦିନ ପାଇଁ ଗୋଟେ ସଂକଳ୍ପମୟ ଦୃଢ଼ ଅନୁରାଗରେ ନୂଆ ସମୟର ଉଦିତ ଦିଗ୍‌ବଳୟକୁ ଚାହିଁବାରେ ଥାଏ ଯଥାର୍ଥତା। ତାହା ହିଁ ହୁଅନ୍ତା, ବୋଇତ ବନ୍ଦାଣ ଓ ବାଲିଯାତ୍ରାର ନେପଥ୍ୟ ଆତ୍ମସମୀକ୍ଷା।

କେବଳ ଆନୁଷ୍ଠାନିକତା, କୋଳାହଳମୟ ଉତ୍ସବ, ରଙ୍ଗବେରଙ୍ଗୀ ପସରାର ସମ୍ମୋହନ ଆଉ ଢେର୍ ରାତିଯାଏଁ ଅସଂଖ୍ୟ ପାଦଚିହ୍ନଭରା ଭିଡ଼ର ପରଦିନ ବାଲିଯାତ୍ରା ପଡ଼ିଆର ଅସ୍ତବ୍ୟସ୍ତ ନିର୍ଯାସକୁ ଭୋର ସକାଳ ସୂର୍ଯ୍ୟକିରଣର ଉପହାସ ପରି। ସେହିପରି ଝଲମଲ ରାତିର ଦିନ କେତେର ଉତ୍ସବ ପରି ଆମ ସ୍ୱପ୍ନ ମିଳାଇ ନ ଯାଉ। ପ୍ରତି ଓଡ଼ିଆ ତା' ଅନ୍ତରର ଗଭୀରତମ ପ୍ରଦେଶରେ ସେଇ ଦୁଃସାହସୀ ପାରିବାପଣର ବୀଜକୁ ବପନ କରୁ। ହୁଏତ ତାହା ହିଁ ଆମ ଭିତରେ ଆକାଶଦୀପର ଆଲୋକ ପରି ଅତୀତର ଏହି ଦୁର୍ଦ୍ଧର୍ଷ ଦରିଆପାରି ସଂସ୍କୃତିକୁ ଉଜ୍ଜୀବିତ କରି ରଖିପାରିବ।

ଉତ୍ସବ ରହୁ, କିନ୍ତୁ ତାହା ଭାବାତିଶଯ୍ୟର ମନୋହାରୀ ବିପଣୀରେ କେବଳ ଅଟକି ନ ଯାଉ। ଆମକୁ ପଶ୍ଚାତାବଲୋକନର ଆତ୍ମଗୌରବମୟ ସୁମରଣ ସହ ଆସନ୍ତାକାଲି ପାଇଁ ବାଟ ଚାଲିବାର ପୁରୋଦୃଷ୍ଟି ମଧ୍ୟ ଦେଉ। ଏକଦା 'କଳିଙ୍ଗାଃ ସାହାସିକାଃ' ବୋଲି ଆପ୍ତବାକ୍ୟର ପ୍ରକୃତ ଯଥାର୍ଥତା ଓ ହୃଦବୋଧ ହୋଇପାରନ୍ତା, ଯଦି ଆମର ଏଇ ସ୍ମରଣୀୟ ବର୍ଣ୍ଣିଳ ଅତୀତ ଭବିଷ୍ୟତକୁ ନେଇ ନୂଆ ପିଢ଼ି ମଧ୍ୟରେ ସ୍ୱପ୍ନ ଦେଖାନ୍ତା! 'ଉତ୍ତିଷ୍ଠତଃ... ଜାଗ୍ରତଃ'ର ମହାମନ୍ତ୍ର ଓଡ଼ିଆ ଜୀବନବୋଧର ଏକ ଆତ୍ମିକ ଅଂଶ ପାଲଟି ଯାଆନ୍ତା! ●

ମାଧପୁର(କେନ୍ଦ୍ରାପଡ଼ା),
ମୋ: ୯୬୫୮୮୧୦୨୪୪

# ବାଉଳି ମଠ ଓ ଦେଢ଼ଶୁର ଭାଇବୋହୂ କୂଅ

**ସ୍ୱପ୍ନେଶ୍ୱର**

## ଲୋକକଥାରେ ଲୋକଦେବତା

ନିରାକାର ଏକେଶ୍ୱରବାଦୀ ଗୁରୁ ନାନକ ୧୫୦୮ ମସିହାରେ ନିଜର ପୁଅ ଶ୍ରୀଚାନ୍ଦ ଓ ପ୍ରିୟ ଶିଷ୍ୟ ମର୍ଦ୍ଦାନାଙ୍କ ସହ ଶ୍ରୀକ୍ଷେତ୍ରରେ ଆସି ପହଞ୍ଚିଲେ। ଦିନେ ସନ୍ଧ୍ୟାବେଳେ ଗୁରୁ ନାନକ ମର୍ଦ୍ଦାନାଙ୍କୁ ଶ୍ରୀମନ୍ଦିରରୁ ମହାପ୍ରସାଦ ଆଣିବା ପାଇଁ ପଠାଇଲେ। ମର୍ଦ୍ଦାନାଙ୍କ ବେଶଭୂଷା ଓ ଚେହେରା ଦେଖି ସେବକମାନେ ମନ୍ଦିର ଭିତରେ ପୂରାଇ ଦେଲେ ନାହିଁ। ଏହି ଘଟଣାରେ ମର୍ମାହତ ହୋଇ ନାନକ ମହାପ୍ରଭୁଙ୍କୁ ଧ୍ୟାନ କରି ବସିଲେ। ସେତେବେଳେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଳତି ଚାଲିଥାଏ। ସେ ଦିନ ରାଜା ନିଜେ ଆଳତି ଦର୍ଶନ କରିବା ପାଇଁ ରତ୍ନବେଦୀ ସମ୍ମୁଖରେ ଉପସ୍ଥିତ ଥିଲେ। ହଠାତ୍ ସେବକମାନଙ୍କ ହାତରୁ ଆଳତି ଥାଳି ଖସିଯାଇ ଶୂନ୍ୟେଶୂନ୍ୟେ ଗତି କରିବାକୁ ଲାଗିଲା। ରାଜା ଓ ସେବକମାନେ ଚମତ୍କୃତ ହୋଇ ଥାଳି ପଛେପଛେ ଚାଲିଲେ। ଥାଳି ଯାଇ ନାନକ ଦେବଙ୍କ ପାଖରେ ପହଞ୍ଚି ତାଙ୍କ ମୁଣ୍ଡ ଉପରେ ଧୀରଭାବେ ସ୍ଥାନିତ ହୋଇଗଲା।

ଗଜପତି ଏହାର ରହସ୍ୟ ଜାଣିବାକୁ ଚାହିଁବାରୁ ନାନକ କହିଲେ, 'ମଣିମା! ମହାପ୍ରଭୁ କେବଳ ବଡ଼ଦେଉଳରେ ନାହାନ୍ତି, ସେ ସର୍ବବ୍ୟାପୀ। ତେଣୁ ତାଙ୍କର ଆଳତି ଥାଳି ଏଠାକୁ ଉଡ଼ି ଆସିବାରେ ଅସ୍ୱାଭାବିକତା କିଛି ନାହିଁ।' ଗଜପତି ମହାରାଜ ସେହିଠାରେ ମହାପ୍ରଭୁଙ୍କୁ ଦର୍ଶନ କରିପାରିବେ କି ବୋଲି ଜିଜ୍ଞାସା କରିବାରୁ ନାନକ ମହାପ୍ରଭୁଙ୍କୁ ଧ୍ୟାନ କଲେ ଏବଂ ନିଜ ଦୁଇ ହାତପାପୁଲି ରାଜାଙ୍କୁ ଦେଖେଇଲେ। ହନୁମାନଙ୍କ ଛାତିରେ ଶ୍ରୀରାମଚନ୍ଦ୍ର ବିଜେ କରିଥିବା ପରି ଗୁରୁ ନାନକଙ୍କ ପାପୁଲିରେ ଚତୁର୍ଦ୍ଧାମୂର୍ତ୍ତି ଜୀବନ୍ତ ଭାବେ ଦୃଶ୍ୟମାନ ହେଉଥିଲେ। ନାନକଙ୍କ ଜଗନ୍ନାଥ ଭକ୍ତିର ପରାକାଷ୍ଠା ଦେଖି ରାଜା ସେ ସ୍ଥାନକୁ ମଠ ନିର୍ମାଣ ପାଇଁ ତାଙ୍କୁ ଦାନ କଲେ।

ଉତ୍ତର-ପଶ୍ଚିମ ଭାରତରେ ତଳ ପର୍ଯ୍ୟନ୍ତ ପାହାଚ ନିର୍ମାଣ କରା ଯାଇଥିବା ହଜାର ହଜାର କୂଅ ଦେଖିବାକୁ ମିଳେ। ସେ ପ୍ରକାରର କୂଅରୁ ଜଣେ ଉପରୁ ଦଉଡ଼ିରେ ପାଣି କାଢ଼ି ପାରିବ ଏବଂ ଚାହିଁଲେ ପାହାଚରେ ତଳକୁ ଯାଇ ସିଧା ପାଣି ଉଠେଇ ଆଣି ପାରିବ। ସେପ୍ରକାର କୂଅକୁ ବାଉଳି କୁହାଯାଏ। ଗୁରୁ ନାନକ ସେହି ପ୍ରକାରର ଏକ ବାଉଳି ସେ ଯାଗାରେ ଖୋଳାଇ ଥିଲେ। ଗୁରୁଜୀ ସେଠାରେ ମଠ ସ୍ଥାପନା କରି ରହିଲେ ଏବଂ ମଠର ନାମ 'ବାଉଳି ମଠ' ରଖିଲେ। ଏହି ମଠରେ ଏବେ ମଧ୍ୟ ଗ୍ରନ୍ଥସାହେବଙ୍କ ଗାଦି ଅଛି। ଗୁରୁ ନାନକ ନିଜ ହାତ ପାପୁଲିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦେଖାଇ ପାରିଥିବାରୁ ମଠର ନାଲି ପତାକାରେ ହାତ ପାପୁଲିର ଚିତ୍ର ଦେଖିବାକୁ ମିଳେ।

ବାଉଳି ମଠରେ ଗୁରୁ ନାନକଙ୍କ ତତ୍ତ୍ୱାବଧାନରେ ପ୍ରତିଦିନ ସନ୍ଧ୍ୟାରେ ନାମ ସଙ୍କୀର୍ତ୍ତନ କରାଯାଉଥିଲା। ଦିନେ ମହାପ୍ରଭୁ ଶ୍ରୀଜଗନ୍ନାଥ ଛଦ୍ମବେଶରେ ସେ କୀର୍ତ୍ତନ ଶୁଣିବାକୁ ଆସି ଏତେ ମୁଗ୍ଧ ହୋଇ ଗଲେ ଯେ ସନ୍ଧ୍ୟାଧୂପ ପାଇଁ ମନ୍ଦିରକୁ ଫେରିବାକୁ ଭୁଲିଗଲେ। ସେବକମାନେ ବ୍ୟତିବ୍ୟସ୍ତ ହୋଇ ଗଜପତିଙ୍କୁ ଜଣାଇଲେ। ଗଜପତି ମାଆ ବିମଳାଙ୍କ ପାଖରେ ଗୁହାରିଆ ପଡ଼ିଲେ। ରାଜାଙ୍କୁ ମାଆ ଶୂନ୍ୟବାଣୀ କଲେ ଯେ ମହାପ୍ରଭୁ ଜଣେ ଶ୍ୟାମଳ ରଙ୍ଗର ଯୁବକ ବେଶ ହୋଇ ବାଉଳି ମଠରେ ସଙ୍କୀର୍ତ୍ତନ ଶୁଣୁଛନ୍ତି। ରାଜା ତୁରନ୍ତ ସେ ଯାଗାକୁ ଗଲେ। କିନ୍ତୁ ଶ୍ୟାମଳ ଯୁବକରୂପୀ ମହାପ୍ରଭୁ ଇସାରାରେ ଚୁପ ରହିବାକୁ ରାଜାଙ୍କୁ ଆଦେଶ ଦେଲେ। କୀର୍ତ୍ତନ ଶେଷ ହେବା ପରେ ଦୁହେଁ ଫେରିଲେ। ମନ୍ଦିରରେ ପହଞ୍ଚିବା ପରେ ବଡ଼ଠାକୁର ସନ୍ଧ୍ୟାରେ ଅନୁପସ୍ଥିତି ବିଷୟରେ ମହାପ୍ରଭୁଙ୍କୁ ପଚାରିଲେ। ଶ୍ରୀଜଗନ୍ନାଥଙ୍କଠାରୁ ବାଉଳି ମଠର କୀର୍ତ୍ତନ ମାହାତ୍ମ୍ୟ ବିଷୟ ଶୁଣି ପର ଦିନ ଦୁଇ ଭାଇ ସେଠାକୁ ଚାଲିଲେ। ତା' ପର ଦିନ ଦୁଇ ଭାଇଙ୍କଠାରୁ କୀର୍ତ୍ତନ କଥା ଶୁଣି ସୁଭଦ୍ରା ମଧ୍ୟ ଗଲେ ଏବଂ ଚତୁର୍ଥ ଦିନ ଲକ୍ଷ୍ମୀ ସାଆନ୍ତାଣୀ କୀର୍ତ୍ତନ ଶୁଣିବାକୁ ଗଲେ।

ଚାରି ଜଣ ମଠରେ ପହଞ୍ଚିବା ପରେ ସେଠି ବସି ଶୁଣିବାରେ ଗୋଟେ ଛୋଟ ସମସ୍ୟା ହେଲା। ବଳଭଦ୍ର ଓ ଲକ୍ଷ୍ମୀ ସାଆନ୍ତାଣୀ ଦେଢ଼ଶୁର ଓ ଭାଇବୋହୂ। ଓଡ଼ିଆ ପରମ୍ପରାରେ ଦେଢ଼ଶୁର ଦେଖି ପାରୁଥିବା ଯାଗାରେ ଭାଇବୋହୂମାନେ ଆତଯାତ ହୁଅନ୍ତି ନାହିଁ। ତେଣୁ ବାହୁଡ଼ା ଦଶମୀ ଦିନ ଲକ୍ଷ୍ମୀ ଶ୍ରୀନଅର ପାଖକୁ ଯିବା ବେଳେ ବଳଭଦ୍ରଙ୍କ ସମ୍ମୁଖରେ ଲୁଗାର ପାହାଡ଼ା ପଡ଼େ। ତେଣୁ ଦୁଇ ଭାଇ ଓ ଭଉଣୀ କୂଅର ଚଉତରା ଉପରେ ବସିଲେ ଏବଂ ଲକ୍ଷ୍ମୀ ଦୁଇତିନିଟା ପାହାଚ ତଳକୁ ଯାଇ ବସିଲେ। ସମସ୍ତେ ଛଦ୍ମବେଶରେ ଥିଲେ ମଧ୍ୟ ଗୁରୁ ନାନକ ଦିବ୍ୟଦୃଷ୍ଟିରେ ସେମାନଙ୍କୁ ଦର୍ଶନ କରି ପାରୁଥିଲେ। କ୍ରମଶଃ ଭକ୍ତମାନେ ସେ କଥା ଜାଣିବା ପରେ ସେହି କୂଅକୁ 'ଦେଢ଼ଶୁର ଭାଇବୋହୂ କୂଅ' ନାମରେ ଜଣାଗଲା। ●

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବିଜେପି ସରକାର ଓଡ଼ିଶାବାସୀଙ୍କ ସହିତ ବିଶ୍ୱାସଘାତକତା କରିଛି: ବିଜେଡି

ଭୁବନେଶ୍ୱର,୪।୧୧(ସମିସ): ସୋମବାର କୋମନା ବ୍ଲକର ତରବୋଡା ନିର୍ବାଚନୀ ସଭାରେ ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେତେ ମାତ୍ରାରେ ପୂରଣ କରିଛନ୍ତି ବୋଲି ପ୍ରଶ୍ନ କରିଥିଲେ। ଯାହାକୁ ନେଇ ବିଜେପିର ନେତାମାନେ ଏହା ଉପରେ ଟୀକାଟିପ୍ପଣୀ ଦେଉଥିବା ବେଳେ ସେମାନଙ୍କୁ ପାଲଟା ଜବାବ ଦେଇଛି ବିଜେଡି। ଗତ ୧୬ ମାସରେ ବିଜେପି ସରକାର ଓଡ଼ିଶାବାସୀଙ୍କ ସହିତ ବିଶ୍ୱାସଘାତକତା କରିଛି ବୋଲି ବିଜେଡିମୁଖପାତ୍ର ଡ. ଲେନିନ ମହାନ୍ତି ଏବଂ ରାଜ୍ୟସଭା ସାଂସଦ ସୁଲତା ଦେଓ କହିଛନ୍ତି।

ମଙ୍ଗଳବାର ଶଙ୍ଖଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଡ. ମହାନ୍ତି କହିଛନ୍ତି ଯେ ୨୦୨୪ ସାଧାରଣ ନିର୍ବାଚନରେ ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତିକୁ କେତେ ମାତ୍ରାରେ ପୂରଣ କରିଛନ୍ତି ବୋଲି ଗତକାଲି ନିର୍ବାଚନୀ ସଭାରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜେପିକୁ ପ୍ରଶ୍ନ କରିଥିଲେ । ଆମେ ମଧ୍ୟ ବିଜେପି ସରକାରକୁ ସେହି ପ୍ରଶ୍ନର ପୁନରାବୃତ୍ତି କରୁଛୁ। ବିଜେପି ଦେଇଥିବା ୩୦୦ ୟୁନିଟ୍ ମାଗଣା ବିଜୁଳି ଓଡ଼ିଶାବାସୀଙ୍କୁ ମିଳିପାରିଲା କି ? ସେହିପରି ବୁଢ଼ାବୁଢ଼ୀଙ୍କୁ ୩୫୦୦ ଟଙ୍କା ଭତ୍ତା , ୨୪ ଘଣ୍ଟାରେ ଚିଟଫଣ୍ଡ ଟଙ୍କା ଫେରସ୍ତ, ପ୍ରତି ପଞ୍ଚାୟତରେ ୧୦୦ ଜଣଙ୍କୁ ଚାକିରି, ଚାଷୀଙ୍କୁ ୟୁରିଆ ସାର ଏସବୁ ପ୍ରତିଶ୍ରୁତି ଆଜି ପ୍ରତାରଣାରେ ପରିଣିତ ହୋଇଛି । ପୂର୍ବ ବିଜେଡି ସରକାର କରିଥିବା ଜନକଲ୍ୟାଣ ଯୋଜନା ମଧ୍ୟରୁ ୨୫ଟି ଯୋଜନାର ନାମ ପରିବର୍ତ୍ତନ କଲେ। ତେଣୁ ବିଜେପି ସରକାର ଗେମ୍ ଚେଞ୍ଜର ସରକାର ନୁହେଁ, ନେମ୍ ଚେଞ୍ଜର ସରକାର। ଡବଲ ଇଞ୍ଜିନ ସରକାର ଓଡ଼ିଶାରେ ଦୁଇ ଗୁଣା ବିକାଶ ହେବ କହୁଥିବା



ବେଳେ ଦୁଇ ଗୁଣା ବିନାଶ ହୋଇଛି । ବିଜେପି କ୍ଷମତାକୁ ଆସିବା ପରେ ଓଡ଼ିଶାକୁ କେନ୍ଦ୍ରୀୟ ଅନୁଦାନ ୧୮.୧୯ ପ୍ରତିଶତ କମିଲା, ୧୬ଟି ପରୀକ୍ଷାରେ ମହାବିଭ୍ରାଟ ହେଲା, ଗତ ୧୬ ମାସରେ ୩୭,୬୧୧ ମହିଳା ନିର୍ଯାତନା ମାମଲା ହୋଇଛି। ବିଜେପି ସରକାରର ଏହି ଅପାରଗତାକୁ ନେଇ ରାଜ୍ୟରେ ଜନଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ନବୀନ ପଟ୍ଟନାୟକଙ୍କ ଅଭିଭାଷଣ ଉପରେ ବିଜେପି ନେତାମାନଙ୍କ ଟିପ୍ପଣୀ ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଲେନିନ୍ କହିଛନ୍ତି।

ସେହିପରି ସୁଲତା ଦେଓ କହିଥିଲେ ଯେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅଭିଭାଷଣ ଉପରେ ଦେଇଥିବା ମନ୍ତବ୍ୟ ଦୁର୍ଭାଗ୍ୟଜନକ । ନବୀନ ପଟ୍ଟନାୟକ ୭ ଲକ୍ଷ ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କରି ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ କରିଥିଲେ।

- ଓଡ଼ିଶାବାସୀଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନରେ ବିଜେପି ସମ୍ପୂର୍ଣ୍ଣ ବିଫଳ
- ସୁଭଦ୍ରା ଯୋଜନା ବିଜେପି ସରକାରର ସବୁଠୁ ବଡ଼ ପ୍ରହସନ ଓ ପ୍ରତାରଣା
- ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମନ୍ତବ୍ୟ ଅତ୍ୟନ୍ତ ହାସ୍ୟାସ୍ପଦ

ହାଣ୍ଡିଶାଳରୁ ମହିଳାମାନଙ୍କୁ ଆଣି ନାରୀ ସଶକ୍ତିକରଣ ପାଇଁ ଦୁବାଇ, ମାଲେସିଆ ଓ ସିଙ୍ଗାପୁର ପଠାଇଥିଲେ । ପୂର୍ବ ବିଜେଡି ସରକାର ସମୟରେ ମିଶନ ଶକ୍ତି ମାମାନେ ଓଡ଼ିଶା ସରକାରଙ୍କ ୩୦ଟି ବିଭାଗର କାମ କରୁଥିଲେ। ବିଜେପି କ୍ଷମତାକୁ ଆସିବା ପରେ ମିଶନଶକ୍ତି ବିଭାଗର ବଜେଟକୁ ଅଧା କରି ମିଶନଶକ୍ତିକୁ ପଙ୍ଗୁ କରିଦେଲା । ମହିଳାମାନଙ୍କ ପାଇଁ ବିଜେପି ସରକାର କରିଥିବା ସୁଭଦ୍ରା ଯୋଜନା ହେଉଛି ସବୁଠୁ ବଡ ପ୍ରହସନ ଓ ପ୍ରତାରଣା । ଦିଲ୍ଲୀରେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା, ହରିୟାଣାରେ ୨୧୦୦ ଟଙ୍କା, କର୍ଣ୍ଣାଟକରେ ୨୦୦୦ ଟଙ୍କା, ମହାରାଷ୍ଟ୍ରରେ ୧୫୦୦ ଟଙ୍କା, ପଶ୍ଚିମବଙ୍ଗରେ ୧୫୦୦ ଟଙ୍କା, ମଧ୍ୟପ୍ରଦେଶରେ ୧୨୫୦ ଟଙ୍କା, ଝାଡ଼ଖଣ୍ଡରେ ୧୦୦୦ ଟଙ୍କା, ତାମିଲନାଡୁରେ ୧୦୦୦ ଟଙ୍କା ଦିଆଯାଉଥିବା ବେଳେ ଓଡ଼ିଶାରେ ସୁଭଦ୍ରା ଯୋଜନାରେ ମହିଳା ମାନଙ୍କୁ ମାତ୍ର ୮୩୩ ଟଙ୍କା ଦିଆଯାଉଛି। ଦିନକୁ ମାତ୍ର ୨୭ ଟଙ୍କାରେ ବିଜେପିର ନାରୀ ସଶକ୍ତିକରଣ ନାରା ହାସ୍ୟାସ୍ପଦ । ସୁଭଦ୍ରା ଯୋଜନାରେ ପାଖାପାଖି ୩ ଲକ୍ଷ ମହିଳା ବାଦ୍ ପଡିଥିବା ବେଳେ ୨୦ ହଜାର ଜୀବିତ ଲୋକଙ୍କୁ ମୃତ ଘୋଷଣା କରାଯାଇଛି । ଓଡ଼ିଶାରେ ୧୭ ଲକ୍ଷ ଲକ୍ଷପତି ଦିଦି ଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ଡିଣ୍ଡିମ ପିଟୁଥିବା ବେଳେ ୨୦ ଅଗଷ୍ଟ ୨୦୨୫ ସଂସଦର ଉତ୍ତରରେ ଏହି ସଂଖ୍ୟା ୭ ଲକ୍ଷ ୮୦ ହଜାର ଦର୍ଶାଯାଇଛି। ତେଣୁ ଶ୍ରୀମତୀ ପ୍ରଭାତୀ ପରିଡ଼ା ଲକ୍ଷପତି ଦିଦିଙ୍କୁ ନେଇ ଡାହା ମିଛ କହୁଛନ୍ତି । ଜଣେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଦାୟିତ୍ୱ ହେଉଛି ମହିଳାଙ୍କ ଅଧିକାର ସପକ୍ଷରେ କହିବା। ମାତ୍ର କିଛିଟା ଭୋଟ୍ ପାଇଁ 'ବାହାଘର ପରେ ବାପା ଘର ବହୁଦୂର, ମାମୁଁ ଘର ସାତ ପର' ମନ୍ତବ୍ୟ ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସାଂସଦ କହିଛନ୍ତି।

■ ଚୌଦ୍ୱାର ଜେଲ୍‌ରେ ବିଚାରାଧୀନ କଏଦୀଙ୍କ ଆତ୍ମହତ୍ୟା ଘଟଣା

# ଓଏଚ୍ଆରସିରେ ହତ୍ୟା ଅଭିଯୋଗ ଆଣିଲେ ପୁଅ

କଟକ, ୪।୧୧(ସମିସ): ଚୌଦ୍ୱାର ସର୍କଲ ଜେଲରେ ବିଚାରାଧୀନ କଏଦୀ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ବଡ଼ମାଳି ଗ୍ରାମର ପବିତ୍ର ସାହୁ (୪୪) ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିବା ଘଟଣାର ଉପଯୁକ୍ତ ତଦନ୍ତ ପାଇଁ ଓଡ଼ିଶା ରାଜ୍ୟ ମାନବାଧିକାର କମିସନ (ଓଏଚଆରସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ମୃତକଙ୍କ ପୁଅ ଏସ୍. ତାରେଣୀପ୍ରସାଦ। ସେ ଅଭିଯୋଗ କରିଛନ୍ତି ଯେ ଘଟଣାର ପୂର୍ବଦିନ ସେ ତାଙ୍କ ପରିବାର ସହ ଭଲରେ କଥା ହୋଇଥିଲେ। ହେଲେ, ଗତ ୩ ତାରିଖ ଦିନ ପବିତ୍ର ଆତ୍ମହତ୍ୟା ଉଦ୍ୟମ କରିଥିବା ନେଇ ଜେଲ କର୍ତ୍ତୃପକ୍ଷ ଜଣାଇବାରୁ ପବିତ୍ରଙ୍କ ପରିବାର ଡାକ୍ତରଖାନା ଯାଇଥିଲେ। ପରେ ଏକ ଅଜଣା ନମ୍ବରରୁ ପବିତ୍ରଙ୍କ ମୃତ୍ୟୁ ହୋଇଥିବା ନେଇ ତାଙ୍କୁ ଫୋନ ଆସିଥିଲା। ସେହିପରି, ବ୍ୟବଚ୍ଛେଦ ପରେ ଯାଇ ମୃତଦେହ ହସ୍ତାନ୍ତର କରାଯିବ ବୋଲି କୁହାଯାଇଥିଲା। ଏଭଳି ସନ୍ଦେହଜନକ ସ୍ଥିତିରେ ତାଙ୍କ ପିତାଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଛି ବୋଲି ସେ କମିସନରେ ଅଭିଯୋଗ କରିବା ସହ ଏହାର ତଦନ୍ତ ଦାବି କରିଛନ୍ତି।

ପ୍ରକାଶଥାଉକି ପବିତ୍ର ଏକ ଚିଟ୍‌ଫଣ୍ଡ ଠକେଇ ମାମଲାରେ ଗତ ୧ ମାସ ପୂର୍ବେ ଅନ୍ୟ ଜେଲରୁ ସ୍ଥାନାନ୍ତର ହୋଇ ଚୌଦ୍ୱାର ଜେଲକୁ ଆସିଥିଲେ। ଗତକାଲି ସକାଳେ ଜେଲ ଭିତରେ ଥିବା ପାଇଖାନା ଘରେ ସେ ବେକରେ ଏକ ଗାମୁଛା ବାନ୍ଧି ଆତ୍ମହତ୍ୟା ଉଦ୍ୟମ କରି ଗୁରୁତର ହୋଇପଡ଼ିଥିଲେ। ଜେଲ୍ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନା ପଠାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପବିତ୍ର କାହିଁକି ଆତ୍ମହତ୍ୟା କଲେ ତାହା ସ୍ପଷ୍ଟ ହୋଇପାରିନାହିଁ।

# ଲଜ୍ଜା: ମଦ ପିଆଇ ନାବାଳିକାକୁ ଦୁଷ୍କର୍ମ

ମାଲକାନଗିରି,୪।୧୧(ସମିସ): ମାଲକାନଗିରି ଜିଲ୍ଲାରେ ପୁଣି ଲଜ୍ଜା। ପଦ୍ମଗିରି ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ଜଣେ ୧୬ ବର୍ଷର ନାବାଳିକା ନିଜ ସାଙ୍ଗ ସହ ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଯଦୁଗୁଡା ଶିବ ମନ୍ଦିରକୁ ଯାଇଥିଲେ। ସେଠାରେ ଦେବୁ ବାରୋଇ ନାମକ ଜଣେ ଯୁବକ ସେମାନଙ୍କୁ ଏ ବାଇକ୍‌ରେ ବସାଇ ସ୍ଥାନୀୟ ଜଙ୍ଗଲ ଭିତରକୁ ନେଇ ଯାଇଥିଲେ। ସେଠାରେ ଦେବୁ ଉକ୍ତ ଯୁବତୀଙ୍କ ବାନ୍ଧବୀଙ୍କ ସହାୟତାରେ ନାବାଳିକାଙ୍କୁ ଜୋରଜବରଦସ୍ତ ମଦ ପିଆଇଥିଲା। ସେ ନିଶାସକ୍ତ ହେବା ପରେ ଦେବୁ ତାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ଏ ସଂପର୍କରେ ଜାଣିବା ପରେ ପରିବାରଲୋକେ ମାଲକାନଗିରି ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରି ଅଭିଯୁକ୍ତ ଦେବୁ ବାରୋଇକୁ ଅଟକ ରଖି ପଚରାଉଚରା କରୁଥିବା ଜଣାପଡ଼ିଛି। ଉଭୟଙ୍କ ଡାକ୍ତରୀମାଇନା କରାଯିବା ସହ ଘଟଣାର ତଦନ୍ତ କରି କାର୍ଯାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି।

# ଏଆଇସିସି ଆଦିବାସୀ ପରାମର୍ଶଦାତା ପରିଷଦରେ ୪ ଓଡ଼ିଆ

ଭୁବନେଶ୍ୱର,୪।୧୧(ସମିସ): ଏଆଇସିସି ଆଦିବାସୀ କଂଗ୍ରେସର ପରାମର୍ଶଦାତା ପରିଷଦରେ ଓଡ଼ିଶାର ୪ ଜଣ ନେତାଙ୍କୁ ସ୍ଥାନ ମିଳିଛି। ୪୩ ଜଣିଆ ଏହି ପରିଷଦରେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ୍, ସୁଶିଳା ତିରିଆ, ନାଗାର୍ଜୁନ ପ୍ରଧାନ ଓ ପରମା ପୂଜାରି ପ୍ରମୁଖ ସ୍ଥାନ ପାଇଛନ୍ତି। ଏହି କମିଟି ବ୍ୟତୀତ ଏଆଇସିସି ପକ୍ଷରୁ ୩୯ ଜଣିଆ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କମିଟି ଓ ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ପାଇଁ ଏକ ୧୯ ଜଣିଆ ଆଦିବାସୀ ପରାମର୍ଶଦାତ୍ତା ପରିଷଦ ମଧ୍ୟ ଗଠନ ହୋଇଛି। ଅଖିଳ ଭାରତୀୟ ଆଦିବାସୀ କଂଗ୍ରେସର ଅଧ୍ୟକ୍ଷ ବିକ୍ରାନ୍ତ ଭୁରିଆଙ୍କ ସୁପାରିସ୍ କ୍ରମେ ଏଆଇସିସି ଏହି କମିଟିକୁ ଅନୁମୋଦନ ଦେଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୧୦ ମୃତ...

ରେଳବାଇ ପକ୍ଷରୁ ମାମଲାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରେଳବାଇ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସିଗ୍‌ନାଲିଂ ସିଷ୍ଟମରେ ତ୍ରୁଟି କିମ୍ବା ମାନବୀୟ ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି।

ଦୁର୍ଘଟଣା ଯୋଗୁଁ ଉପରେ ଯାଇଥିବା ରେଲୱେ ୱାଙ୍ଗ ଏବଂ ସିଗ୍‌ନାଲିଂ ସିଷ୍ଟମ ବହୁଳ ଭାବେ କ୍ଷତିଗ୍ରସ୍ତ ହୋଇଛି। ତେଣୁ ଏହି ମାର୍ଗରେ ଟ୍ରେନ ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି। ଅନେକ ଏକ୍ସପ୍ରେସ ଏବଂ ଯାତ୍ରୀବାହୀ ଟ୍ରେନକୁ ବାତିଲ କରାଯାଇଛି। ମୃତକଙ୍କ ପରିବାର ଲୋକଙ୍କ ପାଇଁ ରେଳବାଇ ପକ୍ଷରୁ ୧୦ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ପାଇଁ ୫ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରାଯାଇଛି। ଏହି ଦୁର୍ଘଟଣାରେ ଯାତ୍ରୀବାହୀ ଟ୍ରେନର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଯାଇଛି। ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ବଗି ମଧ୍ୟ ପ୍ରଭାବିତ ହୋଇଛି। ଏହା ଭିତରୁ ମହିଳାଙ୍କୁ ଉଦ୍ଧାର କରାଯାଉଛି। ଏହି ଦୁର୍ଘଟଣାର ଅନେକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏଥିରେ ପାସେଞ୍ଜର ଟ୍ରେନ୍‌ର ଇଞ୍ଜିନ ଏବଂ ଅନ୍ୟ ବଗିଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଟ୍ରେନ ଗୁଡିକ ବାତିଲ ହୋଇଯାଇଥିବାରୁ ବିଳାସପୁର ଷ୍ଟେସନରେ ପ୍ରବଳ ଭିଡ଼ ହୋଇଛି। ଲୋକେ କେଉଁ ଟ୍ରେନ ବିଳମ୍ବରେ ଚାଲୁଛି ଆଉ କେଉଁଟିକୁ ବାତିଲ କରିଦିଆଯାଇଛି ତାହା ଜାଣିପାରୁନାହାନ୍ତି। ଦୁର୍ଘଟଣା ସଂପର୍କରେ ଅଧିକ ତଥ୍ୟ ଲାଗି ରେଳବାଇ ବିଭାଗ ପକ୍ଷରୁ ହେଲ୍‌ପ ଲାଇନ୍ (9752485499 8602007202) ଜାରି କରାଯାଇଛି।

### ସ୍ୱାସ୍ଥ୍ୟସେବା କ୍ଷେତ୍ରରେ...

ପାଇଁ ବିଜେପି ସରକାର ଆମକୁ ଉନ୍ନତ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରଖିଲେ ବୋଲି ନୂଆପଡ଼ାବାସୀ ପଚାରୁଥିବା ବେଳେ ଏହାର ଉତ୍ତର କିନ୍ତୁ କାହା ପାଖରେ ନାହିଁ।

ଇତିମଧ୍ୟରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ୪ଟି ଆକସ୍ମିକ ଘଟଣା ଯଥା ସାପକାମୁଡ଼ା, ହୃଦଘାତ, ଦୁର୍ଘଟଣା କିମ୍ବା ଅନ୍ୟ କୌଣସି ଜୀବନପ୍ରତି ବିପଦ ଥିବା ଜରୁରୀକାଳୀନ ସ୍ଥିତିରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନୂଆପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପରି କୌଣସି ପରିସ୍ଥିତି ସୃଷ୍ଟି ହେଲେ ସେମାନଙ୍କୁ ଓଡ଼ିଶା କିମ୍ବା ରାୟପୁରରେ ଯେକୌଣସି ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ତୁରନ୍ତ ଚିକିତ୍ସା ସେବା ଯୋଗାଇ ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଏହାବ୍ୟତୀତ ଅନ୍ୟ କୌଣସି ଘଟଣାରେ ନୂଆପଡ଼ାରେ ଉଭୟ ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ଆବଶ୍ୟକସ୍ଥଳେ ନିର୍ବାଚନରେ ନିୟୋଜିତ କର୍ମଚାରୀଙ୍କୁ ଚିକିତ୍ସା ସେବା ଯୋଗାଇଦେବାକୁ କୁହାଯାଇଥିବା ବେଳେ ଏହାର ସମସ୍ତ ଖର୍ଚ୍ଚ ପରବର୍ତ୍ତୀ ସମୟରେ ନିର୍ବାଚନ ଖର୍ଚ୍ଚ ବ୍ୟୟଅଟକଳରୁ ବହନ କରାଯିବ ବୋଲି ସୂଚନା ମିଳିଛି ।

### ଆଜିଠୁ ଐତିହାସିକ...

ଏଥର ମୁଖ୍ୟ ଆକର୍ଷଣ ସାଜିବ "କଟକ ଇନ୍ କଟକ'। ନୂଆ ବୋହୂ ରୂପେ ଏହି ପାଭିଲିୟନ ସଜେଇ ହୋଇଛି। ସବୁଜିମା କୋଳରେ କଳା କାରୁକାର୍ଯ୍ୟର ଛିଟା ଦିଆଯାଇଛି। ଏତଦ୍ୟବତୀତ ବାଲିଯାତ୍ରାକୁ ଅଧିକ ଆକର୍ଷଣୀୟ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ କେତେକ ଅଭିନବ ଉଦ୍ୟମ କରିଛି। ଜାଭା, ସୁମାତ୍ରା, ଇଣ୍ଡୋନେସିଆ, ମାଳଦୀପ ଆଦି ରାଷ୍ଟ୍ର ସହ ପ୍ରାଚୀନ କଳିଙ୍ଗର ବାଣିଜ୍ୟିକ ସମ୍ପର୍କକୁ ଆଧାର କରି ମହାନଦୀ କୂଳରେ ଆରମ୍ଭ ହୋଇଥିବା ଏହି ବାଣିଜ୍ୟିକ ମେଳାରେ ଏଥର ବିଦେଶୀ ପରମ୍ପରାକୁ ପ୍ରତିଫଳିତ କରାଯିବ। ବାଲିଯାତ୍ରାରେ ସହଭାଗୀ ରାଷ୍ଟ୍ର ଭାବେ ଇଣ୍ଡୋନେସିଆକୁ ସାମିଲ କରାଯାଇଛି। ଇଣ୍ଡୋନେସିଆର ବାସିନ୍ଦା ଚଳିତଥର କଟକ ବାଲିଯାତ୍ରାରେ ଦେଖିବାକୁ ମିଳିବେ। ଏପରିକି ଇଣ୍ଡୋନେସିଆର କଳାକୃତିକୁ ନେଇ ଏକ ସ୍ୱତନ୍ତ୍ର ଷ୍ଟଲ ବାଲିଯାତ୍ରାରେ ରହିଛି।

### ଉଦ୍ଧାର ପାଇଁ...

ପଟ୍ଟନାୟକ ମଧ୍ୟ ସୁଦାନର ଅଲ ଫାସିରରେ ରାପିଡ ସପୋର୍ଟ ଫୋର୍ସ(ଆରଏସଏଫ) ଦ୍ୱାରା ଆଦର୍ଶ ବେହେରାଙ୍କ ଅପହରଣ ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ତୁରନ୍ତ ଭାରତ ସରକାର ଏବଂ କେନ୍ଦ୍ର ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ଆଦର୍ଶ ଯେପରି ଶୀଘ୍ର ମୁକ୍ତି ପାଇପାରିବେ ସେନେଇ ପଦକ୍ଷେପ ନେବାକୁ ଟ୍ୱିଟ୍ ଯୋଗେ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ ଯେ ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ଥାନା କୋଟକଣା ଗ୍ରାମର ଆଦର୍ଶ କୁମାର ବେହେରା ୨୦୨୨ ମସିହାରୁ ସୁଦାନରେ କାମ କରୁଛନ୍ତି। ନିକଟରେ ତାଙ୍କ ପରିବାର ବର୍ଗ ପାଖକୁ ଖବର ଆସିଥିଲା ଯେ ଆଦର୍ଶ ବର୍ତ୍ତମାନ ନିଖୋଜ ଅଛନ୍ତି ଏବଂ ତାଙ୍କର କୌଣସି ଖୋଜ୍ ଖବର ମିଳୁନାହିଁ।

### ବସନ୍ତ ଖପ୍ପା...

ସେଥିପାଇଁ ଦଳ ତାଙ୍କୁ ଟିକଟ ଦେଲାନାହିଁ ବୋଲି କହିଛନ୍ତି । ପଦ୍ମଲୋଚନଙ୍କ ପ୍ରତିକ୍ରିୟା ନୂଆପଡ଼ା ବିଜେପିରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହାକୁ ନେଇ ବସନ୍ତ ଏବଂ ତାଙ୍କ ସମର୍ଥକ ତୀବ୍ର ଅସନ୍ତୋଷ ପ୍ରକଟ କରିଛନ୍ତି। ଦଳର ଜଣେ ପୁରୁଖା ନେତା, ପୂର୍ବ ରାଜ୍ୟ ସଭାପତି, ସାଂସଦ ତଥା ନୂଆପଡ଼ାର ଦୁଇଥର ବିଧାୟକଙ୍କୁ ହାରିବା ଘୋଡ଼ା ଉଲ୍ଲେଖ କରି ପଦ୍ମଲୋଚନ ନୂଆପଡ଼ା ବିଜେପି ଶିବିରକୁ ଫାଳଫାଳ କରି ଦେଇଥିବା କର୍ମୀମାନେ କହିଛନ୍ତି।

ମଙ୍ଗଳବାର ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ଦେଇ ପଦ୍ମଲୋଚନ କହିଥିଲେ ଯେ ଯିଏ ଜିତିବ ତାକୁ ପ୍ରାର୍ଥୀ କରାଯିବ। କଣ ମାନେ ଅଛି ବସନ୍ତ ପଣ୍ଡା ପୁଅକୁ ଟିକେଟ ଦିଆଯିବ। ଦଳ ଯାହାକୁ ନିଷ୍ପତ୍ତି ନେବ ତାକୁ ସମସ୍ତେ ଗ୍ରହଣ କରିବ। ଦଳ ସବୁବେଳେ ଚିନ୍ତା କରେ କାହାକୁ ପ୍ରାର୍ଥୀ କଲେ କିଏ ଜିତିବ। ସେହି ଅନୁସାରେ ପ୍ରାର୍ଥୀ ଚୟନ ହୋଇଥାଏ। କେଉଁ ଭଳି ଅସ୍ତ୍ରଶସ୍ତ୍ର ନେଇ ଯୁଦ୍ଧ କ୍ଷେତ୍ରକୁ ଯିବାକୁ ପଡିବ ଯିଏ ଯୁଦ୍ଧ ଲଢ଼ିଛି ସେ ଜାଣିଛି। କେନ୍ଦ୍ର ନିଷ୍ପତ୍ତି ଅନୁସାରେ ବିଜେପି ନୂଆପଡ଼ା ପ୍ରାର୍ଥୀ କରିଛି ବୋଲି ସେ ମତ ରଖିଛନ୍ତି। ଅପରପକ୍ଷେ ପଦ୍ମଲୋଚନଙ୍କ ଏପରି ବୟାନକୁ ନେଇ କ୍ଷୋଭ ପ୍ରକାଶ କରିଛନ୍ତି ବସନ୍ତଙ୍କ ସମର୍ଥକ। ସେମାନଙ୍କ ଅନୁଯାୟୀ ପ୍ରଥମେ ଅଭିନନ୍ଦନଙ୍କୁ ପ୍ରାର୍ଥୀତ୍ୱକୁ ବଞ୍ଚିତ କରାଗଲା। ଦଳୀୟ ଶୃଙ୍ଖଳାକୁ ସର୍ବାଗ୍ରେ ରଖି ଆମେ ଚୁପ୍ ରହିଲୁ। ମାତ୍ର ଆମ ନେତାଙ୍କୁ ହାରୁ ଘୋଡ଼ା କହିବା ଆମ ପ୍ରତି ଅପମାନ, ନୂଆପଡ଼ା ପ୍ରତି ଅପମାନ। ଆମେ ଏହାକୁ ସହ୍ୟ କରିବୁ ନାହିଁବୋଲି ଚେତାବନୀ ଦେଇଛନ୍ତି। ତେବେ ପଦ୍ମଲୋଚନଙ୍କ ବୟାନକୁ ନେଇ ବସନ୍ତ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ଓ ସମ୍ପୂର୍ଣ୍ଣ ନିରବ ରହିଛନ୍ତି।

### ଖସିଗଲେ ଧଳାହାତୀ...

କେଉଁ ସାହସରେ ଏତେବଡ଼ କାର୍ଯ୍ୟ କରିବାକୁ ସକ୍ଷମ ହେଲା ଓ ଏହା ପଛରେ ଓପିଆର୍‌ବି ଓ ରାଜ୍ୟ ସରକାରଙ୍କ କେଉଁ ଅଧିକାରୀଙ୍କ ହାତ ଅଛି ତାହା ବି ଅନୁସନ୍ଧାନ ପରିସରଭୁକ୍ତ ହୋଇନାହିଁ ।

କ୍ରାଇମ୍‌ବ୍ରାଞ୍ଚ ଏକ ଘରୋଇ ଠିକା ସଂସ୍ଥା ସିଲିକନ୍‌ର ସିଇଓ ସୁରେଶଙ୍କୁ ମୁଖ୍ୟ ଅଭିଯୁକ୍ତ ଏବଂ ଶଙ୍କରଙ୍କୁ ସହଯୋଗୀ ସଜାଇଛି। ସିଲିକନ୍‌ର ମୁଖ୍ୟ ସୁରେଶ ନିଜ ହାତରେ ପୁଲିସ ଏସ୍‌ଆଇ ପରୀକ୍ଷାର ପ୍ରଶ୍ନପତ୍ର ପ୍ରସ୍ତୁତି, ମୁଦ୍ରଣ ଏବଂ ପରିବହନର ଦାୟିତ୍ୱ ରଖିଥିଲେ ବୋଲି କ୍ରାଇମ୍‌ବ୍ରାଞ୍ଚ ପ୍ରେସ୍ ବିବୃତି ପ୍ରକାଶ କରିଥିଲା। ପରୀକ୍ଷା ପରିଚାଳନାର ମୁଖ୍ୟ ଦାୟିତ୍ୱରେ ଥିବା ରାଜ୍ୟ ସରକାରଙ୍କ ସଂସ୍ଥା ଓପିଆର୍‌ବି ଏବଂ ଠିକାପାଇଥିବା କେନ୍ଦ୍ରୀୟ ସଂସ୍ଥା ଆଇଟିଆଇର ଭୂମିକାକୁ କ୍ରାଇମବ୍ରାଞ୍ଚ ସମ୍ପୂର୍ଣ୍ଣ ଭାବରେ ଏଡ଼ାଇ ଯାଇ ସେମାନଙ୍କୁ ଏକପ୍ରକାର କ୍ଲିନ୍‌ଚିଟ୍ ଦେଇଛି। ଯେପରି ଏହି ଦୁଇ ସଂସ୍ଥା କିମ୍ବା ଏହି ଦୁଇ ସଂସ୍ଥାରେ କାର୍ଯ୍ୟ କରୁଥିବା ସରକାରୀ ବାବୁମାନଙ୍କର ଦ୍ୱାରା କୌଣସି ଅବହେଳା ହୋଇନାହିଁ ବୋଲି କ୍ରାଇମବ୍ରାଞ୍ଚ ଏକପ୍ରକାର ସୂଚାଇଦେଇଛି।

କ୍ରାଇମ୍‌ବ୍ରାଞ୍ଚ ଏଭଳି କିଛି କରିବ ବୋଲି ବିରୋଧୀ ପ୍ରଥମରୁ ସନ୍ଦେହ କରି ସିବିଆଇ ତଦନ୍ତ ଦାବି କରିବା ସହ ରାସ୍ତାକୁ ଓହ୍ଲାଇଥିଲେ। ମୁଖ୍ୟମନ୍ତ୍ରୀ ମଧ୍ୟ ଏହି ଘଟଣାର ସିବିଆଇ ତଦନ୍ତ କରାଯିବ ବୋଲି ଘୋଷଣା କରିଥିଲେ । ମାତ୍ର ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ପରେ ପୂର୍ବରୁ ଶଙ୍କରଙ୍କୁ ଗିରଫ କରିବାରେ ଅସମର୍ଥ କ୍ରାଇମ୍‌ବ୍ରାଞ୍ଚ ଅକସ୍ମାତ ସକ୍ରିୟ ହୋଇ ପଡ଼ିଥିଲା। ସିବିଆଇ ତଦନ୍ତ ଆରମ୍ଭ ପୂର୍ବରୁ କ୍ରାଇମ୍‌ବ୍ରାଞ୍ଚ ସିଲିକନ୍ ଓ ପଞ୍ଚସପ୍ଟ ମୁଖ୍ୟଙ୍କ ସହ ଯୋଗାଡିଆ ଦଲାଲ୍ ଏବଂ ପୁଲିସ କନେଷ୍ଟେବଲଙ୍କୁ ଗିରଫ କରି ସମସ୍ତେ ଧରାପଡ଼ିଗଲେ ଏକ ଧାରଣା ସୃଷ୍ଟି କରିବାକୁ ଚାହୁଁଛି। ସିବିଆଇ ଆସିବା ପରେ ହୁଏତ ଗିରଫଦାରୀ ବଢିପାରେ କିନ୍ତୁ କ୍ରାଇମ୍‌ବ୍ରାଞ୍ଚ ଦ୍ୱାରା ପ୍ରସ୍ତୁତ ମୂଳ ଦସ୍ତାବଜ୍‌କୁ ଆଧାର କରି ତଦନ୍ତ ଆଗକୁ ବଢିବ। ଯେଉଁଥିରେ ଧଳାହାତୀ ନ ଥିବେ କେବେଳ ଛୋଟ ମୋଟ କାର୍ପେଟଦାର ଜାଲରେ ପଡ଼ିବେ।

ଅନ୍ୟପକ୍ଷରେ ଗିରଫ ହୋଇଥିବା ଅରବିନ୍ଦ ପିଲାଙ୍କୁ ପଶ୍ଚିମବଙ୍ଗର ଦୀଘାରେ ପରୀକ୍ଷା ପ୍ରସ୍ତୁତି କରାଉଥିଲେ। ତାଙ୍କ ଅନୁଯାୟୀ, ପିଲାଙ୍କ ଠାରୁ ଆଦାୟ ହୋଇଥିବା ଟଙ୍କାର ପରିମାଣ ୧୦୦ କୋଟି ଟପିଯିବ। ଶଙ୍କର ମଧ୍ୟ ବହୁ କୋଟି ଟଙ୍କାର ସ୍କାମ୍ ବୋଲି କହୁଛି। ଏତେ ଟଙ୍କା କଣ ଏକ ତୃତୀୟ ପକ୍ଷ ଠିକା ସଂସ୍ଥାର ମାଲିକ କିମ୍ବା ଶଙ୍କର ଭଳି ଛୋଟ ଦଲାଲ ନିଜ ଭିତରେ ରଖିଦେଲେ। ଏହି ଟଙ୍କା କୌଣସି ସରକାରୀ ଅଧିକାରୀଙ୍କ ମଧ୍ୟରେ ବଣ୍ଟା ଯାଇ ନାହିଁ ବୋଲି ଏକଥାକୁ ସହଜରେ ହଜମ କରିପାରୁ ନାହାନ୍ତି ପରୀକ୍ଷାର୍ଥୀ। ପିଲାଙ୍କ ଠାରୁ ଆଦାୟ ହୋଇଥିବା ଟଙ୍କା କୁଆଡେ ଗଲା। କେତେ ଟଙ୍କା ଆଦାୟ ହୋଇଛି। କାହାକୁ କାହାକୁ ଯାଇଛି ସେ ସମ୍ପର୍କରେ କ୍ରାଇମ୍‌ବ୍ରାଞ୍ଚ କାହିଁକି ମୁହଁ ଖୋଲୁନି। ଅର୍ଥନୈତିକ କାରବାରକୁ ନେଇ ତଦନ୍ତ କଣ ପାଇଁ ଆଗକୁ ବଢୁନି ବୋଲି ଅନେକ ପରୀକ୍ଷାର୍ଥୀ ପ୍ରଶ୍ନ କରିଛନ୍ତି।

### ଅକାଳ ମୃତ୍ୟୁ...

ବାହାର ଲୋକଙ୍କୁ ବାରଣ କରିଛନ୍ତି। ଏହାସହ ଗାଁରେ ଝାଙ୍କର ଦେବୀଙ୍କ ପୂଜାର୍ଚ୍ଚନା କରୁଛନ୍ତି। ନାରାୟଣପାଟଣା ସଦର ଗାଦବାଡୁଡ଼ା ଗାଁର ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି।

ସୂଚନାନୁସାରେ, ଚଳିତବର୍ଷ ଗାଁରେ ଜଣଜଣ କରି ୮ ଜଣଙ୍କ ଅକାଳରେ ଜୀବନ ଗଲାଣି। କିଏ ଦୁର୍ଘଟଣାରେ ପ୍ରାଣ ହରାଇଛି ତ କିଏ ରୋଗରେ ପଡ଼ି। ଏହାକୁ ନେଇ ଗାଁ ଲୋକଙ୍କ ମନରେ ଏବେ ଭୟ ବସା ବାନ୍ଧିଛି। ଗାଁର ଇଷ୍ଟଦେବୀ ରାଗି ଗାଁ ଛାଡ଼ି ପଳାଇଥିବାରୁ ଏପରି ଗୋଟିଏ ପରେ ଗୋଟିଏ ଅଘଟଣ ଘଟୁଛି ଏବଂ ପୂଜାପାଠ କରି ମା' ଝାଙ୍କରୀଙ୍କୁ ଫେରାଇ ଆଣିବା ପାଇଁ ସେମାନେ ନିଷ୍ପତ୍ତି ନେଇଛନ୍ତି। ମା' ସନ୍ତୁଷ୍ଟ ହେଲେ ଗାଁରେ ଆଉ ଏପରି ଅଘଟଣ ଘଟିବ ନାହିଁ ବୋଲି ସେମାନଙ୍କ କହିବା କଥା। ଚଳିତ ସପ୍ତାହରେ ଗାଁରେ ବୈଠକ ବସିଥିଲା। ପ୍ରତ୍ୟେକ ଘରୁ ଚାନ୍ଦା ଉଠାଇ ବେଜୁଣି ଜରିଆରେ ଆଦିବାସୀ ପରମ୍ପରା ରୀତିକାନ୍ତିରେ ବାଜା, ମହୁରୀ ଫୁଲଦୀପ, ଦ୍ଦନରେ ଗାଁ ଛାଡ଼ି ଚାଲିଯାଇଥିବା ଝାଙ୍କର ମା'ଙ୍କୁ ଆରାଧନା କରାଯାଇ ଗାଁକୁ ଅଣାଯାଇଥିଲା। ଏହି ବିଧି ଅନୁଯାୟୀ, ଏହି ସମୟ (୮ ଦିନ) ମଧ୍ୟରେ ନା କେହି ଗାଁ ବାହାରକୁ ଯିବେ, ନା କେହି ବାହାରିଆ ଗାଁକୁ ପ୍ରବେଶ କରିବେ। ଏଥିରେ ଅବହେଳା ହେଲେ ଝାଙ୍କର ଦେବତା ରାଗିବେ ବୋଲି ସେମାନଙ୍କର ବିଶ୍ୱାସ ରହିଛି। ଗ୍ରାମବାସୀଙ୍କ କହିବା କଥା, ପୂର୍ବପୁରୁଷରୁ ଗାଁରେ ଏଭଳି ପରମ୍ପରା ଚାଲିଆସିଛି। ଯିଏ ଯାହା ବୁଝୁ... ଏହି ପରମ୍ପରା ଛାଡ଼ିପାରିବୁ ନାହୁଁ।

### ଓଡ଼ିଶା ଲୋକାୟୁକ୍ତ...

ବିଚାରପତି ଜଷ୍ଟିସ ଭି ଗୋପାଳ ଗୌଡ଼ାଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପ୍ରଶାସକ ରବିନାରାୟଣ ବହିଦାର, ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ ମନମୋହନ ପ୍ରହରାଜ, ଏକେ ସାବତ, ଆରଏନ ସେନାପତି ଓ ମୌସୁମୀ ପାଢ଼ୀ ପ୍ରମୁଖ କମିଟିର ସଦସ୍ୟ ଥିଲେ। ସର୍ଚ୍ଚ କମିଟିର କାର୍ଯ୍ୟ ସରିବା ପରେ ଏହାର ତାଲିକା ସିଲେକ୍ସନ କମିଟିକୁ ପଠାଯାଇଥାନ୍ତା। ହେଲେ ରାଜ୍ୟରେ ସାଧାରଣ ନିର୍ବାଚନ ପାଇଁ ନିର୍ବାଚନ ଆଚରଣବିଧି ଲାଗୁ ହେବାରୁ କୌଣସି ନୂତନ ନିଯୁକ୍ତି ଦିଆଯାଇପାରି ନ ଥିଲା ଓ ବିଜେପି ସରକାରକୁ ଆସିବା ପରେ ଏହି ନିଯୁକ୍ତି ପ୍ରକ୍ରିୟାକୁ ସେହିଠାରେ ହିଁ ଅଟକିଗଲା।

ତୁରନ୍ତ ଲୋକପାଳ ନିଯୁକ୍ତି ପାଇଁ ଉଚ୍ଚନ୍ୟାୟାଳୟରେ ମଧ୍ୟ ମାମଲା ହୋଇଛି। କଟକ ଜିଲ୍ଲା ଚୌଦ୍ୱାରର ମନୋରଞ୍ଜନ ସାହୁ ୨୦୨୪ ଅକ୍ଟୋବର ୫ ତାରିଖରେ ଏନେଇ କେସ୍ ଫାଇଲ୍ କରିଛନ୍ତି। ଇତିମଧ୍ୟରେ ବର୍ଷେ ବିତିଥିଲେ ମଧ୍ୟ ମାମଲା ଫଏସଲା ହୋଇନାହିଁ ଓ ରାଜ୍ୟ ସରକାର ମଧ୍ୟ ଏହି ମାମଲା କ୍ଷେତ୍ରରେ ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି । ଅପରପକ୍ଷରେ ଦେଢ଼ବର୍ଷ ହେବ ଲୋକାୟୁକ୍ତରେ କୌଣସି ପ୍ରକାର ଶୁଣାଣି ହେଉ ନ ଥିବାରୁ ମାମଲା ସଂଖ୍ୟା ବଢ଼ିବାରେ ଲାଗିଛି। ସୂଚନା ଅନୁଯାୟୀ ଲୋକାୟୁକ୍ତରେ ଏଯାଏଁ ୮୦୦ରୁ ଅଧିକ କେସ୍ ବିଚାର ଅପେକ୍ଷାରେ ପଡ଼ି ରହିଛି। କେସ୍‌ଗୁଡ଼ିକର ବିଚାର ହେଉ ନ ଥିବାରୁ ଦୁର୍ନୀତିଖୋର୍ ଅଧିକରୁ ଅଧିକ ଦୁର୍ନୀତି କରିଚାଲିଛନ୍ତି। ସରକାର ଲୋକାୟୁକ୍ତ ଗଠନ ନ କରି ଦୁର୍ନୀତିକୁ ନୀରବ ସମର୍ଥନ ଦେଉଥିବା ଏବେ ସାଧାରଣରେ ଅଭିଯୋଗ ହୋଇଛି।


**ପୂର୍ବ ତଟ ରେଳପଥ**

**ଶୁଦ୍ଧିପତ୍ର ସଂ.3**

ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIBBS2025040, ତା.12.09.2025ରିଖ

ଉପର ଉଲ୍ଲେଖିତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନ ପ୍ରଦତ୍ତ ଅନୁଯାୟୀ ପରିବର୍ତ୍ତନ କରାଯାଇଛି :

| ବିବରଣୀ | ପ୍ରକାଶିତ ତାରିଖ (ଶୁଦ୍ଧିପତ୍ର ସଂ.2) | ସଂଶୋଧିତ ତାରିଖ |
|---|---|---|
| ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : | 04.11.2025, 1200 ଘଟିକା | 18.11.2025, 1200 ଘଟିକା |

ସବିଶେଷ ତଥ୍ୟ ପାଇଁ, ଇଚ୍ଛୁକ ଟେଣ୍ଡରକାରୀମାନେ ୱେବସାଇଟ୍: www.ireps.gov.in ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-152/CI/25-26

**AFFIDAVIT**

I, **Memunaben Mosinbhai Gohil**, Wife of Mohsinbhai Husenibhai Gohil, resident of 364/1900, Sarala Nagar, Laxmisagar, Bhubaneswar (M.C), Khordha, Pin-751006, Odisha declare by this affidavit No.298/2025, dated: 03/11/2025 that now onwards I shall be known as **Memunaben Mohsinbhai Gohil** for all future purposes.

**AFFIDAVIT**

I, **Sekh Golam Ahemad,** S/O- SK Karim Bux, resident of At- Jaipura, Po- Kendrapara, Dist- Kendrapara, Pin- 754211, Odisha declare by this affidavit No.297/2025, dated: 03/11/2025 that now onwards I shall be known as **SK GOLAM AHEMAD** for all future purposes.

**AFFIDAVIT**

I, **Sekh Karim Bux,** S/O- Sk Maula Bux, resident of At- Jaipura, Po- Kendrapara, Dist- Kendrapara, Pin- 754211, Odisha declare by this affidavit No.296/2025, dated: 03/11/2025 that now onwards I shall be known as **SK KARIM BUX** for all future purposes.

**AFFIDAVIT**

I, Madhusudan Si, age-35, S/o- Tikayat Chandra Si, resident of At-Kathagohola,Po-Mahabila, PS-Suliapada,Dist-Mayurbhanj, Odisha.Declared by Affidavit before the court of The Executive Magistrate, Baripada, Odisha, No-24 dtd.03/11/2025.That my actual name **MADHUSUDAN SI** in all my certificate but wrongly mention **MADHU SUDAN SI** in my passport No-M1612036. Hence I declared that **MADHU SUDAN SI** & **MADHUSUDAN SI** are one and same person for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

I, Kabita Nayak, W/o- Pranadhan Jena, Resident of M-74, Samanta Vihar, Mancheswar Railway Colony, Khorda,Odisha PIN-751017, declared by this Affidavit No.: 1357/ 2025, Dated: 03.11.2025. That now onwards I shall be known as **KABITA JENA** for all future Purposes.

**AFFIDAVIT**

I Pramod Nayak, S/o- Bula Nayak Village/Post- Purusottam Prasad, PS- Fategarh, Dist- Nayagarh, Pin-752077 , Odisha. Declare that an Affidavit before Deputy Collector-cum Executive Magistrate , Nayagarh on dated. 20/09/2025 that now onwards I shall be known as **Sushant Nayak** instead of Pramod Nayak for all future purposes.

**AFFIDAVIT**

I, **TABASSUM JAHAN** (also known as **Tabasum Jahan Begum**) wife of Gulam Moinuddin Khan resident of Ward No.- 25 Plot No.- N-1/ 316, IRC Village, P.O.- IRC Village, P.S.- Nayapalli, Bhubaneswar, Dist.- Khordha, Odisha-751015 declare by this affidavit No.- 11 dated 04.11.2025 that now onwards I shall be known as **TABASUM JAHAN** for all future purposes.

Sd/- Tabasum Jahan

**OFFICE OF THE ASHYANA OPEN SHELTER HOME**
**C/O – SOCIETY FOR WEAKER COMMUNITY, BHADRAK**
Chandbali Bypass Road, In front of Unani Research Centre,
Post/PS/Dist–Bhadrak–756100,E.mail: swcbdkodisha@gmail.com
Advt. No.: 2567/1301/SWC/25-26 Date: 01/11/2025

**CONTRACTUAL ENGAGEMENT**

The Ashyana open shelter home in the District of Bhadrak intend to engage suitable professional staffs such as Care giver cum Bridge course educator (only for female) & Out reach Worker (Male & Female) on contractual basis in the Ashyana open shelter home, Bhadrak. The Posts are purely contractual and coterminous with the project. The completely filled up application form along with other documents should reach at the Office of "ASHYANA OPEN SHELTER HOME, Pin no: 756100, Odisha," on or before 20/11/2025 (5.00 PM) positively only through Online (Google E form) (https://docs.google.com /forms/d/1yndwheWcEiSAR67vxZ-M6O0yK46tvz7GOGaDVgRd-M/edit).No other mode of application will be accepted. The number of vacancies, selection procedure, remuneration, application form etc are available in the district website i.e. www.bhadrak.odisha.gov.in

Note- The Candidates are requested to login District website mentioned above for all future information related to the above recruitment and no personal intimation will be made.

Sd/- Secretary
ASHYANA OPEN SHELTER HOME
SOCIETY FOR WEAKER COMMUNITY, BHADRAK

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, CF No-36, dated- 28/10/2025. I, **Sayed Kausera Alli**, aged about 55 years, S/o- Sayed Amirulla, Plot No- 665/3409, Jagamara, Sidheswar Nagar, Khandagiri, Bhubaneswar-751030, Dist- Khordha, Odisha, declare that I have changed my name from **Sayed Kausera Alli** to **Sayed Kauser Alli.** Henceforth, I shall be known as **Sayed Kauser Alli** for all purposes.

**Sayed Kauser Alli**

**AFFIDAVIT**

I, Rasmita Nanda, aged about 52 years, W/o- Late Siddharth Hiru Nanda, resident of At- BL-B-FL-305, 3rd Floor, Info Heights Apartment, Ps- Chandrasekharpur, Bhubaneswar, Dist- khurda, Odisha, PIN- 751024, declare by this affidavit No. 2252, dtd. 03/11/2025, that now onwards I shall be known as **RASMITA DASH NANDA** for all future purposes.

**OFFICE OF THE**
**REGULATION MARKET COMMITTEE, JAGATSINGHPUR**
At- Gopalsagar, Po/Dist.- Jagatsinghpur-754103

**QUOTATION CALL NOTICE**

ଧାନକ୍ରୟ କେନ୍ଦ୍ରରେ ବ୍ୟବହୃତ ନିମନ୍ତେ ନିମ୍ନଲିଖିତ ଜିନିଷ ଯୋଗାଣ ପାଇଁ କୋଟେସନ ଗ୍ରହଣ କରାଯାଉଛି । ଆଗ୍ରହୀ ବ୍ୟକ୍ତି/ ବ୍ୟବସାୟୀ ପ୍ରତିଷ୍ଠାନ ନିମ୍ନଲିଖିତ ଉପକରଣ ଯୋଗାଣ ଓ କାର୍ଯ୍ୟ ପାଇଁ ତାଙ୍କର ମୂଲ୍ୟସୂଚୀ ତା.୦୪.୧୧.୨୦୨୫ରିଖ ଠାରୁ ତା.୧୩.୧୧.୨୦୨୫ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ ଉପମୁଦ ଲଫାପାରେ ପୋଷ୍ଟାଲ/ କୋରିୟର ଅଥବା କାର୍ଯ୍ୟାଳୟରେ ଥିବା ରକ୍ଷିତ ପେଟିକାରେ ଆବେଦନ କରିପାରିବେ । ତା.୧୪.୧୧.୨୦୨୫ରିଖ ଅପରାହ୍ନ ଘ.୪.୩୦ ମିନିଟ୍ ସମୟରେ ସମସ୍ତ ଦରଖାସ୍ତ ଖୋଲାଯିବ । ଶେଷ ତାରିଖ ଏବଂ ସମୟ ପରେ ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ଦରଖାସ୍ତ ଖୋଲାଯିବା ସମୟରେ ସମସ୍ତ କୋଟେସନଦାତା ଅଥବା ସେମାନଙ୍କର ପ୍ରାଧିକୃତ ବ୍ୟକ୍ତିବିଶେଷ ଉପସ୍ଥିତ ରହିପାରିବେ । କର୍ତ୍ତୃପକ୍ଷ ଯେତେବେଳେ ଗୁହିଁବେ ଯେକୌଣସି ଏକ ଅଥବା ସମସ୍ତ କୋଟେସନକୁ ଅଗ୍ରାହ୍ୟ କରିପାରିବେ ।

ଜିନିଷ/କାର୍ଯ୍ୟର ନାମ

୧. ଅସ୍ଥାୟୀ ସିସିଟିଭି ଲଗାଣ (କ୍ୟାମେରା ପ୍ରତି/ ଦିନ ପ୍ରତି ସମସ୍ତ ଖର୍ଚ୍ଚ ସହିତ)
୨. Temporary CAP Storage ୩ ମାସ ନିମନ୍ତେ (୨୦ ଫୁଟ X ୩୦ ଫୁଟ) ଏବଂ (୨୦ ଫୁଟ X ୨୦ ଫୁଟ) (ମାସପ୍ରତି/ ବର୍ଗଫୁଟ ପ୍ରତି) CAP Storage ନିମନ୍ତେ ଦରଖାସ୍ତକାରୀମାନେ ଅନ୍ୟାନ୍ୟ ସର୍ତ୍ତାବଳୀ କାର୍ଯ୍ୟାଳୟର ନୋଟିସ୍ ବୋର୍ଡରୁ ପାଇପାରିବେ)
୩. ୨୧ ସେ.ମି. X ୨୮ ସେ.ମି. ପ୍ରଶ୍ନପତ୍ର (ଉଭୟ ପାଖ)
୪. ପ୍ରଚାର (ମାଇକ ଏବଂ ଗାଡ଼ି) ଗାଡ଼ିପ୍ରତି/ଦିନପ୍ରତି/କି.ମି. ପ୍ରତି
୫. ଫ୍ଲେକ୍ସ ବୋର୍ଡ ଲେଖା ସହ (ବର୍ଗଫୁଟ ପ୍ରତି ଦାମ) ବିଭିନ୍ନ ସ୍ଥାନମାନଙ୍କରେ ୩ ମାସ ପାଇଁ ଲଗାଇବା ଭଡ଼ା ସହିତ
୬. ବ୍ୟାନର (୫ ଫୁଟରେ ୩ ଫୁଟ) ଲେଖା ସହ
୭. ଅସ୍ଥାୟୀ କୃଷକ ବିଶ୍ରାମାଗାର ୩ ମାସ ନିମନ୍ତେ
୮. ଅସ୍ଥାୟୀ ପରିଶ୍ରାଗାର ୩ ମାସ ନିମନ୍ତେ
୯. ୱାଲ୍ ପ୍ରିଣ୍ଟ (ବିଭିନ୍ନ ସ୍ଥାନରେ କାନ୍ଥରେ ଲେଖିବା) ବର୍ଗଫୁଟ ପ୍ରତି ଦାମ
୧୦. 20Ltr Water Jar with Water Dispenser ସହିତ ବିଶୁଦ୍ଧ ପାନୀୟ ଜଳ ଯୋଗାଣ

ସ୍ୱା/- ଉପ-ଜିଲ୍ଲାପାଳ-ତଥା-ଅଧ୍ୟକ୍ଷ,
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର

ସକାଳ THE SAKALA



www.sakalaepaper.com

## ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଖୋଲିଲା ଗୁମର

# ୨୭ ୯ ୬୬ ରାସନ କାର୍ଡ ହିତାଧିକାରୀ ଅଯୋଗ୍ୟ !

ବାଲିଆପାଳ, ୪।୧୧ (ସମିସ)

ବାଲିଆପାଳ ବ୍ଲକରେ ମୋଟ ୨୭,୯୬୬ ରାସନ କାର୍ଡ ହିତାଧିକାରୀ ଅଯୋଗ୍ୟ ଚିହ୍ନଟ ହୋଇଥିବା ସରକାରୀ ରିପୋର୍ଟରେ କୁହାଯାଇଛି। ରାସନକାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମ ରିପୋର୍ଟ ଆଧାରରେ ମିଳିଥିବା ଏହି ତଥ୍ୟକୁ ନେଇ ବ୍ଲକ୍ ପ୍ରଶାସନର ଚିନ୍ତା ବଢ଼ିଯାଇଛି। ଏହି ରିପୋର୍ଟରେ କେତେ ସତ୍ୟତା ରହିଛି, ତାହାର ତଦନ୍ତ ଆରମ୍ଭ ହୋଇଛି ଆଉ ତଦନ୍ତ ପରେ ଅଯୋଗ୍ୟ ହିତାଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି।

ରାସନ କାର୍ଡ ମ୍ୟାନେଜମେଣ୍ଟ ସିଷ୍ଟମର ତଥ୍ୟ ଅନୁଯାୟୀ ଯେଉଁମାନେ ସରକାରୀ ମଣ୍ଡିରେ ଧାନ ବିକ୍ରି ପାଇଁ ୨.୪୭(ଏକ ହେକ୍ଟର)ଏକରରୁ ଉର୍ଦ୍ଧ ଜମି ଦର୍ଶାଇଥିବେ, ଆୟକର ଦେଉଥିବେ, ୪ ଚକିଆ ଗାଡ଼ି ଥିବ, ତିନି ବଖରାରୁ ଅଧିକ ଘର ଥିବ, ପେନସନ ଧାରୀ ଏହିପରି ମୋଟ ୨୫ଟି ନିୟମ ଆଧାରରେ ବାଲିଆପାଳ ବ୍ଲକରେ ୨୭ ହଜାର ୯୬୬ଟି ଅଯୋଗ୍ୟ ରାସନ କାର୍ଡ ଚିହ୍ନଟ ହୋଇଛି। ବ୍ଲକରେ ମୋଟ ୫୦ ହଜାର ପାଖାପାଖି କାର୍ଡଧାରୀ

**ବାଲିଆପାଳ ବ୍ଲକ**

ଥିବାବେଳେ ସେଥିରୁ ଅଧାରୁ ଅଧିକ କାର୍ଡକୁ ନେଇ ତଦନ୍ତ ହେବା ଚର୍ଚ୍ଚାର ବିଷୟ ହୋଇଛି। ବୋଲଙ୍ଗ ଓ ବିଷ୍ଣୁପୁର ପଞ୍ଚାୟତରୁ ଚିହ୍ନଟ ହୋଇଛନ୍ତି ସର୍ବାଧିକ ଅଯୋଗ୍ୟ ହିତାଧୀକାରୀ। ଏହି ପଞ୍ଚାୟତରୁ ବୋଲଙ୍ଗ ୧୬୭୮ ବିଷ୍ଣୁପୁର ରୁ ୧୬୩୨ କାର୍ଡ ରହିଥିବା ବେଳେ ତା'ତଳକୁ ବ୍ରୈମୁଖ ପଞ୍ଚାୟତରେ ୧୨୭୭, ମଧୁପୁରା ୧୧୦୯, ଅଳାଡିହା ୧୧୫୯, ଅସ୍ତି ୧୨୫୮,ବଡାଶ ୧୨୭୫, ବାଲିଆପାଳ ୮୧୩, ବାଲିକୁଟି ୮୩୮, ବଳରାମପୁର ୭୬୪,ବଣିଆଡିହା ୧୨୮୪, ଡଗରା ୧୧୬୧, ଦେଉଳା ୧୦୮୪, ଦେଭୋଗ ୭୧୪, ଘାଣ୍ଟୁଆ ୭୦୨, ଜଗତିପୁର ୧୧୭୯, ଜାମୁକୁଣ୍ଡା ୯୭୪, ଜାମ୍ବୀରାଇ ୮୯୧, କୁମ୍ଭାରୀ ୫୯୭, କୁଣ୍ଡଳୀ ୧୨୩୦, ନିଖିରା ୧୧୮୮,ନୂଆଗାଁ ୯୬୩, ପ୍ରତାପପୁର ୧୦୬୫, ପଞ୍ଚୁପାଲି ୬୯୫, ରତାଇ ୯୦୬, ଶ୍ରୀରାମପୁର ୭୬୮ଟି ସନ୍ଦିଗ୍ଧ କାର୍ଡ ଚିହ୍ନଟ ହୋଇଛି। ଏମାନେ ସରକାରୀ ମାନଦଣ୍ଡ ବାହାରେ ଥାଇ ରାସନ ନେଉଛନ୍ତି।୨୭, ୯୬୬ କାର୍ଡର ପୁନଃ ଯାଞ୍ଚ ହେବ ତଦନ୍ତ ପରେ ନିଆଯିବ କାର୍ଯ୍ୟାନୁଷ୍ଠାନ। ଏହି ତାଲିକା ପ୍ରଘଟ ହେବା ପରେ ଅଯୋଗ୍ୟ ହିତାଧୀକାରୀଙ୍କ ନିଦ ହଜିଯାଇଛି।

## ନାବାଳିକା ଅପହରଣ ଓ ଦୁଷ୍କର୍ମ ଅଭିଯୋଗ, ଜଣେ ଗିରଫ

ବାହାନଗା, ୪।୧୧(ସମିସ): ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଖନ୍ତାପଡ଼ା ପୁଲିସ ଆଜି ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖନ୍ତାପଡ଼ା ପଞ୍ଚାୟତ ସୁଠଙ୍ଗ ଗ୍ରାମର ପ୍ରଦୀପ ଦାସ (ମୂଷା) ଖନ୍ତାପଡ଼ା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ଓ ଦୁଷ୍କର୍ମ ନେଇ ଗତ ଗତ ମାର୍ଚ୍ଚ ୧୨ରେ ଲିଖିତ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗ ମୂଳେ ନାବାଳିକାକୁ ଉଦ୍ଧାର କରାଯାଇଥିଲା। ସେବେଠୁ ଅପହରଣକାରୀ ଦୀର୍ଘଦିନ ହେବ ଫେରାର ଥିବା ବେଳେ ଆଜି ତଦନ୍ତକାରୀ ଅଧିକାରୀ ଏସଆଇ ବିକ୍ରମ ମହାପାତ୍ର ଯୁବକଙ୍କୁ କାବୁ କରିଥିଲେ। ପ୍ରାଥମିକ ତଦନ୍ତରେ ଯୁବକଙ୍କୁ ଡାକ୍ତରୀ ମାଇନା କରିବା ସହିତ ପକ୍ସୋ ଆଇନ ବଳରେ ଅପହରଣକାରୀକୁ ଆଜି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଦୀର୍ଘ ଦିନ ହେବ ଅପହରଣକାରୀ ଖୋଲାରେ ବୁଲୁଥିବା ବେଳେ ଗତ କିଛି ଦିନ ହେବ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରୀ ରଖିଥିଲେ। ଗତକାଲି ନୂତନ କରି ଖନ୍ତାପଡ଼ା ଥାନାରେ ଯୋଗ ଦେଇଥିବା ସୁବର୍ଣ୍ଣା ବେହେରା ପ୍ରଥମ ଦିନରେ ହିଁ ଅପହରଣକାରୀକୁ କାବୁ କରି ବିଚାର ବିଭାଗୀୟ ହାଜତକୁ ପଠାଇବା ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

## ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

# ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ଖେଳାଳିଙ୍କ ସଫଳତା




ସୋର, ୪।୧୧(ସମିସ): ଗତ ଅକ୍ଟୋବର ୩୧ ତାରିଖଠାରୁ ନଭେମ୍ବର ୨ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି କଟକ ଜବାହରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ଦଳକୁ ବଡ଼ ସଫଳତା ମିଳିଛି। ଏହି ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ୨୦ଟି ଜିଲ୍ଲାରୁ ୯୦୦ ରୁ ଅଧିକ ଖେଳାଳି ଅଂଶ ଗ୍ରହଣ କରିଥିଲେ। ଏଥିରେ ବାଲେଶ୍ୱର ଜିଲ୍ଲା ରୁ ମୋଟ ୧୫ ଜଣ ବାଳକ ଓ ବାଳିକା ଦୁଇଟି ବିଭାଗରେ ଭାଗ ନେଇ ୨୪ ଟି ମେଡାଲ ପାଇ ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବାଲେଶ୍ୱର ତାଏକ୍ୱୋଣ୍ଡୋ ଏକାଡେମୀରୁ ତିନି ଜଣ ଖେଳାଳି ଭାଗ ନେଇ ଥିଲେ। ପୋମସେ ବିଭାଗରେ ଅତାଉଲ୍ଲା ଖାନ ଓ ରୀତିକ ମହାପାତ୍ର ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ଅର୍ଣ୍ଣବ ସବ୍ୟସାଚୀ ରୌପ୍ୟ ପଦକ ପାଇଛନ୍ତି। ସେହିପରି ସୋର ତାଏକ୍ୱୋଣ୍ଡୋ ଏକାଡେମୀରୁ ୧୨ ଜଣ ଖେଳାଳି ମାନେ କିରୋଗୀ ଓ ପୋମସେ ବିଭାଗ ରେ ଭାଗ ନେଇ ୨୧ ଟି ମେଡାଲ ପାଇଛନ୍ତି। ପୋମସେ ବିଭାଗରେ ନିଗମ ଜ୍ୟୋତି ଦାସ, ମୋନାଲିସା ପୁଥାଳ ସ୍ୱର୍ଣ୍ଣପଦକ ଓ ଅର୍ପିତା ସାହୁ ରୌପ୍ୟ ପଦକ, ଆରାଧା ଖୁଣ୍ଟିଆ, ସୋହମ ସାହୁ, ପ୍ରଭାକର ସାହୁ, କାଜଲ ସାହୁ, ଅଙ୍କିତା ସାହୁ, ବିଦିଶା ପାଢ଼ୀ, ଦେବସ୍ମିତା ମଣ୍ଡଳ, ସୂର୍ଯ୍ୟକାନ୍ତ ଭୋଇ, ସମ୍ବିତ ସାହୁ କାଂସ୍ୟ ପଦକ ପାଇଛନ୍ତି। କିରୋଗୀ ବିଭାଗରେ ଆରାଧା ଖୁଣ୍ଟିଆ, ସମ୍ବିତ ସାହୁ ସ୍ୱର୍ଣ୍ଣ ପଦକ, ଦେବସ୍ମିତା ମଣ୍ଡଳ, ଅର୍ପିତା ସାହୁ, ନିଗମ ଜ୍ୟୋତି ଦାସ ରୌପ୍ୟ ପଦକ, ସୋହମ ସାହୁ, ପ୍ରଭାକର ସାହୁ, କାଜଲ ସାହୁ, ସୂର୍ଯ୍ୟକାନ୍ତ ଭୋଇ କାଂସ୍ୟ ପଦକ ପାଇଛନ୍ତି। ଜିଲ୍ଲା ସମ୍ପାଦକ ତଥା କୋଚ ଅତାଉଲ୍ଲା ଖାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ନେଇ ଖେଳାଳିମାନେ ଉଚ୍ଚକୋଟିର ପ୍ରଦର୍ଶନ କରିଥିବାରୁ କୋଚ ଅତାଉଲ୍ଲାଖାନଙ୍କୁ ବେଷ୍ଟ କୋଚ ଭାବରେ ପୁରସ୍କୃତ କରାଯାଇଥିଲା। ଖେଳାଳିଙ୍କ ଏହି ସଫଳତା ପାଇଁ ବାଲେଶ୍ୱର ଜିଲ୍ଲା ସଭାପତି ଅବଦୁଲ ଓଦୁତ ଖାନ୍ ଓ ସୋର ବିଧାୟକ ମାଧବ ଧଡ଼ା ସମସ୍ତ ଖେଳାଳି ଓ ବାଲେଶ୍ୱର ଜିଲ୍ଲା କୋଚ୍ ଅତାଉଲ୍ଲା ଖାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୩ଟି ବାଲି ଟ୍ରାକ୍ଟର ସହ ହାଇୱା ଜବତ

ରାଜଘାଟ/ରୂପସା, ୪।୧୧ (ସମିସ): ବସ୍ତା ଥାନା ଅନ୍ତର୍ଗତ ଟୋଲ ଗେଟ ବଜାର ନିକଟରୁ ତିନୋଟି ବେଆଇନ ବାଲି ବୋଝେଇ ଟ୍ରାକ୍ଟରକୁ ଖଣି ବିଭାଗ କାବୁ କରି ପୁଲିସକୁ ହସ୍ତାନ୍ତର କରିଛି। ସୁବର୍ଣ୍ଣରେଖା ନଦୀର ଧିତପୁରା ବାଲି ଖାଦାନରୁ ତିନୋଟି ବାଲି ବୋଝେଇ କରି ଟୋଲଗେଟ ବଜାର ଅଭିମୁଖେ ଯାଉଥିବା ବେଳେ ବସ୍ତା କନିଷ୍ଠ ଖଣି ଅଧିକାରୀ ସତ୍ୟଚିନ୍ମୟ ଜେନା ଓ ଜଳେଶ୍ୱର କନିଷ୍ଠ ଖଣି ଅଧିକାରୀ ତାପସ ବେହେରା ଏହି ଛକ ନିକଟରେ ଅତର୍କିତ ଚଢ଼ାଉ କରି ତିନୋଟି ଟ୍ରାକ୍ଟରକୁ କାବୁ କରିଥିଲେ। ଉକ୍ତ ଚାଳକ ମାନେ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନପାରିବାରୁ ଦୁଇଟି ଟ୍ରାକ୍ଟରକୁ ଅମର୍ଦାରୋଡ ପୁଲିସକୁ ହସ୍ତାନ୍ତର ହୋଇଛି ଓ ଏନ୍ୟ ଏକ ଟ୍ରାକ୍ଟରକୁ ଜଳେଶ୍ୱର ପୁଲିସକୁ ହସ୍ତାନ୍ତର କରାଯାଇଛି। ସେହିପରି ଦରଡାରୁ ବାଲିଆପାଳ ଅଭିମୁଖେ ଯାଉଥିବା ଗୋଟିଏ ବେଆଇନ ବାଲି ବୋଝଇ ହାଇୱାକୁ ଦରଡ଼ା ପେଟ୍ରୋଲ ପମ୍ପ ନିକଟରୁ କାବୁକରି ସିଂଲା ଥାନାକୁ ହସ୍ତାନ୍ତର କରାଯାଇଛି।

## ଡାକ୍ତରଖାନାର ନୂତନ ଗୃହ ପରିଦର୍ଶନ କଲେ ଜିଲ୍ଲାପାଳ



ଚନ୍ଦନେଶ୍ୱର, ୪।୧୧ (ସମିସ) : ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଭୋଗରାଇ ଗସ୍ତରେ ଆସି ମଙ୍ଗଳବାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବା ସହିତ ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ନୂତନ ଗୃହର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଆସନ୍ତା ଡିସେମ୍ବର ମାସ ସୁଦ୍ଧା ପୂର୍ଣ୍ଣାଙ୍ଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଭୋଗରାଇ ବ୍ଲକର ଶ୍ରଦ୍ଧାପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଉପର ୫ଟି ପଞ୍ଚାୟତର ପ୍ରାୟ ୨୦ ହଜାର ଲୋକ ନିର୍ଭର କରନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାର ୧ କୋଟି ୭୧ଲକ୍ଷ ୬୧ହଜାର ୫୨୦ ଟଙ୍କାର ନୂତନ ଗୃହ ନିର୍ମାଣ ପାଇଁ ମଞ୍ଜୁର କରିଥିଲେ। ଏହି କାର୍ଯ୍ୟକୁ ହିନ୍ଦୁସ୍ତାନ ଷ୍ଟିଲ ୱାର୍କ୍ସ ଲିମିଟେଡ଼କୁ ଦିଆଯାଇଥିଲା। ଏହି ନୂତନ ଗୃହ ନିର୍ମାଣ କାର୍ଯ୍ୟ ୨୦୨୩ ମେ ୬ରେ ଆରମ୍ଭ ହୋଇ ଏକ ବର୍ଷ ମଧ୍ୟରେ ପୂର୍ଣ୍ଣାଙ୍ଗ ହେବା କଥା। ମାତ୍ର ଆଜି ପର୍ଯ୍ୟନ୍ତ ଏହି ନୂତନ ଗୃହର କାର୍ଯ୍ୟ ପୂର୍ଣ୍ଣାଙ୍ଗ ହୋଇ ପାରିନାହିଁ। ସେଥିପାଇଁ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିବା ସହ ନୂତନ ଗୃହର ସ୍ଥିତି ଅନୁଧ୍ୟାନ ପୂର୍ବକ ବୁଲି ଦେଖିଥିଲେ। ଆସନ୍ତା ଡିସେମ୍ବର ମାସ ସୁଦ୍ଧା ନୂତନ ଗୃହର କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବାକୁ ପ୍ରୋଜେକ୍ଟ ଇଞ୍ଜିନିୟର ବିକାଶ ପାଣ୍ଡେଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଶ୍ରଦ୍ଧାପୁର ସ୍ୱାସ୍ଥ୍ୟକେନ୍ଦ୍ର ବୁଲି ରୋଗୀମାନଙ୍କ ସ୍ୱାସ୍ଥ୍ୟସେବା ପଚାରି ବୁଝିବା ସହିତ ପାନୀୟ ଜଳର ସମସ୍ୟା ବିଷୟରେ ଅବଗତ ହେଲା ପରେ ଅତି ଶୀଘ୍ର ପାନୀୟ ଜଳର ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଙ୍କ ସହିତ ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ଭୋଗରାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ମହାରଣା, ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକ୍ଷକ କମଳାକାନ୍ତ ଜେନା, ଡାକ୍ତର ଜ୍ୟୋତି ପ୍ରକାଶ ସାହୁ, ଡାକ୍ତର ଅନାଦି ଚରଣ ପାତ୍ରଙ୍କ ସହିତ ବାଲେଶ୍ୱର ଜିଲ୍ଲାପାଳ ବିଭିନ୍ନ ପ୍ରକାର ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରଦ୍ଧାପୁର ସରପଞ୍ଚଙ୍କ ପ୍ରତିନିଧି ଚନ୍ଦନ କୁମାର ପାତ୍ର, ସ୍ଥାନୀୟ ସମାଜସେବୀ ସତ୍ୟ କୁମାର ସାମଲ, ରାଜକୁମାର ପାତ୍ର, ଅଭିଲାଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପାତ୍ରପଡ଼ାରେ ବୋଇତ ବନ୍ଦାଣ ଉତ୍ସବ







ବାଲେଶ୍ୱର, ୪।୧୧(ସମିସ): ସହରର ସୁନହଟ ପାତ୍ରପଡାସ୍ଥିତ ସୁବର୍ଣ୍ଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୪୩ତମ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ହରେକୃଷ୍ଣ ଦାସ ଉଦ୍‌ଘାଟନ କରିବା ସହ ପରମ୍ପରା ଜାତିର ଏକ ପରିଚୟ ଏବଂ ତାହା ଅତୀତ ଓ ବର୍ତ୍ତମାନକୁ ଯୋଡ଼ି ଭବିଷ୍ୟତକୁ ସୁରକ୍ଷିତ କରିଥାଏ ବୋଲି କହିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ବରେଣ୍ୟ ଅତିଥି ଏବଂ ବିଶିଷ୍ଟ ଶିଳ୍ପପତି ସଂଗ୍ରାମ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ମତବ୍ୟକ୍ତ କରିଥିଲେ। ଯୁବ ନେତା ବିକ୍ରମ ପଣ୍ଡା ବକ୍ତବ୍ୟ ରଖିଥିଲେ। ବ୍ରିଟର ପୂର୍ବତନ ଅଧକ୍ଷ ଆଲୋକ କୁମାର ସାହୁ, ବାର ଆସୋସିଏସନର ପୂର୍ବତନ ସଭାପତି ରଘୁନାଥ ପ୍ରଧାନ ଓ ବୋଇତ ବନ୍ଦାଣ ଉତ୍ସବ କମିଟିର ମାର୍ଗଦର୍ଶକ ଚିନ୍ମୟ କାନ୍ତି ବିଶ୍ୱାଳ ପ୍ରମୁଖ ଏଥିରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଉତ୍କଳୀୟ ନୈବାଣିଜ୍ୟ ଇତିହାସ ସମ୍ପର୍କରେ ଆଲୋଚନା କରିବା ସହ ଆମ ପରମ୍ପରା ଓ ସଂସ୍କୃତିକୁ ଉଜ୍ଜୀବିତ ରଖିବପାଇଁ ସମସ୍ତଙ୍କୁ ଆହ୍ୱାନ ହେଇଥିଲେ। ଉତ୍ସବ ଆୟୋଜନ କମିଟିର ସଭାପତି ନଳିନୀ ରଞ୍ଜନ ଦାସ ଏହି ଉତ୍ସବରେ ପୌରହିତ୍ୟ କରିଥିଲେ। ସାଧାରଣ ସମ୍ପାଦକ ବେଣୁଧର ଦାସ ଏଥିରେ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ରାଜେନ୍ଦ୍ର ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁରଜ ତରେଇ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ଚନ୍ଦ୍ରଶେଖର ହୋତା, ମାନସ ବାରିକ, ରଞ୍ଜିତ ୪ମାଝୀ, ଭରତ ତରେଇ, ଦୀପକ ପାତ୍ର, ରଞ୍ଜନ ତରେଇ, ଟିକିନା ମହାଳିକ, ପ୍ରଭାତ ମାଝୀ ପ୍ରମୁଖଙ୍କ ସମେତ କ୍ଲବର ସମସ୍ତ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପରେ ସୁନାମଧନ୍ୟ କଣ୍ଠଶିଳ୍ପୀ ବିଷ୍ଣୁ ମୋହନ କବି ଓ ସାଥିଙ୍କ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତ୍ରୀ ଯାଏଁ ଦର୍ଶକ ମାନଙ୍କୁ ମତୁଆଲା କରିଥିଲା।

## ପେଟ୍ରୋଲ ପମ୍ପରୁ ୧୪ ପଥର ଗାଡ଼ି ଜବତ

ବାହାନଗା, ୪।୧୧(ସମିସ) : ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା ୧୬ ନଂ ଜାତୀୟ ରାଜପଥର ମାଣକାହାଣୀସ୍ଥିତ ଏକ



ପେଟ୍ରୋଲ ପମ୍ପରେ ଖଣି ବିଭାଗ ଏବଂ ଖନ୍ତାପଡ଼ା ଥାନା ପୁଲିସ ଚଢ଼ଉ କରି ୧୪ଟି ବେଆଇନ ପଥର ବୋଝେଇ ଗାଡ଼ି ଜବତ କରାଯାଇଛି। ସୋର ବାଗୁଡି ପାହାଡ଼ରୁ ବେଆଇନ ଭାବେ ପଥର ଲୁଟ ହୋଇ ଆସୁଛି। ଖଣି ବିଭାଗ ସହ ପଥର ମାଫିଆଙ୍କ ଛକାପଞ୍ଝାରେ ମାଫିଆ ଚୋରା ପଥର ଚାଲାଣ ଚଳାଇ ଆସୁଥିଲେ। ମାଫିଆ ମାନେ ପ୍ରତିଦିନ ଶହଶହ ଟ୍ରିପର ପଥର ବାଲେଶ୍ୱର ଜିଲ୍ଲା ସମେତ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳକୁ ରୋରା ଚାଲାଣ ହୋଇ ଆସୁଥିଲା। କିଛିଦିନ ଧରି ପଥର ମାଫିଆମାନେ ବାଗୁଡ଼ି ପାହାଡ଼ରୁ ପଥର ଲୁଟ କରି ଖନ୍ତାପଡ଼ା ଥାନା ଅଞ୍ଚଳର ଜାତୀୟ ରାଜପଥର ମାନକାହାଣୀ ଭାରତ ପେଟ୍ରୋଲ ପମ୍ପ ପରିସରରେ ରଖି ସୁବିଧା ଦେଖି ପୁଲିସ ଏବଂ ଖଣି ବିଭାଗ ଅଧିକାରୀଙ୍କୁ ଚକମା ଦେଇ ରାତି ଅଧରେ ଗନ୍ତବ୍ୟ ସ୍ଥଳକୁ ଚୋରା ଚାଲାଣ କରୁଥିଲେ। କିଛି ପଥର ବୋଝେଇ ଟ୍ରକ ଏବଂ ଡମ୍ଫର ଉକ୍ତ ପେଟ୍ରୋଲ ପମ୍ପ ପରିସରର ପଛ ପାଶ୍ୱର୍ରେ ଲୁଚାଇ ରଖା ଯାଇଥିବାର ଜିଲ୍ଲା ପୁଲିସ ଏବଂ ଖଣି ବିଭାଗ ଖବର ପାଇଥିଲା। ମଙ୍ଗଳବାର ଅପରାହ୍ନରେ ଜିଲ୍ଲା ଖଣି ଅଧିକାରୀଣୀ ସନ୍ତୋଷୀପ୍ରଭା ସେଠୀ ଏବଂ ଖନ୍ତାପଡ଼ା ଥାନା ଆଇଆଇସି ସୁବର୍ଣ୍ଣା ବେହେରା ଉକ୍ତ ପେଟ୍ରୋଲ ପମ୍ପ ପରିସରରେ ଚଢ଼ଉ କରି ୧୪ଟି ଚୋରା ପଥର ବୋଝେଇ ଗାଡ଼ିଗୁଡ଼ିକୁ ଜବତ କରିଥିଲେ। ଏହି ସମୟରେ ଜୁନିଅର ଖଣି ଅଧିକାରୀ ସମ୍ବିତ ମଣି, ଜିତେନ୍ଦ୍ର ଦାସ, ଜଗନ୍ନାଥ ଦାସଙ୍କ ସହ ଜିଲ୍ଲା ପୁଲିସର ଗୋଟିଏ ପ୍ଲାଟୁନ ଫୋର୍ସ ସାମିଲ ଥିଲେ।

## ମୃତ କୁକୁରକୁ ବାଇକ୍‌ରେ ବାନ୍ଧି ଘୋଷାଡ଼ିଲେ

ବାଲେଶ୍ୱର, ୪।୧୧(ସମିସ): ସହରର ପାତ୍ରପଡା ଅଞ୍ଚଳରେ ଏକ ଅଭାବନୀୟ ତଥା ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ଗାଡିରେ ଦୁଇ ଜଣ ବ୍ୟକ୍ତି ଯିବାବେଳେ ଏକ ଦଉଡ଼ିରେ




କୁକୁରକୁ ବାନ୍ଧି ଅମାନବୀୟ ଭାବେ ଟାଣି ଟାଣି ନେଉଥିବାର ଏକ ଭିଡ଼ିଓ ସୋସିଆଲ ମିଡିଆରେ ଦେଖିବାକୁ ମିଳିଛି। ଯାହାକୁ ନେଇ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହ କଠୋର ଦଣ୍ଡ ପାଇଁ ଦାବି କରିଛନ୍ତି। ଏଥିସହିତ ସଚେତନ ଯୁବପିଢି ଜିଲ୍ଲାପ୍ରଶାସନ ଓ ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବାଇକ୍‌ରେ ଥିବା ଦୁଇ ଜଣ ବ୍ୟକ୍ତି କୁକୁରକୁ ଦଉଡିରେ ବାନ୍ଧି ଟାଣିକି ନେଉଥିବାର ଦୃଶ୍ୟ ପାର୍ଥ ପ୍ରିତମ ଦାସ ନାମକ ଜଣେ ବ୍ୟକ୍ତି ବାଲେଶ୍ୱର ସହର ପାତ୍ରପଡା ଅଞ୍ଚଳରେ ଦେଖିବାକୁ ପାଇଥିଲେ। ଏହା ଦେଖିବା ପରେ ପାର୍ଥ ଉଭୟଙ୍କୁ ଏହି ଘଟଣା ବାବଦରେ ମଧ ପଚାରିଥିଲେ। ସେମାନେ ଅସାମାଜିକ ଲୋକଙ୍କ ପରି ଉତ୍ତର ଦେଇ କହିଥିଲେ, କୁକୁରଟି ପାଗଳ ହୋଇଥିଲା ଏବଂ ସେଥିପାଇଁ ଆମେ ତାକୁ ମାରିଦେଇଛୁ। ତେବେ ଏହା ଜାଣିବା ପରେ ପାର୍ଥ ସମ୍ପୂର୍ଣ୍ଣ ଘଟଣାକୁ ଭିଡ଼ିଓ ରେକର୍ଡ କରି ସୋସିଆଲ ମିଡିଆରେ ପୋଷ୍ଟ କରି ଲୋକମାନଙ୍କ ସଚେତନ କରିବା ସହ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ମଧ କରିଛନ୍ତି।

## ଗାଡ଼ି ଯାଞ୍ଚ, ଜରିମାନା ଆଦାୟ

ଭୋଗରାଇ, ୪।୧୧ (ସମିସ): ବାଲେଶ୍ୱର ସଡ଼କ ପରିବହନ ବିଭାଗର ଟ୍ରାଫିକ ସବଇନ୍ସପେକ୍ଟର ଓ ଭୋଗରାଇ ଥାନା ପକ୍ଷରୁ ମିଳିତ ଭାବେ ଏକ ଟିମ ଗଠନ କରାଯାଇ ଥାନାଛକ-ଭୋଗରାଇ ରାସ୍ତାର ଥାନା ସମ୍ମୁଖରେ ବିନା ହେଲମେଟରେ ୪୫ ଜଣ, ସ୍ୱଟ୍ ଫାଇନ ୩ ହଜାର ଟଙ୍କା ଓ ମଦପିଇ ବାଇକ୍ ଚାଳକ ଜଣେ ସହିତ ସମସ୍ତ ଲୋକମାନଙ୍କ ଠାରୁ ୨ ଲକ୍ଷ ୨୪ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିଲା। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ ଚେକିଂ କରାଯାଇ ବିନା ହେଲମେଟରେ ଯାଉଥିବା ବ୍ୟକ୍ତିଙ୍କଠାରୁ ଫାଇନ ଆଦାୟ କରାଯିବ ବୋଲି ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ସୂଚନା ଦେଇଛନ୍ତି।

## ଚାମ୍ବରରୁ ଖସିଲା ସିଲିଂ, ଅଳ୍ପକେ ବର୍ତ୍ତିଲେ ସହକାରୀ ଜିଲ୍ଲାପାଳ

ନୀଳଗିରି, ୪।୧୧ (ସମିସ): ଏକ ବର୍ଷ ନ ପୂରୁଣୁ ଏପରି ପୂର୍ତ୍ତ ବିଭାଗ କାର୍ଯ୍ୟ କରିଥିଲେ ଯେ ଖୋଦ୍ ନୀଳଗିରିର ସହକାରୀ ଜିଲ୍ଲାପାଳ ପ୍ରଦୀପ କୁମାର ଦାସ ନିଜ ଚାମ୍ବରରେ ମଙ୍ଗଳବାର ଦିନ କାର୍ଯ୍ୟ କରୁଥିବା ବେଳେ



ହଠାତ୍ ସିଲିଂ ଭାଙ୍ଗି ପଡ଼ିଥିଲା। ଭଙ୍ଗା ସିଲିଂ ମୁଣ୍ଡରେ ପଡ଼ିବା ଆଗରୁ ସେ ମୁଣ୍ଡ କଡ଼େଇ ନେବାରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ନୀଳଗିରି ପୂର୍ତ୍ତ ବିଭାଗ ତୁରନ୍ତ ଦୃଷ୍ଟି ଦେଇ ମରାମତି କରିବା ପାଇଁ ଦାବି ହେଉଛି।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି




ବାଲେଶ୍ୱର, ୪।୧୧(ସମିସ): ବାଲେଶ୍ୱର ସମଗ୍ର ଶିକ୍ଷା ଜିଲ୍ଲା ପକ୍ଷରୁ ବାଲେଶ୍ୱର ଜିଲ୍ଲା ସ୍କୁଲ ପରିସରରେ ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସୁଧାକର ନାୟକ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ସୁଧାଂଶୁ ଶେଖର ଜେନା, ଏସଏସଟି ସଂଯୋଜକ ନିରଞ୍ଜନ ବିଶ୍ୱାଳ, ବାହାନଗା, ନୀଳଗିରି ଓ ସଦର ବାଲେଶ୍ୱରର ଗୋଷ୍ଠୀ ଶିକ୍ଷାଧିକାରୀ ସୁଷମା ସେଠୀ, ସତ୍ୟ ରଞ୍ଜନ ଭୂୟାଁ, ଯୋଗେଶ୍ୱର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବସ୍ତା ବ୍ଲକର ସହକାରୀ ଶିକ୍ଷକ ଶିବ ଶଙ୍କର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି -୨୦୨୫ କାର୍ଯ୍ୟକ୍ରମ ଶିଶୁ ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ପରିପ୍ରକାଶର ମାଧ୍ୟମ ବୋଲି ଜିଲ୍ଲା ଶିକ୍ଷାଧିକାରୀ ବସନ୍ତ କୁମାର ନାୟକ କହିଥିଲେ। ଜିଲ୍ଲାର ସମସ୍ତ କ୍ଲଷ୍ଟର,ବ୍ଲକ ସ୍ତରରୁ ବିଭିନ୍ନ ବିଭାଗରେ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କ ମଧ୍ୟରୁ ଜିଲ୍ଲା ମଧ୍ୟରେ ଚୟନ ହୋଇଥିବା ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଆସନ୍ତା ନଭେମ୍ବର ୧୫ ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଅବଗତ କରିଥିଲେ। ଉଦଯାପନୀ ସନ୍ଧ୍ୟାରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣିମା ଦାସ, ଶିଳ୍ପୀ କେଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବସ୍ତା ବ୍ଲକର ସହକାରୀ ଶିକ୍ଷକ ଶିବଶଙ୍କର ଜେନା ଧନ୍ୟବାଦ ଦେଇଥିଲେ।

# ପିଇବା ପାଣି ପାଇଁ ମହିଳାଙ୍କ ପ୍ରତିବାଦ

ଚନ୍ଦନେଶ୍ୱର, ୪।୧୧(ସମିସ)



ସରକାର ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ପ୍ରକଳ୍ପ ମାଧ୍ୟମରେ କୋଟି କୋଟି ଖର୍ଚ୍ଚ କରୁଛନ୍ତି। ମାତ୍ର ବାଲେଶ୍ୱର ଜିଲ୍ଲା ଅନ୍ତର୍ଗତ ଭୋଗରାଇ ବ୍ଲକ ନାରାୟଣ ମହାନ୍ତି ପଡିଆ ପଞ୍ଚାୟତର ୧୧ନମ୍ବର ୱାର୍ଡରେ ଥିବା ସ୍କୁଲ ଛକ ନିକଟରେ ପଞ୍ଚାୟତ ତରଫରୁ ଯୋଗାଇ ଦେଇଥିବା ପିଇବା ପାଣିର ସମସ୍ୟା ପ୍ରାୟ ଦୀର୍ଘ ଦିନ ହେଲା ଲାଗିରହିଛି। ଏହି ଟ୍ୟାପରୁ ସକାଳୁ ପୁରା ହଳଦିଆ ପାଣି ବାହାରୁଛି ଯାହା ପିଇବା ଉପଯୋଗୀ ନୁହେଁ। ନାରାୟଣ ମହାନ୍ତି ପଡିଆ ରଜନୀକାନ୍ତ ଏକାଡେମୀର ଛାତ୍ରଛାତ୍ରୀ, ବିଏମ ନୋଡାଲର ଛାତ୍ରଛାତ୍ରୀ, ଅଙ୍ଗନବାଡିର କୁନି କୁନି ପିଲାଙ୍କ ସମେତ ସ୍ଥାନୀୟ ଲୋକ ବାଧ ହୋଇ ଏହି ପାଣି ପିଉଛନ୍ତି। ଏବେ ଟୋପାଏ ପିଇବା ପାଣି ପାଇଁ ଗ୍ରାମବାସୀ ଡହଳ ବିକଳ ହେଉଥିବା ବେଳେ ମଙ୍ଗଳବାର ଗ୍ରାମର ଶତାଧିକ ମହିଳା ପିଇବା ପାଣି ପାଇଁ ଗରା, ବାଲଟି ଧରି ପ୍ରତିବାଦ ଜଣାଇଛନ୍ତି। ତୁରନ୍ତ ବିଶୁଦ୍ଧ ପିଇବା ପାଣି ସେମାନଙ୍କୁ ଯୋଗାଇ ନ ଦେଲେ ଆନ୍ଦୋଳନର ଚେତାବନୀ ଦେଇଛନ୍ତି। ବାରମ୍ବାର ସ୍ଥାନୀୟ ଜନ ପ୍ରତିନିଧିଙ୍କୁ ଜଣାଇ ଥିଲେ ମଧ ଆଜି ପର୍ଯ୍ୟନ୍ତ ସମସ୍ୟା ସମାଧାନ ହୋଇ ନ ପାରିବା ସେମାନେ ପ୍ରକାଶ କରିଛନ୍ତି। ଏହି ଗ୍ରାମଟି ସୁବର୍ଣ୍ଣରେଖା ନଦୀ ଉପକୂଳବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ସାଧାରଣ ନଳକୂପରୁ ଦୂଷିତ ପାଣିକୁ ବାଧ ହୋଇ ପାନୀୟ ଜଳ ରୂପେ ବ୍ୟବହାର କରୁଛନ୍ତି । ଏବେ ଭୋଗରାଇରେ ଝାଡାବାନ୍ତି ବ୍ୟାପୁଥିବା ବେଳେ ଏଠାକାର ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହେଉଛି । ଏ ନେଇ ବିଭାଗୀୟ ଅଧିକାରିଣୀ ହରିପ୍ରିୟା ମହାନ୍ତଙ୍କୁ ପଚାରିବାରୁ ଖୁବ ଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି କହିଛନ୍ତି। ଏଥିରେ ନମିତା ପ୍ରଧାନ, ମିନା ମାଟି, ସ୍ୱର୍ଣ୍ଣଲତା ମହାନ୍ତି, ପୂଜା ପ୍ରଧାନ, ସନ୍ଧ୍ୟାରାଣୀ ନାୟକ, ବାସନ୍ତୀ ମହାନ୍ତି, ସ୍ୱର୍ଣ୍ଣଲତା ପ୍ରଧାନ, ଚନ୍ଦ୍ରକାନ୍ତ ପ୍ରଧାନ, ସୂର୍ଯ୍ୟକାନ୍ତ ପ୍ରଧାନ, ସୁବଳ ନାୟକ, ଧନଞ୍ଜୟ ରଣା ପ୍ରମୁଖ ଉପସ୍ଥିତ ହୋଇ ପ୍ରତିବାଦ ଜଣାଇଛନ୍ତି।

ପୁଲିସ ନାକ ତଳେ ବେଧଡ଼କ ଓ ବେଆଇନ ଗୋ-ଚାଲାଣ

# ପାଟଣା ଥାନାଞ୍ଚଳରେ ଗୋ-ମାଫିଆ ସକ୍ରିୟ

ତୁରୁମୁଙ୍ଗା, ୪।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଓ ସାହାରପଡ଼ା ଫାଣ୍ଡି ଦେଇ ଯାଇଥିବା ୨୨୦ ନମ୍ବର ଜାତୀୟ ରାଜପଥରେ ଏବେ ଗୋ ମାଫିଆ ସକ୍ରିୟ ହୋଇ ପଡ଼ିଛନ୍ତି। ଥାନା ପଛପଟ ରାସ୍ତା ଓ ଫାଣ୍ଡି ସମ୍ମୁଖ ଦେଇ ଦୈନିକରାତି ଶହ ଶହ ଗୋରୁଙ୍କୁ ଗାଡ଼ି ଭିତରେ ଅତି ଦୟନୀୟ ଭାବରେ ବାନ୍ଧି କରି ଚାଲାଣ କରଯାଉଥିଲେ ମଧ୍ୟ ଗୋ ମାଫିଆଙ୍କ ଟେର ପାଇ ପାରୁନାହିଁ ପାଟଣା ପୁଲିସ। ରବିବାର ବିଳମ୍ବିତ ରାତିରେ ଏକ ପିକ ଅପ ଭ୍ୟାନ୍ କୁ କାଠ ଗାଡ଼ି ଭାବି ପାଟଣା ରେଞ୍ଜର ବନ ବିହାରୀ ସର୍ଦ୍ଦାର ଏବଂ ବନ କର୍ମଚାରୀ ଗୋଡ଼ାଇ ଗୋଡ଼ାଇ ହଳଦୀବଟା ନିକଟରୁ ଧରି ପୁଲିସର ଜିମା ଦେଇଛନ୍ତି। ଅନ୍ଧାରର ସୁଯୋଗ ନେଇ ମାଫିଆମାନେ ଫେରାର ହୋଇ ଯାଇଥିବା ବେଳେ ଗାଡି ଭିତରୁ ୭ ଗୋରୁଙ୍କୁ ଉଦ୍ଧାର କରି ଗୋଶାଳାରେ ଛାଡିଛି ପୁଲିସ।

ସୂଚନା ଅନୁସାରେ, ପୂର୍ବରୁ ୪୯ ନମ୍ବର ଜାତୀୟ ରାଜପଥ ତୁରୁମୁଙ୍ଗା ଥାନା ଦେଇ ଗୋ ଚାଲାଣ ହେଉଥିବା ବେଳେ ତୁରୁମୁଙ୍ଗା ପୁଲିସର ଧରପଗଡ଼ ଯୋଗୁଁ ଗୋରୁ ମାଫିଆମାନେ ରାସ୍ତା ବଦଳାଇ ଢେଙ୍କିକୋଟ ପଟରୁ ପାଟଣା ଓ ସାହାରପଡା ଦେଇ କରଞ୍ଜିଆ ଦେଇ କଲିକତା ଅଞ୍ଚଳକୁ ଚୋରାଚାଲାଣ କରିବାରେ ସକ୍ଷମ ହେଉଛନ୍ତି। ଗତ ଅଗଷ୍ଟ ୧୦ରେ ସାହାରପଡା ଚାତର ପାଣି ନିକଟରୁ ଏକ ପିକ୍ ଅପ୍ ଭ୍ୟାନ୍‌କୁ ବନ ବିଭାଗ ଜବତ କରି ସାହାରପଡା ଫାଣ୍ଡି ପୁଲିସକୁ ହସ୍ତାନ୍ତର କରି ଗାଡ଼ିରୁ ୯ ଗୋରୁ ଉଦ୍ଧାର କରାଯାଇଥିଲା। ୭ ସେପ୍‌ଟେମ୍ବର ୨୦୨୩ ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥ ଧାନବେଣୀ ନିକଟରୁ ଏକ ଗୋରୁ ବୋଝେଇ ସ୍କର୍ପିଓକୁ ବନ ବିଭାଗ ଜବତ କରି ଗାଡି ଭିତରୁ ୩ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ସ୍କର୍ପିଓରେ ଗୋରୁ ଚାଲାଣ ନେଇ ଉତ୍ତେଜନା ଦେଖାଦେବା ସହ ଉତ୍ୟକ୍ତ ଲୋକେ ଗାଡ଼ିରେ ନିଆଁ ଲଗାଇଦେଇଥିଲେ। ଫଳରେ ଗାଡ଼ିରେ ଆଂଶିକ ନିଆଁ ଲାଗିଥିଲା। ପୁଲିସ ଓ ଅଗ୍ନିଶମ ବାହିନୀ ନିଆଁ ଲିଭାଇବା ସହ ଗାଡିକୁ ଜବତ କରିଥିଲା ପାଟଣା ପୁଲିସ। ୧୦ ମେ ୨୦୨୧ ମସିହାରେ ପାଟଣା ଥାନା ଅନ୍ତର୍ଗତ ୨୨୦ ନମ୍ବର ଜାତୀୟ ରାଜପଥ ବଡ଼ବିଲ ବ୍ୟାଙ୍କ ଅଫ ଇଣ୍ଡିଆ ନିକଟରେ ଗୋରୁ ବୋଝେଇ ପିକ୍ ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ ହେବା ପରେ ଗାଡ଼ି ଭିତରୁ ୬ ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା। ସମସ୍ତ ଘଟଣାରେ ଏଯାଏଁ ଗୋ ମାଫିଆ ଗିରଫ ହୋଇ ନଥିବା ସହ ଡ୍ରାଇଭରଙ୍କୁ ମଧ୍ୟ ପୁଲିସ ଗିରଫ କରିବାରେ ସକ୍ଷମ ହୋଇ ପାରିନାହିଁ। ପାଟଣା ଥାନା ଓ ସାହାରପଡା ଫାଣ୍ଡି ପୁଲିସର ନାକ ତଳେ ଗୋ ଚାଲାଣ ହେଉଥିଲେ ମଧ୍ୟ ପାଟଣା ପୁଲିସ ମାଫିଆଙ୍କୁ ଧରିବାରେ ସକ୍ଷମ ହୋଇ ପାରୁନାହିଁ।

## ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର ବଣ୍ଟନ




ଯୋଡ଼ା/ବଡ଼ବିଲ, ୪।୧୧ (ସମିସ): ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ କାଶିଆ ମାଇନ୍ସର ପାରିପାର୍ଶ୍ୱିକ ବିଭିନ୍ନ ସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ବଣ୍ଟନ କରାଯାଇଛି। ସେରେଣ୍ଡା ଓ ଭଦ୍ରାସାହି ପଞ୍ଚାୟତର କେବି ହାଇସ୍କୁଲ, ଝାଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଓ ପଦ୍ମଶ୍ରୀ ଡକ୍ଟର ତୁଳସୀ ମୁଣ୍ଡା ଟ୍ରାଇବାଲ ଆଣ୍ଡ ଏଜୁକେସନ ଡେଭଲପମେଣ୍ଟ ସୋସାଇଟିର ୨୧୦ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ ଟେଷ୍ଟପେପର ଦିଆଯାଇଛି। ଝାଡ଼ଗାଁ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପୁସ୍ତକ ବଣ୍ଟନ କାର୍ଯ୍ୟକ୍ରମରେ ଭଦ୍ରାସାହି ସରପଞ୍ଚ ପ୍ରମିଳା ନାଏକ ଓ ପ୍ରଧାନ ଆଚାର୍ଯ୍ୟ କୃଷ୍ଣଚନ୍ଦ୍ର ମହାକୁଡ଼, କେବି ହାଇସ୍କୁଲରେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତନଳିନୀ ମୁଦୁଲି ଓ ପଦ୍ମଶ୍ରୀ ଡ ତୁଳସୀ ମୁଣ୍ଡା ଟ୍ରାଇବାଲ ଆଣ୍ଡ ଏଜୁକେସନ ଡେଭଲପମେଣ୍ଟ ସୋସାଇଟିରେ ପ୍ରଧାନଶିକ୍ଷୟିତ୍ରୀ ଦମୟନ୍ତୀ ସାମଲ ଯୋଗ ଦେଇଥିଲେ। ସେହିପରି ବଡ଼ବିଲ ପେଲେଟ ପ୍ଲାଣ୍ଟର ପାରିପାର୍ଶ୍ୱିକ ବିଭିନ୍ନ ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ଦିଆଯାଇଛି। ଦେଓଝର ଧବଳେଶ୍ୱର ହାଇସ୍କୁଲର ୧୨୧, ବିଲେଇପଦା ହାଇସ୍କୁଲର ୭୫ ଓ କଣ୍ଡରା ବିଡି ହାଇସ୍କୁଲର ୩୮ ଛାତ୍ରଛାତ୍ରୀଙ୍କୁ ଟେଷ୍ଟପେପର ଦିଆଯାଇଛି। ଧବଳେଶ୍ୱର ହାଇସ୍କୁଲରେ ସମିତିସଭ୍ୟା ଲକ୍ଷ୍ମୀ ମୁଣ୍ଡା, ନାଏବ ସରପଞ୍ଚ କାଦମ୍ବିନୀ ନାଏକ, ଜିନ୍ଦଲ ଷ୍ଟିଲ ସିଏସଆର ମୁଖ୍ୟ ଭର୍ଜିଲ ଲାକ୍ରା ଓ ବରିଷ୍ଠ ଶିକ୍ଷୟିତ୍ରୀ ସ୍ମିତା ଭଟ୍ଟାଚାର୍ଯ୍ୟ, ବିଲେଇପଦା ହାଇସ୍କୁଲରେ ପ୍ରଧାନଶିକ୍ଷକ ପରେଶଚନ୍ଦ୍ର ପ୍ରଧାନ ଓ କଣ୍ଡରା ବିଡି ହାଇସ୍କୁଲରେ ପ୍ରଧାନଶିକ୍ଷକ ଦିଲୀପ ପରିହାଲ ଯୋଗ ଦେଇଥିଲେ।

## ନାବାଳିକା ଗର୍ଭବତୀ; ସଂପର୍କୀୟ ଅଜା ଗିରଫ

ବୈଶିଙ୍ଗା, ୪।୧୧(ସମିସ): ବୈଶିଙ୍ଗା ଥାନା ଅଞ୍ଚଳରେ ଏକ ଲଜ୍ଜାଜନକ ଘଟଣା ଘଟିଛି। ସମ୍ପର୍କୀୟ ଅଜା ଜଣେ ୧୧ବର୍ଷୀୟା ନାବାଳିକାଙ୍କୁ ମୋବାଇଲ ଦେଖାଇବା ବାହାନାରେ ବାରମ୍ବାର ଧର୍ଷଣ କରିବା ଫଳରେ ସେ ଗର୍ଭବତୀ ହୋଇଥିବା ଜଣାପଡିଛି। ଏହି ଘଟଣା ଜଣାପଡ଼ିବା ପରେ ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ନାବାଳିକାଙ୍କ ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା ସହିତ କ୍ରମଶଃ ସେ ଦୁର୍ବଳ ହୋଇପଡ଼ିବାରୁ ପରିବାର ଲୋକେ ଡାକ୍ତରଖାନା ନେଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷାରୁ ନାବାଳିକା ଜଣକ ତିନି ମାସର ଗର୍ଭବତୀ ଥିବା ଜଣାପଡିଥିଲା। ଘରକୁ ଆସି ପଚରା ଉଚରା କରିବା ପରେ ସମ୍ପର୍କୀୟ ଅଜା ଧର୍ଷଣ କରିଥିବା ନାବାଳିକା ଜଣକ ପ୍ରକାଶ କରିଥିଲେ। ଏ ନେଇ ସୋମବାର ରାତିରେ ଗ୍ରାମରେ ବୈଠକ ବସିଥିବା ବେଳେ ବେତନଟୀ ଏସଡିପିଓ ମିନତୀ ବିଶ୍ୱାଳଙ୍କ ନିର୍ଦ୍ଦେଶକ୍ରମେ ବୈଶିଙ୍ଗା ପୁଲିସର ଏକ ଟିମ୍ ଚଢ଼ଉ କରିଥିଲା। ଗାଁ ବୈଠକରୁ ଅଭିଯୁକ୍ତ ଖସି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ଧାନକ୍ଷେତରେ ମାଡ଼ି ବସି ପୁଲିସ କାବୁ କରି ନେଇଥିଲା ପୁଲିସ।

## ଭାରୀଯାନ ଚଳପ୍ରଚଳ ବନ୍ଦ ପାଇଁ ଖୋଳିଦେଲେ ରାସ୍ତା




ହାଟଡ଼ିହୀ,୪।୧୧(ସମିସ): ହାଟଡ଼ିହୀ ବ୍ଲକ୍ ଜାବିନୀପୁର-ଗେଡ଼ମା ରାସ୍ତାର ଜଳସରପୁର ନିକଟରେ ଆର୍‌ଡି ରାସ୍ତା ଉପରେ ରହିଥିବା ଏକ ପୋଲମୁହଁ ଖୋଳା ହୋଇଥିବା ଦେଖିବାକୁ ମିଳିଛି। ଏହି ଗ୍ରାମୀଣ ଆରଡ଼ି ରାସ୍ତାରେ ଗତ କିଛିଦିନ ଧରି ରୀତିମତ ଭାରୀଯାନ ଚଳାଚଳ ହେବା ଯୋଗୁଁ ଗ୍ରାମବାସୀ ଅସୁରକ୍ଷିତ ଅନୁଭବ କରିଥିଲେ। ଏପରିକି, ଭାରୀଯାନ ଚଳାଚଳ ସୁଯୋଗରେ କିଛି ଅସାମାଜିକ ଯୁବଗୋଷ୍ଠୀ ବେଆଇନ୍ ଚାନ୍ଦା ଆଦାୟ କରିବା ଯୋଗୁଁ ପ୍ରତିଦିନ ବିଶୃଙ୍ଖଳା ମଧ୍ୟ ବୃଦ୍ଧି ପାଇଲା। ବିଭିନ୍ନ ସମୟରେ ପାଟିତୁଣ୍ଡ ଦେଖାଦେଲା। ସ୍ଥାନୀୟ ଜଳସରପୁର ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଭାରୀଯାନ ନେଉଥିବା ଏଜେଣ୍ଟମାନେ ଗ୍ରାମବାସୀଙ୍କୁ ନାଲିଆଖି ଦେଖାଇବାରୁ ଗତକାଲି ସୋମବାର ବିଳମ୍ବିତ ରାତିରେ ଗ୍ରାମର କିଛି ଯୁବକ ରାସ୍ତାର ପୋଲ ମୁହଁ ନିକଟରୁ ରାସ୍ତା ଖୋଳି ଦେଇଛନ୍ତି। ବର୍ତ୍ତମାନ ବଡ଼ ଗାଡ଼ି ଚଳପ୍ରଚଳ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇପଡିଛି। କେବଳ ବାଇକ, ଚାରିଚକିଆ ଯାନ ସହ ଆମ୍ବୁଲାନ୍ସ ଯାଇପାରୁଛି। ଗ୍ରାମୀଣ ବସ୍ ଯା'ଆସରେ ବାଧା ଉପୁଜିଛି। ଏକମାତ୍ର ଏହି ରାସ୍ତା ଉପରେ ଅଞ୍ଚଳର ୧୦ରୁ ୧୫ଟି ଗ୍ରାମର ଲୋକେ ନିର୍ଭର କରୁଥିବା ବେଳେ ବର୍ତ୍ତମାନ ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କ ସହ ରୋଗୀଙ୍କ ପାଇଁ ନାନା ସମସ୍ୟା ସୃଷ୍ଟି ହୋଇଛି। ରାସ୍ତା ମଝିରେ ବିରାଟ ଗର୍ତ୍ତ ରାତି ପଥଚାରୀଙ୍କ ପାଇଁ ପ୍ରାଣହାନିର କାରଣ ସାଜିପାରେ ବୋଲି ଆଶଙ୍କା ଦେଖାଦେଇଛି। ଏଭଳି ସମସ୍ୟା ପ୍ରତି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

ଭଞ୍ଜପୁର ଜଗଦ୍ଧାତ୍ରୀ ମେଳାର ୨ୟ ସନ୍ଧ୍ୟା

## ଝୁମର ନୃତ୍ୟ ଗୀତରେ ଝୁମିଲେ ଦର୍ଶକ



ବାରିପଦା, ୪।୧୧(ସମିସ): ଭଞ୍ଜପୁରଠାରେ ଉତ୍ତର ଓଡିଶାର ପ୍ରସିଦ୍ଧ ଜଗଦ୍ଧାତ୍ରୀ ମେଳାର ମଙ୍ଗଳବାର ୨ୟ ସନ୍ଧ୍ୟାରେ ଝୁମର ନୃତ୍ୟରେ ଝୁମିଥିଲେ ଦର୍ଶକ। ଯୁବ କଣ୍ଠଶିଳ୍ପୀ ସତ୍ୟବ୍ରତ ଜେନା ଓ ସାଇ ଶିକ୍ଷା କେନ୍ଦ୍ରର ଶିବ ସ୍ତୁତି ନୃତ୍ୟ, ଅନୁରାଧା ମହାନ୍ତି ଓ ସାଥୀଙ୍କ ଓଡ଼ିଶୀ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଶାନ୍ତି ବିଦ୍ୟାମନ୍ଦିରର କୁନିକୁନି କଳାକାରଙ୍କ ନୃତ୍ୟ ବେଶ ଆକର୍ଷଣୀୟ ଥିଲା। ଶେଷରେ ଝୁମର ନୃତ୍ୟ ଗୀତରେ ଝୁମିଲେ ଦର୍ଶକ ଓ ସାଂସ୍କୃତିକ ସମ୍ପାଦକଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ମେଳା ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସୋମନାଥ ସିଂହ ଏବଂ ଆଲୋକ ବାରିକ ପରିଚାଳନା କରିଥିଲେ। ବୁଧବାର ଲାସ୍ୟକଳା ଏକାଡେମୀ, ସ୍ୱାମୀ ବିବେକାନନ୍ଦ ଯୋଗ ରିସର୍ଚ୍ଚ ସେଣ୍ଟର ଯୋଗାସନ କାର୍ଯ୍ୟକ୍ରମ, ଭାରତୀ ପବ୍ଲିକ ସ୍କୁଲ, ଟେପ ଦି ଫିଟ ଏକାଡେମୀର କାର୍ଯ୍ୟକ୍ରମ ପରେ ଭକ୍ତି ମଲ୍‌ହାର ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ ଶ୍ରୀ ପଲେଇ ଜଣାଇଛନ୍ତି।

## ଗଜସାଥୀ ଦକ୍ଷତା ବୃଦ୍ଧି ତାଲିମ ଶିବିର



କରଞ୍ଜିଆ, ୪।୧୧(ସମିସ): କରଞ୍ଜିଆ ବନଖଣ୍ଡସ୍ତରୀୟ ଗଜସାଥୀ ଏକ ଦିନିକିଆ ଦକ୍ଷତା ବୃଦ୍ଧି ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଡିଏଫଓ ବୈଦ୍ୟନାଥ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତାଲିମ ଶିବିରକୁ ସାଂସଦ ପ୍ରତିନିଧି ଆଶିଷ କୁମାର ମହାନ୍ତ, ଏ.ସି. ଏଫ. ପ୍ରଭାତ କୁମାର କୁଅଁର, ଏ.ସି.ଏଫ ମଦନ ମହନ ମହାନ୍ତ ଯୋଗଦେଇ ଗଜସାଥୀଙ୍କୁ ଉଦବୋଧନ ଦେଇଥିଲେ। ପାରମ୍ଭରେ କରଞ୍ଜିଆ ରେଞ୍ଜ ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ସଂଯୋଜନାରେ ପ୍ରଶିକ୍ଷକ ଭାବେ ମାଷ୍ଟର ଟ୍ରେନର ସୁବ୍ରତ କୁମାର ବିଶ୍ୱାଳ ତାଲିମ ପ୍ରଦାନ କରିଥିଲେ। ପ୍ରଶିକ୍ଷକ ଶ୍ରୀ ବିଶ୍ୱାଳ ଗଜସାଥୀଙ୍କୁ ନିଯୁକ୍ତି ସମ୍ପର୍କିତ, ଆର୍ଥିକ ପ୍ରୋତ୍ସାହନ, ପୁରସ୍କାର, ଗଜ ସାଥୀଙ୍କ ମୁଖ୍ୟ କାର୍ଯ୍ୟଧାରା, କାଯ୍ୟ ନିବୃତ୍ତି, ହାତୀ-ମଣିଷଙ୍କ ସମ୍ପର୍କ, ସଂଘର୍ଷ, ହାତୀ-ମନୀଷାଙ୍କ ସହବସ୍ଥାନ, ହାତୀଙ୍କ ଘର ନିର୍ମାଣ, ହାତୀଙ୍କ ଆଚରଣ, ହାତୀଙ୍କୁ ସୁରକ୍ଷା ପ୍ରଦାନ, ହାତୀଙ୍କ ଆକ୍ରମଣର ପୂର୍ବାଭାସ, ପ୍ରକୃତିରେ ହାତୀଙ୍କ ଅବଦାନ ଭଳି ଅନେକ ତଥ୍ୟ ପ୍ରଦାନ କରିଥିଲେ। ଶେଷରେ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ଡିବି ଟେକର ବର୍ଷ ପୂର୍ତ୍ତି ଉପଲକ୍ଷେ ଲୋଗୋ ଉନ୍ମୋଚନ




ମହୁଲଡିହା,୪।୧୧(ସମିସ): ଡନ ବସ୍‌କୋ ଟେକ୍ ସୋସାଇଟି (ଡିବି ଟେକ୍)ର ୨୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ନୂତନ ଲୋଗୋ ଉନ୍ମୋଚନ ଉତ୍ସବ ଠାକୁରମୁଣ୍ଡା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଠାକୁରମୁଣ୍ଡା କେନ୍ଦ୍ରର ମୁଖ୍ୟ ଶରତ କୁମାର ତ୍ରିପାଠୀ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ନୂତନ ଲୋଗୋ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ପ୍ରଶିକ୍ଷକ, କର୍ମଚାରୀ ଓ ତାଲିମାର୍ଥୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ପ୍ରସଙ୍ଗରେ ଟିଜର ଭିଡିଓ, ବ୍ୟାନର ପ୍ରଦର୍ଶନ ଓ ଶପଥ ଗ୍ରହଣ କରାଯାଇଥିଲା। ଯୁବ ବର୍ଗଙ୍କ ସଶକ୍ତିକରଣ ଓ ଦକ୍ଷତା ବିକାଶ ପ୍ରତି ଡିବି ଟେକ୍‌ର ୨୦ ବର୍ଷର ସେବା ସମର୍ପଣକୁ ଅଭିବ୍ୟକ୍ତ କରାଯାଇଥିଲା। ଏହି ଆୟୋଜନ ଡିବି ଟେକ୍‌ର ୨୦ ବର୍ଷ ଅଭିଯାନର ଯାତ୍ରାକୁ ଚିହ୍ନିତ କରିବା ସହ ସମସ୍ତଙ୍କୁ ନବ ଉତ୍ସାହର ସହିତ ଆଗକୁ ବଢ଼ିବାକୁ ଉତ୍ସାହିତ କରିଥିଲା। ଶେଷରେ କେନ୍ଦ୍ର ସଂଯୋଜକ ଜଗଦୀଶ ପ୍ରସାଦ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଖୁଣ୍ଟା ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ




କୁଆମରା,୪।୧୧(ସମିସ): ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଉଦ୍ଭିଦ ବିଜ୍ଞାନ, ପଦାର୍ଥ ବିଜ୍ଞାନ ଓ ଅର୍ଥନୀତି ବିଭାଗ ଆନୁକୁଲ୍ୟରେ ନବାଗତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଏକ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥିରୂପେ ଅର୍ଥନୀତି ବିଭାଗର ମୁଖ୍ୟ ଅଧ୍ୟାପକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବରେ ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀ ଏବଂ ମୁଖ୍ୟ ବକ୍ତା ଭାବରେ ଓଡିଆ ଭାଷା ସାହିତ୍ୟ ବିଭାଗର ମୁଖ୍ୟ ଡଃ ହିରଣ୍ମୟୀ ଶତପଥୀ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ବାଣୀବ୍ରତା ପ୍ରଧାନ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇଥିଲେ। ଅଧ୍ୟାପକ ଅଶ୍ୱିନୀ ରଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ଅଧ୍ୟାପିକା ଡଃ ସୁଷମା ହାଁସଦା, ଦେବୀରାଣୀ ମହାନ୍ତ, ଡାଏନା ରାଣୀ ବେହେରା ଏବଂ ଡେମୋନଷ୍ଟ୍ରେଟର ସୁଦାମ ଚନ୍ଦ୍ର ରଣା, ମନ କୃଷ୍ଣ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ। ସୀତା ମୁର୍ମୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁଇ ମାସ ହେଲା ମଜୁରୀ ପାଇନାହାନ୍ତି ମନରେଗା ଶ୍ରମିକ

ତୁରୁମୁଙ୍ଗା, ୪।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଓ ସାହାରପଡ଼ା ବ୍ଲକରେ ମନରେଗା ଯୋଜନାରେ କାର୍ଯ୍ୟ କରିଥିବା ୧୮ ହଜାରରୁ ଊର୍ଦ୍ଧ୍ୱ ଶ୍ରମିକ ପାରିଶ୍ରମିକ ପାଇନାହାନ୍ତି। ଶ୍ରମିକମାନେ କାର୍ଯ୍ୟ କରିବାର ୧୫ଦିନ ମଧ୍ୟରେ ଡିବିଟି ମାଧ୍ୟମରେ ଟଙ୍କା ପାଇବାର ବ୍ୟବସ୍ଥା ଥିବାବେଳେ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ହେବ ଶ୍ରମିକମାନେ ଟଙ୍କା ନପାଇ ଦୁଃଖ ଦୁର୍ଦ୍ଦଶାରେ ଜୀବନ କାଟୁଛନ୍ତି। ନିକଟରେ ଦୁର୍ଗାପୂଜା, କାଳୀପୂଜା ଯାଇଥିବା ବେଳେ ଟଙ୍କା ନଥିବାରୁ ପର୍ବ ଫିକା ପଡିଛି। ଏବେ ଧାନ କଟା କାର୍ଯ୍ୟ ଚାଲୁ ରହିଛି। ମଜୁରୀ ମିଳି ନଥିବାରୁ ଋଣ କରଜ କରି ଚାଷୀମାନେ ଏବେ ଧାନ କଟା କାର୍ଯ୍ୟ କରିବେ ବୋଲି କହିଛନ୍ତି। ମନରେଗା ସରକାରୀ ହେଡରେ ଟଙ୍କା ନଥିବାରୁ ଏଭଳି ହୋଇଥିବା ଜଣାପଡ଼ିଛି। ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟଙ୍କୁ ପଚାରିବାରୁ ଆଲଟମେଣ୍ଟ ଆସି ନଥିବାରୁ ଏଭଳି ହୋଇଛି। ଏ ବାବଦରେ ସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଛନ୍ତି।

## ଆଜି ସୁନାବେଶରେ ଦର୍ଶନ ଦେବେ ମା' କୀଚକେଶ୍ୱରୀ



ଖିଚିଂ, ୪।୧୧(ସମିସ): କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଓଡ଼ିଶାର ଐତିହ୍ୟ, ପରମ୍ପରା ଓ ଧର୍ମୀୟ ଭାବନା ସହିତ ଜଡିତ ଏକ ପ୍ରମୁଖ ପର୍ବ। ପୂର୍ବ ବର୍ଷ ଭଳି ଏହି ପବିତ୍ର ଦିବସରେ ମୟୂରଭଞ୍ଜ ଜିଲ୍ଲାସ୍ଥ ଖିଚିଂର ରାଜରାଜେଶ୍ୱରୀ ଅଧିଷ୍ଠାତ୍ରୀ ଦେବୀ ଜଗତଜନନୀ ମା' କୀଚକେଶ୍ୱରୀ ଅଗଣିତ ଶ୍ରଦ୍ଧାଳୁ ଭକ୍ତଙ୍କୁ ଦୁର୍ଲଭ ସୁନାବେଶରେ ଦର୍ଶନ ଦେବେ। ଏହି ଭବ୍ୟ କାର୍ଯ୍ୟକ୍ରମକୁ ସରସ ସୁନ୍ଦର କରିବା ପାଇଁ ମନ୍ଦିର ପରିସରକୁ ରଙ୍ଗବେରଙ୍ଗ ଆଲୋକ ମାଳାରେ ସୁସଜ୍ଜିତ କରିବାର ପ୍ରୟାସ ଜାରି ରହିଛି। ମା'ଙ୍କର ଏହି ଅନନ୍ୟ ସୁନା ବେଶ ଦର୍ଶନ ପାଇଁ ସକାଳ ୭ଘଟିକାରୁ ଅପରାହ୍ନ ୩. ୩୦ଘଟିକା ପର୍ଯ୍ୟନ୍ତ ଚାଲିବ। ମନ୍ଦିର ପ୍ରଶାସନ ତରଫରୁ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ମନ୍ଦିର ମୁଖ୍ୟ ଫାଟକରେ ପ୍ରବେଶ ସମୟରେ ମୋବାଇଲ ଓ କ୍ୟାମେରା ନ ନେବାକୁ କଡା ନିୟମ ରହିଛି। କାର୍ଯ୍ୟକ୍ରମକୁ ସୁଶୃଙ୍ଖଳିତ କରିବା ପାଇଁ ପୁଲିସ ବିଶେଷ ଯତ୍ନବାନ ରହିଛି।

## ବିଦ୍ୟାଳୟ ନିକଟ ଦୋକାନରେ ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ଚଢଉ



ବହଳଦା, ୪।୧୧ (ସମିସ): ବହଳଦା ଥାନା ଅଞ୍ଚଳରେ ଥିବା ବିଭିନ୍ନ ବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନ ନିକଟସ୍ଥ ଦୋକାନଗୁଡିକରେ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ଚଢଉ କରିଥିଲେ। ବିଦ୍ୟାଳୟର ୧୦୦ ମିଟର ପରିସୀମା ମଧ୍ୟରେ ଗୁଟଖା, ପାନ ମସଲା ଏବଂ ତମାଖୁ ଉତ୍ପାଦ ପରି ମାଦକ ଦ୍ରବ୍ୟ ଆଦି ବିକ୍ରିକୁ ସରକାର କଡାକଡି ନିଷେଧ କରିଛନ୍ତି। ଏହା ସତ୍ତ୍ୱେ ଏସବୁ ଅଞ୍ଚଳରେ ତମାଖୁ ଉତ୍ପାଦ ଅବାଧରେ ବିକ୍ରି ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲା। ତେବେ ଆଜି ବହଳଦା ଅବକାରୀ ଥାନା ଅଧିକାରୀ ରଣଜୀତ ଶବର ଓ ଏଏସଆଇ ଦେବବ୍ରତ ମହାନ୍ତଙ୍କ ଉପସ୍ଥିତିରେ ଖାଦ୍ୟ ସୁରକ୍ଷା ଅଧିକାରୀ ସୌମ୍ୟକାନ୍ତ ନାୟକ ବହଳଦା ଦୋକାନରେ ଚଢଉ କରିଥିଲେ। ବହଳଦା ସରକାରୀ ଉଚ୍ଚବିଦ୍ୟାଳୟ, ବହଳଦା ଧୀରଜଲାଲ ମହାବିଦ୍ୟାଳୟ ଏବଂ ବଡଦୁନ୍ଦୁ ବିଦ୍ୟାଳୟ ନିକଟରେ ଚଢଉ କରି ୫ଟି ଦୋକାନରୁ ଜରିମନା ଆଦାୟ କରାଯାଇଥିଲା।

## ମିକ୍ସଚର ମେସିନ ଖସିପଡ଼ିବାରୁ ୨ ଆହତ

ରାସଗୋବିନ୍ଦପୁର, ୪।୧୧(ସମିସ): ଏକ ଗାଡିରେ ଯାଉଥିବା ମିକ୍ସଚର ମେସିନ ଖସି ଏକ ଗ୍ୟାରେଜରେ ପଶି ପଡିବାରୁ ଦୁଇଜଣ ଆହତ ହୋଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏକ ଟାଟା ଏସି ହଦମୁଦ୍ ନେଇ ମିକ୍ସଚର ମେସିନଟିକୁ ଝିଙ୍କିରିଆକୁ ନେଇ ଯାଉଥିବା ସମୟରେ ହଠାତ ମିକ୍ସଚର ମେସିନଟି ଖୋଲିଯିବାରୁରୁ ରାସଗୋବିନ୍ଦପୁର ବଜାର ସ୍ଥିତ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ସମ୍ମୁଖରେ ଥିବା ଏକ ଗ୍ୟାରେଜରେ ମିକ୍ସଚର ମେସିନଟି ପିଟି ହୋଇଯାଇଥିଲା। ଫଳରେ ଗ୍ୟାରେଜ ଦୋକାନ ଭାଙ୍ଗିବା ସହିତ ଦୁଇଜଣ ଆହତ ହୋଇଛନ୍ତି। ଆହ୍ୱାନେ ହେଲେ ଅମୁଲ୍ୟ ବାରିକ ଏବଂ ଅରୁଣ ସାହୁ। ଉଭୟଙ୍କୁ ରାସଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବାବେଳେ ପୁଲିସ ମିକ୍ସଚର ମେସିନ ଓ ଗାଡିକୁ ଜବତ କରିଛି।

## ଚାଲାଣବେଳେ ୭ ଗୋରୁ ଉଦ୍ଧାର; ପିକ୍‌ଅପ୍ ଜବତ

କରଞ୍ଜିଆ, ୪।୧୧(ସମିସ): କରଞ୍ଜିଆ ସହରଠାରୁ ୬କି. ମି ଦୂର ହଳଦୀବଟା ଗ୍ରାମ ନିକଟରେ ଏକ ପିକ୍‌ଅପ୍ ଭ୍ୟାନରେ ୭ଟି ବଳଦ ବେଆଇନ ଭାବେ ଚାଲାଣ ହେଉଥିବାବେଳେ ପୁଲିସ ଜବତ କରିଛି; ହେଲେ ଗାଡି ଚାଳକ ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପରେ ପୁଲିସ ଗାଡିରୁ ୭ଟି ଗୋରୁଙ୍କୁ ଉଦ୍ଧାର କରି ବେଲଦା ଗୋଶାଳାରେ ଜିମା ଦେଇଛି। ଘଟଣାରୁ ପ୍ରକାଶ ଯେ, ସୋମବାର ରାତିରେ ସାହାରପଡା ଫାଣ୍ଡି ତରଫରୁ ପାଟ୍ରୋଲିଂ କରାଯାଉଥିବା ବେଳେ ଏକ ପିକ୍‌ଅପ୍‌ରେ ୭ଟି ବଳଦକୁ ଅତି ନୃଶଂଶ ଭାବେ ଚାଲାଣ କରାଯାଉଥିଲା। ପୁଲିସ ଯାଞ୍ଚ କରିବାରୁ ଚାଳକ ଗାଡି ଛାଡି ପଳାଇଛି।

ପୁଷ୍ଟିଶସ୍ୟ ଖାଦ୍ୟ ମେଳା; ଗଡ଼ିଲା ଶ୍ରୀଅନ୍ନ ଅଭିଯାନ ରଥ

# ସ୍ୱାସ୍ଥ୍ୟ ଗଠନରେ ମାଣ୍ଡିଆଯୁକ୍ତ ଖାଦ୍ୟ ବିଶଲ୍ୟକରଣୀ ସଦୃଶ




ବିଶୋଇ,୪।୧୧ (ସମିସ): ଗ୍ରାମ ସ୍ୱରାଜ ଆନୁକୂଲ୍ୟରେ ବିଶୋଇ ବ୍ଲକସ୍ତରୀୟ ଶ୍ରୀ ଅନ୍ନ ଅଭିଯାନର ପୁଷ୍ଟି ଶସ୍ୟ ଖାଦ୍ୟମେଳା କୃଷି ସୂଚନା ଓ ଉପଦେଷ୍ଟା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଗ୍ରାମସ୍ୱରାଜ ସଂଯୋଜକ ଦିବାକର ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ ଏବଂ ସମ୍ମାନିତ ଅତିଥି ଭାବରେ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ, ବ୍ଲକ କୃଷି ଅଧିକାରୀ ସୁଧାଂଶୁ ଶେଖର ପଣ୍ଡା, ତହସିଲଦାର ସତ୍ୟବାନ ନାଏକ, ଖଡ଼ମବେଡ଼ା ସରପଞ୍ଚ ସୋମବାରୀ ସିଂ, ସହକାରୀ କୃଷି ଅଧିକାରୀ ସଞ୍ଜନା ମହାନ୍ତ ପ୍ରମୁଖ ପତାକା ଦେଖାଇ ଶ୍ରୀଅନ୍ନ ଅଭିଯାନ ରଥର ଶୁଭାରମ୍ଭ କରିଥିଲେ। ଏହି ରଥଟି ୬ ତାରିଖ ପର୍ଯ୍ୟନ୍ତ ବ୍ଲକର ବିଭିନ୍ନ ଗାଁ ପରିକ୍ରମାଚରି ମାଣ୍ଡିଆ ଚାଷ ଉତ୍ପାଦନ କରାଯିବା ଏବଂ ମାଣ୍ଡିଆ ଯୁକ୍ତ ଖାଦ୍ୟ ସ୍ୱାସ୍ଥ୍ୟ ଉପକାରିତାରେ କିପରି ସହାୟକ ହୁଏ ସେ ନେଇ ସଚେତନ କରିବ। ପରେ ବ୍ଲକ କୃଷି କାର୍ଯ୍ୟାଳୟରେ ପୁଷ୍ଟି ଶସ୍ୟ ଖାଦ୍ୟ ମେଳା ସାଙ୍ଗକୁ ସ୍ୱୟଂସହାୟକ ଗୋଷ୍ଠୀ, ମାଣ୍ଡିଆ ଚାଷୀ ଏବଂ ଜନସାଧାରଣଙ୍କୁ ନେଇ ଶ୍ରୀ ଅନ୍ନ ଅଭିଯାନର ଏକ ସଭା ଅନୁଷ୍ଠିତ ହୋଇଥିଲା। ମାଣ୍ଡିଆଯୁକ୍ତ ଖାଦ୍ୟ ସୁସ୍ଥ ସ୍ୱାସ୍ଥ୍ୟ ଗଢିବାରେ ବିଶଲ୍ୟକରଣୀ ସଦୃଶ ବୋଲି ଅତିଥିମାନେ କହିଥିଲେ। ଏହି ଖାଦ୍ୟକୁ ଅଧିକରୁ ଅଧିକ ଆପଣେଇବା ପାଇଁ ଅତିଥିମାନେ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ନାରୀ ଶକ୍ତି (ବିଶୋଇ), ଲକ୍ଷ୍ମୀ ପ୍ରତିମା(ଢ଼ିପୁସାହି), ମା'ତାରିଣୀ-୨ (ମାଣିଚ), ମା' କୀଚକେଶ୍ୱରୀ (ମାଣିଚ), ମା' ମଙ୍ଗଳା (ଢ଼ିପୁସାହି), ମା' ଦଶଭୂଜା (ଧାନା), ମା'ଶାରଳା (ଜାମିରଡ଼ିହା), ମା' ଲକ୍ଷ୍ମୀ (ମାଣିଚ) ଗୋଷ୍ଠୀର ମହିଳାମାନେ ମାଣ୍ଡିଆରେ ନିର୍ମିତ ଗୁପଚୁପ, ଇଟିଲି, କାକରା, ଚକୁଳି, ଚିତଉ ପିଠା, ମଣ୍ଡା ପିଠା, ପୁରୀ, ମାଣ୍ଡିଆ ବୋଇତାଳୁ କାକରା, ପକୁଡି, ଆଳୁଚପ, ଗଜା, ବରା ଆଦି ବିଭିନ୍ନ ପ୍ରକାର ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ମେଳାରେ ପ୍ରଦର୍ଶନ କରିଥିଲେ। ଅତିଥିମାନେ ଖାଦ୍ୟ ଖାଇ ମୂଲ୍ୟାଙ୍କନ କରିଥିଲେ। ଏହି ଅବସରରେ ଅନୁଷ୍ଠିତ ପ୍ରତିଯୋଗିତାରେ ନାରୀଶକ୍ତି ଏସ୍.ଏଚ.ଜି ପ୍ରଥମ, ମା' ଦଶଭୁଜା ଏସ୍.ଏଚ.ଜି ଦ୍ୱିତୀୟ ଏବଂ ଲକ୍ଷ୍ମୀ ପ୍ରତିମା ସ୍ୱୟଂ ସହାୟକ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛି।

## ପିଆରଏମ୍ ମେଡିକାଲରେ ଅନିୟମିତତା ଅଭିଯୋଗ

# ୧୨ଟି ଅଭିଯୋଗର ତଦନ୍ତ ନ ହେଲେ ଆନ୍ଦୋଳନ

ବାରିପଦା, ୪ ।୧୧(ସମିସ): ସ୍ୱେଚ୍ଛାସେବୀ ସଙ୍ଗଠନ 'ଜାଗ ମୟୂରଭଞ୍ଜ ଜାଗ' ପକ୍ଷରୁ ଅରୁଣ କୁମାର ବେହେରାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ ଜନଅଭିଯୋଗ ଶୁଣାଣିରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲରେ ହେଉଥିବା ଅନିୟମିତତାର ୧୨ଟି ଅଭିଯୋଗର ତଦନ୍ତ

### 'ଜାଗ ମୟୂରଭଞ୍ଜ ଜାଗ'ର ଗେଟ୍‌ରେ ତାଲା ପକାଇବାକୁ ଚେତାବନୀ

କରିବାକୁ ଦାବି ହୋଇଛି । ଆଗାମୀ ୧୫ ଦିନ ମଧ୍ୟରେ ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଲିଖିତ ଭାବେ ଅବଗତ କରାଯାଇଛି । ଅନ୍ୟଥା ମେଡ଼ିକାଲର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଚେତାବନୀ ଦେବା ସହିତ ଜନସ୍ୱାର୍ଥ ମାମଲା ରୁଜୁ ପାଇଁ ବାଧ ହେବେ ବୋଲି ସଂଗଠନ କହିଛନ୍ତି । ସୂଚନା ଅନୁସାରେ, ମେଡିକାଲ ପରିସର ମଧ୍ୟରେ ଏକ ଫାଣ୍ଡିରେ ପୁଲିସ କର୍ମଚାରୀ ସହିତ ସିକ୍ୟୁରିଟି ଡିଉଟି କରୁଥିବା ସତ୍ତ୍ୱେ ପ୍ରତିଦିନ ଚୋରି ହେବା ସହିତ ପିଲା ଚୋରି ହେବା ଭଳି ଘଟଣା ଦେଖିବାକୁ ମିଳୁଛି । ଏପରିକି କିଛିଦିନ ପୂର୍ବେ ମେଡିକାଲ ପରିସର ମଧ୍ୟରେ ଏକ ଗଳିତ ମରଶରୀର କଙ୍କାଳ ଉଦ୍ଧାର ହେବା ଘଟଣା ସମସ୍ତଙ୍କୁ ଚକିତ କରିଛି । ତେବେ ଏଠାରେ ଏତେ ସବୁ ସୁରକ୍ଷା ବ୍ୟବସ୍ଥା ଥିବା ବେଳେ



କିପରି ଏଭଳି ଘଟଣା ଘଟୁଛି ତାହା ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଦାବି ମଧ୍ୟରେ ଆଉଟସୋର୍ସିଂ ରିଆରେ ଦିବ୍ୟାଙ୍ଗଙ୍କୁ ୫% ନିଯୁକ୍ତି ପ୍ରଦାନ ନ କରିବା, ଠିକା ସଂସ୍ଥା ଦ୍ୱାରା ସଠିକ ଭାବରେ ଚୟନ ନକରି ସିକ୍ୟୁରିଟି ଗାର୍ଡଙ୍କୁ ମନଇଚ୍ଛା ନିଯୁକ୍ତି ଦେବା, ସିକ୍ୟୁରିଟି ଗାର୍ଡ ଓ ଫାଣ୍ଡି ଥିବା ସତ୍ତ୍ୱେ ମେଡିକାଲ ପରିସର ମଧ୍ୟରୁ ପ୍ରତିଦିନ ଗାଡ଼ି, ମୋବାଇଲ, ପିଲା ଚୋରି, ଦିବ୍ୟାଙ୍ଗ ଓ ବୟସ୍କ ବ୍ୟକ୍ତିଙ୍କ ନିମନ୍ତେ ଥିବା ଔଷଧ କାଉଣ୍ଟର ଓ ଟିକେଟ କାଉଣ୍ଟର ବନ୍ଦ ରଖାଯିବା, ହସ୍ପିଟାଲରେ କାର୍ଯ୍ୟରତ କର୍ମଚାରୀ ଆଉଟସୋର୍ସିଙ୍ଗ ଦ୍ୱାରା ହେଉଥିବା ନିଯୁକ୍ତିରେ ନିଜ ସମ୍ପର୍କୀୟଙ୍କୁ ନିଯୁକ୍ତି ଦେବା ଓ ଡୋନେସନ ନେଇ ନିଜ ଇଚ୍ଛା ମୁତାବକ ନିଯୁକ୍ତି କରାଇବା, କାର୍ଯ୍ୟରତ ନର୍ସମାନେ ରୋଗୀ ଓ ତାଙ୍କ ସମ୍ପର୍କୀୟଙ୍କୁ ଉତ୍ତମ ବ୍ୟବହାର ନ କରିବା, ମେଡ଼ିସିନ କାଉଣ୍ଟରରେ ମାର୍କର ସହଯୋଗରେ ଔଷଧ ଖାଇବା ସମୟ ଲେଖିକରି ନ ଦେବା, ମେଡିକାଲ ପରିସରରେ ସିସି ଟିଭି କେମେରା କାର୍ଯ୍ୟକାରୀ ନକରିବା, ବ୍ଲଡ଼ ବ୍ୟାଙ୍କରେ ଦଲାଲ ପ୍ରାଦୁର୍ଭାବ, ମେଡିକାଲ ପରିସରରେ ଘରୋଇ ଗାଡି ଓ ଘରୋଇ ଆମ୍ବୁଲାନ୍ସଙ୍କ ସଂଖ୍ୟା ବଢିବା ଦ୍ୱାରା ରାସ୍ତା ଜାମ ହେବା ସହିତ ରୋଗୀମାନେ ସରକାରୀ ଗାଡି ଆମ୍ବୁଲାନ୍ସ ବଦଳରେ ଘରୋଇ ଗାଡି ଓ ଆମ୍ବୁଲାନ୍ସ ଦ୍ୱାରା ଶୋଷଣର ଶିକାର ହେବା, ଡାକ୍ତର ଘରୋଇ ଡାକ୍ତରଖାନାରେ ଅଧିକ ସମୟ ଦେବା ଓ ମେଡିକାଲ ପରିସର ମଧ୍ୟରେ ଶୌଚାଳୟ ଏବଂ ବିଭିନ୍ନ ସ୍ଥାନରେ ସ୍ୱଚ୍ଛତା ରଖାଯାଉ ନ ଥିବା ଆଦି ତଦନ୍ତ ପୂର୍ବକ ସମାଧାନ ଦାବି କରାଯାଇଛି । ଶ୍ରୀ ବେହେରାଙ୍କ ସହିତ ସଙ୍ଗଠନର ସମ୍ପାଦିକା ତପସ୍ୱିନୀ ରଣା ସହିତ ଶକୁନ୍ତଳା ନାଏକ, ସାବିତ୍ରୀ ସିଂ, ଚୁମକି ବେହେରା ସହିତ ଅନ୍ୟ ସଭ୍ୟ ଉପସ୍ଥିତ ରହି ଦାବି ଜଣାଇଥିଲେ । ଆଗାମୀ ୧୫ଦିନ ମଧ୍ୟରେ ଉପରୋକ୍ତ ସମସ୍ୟା ଦୂର କରିବାରେ ପ୍ରଶାସନ ଗୁରୁତ୍ୱ ନ ଦେଲେ ସଂଗଠନ ପକ୍ଷରୁ ମୁଖ୍ୟ ଫାଟକରେ ତାଲା ପକାଇ ଧାରଣା ଦେବା ସହିତ ଜନସ୍ୱାର୍ଥ ମାମଲା ଦାଏର କରିବ ବୋଲି ଚେତାବନୀ ଦିଆଯାଇଛି ।

## ଆଜି କାର୍ତ୍ତିକ ପୂର୍ଣ୍ଣିମା

# କଦଳୀ ପଟୁଆ ଡଙ୍ଗାର ସ୍ଥାନ ନେଇଛି ଥର୍ମୋକୁଲ୍



ବାରିପଦା, ୪ ।୧୧(ସମିସ): ଧାର୍ମିକ କାର୍ତ୍ତିକ ମାସ ଶେଷ ହୋଇଥିବା ବେଳେ ବୁଧବାର ପୂର୍ଣ୍ଣିମା । ଓଡିଆ ପରମ୍ପରାକୁ ମନେ ପକାଇ କାର୍ତ୍ତିକ ପୂର୍ଣ୍ଣିମା ବଡ଼ିଭୋରୁ ଜଳାଶୟରେ ଡ଼ଙ୍ଗା ଭସାଯିବ । ତେବେ ପାରମ୍ପରିକ ଡଙ୍ଗା (ବୋଇତ) ଆଧୁନିକ ସଭ୍ୟତା ସହ ପରିବର୍ତ୍ତନ ହୋଇଛି । ପୂର୍ବରୁ କଦଳୀ ପଟୁଆରେ ଡ଼ଙ୍ଗା ପ୍ରସ୍ତୁତ କରି ଲୋକେ ଭସଉଥିବାବେଳେ ଏବେ ରଙ୍ଗୀନ ଥର୍ମାକୋଲରେ ପ୍ରସ୍ତୁତ ଡ଼ଙ୍ଗା ତାହାର ସ୍ଥାନ ନେଇଛି । ଯାହାକୁ କି ଭସାଇବାକୁ ବାରିପଦା ସମେତ ମୟୂରଭଞ୍ଜ ଜିଲ୍ଲାରେ ଶ୍ରଦ୍ଧାଳୁଙ୍କ ମଧ୍ୟ ପ୍ରବଳ ଭିଡ଼ ପରିଲକ୍ଷିତ ହେବ । ମାସର ଯାକ ପୁଣ୍ୟ ପରେ କାର୍ତ୍ତିକ ପୂର୍ଣ୍ଣିମାରେ ଡ଼ଙ୍ଗା ଭସାଇ ପୂର୍ଣ୍ଣିମା ବ୍ରତ ସମ୍ପାଦନ ହୋଇଥାଏ । ତେବେ ବିଭିନ୍ନ ପ୍ରକାର ଡ଼ଙ୍ଗା ବ୍ୟବହାର ହେଉଥିଲେ ସୁଦ୍ଧା କାର୍ତ୍ତିକ ପୂର୍ଣ୍ଣିମାରେ କଦଳୀ ଗଛ ପଟୁଆରୁ ତିଆରି ଡ଼ଙ୍ଗାର ବିଶେଷ ଗୁରୁତ୍ୱ ରହିଛି । ବାରିପଦା ସହରର ଟ୍ରାଫିକ ଛକ, କଚେରୀ ମାର୍କେଟ, କୃଷ୍ଣଚନ୍ଦ୍ର ଗୋଲେଇ, ଷ୍ଟେସନ

### ପରିବେଶ ଓ ଜଳବାୟୁ ପରିବର୍ତ୍ତନରେ ପଡୁଛି ପ୍ରଭାବ

ରୋଡ, ଭଞ୍ଜପୁର ଆଦି ସ୍ଥାନରେ ରାସ୍ତା କଡରେ ହାତରେ ରଙ୍ଗବେରଙ୍ଗ ଡ଼ଙ୍ଗା ତିଆରି କରି ବିକ୍ରି କରୁଛନ୍ତି । କିନ୍ତୁ ପରିବର୍ତ୍ତନ ଯୋଗୁଁ ଥର୍ମାକୋଲ ଡ଼ଙ୍ଗା ବହୁଳ ବ୍ୟବହାର ଫଳରେ ଏହା ଆମର ପରିବେଶକୁ ପ୍ରଭାବିତ କରୁଛି । ଏହା ଜଳ କିମ୍ବା ମୃର୍ତ୍ତିକା ସହିତ ସଠିକ ଭାବେ ମିଶୁ ନ ଥିବାରୁ ପରିବେଶ ପାଇଁ କ୍ଷତିକାରକ । ବିଘଟନ ଯୋଗୁଁ ଗୋଟିଏ ସ୍ଥାନରେ ଜମି ରହି ଜଳ ପ୍ରଦୂଷଣ କରିଥାଏ । ଏହା ଦ୍ୱାରା ଲୋକେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହେବାର ସମ୍ଭାବନା ରହିଛି । ଏଥିସହିତ ପରିବେଶ ଓ ଜଳବାୟୁ ପରିବର୍ତ୍ତନରେ ମଧ୍ୟ ଅନେକ ପ୍ରଭାବ ପକାଉଛି । ଥର୍ମାକୋଲ ସୋଲ ଡ଼ଙ୍ଗା ବଜାରରେ ଅତି ସହଜରେ ଉପଲବ୍ଧ ହେଉଥିବାରୁ ଲୋକେ ପରମ୍ପରାକୁ ପାଳନ କରିବା ପାଇଁ ଏହାକୁ ଆଣି ଭସାଇ ଦେଉଛନ୍ତି; କିନ୍ତୁ ଜନ ସଚେତନତା ଅଭାବ ଯୋଗୁଁ ବହୁଳ ବ୍ୟବହାରକୁ ରୋକ ଦିଆଯାଇପାରୁନାହିଁ । ପାର୍ବଣ ସମୟରେ ମୂର୍ତ୍ତିରେ ଲାଗିଥିବା ଜରି ଓ ରାସାୟନିକ ପଦାର୍ଥକୁ ପାଣିରେ ନ ମିଶାଇବା ପାଇଁ କୃତ୍ରିମ ପୋଖରୀ ବ୍ୟବସ୍ଥା କରାଯାଉଛି । ସେହିପରି ଥର୍ମାକୋଲ ଡ଼ଙ୍ଗା ଦ୍ୱାରା ଜଳ ପ୍ରଦୂଷଣକୁ ରୋକିବା ପାଇଁ କୃତ୍ରିମ ପୋଖରୀର ଆବଶ୍ୟକତା ରହିଛି ।

## ନବମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା ମାମଲା

# ପ୍ରତାରକ ନାବାଳକ ପ୍ରେମିକ କୋର୍ଟଚାଲାଣ

ଯଖପୁରା,୪।୧୧(ସମିସ): ଯାଜପୁର ଜିଲ୍ଲା ଯଖପୁରା ଥାନା ଅନ୍ତର୍ଗତ ପଙ୍କପାଳ ଗ୍ରାମର ନବମ ଶ୍ରେଣୀ ଛାତ୍ରୀ ଆତ୍ମହତ୍ୟା ଘଟଣାରେ ଜବତ ସୁସାଇଡ୍ ନୋଟ୍‌କୁ ଆଧାର କରି ଅଭିଯୁକ୍ତ କୁହାଯାଉଥିବା ନାବାଳକକୁ କବାଟବନ୍ଧ ନିକଟସ୍ଥ ବ୍ରାହ୍ମଣୀ ବ୍ରିଜ ନିକଟରୁ ଯଖପୁରା ପୁଲିସ ଗିରଫ କରିଥିଲେ । ତାକୁ ଜୁଭେନାଇଲ୍ ଜଷ୍ଟିସ୍ ବୋର୍ଡରେ ଉପସ୍ଥାପନା କରାଯିବା ପରେ କୋର୍ଟ ତାଙ୍କୁ ଅନୁଗୁଳସ୍ଥିତ ଶିଶୁ ସୁଧାର ଗୃହକୁ ପଠାଇ ଦେଇଥିବା ଜଣାପଡିଛି । ପୁଲିସ ତଥ୍ୟ ଅନୁସାରେ, ପଙ୍କପାଳ ପଞ୍ଚାୟତ ପଙ୍କପାଳ ଗ୍ରାମର ଜଣେ ନାବାଳିକାଙ୍କ ସେହି ପଞ୍ଚାୟତ ନୀଳଦେଇପୁର ଶାସନ ଗ୍ରାମର ରବୀନ୍ଦ୍ର ବିଶ୍ୱାଳଙ୍କ ପୁଅ ସୋନୁ ବିଶ୍ୱାଳ (୧୭ ବର୍ଷ ୧୦ ମାସ)ଙ୍କ ସହିତ ପ୍ରେମ ସଂପର୍କ ରହିଥିଲା । କିନ୍ତୁ ପରେ ସୋନୁ ତାଙ୍କ ସହ ଥିବା କିଛି ଅନ୍ତରଙ୍ଗ ଫଟୋ ଦେଖାଇ ଧମକ ଓ ବ୍ଲାକମେଲିଂ ମାଧ୍ୟମରେ ପଇସା ମାଗିବା ଆରମ୍ଭ କରିଥିଲେ । ଏହା ଅସହ୍ୟ ହେବାରୁ ନାବାଳିକା ଜଣଙ୍କ ସୋନୁଙ୍କ ପିତା ରବୀନ୍ଦ୍ରଙ୍କୁ ସବୁ କଥା ଜଣାଇ ସମାଧାନ ଚାହିଁଥିଲେ । କିନ୍ତୁ ସେଠାରୁ ଆଶ୍ୱାସନା ନ ମିଳିବାରୁ ନିରାଶ ହୋଇ ଘରକୁ ଫେରି ଆତ୍ମହତ୍ୟା କରିଥିଲେ । ତେବେ ତାହା ପୂର୍ବରୁ ସେ ଏକ ସୁଇସାଇଡ୍ ନୋଟ୍‌ରେ ସବୁ ଲେଖିଦେଇଥିଲେ । ଏହାକୁ ଆଧାର କରି ପୁଲିସ୍ ୧୬୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ପୁଲିସ୍ ଆଜି ସକାଳେ ଅଭିଯୁକ୍ତକୁ ଗିରଫ କରିବାକୁ ସକ୍ଷମ ହୋଇଥିଲେ ।

## ■ ନାବାଳିକା ଦୁଷ୍କର୍ମ ମାମଲା

# ଅଭିଯୁକ୍ତ ଯୁବକ ଗିରଫ

କପ୍ତିପଦା,୪।୧୧(ସମିସ): ନାବାଳିକା ଦୁଷ୍କର୍ମ ମାମଲାରେ ମଙ୍ଗଳପୁର ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି । ୨ବର୍ଷ ତଳେ ନାବାଳିକା ଜଣକ ଶ୍ୟାମସୁନ୍ଦରପୁର ଉଚ୍ଚ ବିଦ୍ୟାଳୟରେ ପାଠ ପଢୁଥିବା ବେଳେ ତାଙ୍କୁ ସେହି ବିଦ୍ୟାଳୟର ଛାତ୍ର ଜ୍ୟୋତିପ୍ରକାଶ ମଲ୍ଲିକ ଓରଫ୍ ତୋଫାନ ସହ ପ୍ରେମ ସଂପର୍କ ଗଢିଉଠିଥିଲା । ଏପରିକି ଉଭୟଙ୍କ ମଧ୍ୟରେ ଶାରୀରିକ ସମ୍ପର୍କ ମଧ୍ୟ ରହିଥିଲା । ଏକଥା ଜଣାପଡିବା ପରେ ତୋଫାନର ମାମୁ ସୁଶାନ୍ତ ମଲ୍ଲିକ ଓରଫ ପପୁ ତାକୁ ନିଛାଟିଆ ଜାଗାକୁ ଡକାଇ ପଚରା ଉଚରା କରିବା ସହ ବଳପୂର୍ବକ ଦୁଷ୍କର୍ମ କରିଥିଲେ । ଏକଥା କାହାରିକୁ ନ କହିବାକୁ ତାଗିଦ୍ କରିଥିଲେ । ସେ ୫ ମାସ ଅନ୍ତଃସତ୍ତ୍ୱା ହେବା ପରେ ଘଟଣା ପ୍ରଘଟ ହେଲା । ମାମୁ ଓ ଭଣଜା କେହି ତାଙ୍କ କଥା ଶୁଣିଲେ ନାହିଁ । ଗାଁର ଭଦ୍ରବ୍ୟକ୍ତି ଉଭୟଙ୍କୁ ବିବାହ କରିଦେବାକୁ ପରାମର୍ଶ ଦେଇଥିଲେ । ମାତ୍ର ତାଙ୍କ କଥା ଶୁଣିନଥିଲେ ମାମୁ ସୁଶାନ୍ତ । ଶେଷରେ ପୀଡ଼ିତା ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ଥାନା କେସ୍ ନଂ ୨୦୧/୨୪ ପକ୍‌ସୋ ଆକ୍ଟରେ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିଲା । ପୀଡ଼ିତା ସ୍ୱଧାର ଗୃହରେ ଆଶ୍ରୟ ନେଇଥିଲେ ଓ କନ୍ୟା ସନ୍ତାନଟିଏ ଜନ୍ମ ଦେଇଥିଲେ । ମାମଲାର ତଦନ୍ତ ଅଧିକାରୀ ଏସ୍‌ଆଇ ଅନିତା ପ୍ରଧାନ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଅଭିଯୁକ୍ତ ମାମୁ ସୁଶାନ୍ତକୁ ବିଞ୍ଝାରପୁର ଥାନା ବାଙ୍ଗରା ଗ୍ରାମରୁ ଗତକାଲି ଗିରଫ କରି ଆଜି କୋର୍ଟଚାଲାଣ କରିଥିଲେ ।

# ଜିଲ୍ଲାପାଳଙ୍କ ଅଫିସ୍ ଆଗରେ ବିର୍ଲା ଟାୟାର୍ସ ଶ୍ରମିକଙ୍କ ବିକ୍ଷୋଭ

ବାଲେଶ୍ୱର, ୪।୧୧(ସମିସ): ବିର୍ଲା ଟାୟାର୍ସରେ ଦୀର୍ଘବର୍ଷ କାର୍ଯ୍ୟ କରିଆସିଥିବା ଶ୍ରମିକ, କର୍ମଚାରୀ ଓ ସେମାନଙ୍କ ପରିବାରବର୍ଗ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ଶ୍ରମ କାର୍ଯ୍ୟାଳୟକୁ ଜାଲିଆତି ଓ ମିଥ୍ୟା ତଥ୍ୟ ଦେଇଥିବା ଏବେକାର କାରଖାନା କର୍ତ୍ତୃପକ୍ଷଙ୍କୁ ଗିରଫ କରାଯିବା ସହ ଏନସିଏଲଟି (ଜାତୀୟ କମ୍ପାନୀ ଆଇନ ଆୟୋଗ)ଙ୍କ ଆଦେଶକୁ କାର୍ଯ୍ୟକାରୀ କରି ସମସ୍ତ ଶ୍ରମିକଙ୍କୁ ନିଯୁକ୍ତି ଓ ସେମାନଙ୍କ ପ୍ରାପ୍ୟ ପ୍ରଦାନ ପାଇଁ ଦାବି କରାଯାଇଥିଲା ।


ବିକ୍ଷୋଭ ସ୍ଥଳରେ ଟିୟୁସିସିର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା ସଭାପତିତ୍ୱ କରି ବିର୍ଲା ଟାୟାର୍ସ ଶ୍ରମିକମାନଙ୍କ ସମସ୍ୟା ସମାଧାନ ପାଇଁ ସରକାରଙ୍କ ଦ୍ୱାରା ନିଯୁକ୍ତ ନୋଡାଲ ଅଫିସର ଦାୟିତ୍ୱରେ ଥିବା ଜିଲ୍ଲାପାଳ ସମସ୍ୟାର ସମାଧାନ ପାଇଁ ଉଦ୍ୟମ ନକରିବା ଦୁଃଖର ବିଷୟ ବୋଲି କହିଥିଲେ । ଏମସିଏଲଟି ଡାଲମିଆ ଭାରତ ରିଫ୍ରାକ୍ଟରିଜ ଓ ହିମାଦ୍ରି ସ୍ପେଶାଲିଟି କେମିକାଲ୍ସକୁ କାରଖାନା ହସ୍ତାନ୍ତର କରିଥିବା ବେଳେ ଅନ୍ୟଏକ ସଂସ୍ଥା ହିମାଦ୍ରି କ୍ଲିନ ଏନର୍ଜି ଠିକାଦାର ନିଯୁକ୍ତି ପାଇଁ ଶ୍ରମ କାର୍ଯ୍ୟାଳୟର ରେଜିଷ୍ଟ୍ରେସନ ପ୍ରମାଣପତ୍ର ପାଇବା ଓ ଠିକାଦାରମାନଙ୍କୁ ଲେବର ଲାଇସେନ୍ସ ଦେବା ଘଟଣା ପଦାରେ ପଡିବା ପରେ ଗତ ଅକ୍ଟୋବର ୧୮ରୁ ଏହି ରେଜିଷ୍ଟ୍ରେସନ ଓ ଲାଇସେନ୍ସକୁ ଶ୍ରମବିଭାଗ ରଦ୍ଦ କରିଛି । କିନ୍ତୁ ଜିଲ୍ଲା ପ୍ରଶାସନ ଜାଲିଆତି କରିଥିବା କାରଖାନା କର୍ତ୍ତୃପକ୍ଷଙ୍କ




ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଶ୍ରମିକମାନଙ୍କୁ ବିସ୍ମିତ କରିଛି ବୋଲି ଶ୍ରୀ ପଣ୍ଡା କହିଥିଲେ । ଏଆଇଟିୟୁସିର ଜିଲ୍ଲା ସଭାପତି ଭାଗବତ ପ୍ରତିହାରୀ, ସିଆଇଟିୟୁର ନେତା ପ୍ରେମରଞ୍ଜନ ପାତ୍ରଙ୍କ ସମେତ ଟିୟୁଏସିସିର ଉପସଭାପତି ଶାନ୍ତନୁ ଦାସ, ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ବିର୍ଲା ଶ୍ରମିକମାନଙ୍କ ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇଥିଲେ । ବିର୍ଲାଟାୟାର୍ସ ଶ୍ରମିକ ସଂଘମାନଙ୍କ ମିଳିତ ମଞ୍ଚର ଆବାହକ ସତ୍ୟନାରାୟଣ ଆଚାର୍ଯ୍ୟ ନ୍ୟାୟ ପାଇଁ ଦୀର୍ଘଦିନ ଧରି ସଂଗ୍ରାମ ଚଳାଉଥିବା ଶ୍ରମିକ ଓ ସେମାନଙ୍କ ପରିବାରବର୍ଗଙ୍କୁ କୃତଜ୍ଞତା ଜଣାଇଥିଲେ । ବିକ୍ଷୋଭ ସମାବେଶରୁ ମିଳିତ ମଂଚର ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ତୁରନ୍ତ ଶ୍ରମିକମାନଙ୍କୁ ନ୍ୟାୟ ପ୍ରଦାନ ନ କଲେ ରାଜ୍ୟ ଓ ଜିଲ୍ଲାରେ ବ୍ୟାପକ ଆନ୍ଦୋଳନ ହେବ ବୋଲି ଘୋଷଣା କରାଯାଇଛି । ତୀର୍ଥଚନ୍ଦ୍ର ପ୍ରଧାନ, ତପନ ଭୂୟାଁ, ଚନ୍ଦ୍ରକାନ୍ତ ମାଝୀ, ଚନ୍ଦନ ଆଚାର୍ଯ୍ୟ, ଅକ୍ଷୟ କୁମାର ରାୟ, ଭରତ ମହାନ୍ତି, ଗଦାଧର ବାରିକ, ସେକ ମଇଉଦ୍ଦିନ, ଭୋଳାନାଥ ବେହେରା ଓ ଏଆଇଟିୟୁସି ଜିଲ୍ଲା ସମ୍ପାଦକ ଶ୍ୟାମସୁନ୍ଦର ଜେନା ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ବାଂଲାଦେଶରୁ ସୁଦାମଙ୍କୁ ଉଦ୍ଧାର ପାଇଁ ରାଜ୍ୟ ମାନବାଧିକାର ପରିଷଦ ଅଧ୍ୟକ୍ଷାଙ୍କ ନିବେଦନ

ବାରିପଦା, ୪।୧୦(ସମିସ): ବାପାଙ୍କ ଦଶାହରେ ନିଖୋଜ ପୁଅକୁ ୧୦ ବର୍ଷ ପରେ ଘରକୁ ଫେରାଇ ଆଣିବା ପାଇଁ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯାଇଛି । ରାଜ୍ୟ ମାନବାଧିକାର କମିଶନ ଅଧ୍ୟକ୍ଷା ସସ୍ମିତା ଦାସ ମଙ୍ଗଳବାର ଜିଲ୍ଲା ଗସ୍ତରେ ଆସି ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ଭେଟି ବଡ଼ସାହି ବ୍ଲକ ଅଞ୍ଚଳର ସୁଦାମ ହେମ୍ବ୍ରମ (୩୯)ଙ୍କୁ ଫେରାଇ ଆଣିବାକୁ ନିବେଦନ କରିଛନ୍ତି । ବଡ଼ସାହି ଥାନା ଅନ୍ତର୍ଗତ ଶିଆଳିଘାଟି ପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମର ସୁଦାମ ହେମ୍ବ୍ରମ ବିଗତ ୧୦ ବର୍ଷରୁ ଉର୍ଦ୍ଧ୍ୱ ହେବ ନିଖୋଜ ଅଛନ୍ତି । ତାଙ୍କ ମସ୍ତିସ୍କ ବିକୃତି ଥିଲା । ତାଙ୍କ ପିତାଙ୍କ



ମୃତ୍ୟୁ ଦଶାହ ଦିନ ସେ ଘରୁ ବାହାରି ଯାଇଥିଲେ । କିନ୍ତୁ ଆଉ ଘରକୁ ଫେରି ନ ଥିଲେ । ସେହିଦିନ ଠାରୁ ଆଜି ପର୍ଯ୍ୟନ୍ତ ସେ ଘର କିମ୍ବା ଗାଁକୁ ଫେରି ନଥିଲେ । ଦୀର୍ଘ ବର୍ଷ ପରେ ଗତ ମାସରେ ବାଂଲାଦେଶର ଗୋଲାବରି ରେଳ ଷ୍ଟେସନ ନିକଟରେ ସେ ବୁଲୁଥିବା ଜଣେ ସାମାଜିକ କର୍ମୀ ଏମଡି ଅବଦୁଲ ଗନି ଫିଟୁ ଦେଖିବାକୁ ପାଇଥିଲେ । ଏ ସମ୍ପର୍କରେ ସେ ସମସ୍ତ ସନ୍ଧାନ ତଥା ସୂଚନା ପାଇବା ପରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କୁ ଉଦ୍ଧାର ପାଇଁ ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କୁ ସସ୍ମିତା ଦାସ ଭେଟି ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବାଂଲାଦେଶ ସହିତ ବର୍ତ୍ତମାନ ଭାରତର ସମ୍ପର୍କ ଠିକ୍ ନଥିବା ବେଳେ ସୁଦାମଙ୍କୁ ସୁରକ୍ଷିତ ଉଦ୍ଧାର କରିବା ପାଇଁ ନିବେଦନ କରିଛନ୍ତି ।

## ■ ନଦୀକୂଳରୁ ମୃତଦେହ ଉଦ୍ଧାର ମାମଲା

# ୬ ଜଣଙ୍କୁ ଗିରଫ କଲେ ଚମ୍ପୁଆ ପୁଲିସ

ଚମ୍ପୁଆ,୪।୧୧(ସମିସ); ଚମ୍ପୁଆ ଥାନା ଅନ୍ତର୍ଗତ ଇଚିଣ୍ଡା ଅରଡେଇ ନଦୀକୂଳରୁ ଗତ ୩ ତାରିଖ ପୁଲିସ ଦ୍ୱାରା ଏକ ମୃତଦେହ ଉଦ୍ଧାର କରାଯାଇଥିଲା । ଏନେଇ ପରିବାର ପକ୍ଷରୁ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିବା ପରେ ପୁଲିସ କେସ୍ ନଂ ୩୪୫ରେ ତଦନ୍ତ କରିବା ସହ ୬ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଥାନାଧିକାରୀ ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି । ଅଭିଯୁକ୍ତମାନେ ହେଲେ ମୁନା କାଳନ୍ଦି, ରତିରଂଜନ ନାଏକ, ଅଭିଷେକ ବେହେରା, ଲକ୍ଷ୍ମୀକାନ୍ତ ସାହୁ, ସାଜନ ନାଏକ ଓ ଜୁଗଳ କିଶୋର



କାଳନ୍ଦି । ରିମୁଲି ହାଟ ଯାଉଥିବା ଲୋକେ ନଦୀକୂଳରେ ଶବ ପଡିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ । ପରେ ପୁଲିସ ଉକ୍ତ ଶବ ଜବତ କରିଥିଲା । ମୃତ କିରାନି ବେହେରାଙ୍କ ପତ୍ନୀ ସରୋଜିନୀଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ତଦନ୍ତକ୍ରମେ, ରିମୁଲି ଅଞ୍ଚଳର ୬ ଜଣଙ୍କୁ ଗିରଫ କରିଛି । ଗତ ୨ ତାରିଖ ରିମୁଲସ୍ଥିତ ଗୋପାଳ ମହାନ୍ତଙ୍କ ଏକ ଗୋରୁ ମରିଯାଇଥିବା ବେଳେ ସେ ସଦା ବେହେରା ଓ ଅରୁଣ ବେହେରାଙ୍କୁ ଗୋରୁଟିକୁ ପୋତି ଦେବା ପାଇଁ କହିବାରୁ ସେମାନେ କିରାନି ବେହେରା ଓ ଦୁର୍ଲଭ ବେହେରାଙ୍କୁ ଖବର ଦେଇଥିଲେ । ପରେ ଏକ ସାଇକଲ ଯୋଗେ କିରାନି ଓ ଦୁର୍ଲଭ ଅରଡେଇ ନଦୀକୂଳକୁ ଯାଇ ସେଠାରେ ବାଜା ପାଇଁ ଚମଡା ଉତାରିବା ସମୟରେ ତାଙ୍କୁ ଅଭିଯୁକ୍ତମାନେ ଆକ୍ରମଣ କରିଥିଲେ ବୋଲି ପୁଲିସ ସୂଚନା ଦେଇଛି ।

## ଅନ୍ତେବାସୀଙ୍କ ପ୍ରତି ଅସଦାଚରଣ ମାମଲା

# ବିଚାର ବିଭାଗୀୟ ହାଜତକୁ ଗଲେ ଯନ୍ତ୍ରୀ

ବାରିପଦା, ୪।୧୧(ସମିସ): ବାରିପଦା ସଦର ଥାନା ଅଞ୍ଚଳର ଏକ ଛାତ୍ରାବାସରେ ଅନ୍ତେବାସୀଙ୍କ ପ୍ରତି କୁକର୍ମ ମାମଲାରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି । ଅଭିଯୋଗକୁ ଭିତ୍ତିକରି ପୁଲିସ ଏକ ପକ୍ସୋ ମାମଲା ରୁଜୁ କରି ଅଭିଯୁକ୍ତ ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସେନାପତିକୁ ଗିରଫ କରି କୋର୍ଟ ଚାଲାଣ କରିଛି । କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ବିଦ୍ୟାଳୟର ନାବାଳକ ଛାତ୍ରଙ୍କ ସହ ଅପ୍ରାକୃତିକ ଯୌନ ସମ୍ପର୍କ ଅଭିଯୋଗକୁ ନେଇ ବିଦ୍ୟାଳୟର ପ୍ରଧାନ ପଣ୍ଡିତ ସେବତୀ ମହାନ୍ତ ଲିଖିତ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ ପୂର୍ବକ ଅଭିଯୁକ୍ତର ଡାକ୍ତରୀମାଇନା କରି କୋର୍ଟ ଚାଲାଣ କରିଥିଲା ।

# କରାଟେ ପ୍ରତିଯୋଗିତାରେ ୬ ପ୍ରତିଯୋଗୀ ସଫଳ



ବାରିପଦା, ୪ ।୧୧(ସମିସ): ପୂର୍ବ ଭାରତ କରାଟେ ପ୍ରତିଯୋଗିତାରେ ବାରିପଦାର ୬ ଜଣ ପ୍ରତିଯୋଗୀ ସଫଳତା ପାଇଛନ୍ତି । ସୋମବାର ସମସ୍ତ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ରବିବାର ଭୁବନେଶ୍ୱର ସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ପଞ୍ଚମ ଇଷ୍ଟ ଇଣ୍ଡିଆ କରାଟେ ପ୍ରତିଯୋଗିତାରେ ଓଡିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ, ଆଣ୍ଡାମାନ ଓ ନିକୋବରରୁ ପ୍ରାୟ ୭୦୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ସେଥିମଧ୍ୟରୁ ବାରିପଦା ଉତ୍କଳ କରାଟେ ସ୍କୁଲ ମୁଖ୍ୟ ଶାଖାରୁ ୬ଜଣ ଭାଗ ନେଇ ୪ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ହାସଲ କରିଛନ୍ତି । ସେଥିମଧ୍ୟରୁ ଆଦିର ଦେ କୁମିତେରେ ରୌପ୍ୟ ଏବଂ କାତାରେ ରୌପ୍ୟ, ଜିଜ୍ଞାସା ବାସୁରି କୁମିତେ ରୌପ୍ୟ ପଦକ, ସାଇ ପରିଣିତା ମଣ୍ଡଳ କାଂସ୍ୟ ପଦକ, ଜୟଦୀପ ମହାନ୍ତ କୁମିତେରେ ରୌପ୍ୟ ପଦକ, କିସ୍କିନ୍ଧା ମୁର୍ମୁ କୁମିତେରେ କାଂସ୍ୟ ପଦକ ହାସଲ କରିଛନ୍ତି । ସମସ୍ତ କୃତୀ ପ୍ରତିଯୋଗୀଙ୍କୁ କରୁଣାକର ହେମ୍ବ୍ରମ, ଯଦୁନାଥ ନାୟକ ଏବଂ ରଞ୍ଜନ ପୃଷ୍ଟି ଶୁଭେଚ୍ଛା ଜଣାଇଛନ୍ତି ।

# ଇଂରେଜ ଅମଳର ନୁଣିଆଯୋଡ଼ି ପୋଲ ଶୋଚନୀୟ

## ମରାମତି ହେଉନି, ଦୈନିକ ଗଡୁଛି ଶହଶହ ଭାରୀଯାନ

ବାଲେଶ୍ୱର, ୪ ।୧୧(ସମିସ): ଫୁଲାଡି ରାସ୍ତା ଦେଇ ବାଲେଶ୍ୱର ସହରକୁ ପ୍ରବେଶ କରିବାର ଅନ୍ୟ ଏକ ବାଟ ହେଉଛି ବୁଢ଼ାବଳଙ୍ଗ ନଦୀରେ ଉପରେ ଅବସ୍ଥିତ ନୁଣିଆଯୋଡି ପୋଲ । ଏହି ପୋଲ ଅବସ୍ଥା ଏବେ ଶୋଚନୀୟ । ଉକ୍ତ ପୋଲ ପାଖରେ ଅନ୍ୟ ଏକ ନୂଆ ପୋଲ ନିର୍ମାଣ ଚାଲିଛି । ଫଳରେ ନୁଣିଆଯୋଡି ପୋଲ ଏକପ୍ରକାର ଅଲୋଡ଼ା ହୋଇପଡ଼ିଛି । ପୋଲ ଉପରେ ଖାଲଖମା ହୋଇ ଲୋକେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି । ଇଂରେଜ ଅମଳର ଏହି ପୋଲ ଆବଶ୍ୟକ ମରାମତି ଅଭାବରୁ ଜରାଜୀର୍ଣ୍ଣ ହୋଇପଡ଼ିଛି । ପିଡବ୍ଲ୍ୟୁଡି-୧ଅଧିନରେ ଥିବା ଏହି ପୋଲ ରାସ୍ତା ସୁଧାରିବା ଦିଗରେ ବିଭାଗୀୟ ଅଧିକାରୀ, ବିଧାୟକ ଦୃଷ୍ଟି ଦେଉନାହାନ୍ତି ।

୬୦ନମ୍ବର ଜାତୀୟ ରାଜପଥର ତଳ ରାସ୍ତା ଅର୍ଥାତ ଫୁଲାଡି ଠାରୁ ବାଲେଶ୍ୱର ସହରକୁ ଆସିବା ପାଇଁ ସହରର ମୁଖଶାଳାରେ ବୁଢ଼ାବଳଙ୍ଗ ନଦୀ ଉପରେ ରହିଛି ନୁଣିଆଯୋଡି ପୋଲ । ଏହି ପୋଲ ବାଲେଶ୍ୱର ମୁଖ୍ୟାଳୟ ସହ ଉତ୍ତର ବାଲେଶ୍ୱରକୁ ସଂଯୋଗ କରିବାର ପ୍ରମୁଖ ଭୂମିକା ଗ୍ରହଣ କରେ । ଦୈନିକ ଏହି ପୋଲ ଦେଇ ହଜାର ହଜାର



### ଅଘଟଣ ଆଶଙ୍କା, ପ୍ରଶାସନ ଦୃଷ୍ଟି ଦେଉ

ସଂଖ୍ୟାରେ ଭାରୀଯାନଠାରୁ ଆରମ୍ଭ କରି ଅନ୍ୟାନ୍ୟ ଗାଡ଼ି ଯିବାଆସିବା କରିଥାଏ । ଏହି ପୋଲ ସହରକୁ ସଂଯୋଗ କରିବା ପାଇଁ ମୁଖ୍ୟ ମାଧ୍ୟମ ହୋଇଥିବା ବେଳେ ଦୀର୍ଘ ଦିନ ହେବ ମରାମତି ଅଭାବରୁ ଏହା ଜରାଜୀର୍ଣ୍ଣ ହୋଇ ପଡ଼ିଲାଣି । ପୋଲ ମଧ୍ୟରେ ସୃଷ୍ଟି ହୋଇଥିବା ବଡ ବଡ ଗର୍ତ୍ତ ଲୋକମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ବିଶେଷ କରି ବର୍ଷା ହେଲେ ଏହି ଗର୍ତ୍ତରେ ପାଣି ଜମା ରହିବା ଫଳରେ ବାଇକଚାଳକ ଓ ସାଇକେଲ ଆରୋହୀ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ବିଭାଗ ପକ୍ଷରୁ ଏହି ପୋଲ ନିକଟରେ ଆଉ ଏକ ନୂଆ ପୋଲ ନିର୍ମାଣ କରୁଛି । ନୂଆ ପୋଲ ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଅଧିକ ବର୍ଷ ସମୟ ଲାଗିବ । ତେଣୁ ଏହି ପୁରୁଣା ପୋଲର ମରାମତି କରାଯିବାର ଆବଶ୍ୟକତା ରହିଛି । ପୁରୁଣା ପୋଲର ପାଚେରି ଭାଙ୍ଗିବା ସହ ଦୁର୍ବଳ ହୋଇପଡ଼ିଛି । ପୋଲର ଦୁଇ ପଟ ପାଚେରିରେ ଗଛମାନ ଉଠିଲାଣି । ଦୀର୍ଘଦିନ ହେବ ଏହାର ମରାମତି କରାଯାଇ ନାହିଁ ।

ଏ ନେଇ ସମାଜସେବୀ ଗିରିଜା ଶଙ୍କର ଦାସ କହିଛନ୍ତି ବାଲେଶ୍ୱରରେ ନୁଣିଆଯୋଡ଼ି ହେଉଛି ସର୍ବପୁରାତନ ପୋଲ । ଯାହାକି ଉତ୍ତର ବାଲେଶ୍ୱର ଏବଂ ବାଲେଶ୍ୱର ମୁଖ୍ୟାଳୟକୁ ଯୋଡିଥାଏ । ହେଲେ ଦୀର୍ଘ ଦିନ ଧରି ଏହାର ରକ୍ଷଣାବେକ୍ଷଣା ଅଭାବ ହେତୁ ଏହା ଏବେ ଜରାଜୀର୍ଣ୍ଣ ହୋଇ ପଡିଲାଣି । ଏହି ପୋଲ ଦେଇ ବହୁ ଭାରୀଯାନ ଚଳାଚଳ କରୁଛି ।

ମରାମତି ହେଉନଥିବାରୁ ଯେ କୌଣସି ମୁହୂର୍ତ୍ତରେ ଧସିଯିବାର ଆଶଙ୍କା ରହୁଛି । ଜିଲ୍ଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ମରାମତି କରିବା ଆବଶ୍ୟକ ।

ବିଧାୟକ ମାନସ କୁମାର ଦତ୍ତ କହିଛନ୍ତି ଉକ୍ତ ପୋଲର ମଧ୍ୟ ଭାଗରେ ସୃଷ୍ଟି ହୋଇଥିବା ଗର୍ତ୍ତ ବାବଦରେ ଅବଗତ ରହିଛି । ଏହାର ମରାମତି ପାଇଁ ପୂର୍ତ୍ତ ବିଭାଗକୁ କହିବି ।

ଏ ବାବଦରେ ପିଡବ୍ଲ୍ୟୁଡି-୧ର ଏସଇ ଅଙ୍କୁର ପଣ୍ଡାଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା ପ୍ରକାଶ କରିଥିଲେ ।

## ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ। ଯାତାୟତ ସମୟରେ ସତର୍କତା ଅବଲମ୍ବ କରନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ। ପିଲାମାନେ ଖେଳମନସ୍କ ହେବେ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଉଧାର ଟଙ୍କା ଫେରି ପାଇପାରନ୍ତି।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ। ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ। ଅଯଥା କଥାରେ ଯୁକ୍ତି କରନ୍ତୁନି। ପିତାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**କର୍କଟ:** ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି। ଗୁରୁଜନଙ୍କଠାରୁ ପରାମର୍ଶ ନେବା ଫଳପ୍ରଦ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଅଚାନକ ସମସ୍ୟାରେ ପଡ଼ିପାରନ୍ତି। ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଜମି ବିବାଦର ସମାଧାନ ହେବ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅହଂକାର ମନୋଭାବକୁ ଦୂର କରନ୍ତୁ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି। ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ। ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ। ମହିଳାମାନଙ୍କ ପାଇଁ ଦିନଟି ଭଲ।

**ବିଛା:** ବ୍ୟକ୍ତିଗତ କଥାକୁ ଅନ୍ୟମାନଙ୍କ ସହ ସେୟାର କରନ୍ତୁନି। ମାନ ସମ୍ମାନ ବୃଦ୍ଧି ପାଇବ। ଯୋଜନା ଅନୁଯାୟୀ କାମ କରିବେ। ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି। ରାଜନୀତିରେ ସକ୍ରିୟ ରହିପାରନ୍ତି।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ର ସହକର୍ମୀଙ୍କ ସହଯୋଗ ମିଳିବ। ହାତେ ମାପି ଚାଖଣ୍ଡେ ଚାଲିବା ଭଲ।

**ମକର:** ଯୁବପିଢ଼ିଙ୍କ ପାଇଁ ଦିନଟି ଭଲ। ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ମହିଳାମାନେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହୁଅନ୍ତୁ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ଅଟକି ଥିବା ଅର୍ଥ ଫେରିପାଇବେ। ଅତିଥି ସତ୍କାରରେ ଦିନ ବିତିବ। ବିଦ୍ୟାର୍ଥୀମାନେ ଶିକ୍ଷା କ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ।


**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ। ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ। କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ। ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି।

## ଆଜିର ଇତିହାସ

- ୧୮୭୦- ସ୍ୱାଧୀନତା ସଂଗ୍ରାମୀ ଚିତ୍ତରଞ୍ଜନ ଦାସଙ୍କ ଜନ୍ମ।
- ୧୯୧୪- ଇଂଲଣ୍ଡ ଏବଂ ଫ୍ରାନ୍ସ ତୁର୍କୀ ବିରୋଧରେ ଯୁଦ୍ଧ ଘୋଷଣା କଲେ।
- ୧୯୨୦- ଇଣ୍ଡିଆନ୍ ରେଡକ୍ରସ୍ ସୋସାଇଟିର ସ୍ଥାପନା।
- ୧୯୬୧- ପ୍ରଧାନମନ୍ତ୍ରୀ ଜବାହାରଲାଲ୍ ନେହରୁ ନ୍ୟୁୟର୍କ ଯାତ୍ରା କଲେ।
- ୧୯୭୬- ସୋଭିଏତ୍ ସଂଘ ପରମାଣୁ ପରୀକ୍ଷା କଲା।
- ୨୦୧୩- ଇସ୍ରୋ ଦ୍ୱାରା ମଙ୍ଗଳଯାନ-୧ ପ୍ରକ୍ଷେପଣ।

## ଆ-କା-ମା-ବୈ...

କାର୍ତ୍ତିକ ପୂର୍ଣ୍ଣିମା ବା ରାସ ପୂର୍ଣ୍ଣିମା ଓଡ଼ିଶାର ଆଚାର ବିଚାର, ଚାଲିଚଳଣି ତଥା ଧର୍ମୀୟ ଭାବନା ସହ ଜଡ଼ିତ। ସନାତନ ଧର୍ମରେ ଯଦି କୌଣସି ମାସକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ ତାହା ହେଲା କାର୍ତ୍ତିକ ମାସ। ଏହି ମାସରେ ଦୀପ ଦାନ କରିବା ଏବଂ ଗଙ୍ଗାରେ ସ୍ନାନ କରିବାକୁ ବେଶ୍ ଗୁରୁତ୍ୱ ଦିଆଯାଏ। ଏହା କରିବାଦ୍ୱାରା ସବୁ ପାପ କ୍ଷୟ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ମାସରେ ଧର୍ମପ୍ରାଣ



ଆବାଳ- ବୃଦ୍ଧ- ବନିତା ପ୍ରତ୍ୟହ ପ୍ରାତଃକାଳରେ ସ୍ନାନ ସମାପନ ପୂର୍ବକ ଦେବ ଦର୍ଶନ ଏବଂ ନଗର ସଂକୀର୍ତ୍ତନ ଆଦି କରିଥାନ୍ତି। କାର୍ତ୍ତିକ ମାସର ଶେଷ ପାଞ୍ଚଦିନ ମହାପଞ୍ଚକ ନାମରେ ପରିଚିତ। ଏହି ପାଞ୍ଚଦିନ ପ୍ରତ୍ୟେକ ହିନ୍ଦୁ ଆମିଷ ପରିହାର ପୂର୍ବକ ପୂଜା କରିଥାନ୍ତି। କୁହାଯାଏ ଯେ, ଏହି ପାଞ୍ଚଦିନ କାଳ ବଗ ମଧ୍ୟ ଆମିଷ ସ୍ପର୍ଶ କରେ ନାହିଁ। ହବିଷ୍ୟାଳୀମାନେ ଏହି ମାସରେ ହବିଷ୍ୟ ପାଳନ ପୂର୍ବକ ପ୍ରତ୍ୟହ ସନ୍ଧ୍ୟାରେ ଆକାଶଦୀପ ପ୍ରଜ୍ୱଳନ କରିଥାନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଦିନ କାର୍ତ୍ତିକ ବ୍ରତର ଉଦ୍‌ଯାପନ କରାଯାଇଥାଏ। ହବିଷ୍ୟାଳିମାନେ ବ୍ରାହ୍ମଣମାନଙ୍କୁ ଛଞ୍ଚା ଦେଇ ଏହି ଦିନ କାର୍ତ୍ତିକ ବ୍ରତ ଉଦ୍‌ଯାପନ କରନ୍ତି। ପୌରାଣିକ କଥାନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ଭଗବାନ ଶିବ ତ୍ରିପୁରାସୁରକୁ ବଧ କରିଥିଲେ। ଏଥିସହ ଏହି ଦିନ ଶ୍ରୀକୃଷ୍ଣ ରାଧାଙ୍କ ସହ ବୃନ୍ଦାବନରେ ରାସକ୍ରୀଡ଼ା କରିଥିବାରୁ ଏହାକୁ ରାସ ପୂର୍ଣ୍ଣିମା କୁହାଯାଏ। ଶୁକ୍ଳ ଏକାଦଶୀ ତିଥିଠାରୁ ଶ୍ରୀକୃଷ୍ଣଙ୍କ ଶରତ ରାସ ଯାତ୍ରା ଆରମ୍ଭ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ରାସ ଉତ୍ସବ ଉଦ୍‌ଯାପନ ହୋଇଥାଏ। ଉତ୍କଳର ପ୍ରାଚୀନ ନୌବାଣିଜ୍ୟ ଇତିହାସ ସହିତ ମଧ୍ୟ ଏହା ନିବିଡ଼ ଭାବେ ସମ୍ପୃକ୍ତ। ସହସ୍ରବର୍ଷ ପୂର୍ବେ ଓଡ଼ିଆ ସାଧବ ପୁଅମାନେ ବାଲି, ଜାଭା, ସିଂହଳ ଓ ସୁମାତ୍ରା ଦ୍ୱୀପକୁ ମହାନଦୀବାଟେ ବୋଇତରେ ଆଷାଢ଼ ମାସରେ ବାଣିଜ୍ୟ ପାଇଁ ଯାଉଥିଲେ ଏବଂ କାର୍ତ୍ତିକ ମାସରେ ଧନରତ୍ନ ନେଇ ଫେରୁଥିଲେ। ଏହି ଦିନ ଦାନ କଲେ କୋଟିପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଅଛି। କାର୍ତ୍ତିକ ମାସ ସାରା ଦେବଦେବୀଙ୍କ ନିକଟରେ ପୂଜା ଉପାସନା କରାଯାଇଥାଏ। ଏହାଦ୍ୱାରା ଅକାଳ ମୃତ୍ୟୁ ହୋଇ ନ ଥାଏ ବୋଲି ବିଶ୍ୱାସ ରହିଛି। ବିଷ୍ଣୁ ପୁରାଣ ଅନୁସାରେ, କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ଭଗବାନ ବିଷ୍ଣୁ ତାଙ୍କର ଦଶ ଅବତାରର ପ୍ରଥମ ଅବତାର ଧାରଣ କରିଥିଲେ। ଜଳ ପ୍ରଳୟ ସମୟରେ ସାରା ପୃଥିବୀ ଜଳମଗ୍ନ ହୋଇଯାଇଥିଲା। ସେତେବେଳେ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାରରେ ସପ୍ତର୍ଷିଙ୍କୁ ରକ୍ଷା କରିଥିଲେ। ସେହିପରି ଶୈବ ମତ ଅନୁସାରେ, କାର୍ତ୍ତିକ ପୂର୍ଣ୍ଣିମା ଦିନ ତ୍ରିପୁରାସୁରକୁ ସଂହାର କରିଥିଲେ ଭଗବାନ ଶିବ। ଯେଉଁଥିପାଇଁ ତାଙ୍କ ନାଁ ତ୍ରିପୁରାରୀ ରହିଛି। ମାସସାରା ହବିଷ ବ୍ରତ କରିଥିବା ଶ୍ରଦ୍ଧାଳୁମାନେ କାର୍ତ୍ତିକ ପୂର୍ଣ୍ଣିମା ଦିନ ଡଙ୍ଗା ଭସାଇ ବ୍ରତ ଉଦ୍‌ଯାପନ କରନ୍ତି। ଏହିଦିନ କଦଳୀପଟୁକା ନିର୍ମିତ ଡଙ୍ଗା ଭସାଇବାର ବିଧି ପ୍ରଚଳିତ ରହିଛି। ପ୍ରତ୍ୟୁଷରୁ ଆବାଳ ବୃଦ୍ଧା ବନିତା ନଦୀ ବା ପୁଷ୍କରିଣୀରେ ବୁଡ଼ ପକାଇ କଦଳୀ ବାସୁଙ୍ଗା ବା ସୋଲ ତିଆରି ଡଙ୍ଗାରେ ଦୀପ ଜାଳି ଏବଂ ସେଥିରେ ପାନଗୁଆ ଥୋଇ ସେସବୁ ଭସାଇ ଦିଅନ୍ତି। ଏହି ଅବସରରେ ଗାଇଥାନ୍ତି 'ଆ - କା - ମା - ବୈ, ପାନ ଗୁଆ ଥୋଇ। ପାନ, ଗୁଆ ତୋର, ମାସକ ଧରମ ମୋର।' ତେବେ ଏହି ଆ - କା - ମା - ବୈର ଅର୍ଥ ହେଉଛି - ଆ - ଆଷାଢ଼, କା - କାର୍ତ୍ତିକ, ମା - ମାଘ, ବୈ - ବୈଶାଖ। ପୌରାଣିକ ଅନୁଧ୍ୟାନରୁ ଏହି ଚାରିମାସ ଧର୍ମ ଦୃଷ୍ଟିରୁ ଶୁଭପ୍ରଦ ଏବଂ ଦେବଦେବୀଙ୍କ ଉପାସନା ସକାଶେ ଅତ୍ୟନ୍ତ ଅନୁକୂଳ। ଏହିଦିନ ଡଙ୍ଗା ଭସାଇ ଭକ୍ତମାନେ ମନ୍ଦିର ଯାଇ ଦେବାଦେବୀଙ୍କୁ ଦର୍ଶନ କରିଥାନ୍ତି। ଚତୁର୍ଦ୍ଦିଗରୁ ନାମ ସଂକୀର୍ତ୍ତନ ମଧ୍ୟ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥାଏ। ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରାଜରାଜେଶ୍ୱର ବେଶରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି। କାର୍ତ୍ତିକ ପୂର୍ଣ୍ଣିମାଠାରୁ କଟକରେ ଐତିହାସିକ ବାଲିଯାତ୍ରା ଆରମ୍ଭ ହୁଏ। ଏହି ଦିନ ଉତ୍କଳୀୟ ନୌବାଣିଜ୍ୟ ପରମ୍ପରାକୁ ମନେ ପକାଇ ରାଜ୍ୟର ବିଭିନ୍ନ ସ୍ଥାନରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥାଏ।

## କିଡ୍‌ନୀ ଉପରେ ପ୍ରଭାବ ପକାଏ ହେୟାର୍ କଲର୍ !

ଆଜିକାଲି କେଶ ରଙ୍ଗ କରିବା ଅତି ସାଧରଣ କଥା ହୋଇଛି। ବିଶେଷକରି ଯୁବପିଢ଼ିଙ୍କଠାରେ ଏହି ଫେଶନ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ତେବେ ଅନେକ ବିଶେଷଜ୍ଞଙ୍କ କହିବା କଥା, ବାରମ୍ବାର କେଶକୁ ରଙ୍ଗ କରିବାର ପ୍ରଭାବ କିଡ୍‌ନୀ ଉପରେ ପଡ଼ିପାରେ। ତେବେ ଚୀନ୍‌ରେ ଏମିତି ଏକ ଘଟଣା ଏବେ ଦେଖିବାକୁ ମିଳିଛି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ଏଠାକାର ଜଣେ ୨୦ ବର୍ଷୀୟା ଯୁବତୀ ନିଜ ପ୍ରିୟ ସେଲିବ୍ରିଟିଙ୍କ ଭଳି ଦେଖାଯିବା ଲାଗି ସବୁମାସ ନିଜ କେଶର ରଙ୍ଗ କରୁଥିଲେ। ଧୀରେ ଧୀରେ ଏହାର ଭୟାନକ ପରିଣାମ ଦେଖିବାକୁ ମିଳିଲା। ସମ୍ପୃକ୍ତ ଯୁବତୀଙ୍କର ପାଦରେ ନାଲି ଦାଗ ସହ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଏବଂ ପେଟରେ ଯନ୍ତ୍ରଣା ହୋଇଥିଲା। ସେ ହସ୍‌ପିଟାଲ ଯିବାରୁ ତାଙ୍କ କିଡ୍‌ନୀ ଫୁଲି ଯାଇଥିବା ଡାକ୍ତର ତାଙ୍କୁ କହିଲେ। ଏନେଇ ଡାକ୍ତରଙ୍କ କହିବା କଥା, ଲଗାତାର କେଶ ରଙ୍ଗ କରିବାରୁ ଏଭଳି ସମସ୍ୟା ତାଙ୍କୁ ଭୋଗିବାକୁ ପଡ଼ିଛି। ତାଙ୍କୁ ଚିକିତ୍ସା କରୁଥିବା ଡାକ୍ତରଙ୍କ କହିବା କଥା, ଅଧିକାଂଶ କେଶ ରଙ୍ଗରେ ବିଷାକ୍ତ ରାସାୟନିକ ତତ୍ତ୍ୱ ଥାଏ। ଯାହାକି ଦୀର୍ଘ ସମୟ ଶରୀରରେ ଜମା ହୋଇ ରହି କିଡ୍‌ନୀ, ଫୁସ୍‌ଫୁସ୍ ଏବଂ ଲିଭର୍‌କୁ କ୍ଷତି ପହଞ୍ଚାଏ। କେବଳ ସେତିକି ନୁହେଁ, ଏଭଳି ରଙ୍ଗ ବାରମ୍ବାର ବ୍ୟବହାର କରିବା ଦ୍ୱାରା କର୍କଟ ଆଶଙ୍କା ମଧ୍ୟ ବୃଦ୍ଧି ପାଏ। କିଡ୍‌ନୀକୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ବାରମ୍ବାର କେଶ ରଙ୍ଗ କରିବାରୁ ଦୂରେଇ ରହିବା ପାଇଁ ଡାକ୍ତର ପରାମର୍ଶ ଦେଇଛନ୍ତି। କେଶ ରଙ୍ଗ ପାଇଁ ହର୍ବାଲ ରଙ୍ଗର ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଏହାବାଦ୍ କେଶରେ ରଙ୍ଗ କରିବାବେଳେ ଗ୍ଲୋଭସ୍ ବ୍ୟବହାର କରିବା ଜରୁରି।



## ଆସିବନି 'ତେରେ ନାମ ୨'




ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏହି ଫିଲ୍ମ ଫ୍ଲପ୍ ହେବା ପରେ ଏ. ଆର୍ ମୁରୁଗାଦୋସ ସଲମାନ୍‌ଙ୍କୁ ଦାୟୀ କରିଥିଲେ। ସଲମାନ୍ ମଧ୍ୟ ଏହାର ପାଲଟା ଜବାବ ରଖି ତାଙ୍କୁ ଦାୟୀ କରିଥିଲେ। ଏହି ଫିଲ୍ମର ପ୍ରଯୋଜନା ଦାୟିତ୍ୱରେ ସାଜିଦ୍ ନାଡିୟାଡୱାଲା ଥିଲେ। ସାଜିଦ୍, ସଲମାନ୍‌ଙ୍କର ପୁରୁଣା ବନ୍ଧୁ। କିଛିଦିନ ପୂର୍ବରୁ ସାଜିଦ୍ ସଲମାନ୍‌ଙ୍କ ବ୍ଲକ୍‌ବଷ୍ଟର ଫିଲ୍ମ 'ତେରେନାମ'ର ସିକ୍ୱେଲ ଆଣୁଛନ୍ତି ବୋଲି ଅନେକ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାର କାହାଣୀ ଲେଖା ଆରମ୍ଭ ହୋଇଥିବା ଖବର ମଧ୍ୟ ପ୍ରକାଶ ପାଇଥିଲା। ଏବେ 'ତେରେ ନାମ ୨' ଆସିବ ନାହିଁ ବୋଲି ଜଣାପଡ଼ିଛି। କାରଣ ନିଜେ ସାଜିଦ୍ ଏନେଇ କହିଛନ୍ତି- 'ଏହା ପୂରାପୂରି ଗୁଜବ। ମୋ ପୁଅ ଶଶାଙ୍କ ଖେତାନଙ୍କ ଏକ ଫିଲ୍ମରୁ ଡେବ୍ୟୁ କରିବାକୁ ଯାଉଛି ଓ ଏହା 'ତେରେ ନାମ' ଭଳି ହେବ ବୋଲି ମୁଁ କହିଥିଲି। ମୋର ଏହି କଥାକୁ ଭୁଲ୍ ଭାବେ ଉପସ୍ଥାପିତ କରାଯାଇ 'ତେରେ ନାମ ୨' ଆସୁଛି ବୋଲି ପ୍ରଚାର କରି ଦିଆଗଲା।' ସାଜିଦ୍ ଓ ସଲମାନ୍ ଏକାଠି 'କିକ୍ ୨' ଫିଲ୍ମରେ କାମ କରୁଛନ୍ତି। ସେହିପରି ସଲମାନ୍‌ଙ୍କ କାମ କଥା କହିବାକୁ ଗଲେ ସେ ଏବେ 'ବ୍ୟାଟଲ୍ ଅଫ୍ ଗଲୱାନ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି।

# ସମ୍ଭାବନା



## ହ୍ୱାଟ୍ସଆପ୍‌ରେ ଫେସ୍‌ବୁକ୍ ଭଳି ଫିଚର୍

ଖୁବ୍‌ଶୀଘ୍ର ହ୍ୱାଟ୍ସଆପ୍ ଏକ ନୂଆ ପରିବର୍ତ୍ତନ ଆଣିବାକୁ ଯାଉଛି। ଏଥର କମ୍ପାନି ଫେସବୁକ ଭଳି ହ୍ୱାଟ୍ସଆପ୍‌ର କଭର ଫଟୋ ଫିଚର ଉପରେ କାମ କରୁଛି। ଏହା ଦ୍ୱାରା ବ୍ୟବହାରକାରୀ ନିଜ ପ୍ରୋଫାଇଲକୁ ଅଧିକ ବ୍ୟକ୍ତିଗତ ଏବଂ ନିଆରା କରିପାରିବେ। ଏବେ ସୁଦ୍ଧା ବ୍ୟବହାରକାରୀ ପ୍ରୋଫାଇଲ ଫଟୋ ରଖିପାରୁଥିଲେ। ହେଲେ ଏବେ ସେମାନେ ନିଜ ମୁଡ ପର୍ସନାଲିଟି ଏବଂ ଷ୍ଟାଇଲ ହିସାବରେ କଭର ଇମୋଜି ଯୋଡ଼ିପାରିବେ। ଏହି ଫିଚର ବିଟା ଭର୍ସନର ପରୀକ୍ଷଣ ପର୍ଯ୍ୟାୟରେ ଅଛି। ସେହିପରି ହ୍ୱାଟ୍ସଆପ୍‌ରେ କଭର ଫଟୋ ଅପସନ ପ୍ରୋଫାଇଲ ସେଟିଂରେ ଉପଲବ୍ଧ ହେବ। ଫଳରେ ଏହାର ପ୍ରୋଫାଇଲ ଉପରେ ଏକ ବଡ଼ ଇମେଜ ଲଗାଇବାର ସୁବିଧା ପ୍ରଦାନ କରିବ। ସେହିପରି ବ୍ୟବହାରକାରୀ ଏହି କଭର ଫଟୋକୁ ପ୍ରାଇଭେସି ସେଟିଂ ଦ୍ୱାରା କଷ୍ଟମାଇଜ କରିପାରିବେ। ତେବେ ହ୍ୱାଟ୍ସଆପ୍ ବିଜନେସ୍ ପ୍ରୋଫାଇଲ ଫିଚରରେ ଏହା ପୂର୍ବରୁ ଅଛି। ହେଲେ କମ୍ପାନି ଏହାକୁ ସବୁ ବ୍ୟବହାରକାରୀଙ୍କ ପାଇଁ ଉପଲବ୍ଧ କରିବା ପାଇଁ ପ୍ରସ୍ତୁତି ଚଳାଇଛି।




## କେମିତି କହିବେ କଥା



ବିଶେଷକରି ବୃତ୍ତିଗତ ଉନ୍ନତି ପାଇଁ ନିଜ କଥାକୁ ପ୍ରଭାବୀ ଢଙ୍ଗରେ ରଖିବାର କଳାକୁ ଜାଣିବା ଖୁବ୍ ଜରୁରି।

କଥାବାର୍ତ୍ତା କରିବା ଏକ କଳା। କଥା ମାଧ୍ୟମରେ ଜଣକୁ ନିଜ ପ୍ରତି ଆକର୍ଷିତ କରି ହୁଏ। ତେବେ ଅନେକ ଲୋକ ନିଜ କଥାବାର୍ତ୍ତା ମାଧ୍ୟମରେ ଅନ୍ୟକୁ ଆକର୍ଷିତ କରିପାରନ୍ତି ନାହିଁ।

କଥାବାର୍ତ୍ତା କରିବା ବେଳେ ମୋବାଇଲ ବ୍ୟବହାର କରନ୍ତୁ ନାହିଁ। ସେହିପରି ଦୃଷ୍ଟିଆକର୍ଷଣ କରିବା ପାଇଁ ଲମ୍ବା ବା ବଡ଼ ବଡ଼ କଥା କହିବାରୁ ଦୂରେଇ ରୁହନ୍ତୁ। ନିଜ କଥାକୁ ବୁଲେଇ ବଙ୍କେଇ ନ କହି ସିଧା ଓ ସଂକ୍ଷିପ୍ତରେ ପରିପ୍ରକାଶ କରନ୍ତୁ। ଏହାସହ ମିଛ କଥା ନ କହି ତଥ୍ୟଭିତ୍ତିକ କଥାବାର୍ତ୍ତା କରିବା ଭଲ। ସେହିପରି ସର୍ବଦା କଥା କହିବା ବେଳେ ନିଜ ବଡି ଲାଙ୍ଗୁଏଜ୍‌କୁ ପଜିଟିଭ୍ ରଖିବା ଭଲ। କେବଳ ସେତିକି ନୁହେଁ, କଥାବାର୍ତ୍ତା କରିବା ବେଳେ ଆଖିରେ ଆଖି ମିଶାଇ କଥାବାର୍ତ୍ତା କରିବାକୁ ଚେଷ୍ଟା କରନ୍ତୁ। କଥାରେ ନକାରାତ୍ମକ ପ୍ରଭାବ ଆଣିବାକୁ ଦିଅନ୍ତୁ ନାହିଁ।

## ୨୦୫୦ ସୁଦ୍ଧା ବଢ଼ିବ ଏହି ଟେକ୍ନୋଲୋଜିର ଚାହିଦା



ଟେକ୍ନୋଲୋଜି ଦିନକୁ ଦିନ ଦ୍ରୁତ ବେଗରେ ବିକଶିତ ହେଉଛି। ଆଗାମୀ ବର୍ଷରେ ଏସବୁର ପ୍ରଭାବ ଲୋକଙ୍କ ଜୀବନ ଉପରେ ଗଭୀର ପ୍ରଭାବ ପକାଇବ। ତେବେ ୨୦୫୦ ସୁଦ୍ଧା ଦୁନିଆ ଯେଉଁ ଦିଗକୁ ଅଗ୍ରଗତି କରୁଛି, ମଣିଷର ଭୂମିକା ଅନେକ ସ୍ଥାନରେ କମ୍ ହେବା କୁହାଯାଉଛି। ବିଶେଷକରି ଏଆଇ, ରୋବଟିକ୍ସ ଭଳି ଅନ୍ୟ କେଉଁ ଟେକ୍ନୋଲୋଜି ପ୍ରଭାବ ବିସ୍ତାର କରିବ, ସେ ସମ୍ପର୍କରେ ଜାଣିବା।

**ଏଆଇ:** ଏଆଇ ଅର୍ଥାତ୍ କୃତ୍ରିମ ବୁଦ୍ଧିମତାର ପ୍ରଭାବ ଏବେ ଚାରିଆଡ଼େ ଦେଖିବାକୁ ମିଳୁଛି। ହେଲେ ୨୦୫୦ ସୁଦ୍ଧା ଏହା ଏତେ ଉନ୍ନତ ତଥା ବିକଶିତ ହେବ ଯେ, ଏହା ମଣିଷ ମସ୍ତିଷ୍କ ଭଳି ଚିନ୍ତା କରିବାର କ୍ଷମତା ହାସଲ କରିବ। ଡାକ୍ତର, ଶିକ୍ଷକ, ଡ୍ରାଇଭର, ଏପରିକି ଲେଖକ ଏବଂ କଳାକାରଙ୍କ କାମ ମଧ୍ୟ ଏଆଇ ସିଷ୍ଟମ କରିବ। ପୂର୍ବରୁ ଅନେକ କମ୍ପାନି ଏଭଳି ଏଆଇ ମଡେଲରେ କାମ କରୁଛନ୍ତି। ଯାହାକି ନିଜେ ନିର୍ଣ୍ଣୟ ନେବା, ଡାଟା ବିଶ୍ଳେଷଣ କରିବା ନୂଆ ଜିନିଷ ଶିଖିବାରେ ସକ୍ଷମ।

**ରୋବଟିକ୍ସ:** ଉଦ୍ୟୋଗ କ୍ଷେତ୍ରରେ ରୋବଟ୍‌ର ଉପଯୋଗ ପୂର୍ବରୁ ହେଉଛି। ହେଲେ ଆଗାମୀ ଦିନରେ ଏହା ପ୍ରତ୍ୟେକ କ୍ଷେତ୍ରରେ ନିଜ ସ୍ଥାନ ତିଆରି କରୁଛି। ୨୦୫୦ ସୁଦ୍ଧା ଘର ସଫା କରିବା, ଖାଦ୍ୟ ପ୍ରସ୍ତୁତିଠୁ ଆରମ୍ଭ କରି ଚାଷ ଏବଂ ନିର୍ମାଣ କାର୍ଯ୍ୟ ପର୍ଯ୍ୟନ୍ତ ସବୁକିଛି ରେବାଟିକ ଦ୍ୱାରା କରାଯାଇପାରିବ। ହ୍ୟୁମୋନଏଡ୍ ରୋବଟ ମଣିଷ ଭଳି ଦେଖାଯିବ, କଥାବାର୍ତ୍ତା କରିବ ଏବଂ ଲୋକଙ୍କ ଭାବନାକୁ ବୁଝିବ।

**କ୍ୱାଣ୍ଟମ କମ୍ପ୍ୟୁଟିଂ:** ସୁପର୍ କମ୍ପ୍ୟୁଟରଠାରୁ ଲକ୍ଷାଧିକ ଗୁଣ ଦ୍ରୁତ ହେବ କ୍ୱାଣ୍ଟମ କମ୍ପ୍ୟୁଟିଂ। ଏହାର ପ୍ରବେଶ ଦ୍ୱାରା ବିଜ୍ଞାନ, ଚିକିତ୍ସା, ପାଣିପାଗ ଭଳି କ୍ଷେତ୍ରରେ କାନ୍ତିକାରୀ ପରିବର୍ତ୍ତନ ଆସିବ। ଏହି ଟେକ୍ନିକ ଏତେ ଶକ୍ତିଶାଳୀ ହେବ ଯେ, କିଛି ସେକେଣ୍ଡରେ ଜଟିଳ ସମସ୍ୟାର ସମାଧାନ କରିବ।

**ବାୟୋଟେକ୍:** ବାୟୋଟେକ୍ନୋଲୋଜି ମଣିଷ ଓ ମେସିନ ମଧ୍ୟରେ ଥିବା ସୀମାକୁ ଦୂର କରିବ। ୨୦୫୦ ସୁଦ୍ଧା ଏଭଳି ମଣିଷ ହେବେ, ଯେଉଁମାନଙ୍କ ଶରୀରରେ କୃତ୍ରିମ ଅଙ୍ଗ ଓ ଚିପ୍ସ ଲାଗିଥିବ। ଏହା ଦ୍ୱାରା ଶକ୍ତି, ସ୍ମୃତି ଓ ଆୟୁ ବଢ଼ିବ। ଏହି ମଣିଷ ୨.୦ ଯୁଗର ହେବ। ସେହିପରି ମଣିଷ ନିଜ ଜୈବିକ ସୀମାଠାରୁ ଆଗକୁ ବଢ଼ିବ। ତେବେ ଏହି ଟେକ୍ନିକ୍‌ର ବଢ଼ିବା ପ୍ରଭାବ ଯୋଗୁଁ ମଣିଷର ଆବଶ୍ୟକତା ଅନେକ କ୍ଷେତ୍ରରେ କମିଯାଇପାରେ। ମେସିନ, ଦ୍ରୁତ ଓ ଥକ୍କା ରହିତ କାମ କରିବ। ଫଳରେ ବେରୋଜଗାରୀ ବଢ଼ିବ। ଅନ୍ୟପଟେ ଏହା ନୂଆ ଚାକିରି ଅବସର ବି ସୃଷ୍ଟି କରିବ।

## ଚାକିରିରେ ଏହି ଭୁଲ୍ କରନ୍ତୁ ନାହିଁ

କର୍ମକ୍ଷେତ୍ରରେ କର୍ମଚାରୀଙ୍କୁ ଅନେକ ନୀତି ନିୟମ ମାନି ଚଳିବାକୁ ହୋଇଥାଏ। ସେହିପରି ଜାଣତରେ ହେଉ ବା ଅଜାଣତରେ ଅନେକ କିଛି ଭୁଲ୍ କରି ବସନ୍ତି। ଯାହାକି ଚାକିରି ଜୀବନ ଓ କାମକୁ ପ୍ରଭାବିତ କରେ।



- ବେଳେ ବେଳେ କର୍ମଚାରୀ ମାଲିକଙ୍କୁ ଖୁସି କରିବା ପାଇଁ ଗୋଟିଏ ସମୟରେ ଅନେକ କାମ କରି ବସନ୍ତି। ଏଭଳି କରିବାରୁ ନିବୃତ୍ତ ରହିବା ଉଚିତ। ଏହା ଦ୍ୱାରା କାମ ଠିକ୍‌ରେ ପୂରା ହୁଏ ନାହିଁ।
- ଅଫିସ୍‌ରେ ଅନେକ ସମୟରେ କର୍ମଚାରୀ ନିଜ ହିସାବରେ କାମ କରନ୍ତି। ଅନ୍ୟମାନଙ୍କ ମତାମତ ନେବାକୁ ଭୁଲି ଯାଆନ୍ତି। ତେବେ କିଛି ନୂଆ ଶିଖିବା ଲାଗି ଫିଡ୍‌ବ୍ୟାକ୍ ନେବା ଜରୁରି।
- କୌଣସି ଭୁଲ ହୋଇଗଲେ ଝଗଡ଼ା ନ କରି ନିଜ ଭୁଲ୍ ସ୍ୱୀକାର କରନ୍ତୁ। ସେହି ଭୁଲ୍ ଯେଉଳି ପୁଣି ନ ହେବ, ସେ ଦିଗରେ ଯତ୍ନବାନ ହୁଅନ୍ତୁ।
- ଯୋଗ୍ୟତା ଓ ଉନ୍ନତି କାମର ଗୁଣବତ୍ତା ଉପରେ ନିର୍ଭର କରେ। ତେଣୁ ଅଫିସ୍‌ରେ ଧ୍ୟାନ ନିଜ କାମ ଉପରେ ଦେବା ଦରକାର।
- ଅନ୍ୟ ସହିତ ନିଜକୁ ତୁଳନା କଲେ କେବେ ବି ଖୁସିରେ ରହିପାରିବେ ନାହିଁ। ତେଣୁ ନିଜ ଉପରେ ଏବଂ ନିଜ କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଭଲ।
- ନୂଆ ଚାକିରିରେ କିଛି ନୂଆ ଶିଖିବା ଉପରେ ଧ୍ୟାନ ଦିଅନ୍ତୁ। କିଛି ସନ୍ଦେହ ଥିଲା ପ୍ରଶ୍ନ କରିବା ଭଲ। ଅବଶ୍ୟ ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରିବା ଅନୁଚିତ।
- ଅଫିସ୍ ପରିପାଟୀ ଉପରେ ଧ୍ୟାନ ଦିଅନ୍ତୁ। କାରଣ ଡ୍ରେସିଂ ପ୍ରଫେସନାଲ ବ୍ୟକ୍ତିତ୍ୱ ଉପରେ ପ୍ରଭାବ ପକାଏ।

## ମହିଳା ବିଶ୍ୱକପ୍ କ୍ରିକେଟ୍-୨୦୨୫

# ଆଇସିସି ଟିମ୍‌ରେ ଭାରତର ମନ୍ଧାନା, ଜେମିମା ଓ ଦୀପ୍ତି





ମୁମ୍ବଇ,୪।୧୧(ଏଜେନ୍ସି)

ଦକ୍ଷିଣ ଆଫ୍ରିକାକୁ ୫୨ ରନ୍‌ରେ ହରାଇ ଭାରତ ନଭି ମୁମ୍ବାଇରେ ଶେଷ ହୋଇଥିବା ମହିଳା ବିଶ୍ୱକପ୍ କ୍ରିକେଟରେ ଚାମ୍ପିଅନ ହୋଇଛି। ଏହି ଅବସରରେ ଆଇସିସି ପକ୍ଷରୁ ଟିମ୍ ଅଫ୍ ଦ ଟୁର୍ଣ୍ଣାମେଣ୍ଟ ଚୟନ କରାଯାଇଛି। ପ୍ରଦର୍ଶନ ଭିତ୍ତିରେ ମନୋନୀତ ହୋଇଥିବା ଟିମ୍‌ରେ ୫ଟି ଦେଶର ଖେଳାଳିଙ୍କୁ ସ୍ଥାନ ମିଳିଛି। ରନର୍ସ ଅପ୍ ଦକ୍ଷିଣ ଆଫ୍ରିକାର ଅଧିନାୟିକା ତଥା ଓପନର ଲୌରା ୱଲଭାର୍ଟଙ୍କୁ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଟୁର୍ଣ୍ଣାମେଣ୍ଟରେ ସେ ସର୍ବାଠଧକ ୫୭୧ ରନ୍ କରିଥିଲେ। ଏହି ଦେଶର ଫାଷ୍ଟ ବୋଲିଂ ଅଲରାଉଣ୍ଡର ମାରିଜାନ କାପ୍ ଓ ନାଦିନ୍ ଡି କ୍ଲେର୍କଙ୍କୁ ସାମିଲ କରାଯାଇଛି। ଚାମ୍ପିଅନ ଭାରତୀୟ ଦଳର ମଧ୍ୟ ୩ଜଣ ଖେଳାଳିଙ୍କୁ ସ୍ଥାନ ମିଳିଛି। ସେମାନେ ହେଲେ ୪୩୪ ରନ୍ କରିଥିବା ଓପନର ସ୍ମୃତି ମନ୍ଧାନା, ୨୧୫ ରନ୍ କରିବା ସହ ୨୨ଟି ୱିକେଟ ନେଇଥିବା ଅଲରାଉଣ୍ଡର ଦୀପ୍ତି ଶର୍ମା ଏବଂ ତାରକା ଖେଳାଳି ଜେମିମା ରୋଡ୍ରିଗ୍ସେଜ୍‌ଙ୍କୁ ସ୍ଥାନ ମିଳିଛି। ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ, ଆଶ୍‌ଲେ ଗାର୍ଡନର ଓ ଆଲାନା କିଙ୍ଗ୍, ପାକିସ୍ତାନର ୱିକେଟ ରକ୍ଷକ ସିଦ୍ରା ନୱାଜ, ଇଂଲଣ୍ଡର ବାମହାତୀ ସ୍ପିନର ସୋଫି ଇକ୍କ୍ଲେଷ୍ଟୋନଙ୍କୁ ୧୧ ଜଣିଆ ଦଳରେ ସ୍ଥାନ ମିଳିଛି। ଇଂଲଣ୍ଡର ନାଥାଲି ସିଭର-ବ୍ରଣ୍ଟ ଦ୍ୱାଦଶ ଖେଳାଳିରେ ରହିଛନ୍ତି।

### ମନୋନୀତ ଦଳ

ସ୍ମୃତି ମନ୍ଧାନା (ଓପନର): ରନ୍- ୪୩୪, ହାରାହାରି-୫୪.୨୫, ଶତକ-୧, ଅର୍ଦ୍ଧଶତକ-୨, ଲୌରା ୱଲଭାର୍ଟ (ଓପନର): ରନ୍- ୫୭୧, ହାରାହାରି-୭୧.୩୭, ଶତକ-୨, ଅର୍ଦ୍ଧଶତକ-୩, ଜେମିମା ରୋଡ୍ରିଗ୍ସେଜ୍ (ବ୍ୟାଟର ନଂ-୩): ରନ୍ ୨୯୨, ହାରାହାରି-୫୮.୪୦, ଶତକ-୧, ଅର୍ଦ୍ଧଶତକ-୧, ମାରିଜାନ କାପ୍ (ବ୍ୟାଟିଂ ଅଲରାଉଣ୍ଡର): ରନ୍-୨୦୮, ହାରାହାରି-୨୯.୭୧, ଅର୍ଦ୍ଧଶତକ-୨, ୱିକେଟ-୧୨, ହାରାହାରି-୨୦.୨୫, ଆଶ୍‌ଲେ ଗାର୍ଡନର (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୩୨୮, ହାରାହାରି-୮୨, ଶତକ-୨, ଅର୍ଦ୍ଧଶତକ-୧, ୱିକେଟ-୭, ହାରାହାରି-୩୭.୮୫, ଦୀପ୍ତି ଶର୍ମା (ସ୍ପିନ୍ ବୋଲିଂ ଅଲରାଉଣ୍ଡର): ରନ୍-୨୧୫, ହାରାହାରି-୩୦.୭୧, ଅର୍ଦ୍ଧଶତକ-୩, ୱିକେଟ-୨୨, ହାରାହାରି-୨୦.୪୦, ୱିକେଟ-୨୨, ହାରାହାରି-୨୦.୪୦, ଆନାବେଲ ସଦରଲାଣ୍ଡ (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୧୧୭, ହାରହାରି-୨୯.୨୫, ଅର୍ଦ୍ଧଶତକ-୧, ୱିକେଟ-୧୭, ହାରାହାରି-୧୫.୮୨ , ନାଦିନ୍ ଡି କ୍ଲେର୍କ (ପେସ୍ ବୋଲିଂ ଅଲରାଉଣ୍ଡର): ରନ୍-୨୦୮, ହାରାହାରି-୫୨, ଅର୍ଦ୍ଧଶତକ-୧, ୱିକେଟ-୯, ହାରାହାରି-୨୬.୧୧, ସିଦ୍ରା ନୱାଜ (ୱିକେଟ ରକ୍ଷକ): ଡିସ୍‌ମିସାଲ-୮, ୪ କ୍ୟାଚ୍, ୪ ଷ୍ଟମ୍ପିଂ, ରନ୍-୬୨, ହାରାହାରି-୨୦.୬୬, ଆଲାନା କିଙ୍ଗ୍ (ଲେଗ୍‌ସ୍ପିନର): ୱିକେଟ-୧୩, ହାରାହାରି- ୧୭.୩୮, ସୋଫି ଇକ୍କ୍ଲେଷ୍ଟୋନ୍ (ବାମହାତୀ ସ୍ପିନର): ୱିକେଟ-୧୬, ହାରାହାରି-୧୪.୨୫, ନାଥାଲି ସିଭର-ବ୍ରଣ୍ଟ (ବ୍ୟାଟିଂ ଅଲରାଉଣ୍ଡର): ରନ୍-୨୬୨, ହାରାହାରି-୪୩.୬୬, ଶତକ-୧, ଅର୍ଦ୍ଧଶତକ-୧, ୱିକେଟ-୯, ହାରାହାରି-୨୯.୩୩।

■ ମହିଳା ଦିନିକିଆ ର୍‍ୟାଙ୍କିଂ

## ମନ୍ଧାନାଙ୍କଠାରୁ ଶୀର୍ଷ ମାନ୍ୟତା ଛଡ଼ାଇନେଲେ ଲୌରା

ଦୁବାଇ, ୪।୧୧ (ଏଜେନ୍ସି): ବିଶ୍ୱକପ୍ ବିଜୟିନୀ ଭାରତୀୟ ଦଳର ଉପଅଧିନାୟିକା ସ୍ମୃତି ମନ୍ଧାନା ଦିନିକିଆ ମାନ୍ୟତାରେ ଶୀର୍ଷ ସ୍ଥାନ ହରାଇଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ମହିଳା ଦିନିକିଆ ର୍‍ୟାଙ୍କିଂର ବ୍ୟାଟିଂ ତାଲିକାରେ ମନ୍ଧାନା ଗୋଟିଏ ପାହାଚ ତଳକୁ ଖସି ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ବିଶ୍ୱକପ୍‌ରେ ରନର୍ସଅପ୍ ହୋଇଥିବା ଦକ୍ଷିଣ ଆଫ୍ରିକାର ଅଧିନାୟିକା ଲୌରା ୱଲଭାର୍ଟ ଶୀର୍ଷ ସ୍ଥାନ ଦଖଲ କରିଛନ୍ତି। ବିଶ୍ୱକପ୍‌ରେ ଟପ୍ ସ୍କୋରର୍ ରହିଥିବା ଲୌରା ୩ୟରୁ ପ୍ରଥମ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି। ଶେଷ ହୋଇଥିବା ମହିଳା ବିଶ୍ୱକପ୍‌ରେ ଲୌରା ୯ଟି ମ୍ୟାଚରୁ ୫୭୧ ରନ ସଂଗ୍ରହ କରିଥିଲେ। ଯାହାକି ତାଙ୍କୁ ମହିଳା ଦିନିକିଆ ବିଶ୍ୱକପ୍ ଇତିହାସରେ ଗୋଟିଏ ସଂସ୍କରଣରେ ସର୍ବାଧିକ ରନ ସଂଗ୍ରହକାରୀ ବ୍ୟାଟର୍‌ର ମାନ୍ୟତା ଦେଇଥିଲା। ସେହିଭଳି ସେମିଫାଇନାଲରେ ଅଷ୍ଟ୍ରେଲିଆ ବିପକ୍ଷରେ ଅପରାଜିତ ମ୍ୟାଚ୍ ବିଜୟୀ ଶତକୀୟ ପାଳି ଖେଳିଥିବା ଜେମିମା ରୋଡ୍ରିଗ୍ସେଜ ର୍‍ୟାଙ୍କିଂରେ ଏକାଥରକେ ୯ଟି ସ୍ଥାନ ଲମ୍ଫ ପ୍ରଦାନ କରି ଟପ୍-୧୦ରେ ପ୍ରବେଶ କରିଛନ୍ତି। ଜେମିମା ବର୍ତ୍ତମାନ ୧୦ମ ସ୍ଥାନରେ ରହିଛନ୍ତି। ଅପରପକ୍ଷରେ ଭାରତୀୟ ଦଳର ଅଧିନାୟିକା ହରମନପ୍ରୀତ୍ କୌର ୧୭ରୁ ୧୩ତମ ସ୍ଥାନକୁ ଉଠିଛନ୍ତି। ଅଷ୍ଟ୍ରେଲିଆର ଫୋଏବି ଲିଚଫିଲ୍ଡ ମଧ୍ୟ ୨୬ରୁ ୧୩ତମ ସ୍ଥାନକୁ ଲମ୍ଫ ମାରିଛନ୍ତି। ବୋଲିଂ ତାଲିକାର ଟପ୍-୧୦ରେ ଏକମାତ୍ର ଭାରତୀୟ ଭାବେ ଦୀପ୍ତି ଶର୍ମା ୫ମ ସ୍ଥାନରେ ସ୍ଥିର ରହିଛନ୍ତି। ବିଶ୍ୱକପ୍‌ରେ ଦୀପ୍ତି ସର୍ବାଧିକ ୨୨ଟି ୱିକେଟ୍ ନେଇଥିଲେ। ବୋଲିଂ ତାଲିକାରେ ସୋଫି ଇକଲେଷ୍ଟୋନ୍, ମାରିଜାନ କାପ୍ସ, ଆଲାନ କିଙ୍ଗ୍ ଓ ଆସଲେ ଗାର୍ଡନର ଯଥାକ୍ରମେ ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

■ ସିକେ ନାଇଡୁ ଟ୍ରଫି

## ପରାଜୟ ଆଶଙ୍କାରେ ଓଡ଼ିଶା

ଭୁବନେଶ୍ୱର,୪।୧୧(ସମିସ): କଟକର ଏମ୍‌ଜିଏମ୍ ସ୍କୁଲ ଅଫ୍ ସ୍ପୋର୍ଟ ଗ୍ରାଉଣ୍ଡରେ ଚାଲିଥିବା ସିକେ ନାଇଡଉ ଟ୍ରଫିରେ ଭ୍ରମଣକାରୀ ବିଦର୍ଭ ଆୟୋଜକ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ତୃତୀୟ ଦିନ ଖେଳ ଶେଷସୁଦ୍ଧା ଓଡ଼ିଶା ୯୨ ରନ୍‌ରେ ଟପ୍ ୪ଟି ୱିକେଟ ହରାଇ ପରାଜୟ ଆଶଙ୍କାରେ ରହିଛି। ଓପନର ଓମ୍‌ଟି ମୁଣ୍ଡେ ୫୦ ରନ୍ କରି ଓଡ଼ିଶାର ସଂଘର୍ଷ ଚାରି ରଖିଛନ୍ତି। ଅଧିନାୟକ ସାଇଦୀପ ମହାପାତ୍ର ୧୭ ରନ୍ କରି ଆଉଟ ହୋଇଛନ୍ତି। ଦଳ ଶୀର୍ଷ ଖେଳାଳିଙ୍କୁ ସହଜରେ ହରାଇବା ଫଳରେ ଏହି ମ୍ୟାଚ ଉପରୁ ନିୟନ୍ତ୍ରଣ ହରାଇଛି। ଆସନ୍ତାକାଲି ଚତୁର୍ଥ ତଥା ଶେଷ ଦିନରେ ଓଡ଼ିଶାକୁ ମ୍ୟାଚ୍ ଜିତିବା ଲାଗି ବାକିଥିବା ୬ ୱିକେଟ ବିନିମୟରେ ଆଉ ୨୬୩ ରନ୍ ଆବଶ୍ୟକ କରୁଛି। ଏହି ମ୍ୟାଚ୍‌ର ପ୍ରଥମ ଇନିଂସରେ ବିଦର୍ଭର ୧୬୬ ରନ୍ ଜବାବରେ ଘରୋଇ ମାଟିରେ ଖେଳି ମଧ୍ୟ ଓଡ଼ିଶା ମାତ୍ର ୧୨୮ ରେ ଅଲଆଉଟ ହୋଇଥିଲା। ଦ୍ୱିତୀୟ ଇନିଂସରେ ଅଭିଷେକ ଅଗରୱାଲଙ୍କ ୧୩୪ ଓ ଜଗଜୋତଙ୍କ ୫୪ ରନ୍ ବଳରେ ବିଦର୍ଭର ଦ୍ୱିତୀୟ ଇନିଂସରେ ୩୧୬ ରନ୍ କରିଥିଲା। ଓଡ଼ିଶା ପକ୍ଷରୁ ଆୟୂଷ ବାରିକ୍ ୩ଟି ଓ ସୌମ୍ୟରଞ୍ଜନ ଲେଙ୍କା ୨ଟି ୱିକେଟ ପାଇଥିଲେ। ଏହା ଫଳରେ ପ୍ରଥମ ଇନିଂସରେ ୩୮ ରନ୍‌ରେ ଆଗୁଆ ଥିବା ବିଦର୍ଭ ଘରୋଇ ଓଡ଼ିଶା ଆଗରେ ୩୫୫ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା।

■ ରାଜ୍ୟ ମହିଳା ଚେସ୍ ଉଦ୍‌ଯାପିତ

## ଯଶିତା ଚାମ୍ପିଅନ, ସ୍ମାରକୀ ରନର୍ସ ଅପ୍

ଭୁବନେଶ୍ୱର,୪।୧୧(ସମିସ) : କେନ୍ଦ୍ରାପଡ଼ାରେ ଚାଲିଥିବା ଫିଡେ ରେଟିଂ ରାଜ୍ୟ ମହିଳା ଚେସ ପ୍ରତିଯୋଗିତା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ଯଶିତା ରାଉତ ଚାମ୍ପିଅନ ଓ କେନ୍ଦ୍ରାପଡ଼ାର ସ୍ମାରକୀ ମହାନ୍ତି ରନର୍ସ ଅପ୍ ହୋଇଛନ୍ତି। କଟକର ଦୁଇ ଖେଳାଳି ଜୟଲକ୍ଷ୍ମୀ ସାହୁ ଓ ଜ୍ୟୋତିକା ସାହୁ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ। ଏହି ୪ଜଣ ଓଡ଼ିଶାକୁ ଜାତୀୟ ମହିଳା ଚେସ୍ ଚାମ୍ପିଅନସିପ୍‌ରେ ପ୍ରତିନିଧିତ୍ୱ କରିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ପ୍ରତିଯୋଗିତା ଆସନ୍ତାମାସ ଦୁର୍ଗାପୁରରେ ଖେଳାଯିବ। ୮ ରାଉଣ୍ଡ ବିଶିଷ୍ଟ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଯଶିତା ଓ ସ୍ମାରକୀ ସମାନ ୭ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। କିନ୍ତୁ ବୁକୋଲଜ୍‌ରେ ସ୍ମାରକୀଙ୍କୁ ପଛରେ ପକାଇ ଯଶିତା ପ୍ରଥମ ହୋଇଥିଲେ। କଟକର ଜୟଲକ୍ଷ୍ମୀ ୬ ପଏଣ୍ଟ ଓ ୧୩ ବର୍ଷରୁ କମ୍ ଖେଳାଳି ଜ୍ୟୋତିକା ୫.୫ ପଏଣ୍ଟ ପାଇ




ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ରହିଥିଲେ। ୫ମରୁ ଏକାଦଶ ସ୍ଥାନ ହାସଲ କରିଥିବା ଖେଳାଳିମାନେ ପ୍ରତ୍ୟେକ ୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ୧୩ ବର୍ଷରୁ କମ୍ ବୟସର ଆଉ ଦୁଇଜଣ ଖେଳାଳି କଟକର ନିଭ୍ରିତା ପଟ୍ଟନାୟକ ୫ମ, ଖୋର୍ଦ୍ଧାର ନୟନିକା ସାହୁ ୬ଷ୍ଠ ସ୍ଥାନରେ ରହିଥିଲେ। ଗଜପତିର ଦଳପତି ଉମା ୭ମ, କଟକର ୯ ବର୍ଷରୁ କମ୍ ଖେଳାଳି ସ୍ନେହସ୍ମିତା ରାମ ୮ମ, ତୃତୀୟ ସିଡ୍ କଟକର ଗୀତାଶ୍ରୀ ବିଶ୍ୱାଳ ୯ମ, ଆଉ ଦୁଇ ଜଣ ୯ ବର୍ଷରୁ କମ୍ ଖେଳାଳି କଟକର ଆର୍ଯ୍ୟା ମହାନ୍ତି ୧୦ମ ଓ ଖୋର୍ଦ୍ଧାର ଶ୍ରୁଜନୀ ଷଡଙ୍ଗୀ ଏକାଦଶ ସ୍ଥାନ ଅଧିକାର କରିଥିଲେ। ୩୧ଜଣ ଖେଳାଳିଙ୍କୁ ନେଇ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ହାରହାରି ରେଟିଂ ଥିଲା ୧୪୪୪। ଆଇଏ ଭବେଶ ମହାନ୍ତି ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଥିଲାବେଳେ ଆଇଏ ପିଙ୍କି ମହାପାତ୍ର ଚିଫ୍ ଆର୍ବିଟର ରହିଥିଲେ। ଅଭିଷେକ ଆଚାର୍ଯ୍ୟ ଡେପୁଟି ଚିଫ୍ ଆର୍ବିଟର ଓ ଏସ୍‌ଏନ୍‌ଏ ରବି କୁମାର ଏନ୍ ଆର୍ବିଟର ଦାୟିତ୍ୱ ତୁଲାଇଥିଲେ।

## ନଭେମ୍ବର ୨୩ରେ ଟାଟା ଷ୍ଟିଲ୍ ଯୋଡ଼ା ରନ-ଏ-ଥନ୍

ଭୁବନେଶ୍ୱର, ୪।୧୧ (ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ଟାଟା ଷ୍ଟିଲ୍ ଯୋଡ଼ା ରନ୍-ଏ-ଥନ୍‌ର ଦ୍ୱିତୀୟ ସଂସ୍କରଣ ନଭେମ୍ବର ୨୩ରେ ଅନୁଷ୍ଠିତ ହେବ। କେନ୍ଦୁଝରର ଯୋଡ଼ାଠାରେ ଆୟୋଜିତ ହେବାକୁ ଥିବା ଏହି ଦୌଡ଼ ପ୍ରତିଯୋଗିତାର ଚଳିତ ବର୍ଷର ବିଷୟ ବସ୍ତୁ 'ପ୍ରତି ପାଦ ଏକ ସବୁଜ ଭବିଷ୍ୟତ ଆଡ଼କୁ' ରହିଛି। ଟାଟା ଷ୍ଟିଲ୍ ଓ ମାଇନ୍ସ ଆଣ୍ଡ କ୍ୱାରିଜ (ଓଏମ୍‌କ୍ୟୁ) ଡିଭିଜନର ଏହି ସିଗ୍ନେଚର କାର୍ଯ୍ୟକ୍ରମ ନଭେମ୍ବର ୨୩ ସକାଳ ୬ଟାରୁ କେନ୍ଦ୍ରୀୟ ଖେଳ ପଡ଼ିଆରେ ଆରମ୍ଭ ହେବ। ଏଥର ୧୦ କିମି (ପୁରୁଷ ଓ ମହିଳା), ୫ କିମି (ବାଳକ ଓ ବାଳିକା) ଏବଂ ଏକ ଅଣପ୍ରତିଯୋଗିତାମୂଳକ ୨ କିମି (ଦିବ୍ୟାଙ୍ଗ) ଭଳି ୩ଟି ପ୍ରତିଯୋଗିତାମୂଳକ ଦୌଡ଼ ରହିଛି। ଚଳିତ ସଂସ୍କରଣରେ ମୋଟ୍ ୫.୬୭ ଲକ୍ଷ ଟଙ୍କାର ପୁରସ୍କାର ରହିଛି ବୋଲି ଓଏମ୍‌କ୍ୟୁର ମହାପ୍ରବନ୍ଧକ ଅତୁଲ କୁମାର ଭଟ୍ଟନାଗର ଓ ଟାଟା ଷ୍ଟିଲ୍ ଯୋଡ଼ା ଚିଫ୍ ରାଜେଶ କୁମାର କହିଛନ୍ତି।

ଏଥର ୫.୬୭ ଲକ୍ଷ ପୁରସ୍କାର ରାଶି

## ରାଇଜିଂଷ୍ଟାର ଏସିଆ କପ୍ ଜିତେଶଙ୍କୁ ଭାରତ-ଏ'ର ନେତୃତ୍ୱ



ନୂଆଦିଲ୍ଲୀ,୪।୧୧(ଏଜେନ୍ସି): ଅଷ୍ଟ୍ରେଲିଆରେ ଭାରତ ପକ୍ଷରୁ ଟି-୨୦ ସିରିଜ୍ ଖେଳୁଥିବା ୱିକେଟରକ୍ଷକ ଜିତେଶ ଶର୍ମାଙ୍କୁ କତାରରେ ଖେଳାଯିବାକୁ ଥିବା ରାଇଜିଂଷ୍ଟାର ଏସିଆ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଲାଗି ଭାରତ-ଏ' ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ୮ଟି ଦଳକୁ ନେଇ ନଭେମ୍ବର ୧୪ରୁ ଆରମ୍ଭ ହୋଇ ୨୩ରେ ଶେଷ ହେବ। ବିସିସିଆଇ ପକ୍ଷରୁ ଘୋଷଣା କରାଯାଇଥିବା ୧୫ ଜଣିଆ ଦଳରେ ଆଇପିଏଲ୍ ସେନସେସନ ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶ ଆର୍ଯ୍ୟଙ୍କୁ ଓପନର ଭାବେ ସ୍ଥାନ ମିଳିଛି। ନେହାଲ ୱାଧେରା, ଉପଅଧିନାୟକ ନମନ ଧୀର, ସୂର୍ଯ୍ୟାଂଶ ଶେଦ୍‌ଜେ, ରମଣଦୀପ ସିଂହ ଓ ଆଶୁତୋଷ ଶର୍ମାଙ୍କ ଭଳି ପାୱାର ହିଟରଙ୍କୁ ନେଇ ଦଳର ମିଡଲ ଅର୍ଡର ସମୃଦ୍ଧ। ଅଭିଷେକ ପୋରେଲ ଦ୍ୱିତୀୟ ୱିକେଟ ରକ୍ଷକ ହୋଇଥିଲାବେଳେ ଗୁରଜାପନୀତ୍ ସିଂହ, ଯଶ ଠାକୁର, ବିଜୟକୁମାର ବ୍ୟାସକ, ଯୁଦ୍ଧବୀର ସିଂହ ଚରକଙ୍କ ଭଳି ୪ଜଣ ପେସର ଏହି ଦଳରେ ରହିଛନ୍ତି। ସୂୟାଶ ଶର୍ମା ଓ ହର୍ଷ ଦୁବେ ଫ୍ରଣ୍ଟଲାଇନ୍ ସ୍ପିନର ଭାବେ ଦଳରେ ସ୍ଥାନ ପାଇଛନ୍ତି। ଏମାନଙ୍କ ବ୍ୟତୀତ ୫ଜଣ ଷ୍ଟାଣ୍ଡବାଇ ଖେଳାଳିଙ୍କୁ ମଧ୍ୟ ମନୋନୀତ କରାଯାଇଛି। ସେମାନେ ହେଲେ ଗୁରନୁର ସିଂହ ବ୍ରାର, କୁମାର କୁଶାଗ୍ର, ତନୁସ କୋଟିଆନ, ସମୀର ରୀଜଭି ଓ ସେକ୍ ରଶିଦ୍। ଭାରତ ଗ୍ରୁପ୍-ବି'ରେ ଓମାନ, ୟୁଏଇ ଓ ପାକିସ୍ତାନ-ଏ' ସହ ସ୍ଥାନ ପାଇଛି।

**ଭାରତୀୟ ଦଳ** : ଜିତେଶ ଶର୍ମା (ଅଧିନାୟକ), ବୈଭବ ସୂର୍ଯ୍ୟବଂଶୀ, ପ୍ରିୟାଂଶ ଆର୍ଯ୍ୟ, ନେହାଲ ୱାଧେରା, ନମନ ଧୀର, ସୂର୍ଯ୍ୟାଂଶ ଶେଦ୍‌ଜେ, ରମଣଦୀପ ସିଂହ, ଆଶୁତୋଷ ଶର୍ମା, ଅଭିଷେକ ପୋରେଲ, ଗୁରଜାପନୀତ୍ ସିଂହ, ଯଶ ଠାକୁର, ବିଜୟକୁମାର ବ୍ୟାସକ, ଯୁଦ୍ଧବୀର ସିଂହ ଚରକ, ସୂୟାଶ ଶର୍ମା ଓ ହର୍ଷ ଦୁବେ।

## କ୍ରୀଡ଼ାର ଉନ୍ନତି ପାଇଁ କାମ କରିବେ ଏସ୍‌ଏସ୍‌ଏ ଓ ଜିଏଏଫ୍



ଭୁବନେଶ୍ୱର, ୪।୧୧ (ସମିସ): ଲିଆଣ୍ଡର ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ (ଏସ୍‌ଏସ୍‌ଏ) ବ୍ୟାନର ତଳେ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ କ୍ରୀଡ଼ାକ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଅନେକ ବ୍ୟକ୍ତିବିଶେଷ ଉପସ୍ଥିତ ରହିଥିଲେ। ଟେନିସ କିମ୍ବଦନ୍ତୀ ତଥା ଖେଳରତ୍ନ ପୁରସ୍କାର ବିଜେତା ଲିଆଣ୍ଡର ପେସ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗ୍ଲେନମାର୍କ ଆକ୍ୱାଟିକ ଫାଉଣ୍ଡେସନ (ଜିଏଏଫ୍)ର ପ୍ରତିଷ୍ଠାତା ନେହା ସାଲଡାନା, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି ବୈଠକରେ ଏକ ଅନ୍ତର୍ଜାତୀୟ ପ୍ରଶିକ୍ଷକ ବିନିମୟ ଏବଂ ଆଥଲେଟ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଜିଏଏଫ୍ ଏବଂ ଲିଆଣ୍ଡର ପେସ୍-ସାମନ୍ତ ସ୍ପୋର୍ଟ୍ସ ଏକାଡେମୀ ମଧ୍ୟରେ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା କିଟ୍ ଓ କିସ୍‌ର ଖେଳାଳିମାନଙ୍କ ଗୁଣାତ୍ମକ ବିକାଶ ହେବା ସହିତ ସେମାନଙ୍କୁ ଏକ ଅନ୍ତର୍ଜାତୀୟସ୍ତରର ପ୍ରଶିକ୍ଷଣ ଦେବାରେ ସହାୟତା କରିବ। ଲିଆଣ୍ଡର ଏହି ସହଯୋଗରେ ଆନନ୍ଦ ପ୍ରକାଶ କରିବା ସହିତ ଆଗାମୀ ୧୫ ବର୍ଷ ମଧ୍ୟରେ ୨.୫ ଲକ୍ଷ କ୍ରୀଡ଼ା ପ୍ରତିଭାଙ୍କୁ ସୃଷ୍ଟି କରିବାରେ ସହାୟତା କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

ସହୋଦୟ ଆନ୍ତଃସ୍କୁଲ ଖୋଖୋ ଉଦ୍‌ଯାପିତ

## ଟ୍ରଫି ଜିତିଲେ ବିକାଶ ଓ ସାଇ

ଭୁବନେଶ୍ୱର,୪।୧୧(ସମିସ) : ସହୋଦୟ ଆନ୍ତଃସ୍କୁଲ ଖୋ ଖୋ ଚାମ୍ପିଅନସିପ୍ ବିଜେଇଏମ୍-୨ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ବାଳକ ବିଭାଗରେ ବିକାଶ ରେସିଡେନ୍ସିଆଲ ସ୍କୁଲ ଓ ୟୁନିଟ୍-୮ ଡିଏଭି ସ୍କୁଲ୍ ଯଥାକ୍ରମେ ଚାମ୍ପିଅନ ଓ ରନର୍ସ ଅପ୍ ହୋଇଛି। ସେହିପରି ବାଳିକା ବିଭାଗରେ ଭୁବନେଶ୍ୱରର ସାଇ ଇଣ୍ଟରନ୍ୟାସନାଲ ସ୍କୁଲ ଚାମ୍ପିଅନ ଓ ଆୟୋଜକ ବିଜେଇଏମ୍ ରନର୍ସ ଅପ୍ ହୋଇଛି। ଦୁଇ ଦିନ ଧରି ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ସହୋଦୟ ସ୍କୁଲ କମ୍ପ୍ଲେକ୍ସର ୨୦ଟି ସ୍କୁଲର ୩୭ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତା ଶେଷରେ ବକ୍ସି ଜଗବନ୍ଧୁ ଶିକ୍ଷା ପରିଷଦର ସମ୍ପାଦକ ପ୍ରତାପ ଜେନା ଓ ଉପସଭାପତି ଡ. ନିରଞ୍ଜନ ସାହୁ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ପୂର୍ବରୁ ଆୟୋଜକ ବିଦ୍ୟାଳୟର ସଭାପତି ରଘୁନାଥ ମିଶ୍ର ଓ ଡାକ୍ତର ରଣଜିତ ପାଣିଗ୍ରାହୀ ଅତିଥିଭାବେ ଯୋଗଦେଇ




ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ସମସ୍ତ ସମ୍ମାନିତ ବ୍ୟକ୍ତିବିଶେଷ, ସମସ୍ତ ଅଂଶଗ୍ରହଣକାରୀ ବିଦ୍ୟାଳୟର ଅଧ୍ୟକ୍ଷ, ରେଫରି, ଶିକ୍ଷକ, ପ୍ରଶିକ୍ଷକ, ଖେଳ ଶିକ୍ଷକ ଓ ଆୟୋଜକ ବିଦ୍ୟାଳୟର କର୍ମଚାରୀଙ୍କୁ ଆୟୋଜକଙ୍କ ପକ୍ଷରୁ ଅଶେଷ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

## ଚ୍ୟାଲେଞ୍ଜର ଟ୍ରଫିରେ ଦ୍ରାବିଡଙ୍କ ପୁଅ ଅନଭ୍ୟ

ନୂଆଦିଲ୍ଲୀ, ୪।୧୧ (ଏଜେନ୍ସି): ବିସିସିଆଇ ଆନୁକୂଲ୍ୟରେ ବୁଧବାରଠାରୁ ୧୯ ବର୍ଷରୁ କମ୍ ଦିନିକିଆ ଚ୍ୟାଞ୍ଜେର ଟ୍ରଫି ହାଇଦରାବାଦରେ ଆରମ୍ଭ ହେବ। ଏଥିଲାଗି ବିସିସିଆଇ ଜୁନିୟର ଚୟନ କମିଟି ପକ୍ଷରୁ ୪ଟି ଦଳ (ଟିମ୍-ଏ, ବି, ସି ଓ ଡି) ଗଠନ କରାଯାଇଛି। ପୂର୍ବତନ କିମ୍ବଦନ୍ତୀ ଭାରତୀୟ ବ୍ୟାଟର୍ ରାହୁଲ ଦ୍ରାବିଡ୍‌ଙ୍କ ସାନ ପୁଅ ଅନଭ୍ୟ ଦ୍ରାବିଡ୍ ଟିମ୍-ସି'ରେ ସ୍ଥାନ ପାଇଛନ୍ତି। ୧୭ ବର୍ଷୀୟ ଅନଭ୍ୟ ଜଣେ ୱିକେଟ୍‌କିପର ହୋଇଥିବାବେଳେ ଟପ୍ ଅର୍ଡରରେ ବ୍ୟାଟିଂ କରିଥାନ୍ତି। କର୍ଣ୍ଣାଟକ ପକ୍ଷରୁ ସେ ଗତ ବର୍ଷ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି (୧୬ ବର୍ଷରୁ କମ୍) ଖେଳି ୬ଟି ମ୍ୟାଚରେ ୯୧.୮୦ ହାରରେ ୪୫୯ ରନ ସଂଗ୍ରହ କରିଥିଲେ। ଯେଉଁଥିରେ ୨ଟି ଶତକୀୟ ପାଳି ସାମିଲ ରହିଥିଲା।

ରଣଜୀ ଟ୍ରଫି

## ଲଜ୍ଜା: ଓଡ଼ିଶାର ଇନିଂସ୍ ପରାଜୟ

କଟକ,୪।୧୧(ସମିସ)

ଚଳିତ ରଣଜୀ ଟ୍ରଫିରେ ଓଡ଼ିଶାର ପ୍ରଦର୍ଶନ ଅତ୍ୟନ୍ତ ଲଜ୍ଜାଜନକ ରହିଛି। ଘରୋଇ ପରିବେଶରୁ ଫାଇଦା ଉଠାଇବା ପରିବର୍ତ୍ତେ ଓଡ଼ିଶା କ୍ରମାଗତ ଭାବେ ବାରବାଟୀରେ ପରାଜୟ ତାଲିକା ବଢ଼ାଇ ଚାଲିଛି। ଏଠାରେ ମଙ୍ଗଳବାର ଶେଷ ହୋଇଥିବା ରଣଜୀ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଆନ୍ଧ୍ରପ୍ରଦେଶ ଇନିଂସ୍ ଓ ୫୦ରନରେ ଓଡ଼ିଶାକୁ ହରାଇଛି। ରାଜ୍ୟ ବରିଷ୍ଠ ଦଳର ଏଭଳି ପ୍ରଦର୍ଶନ ଚିନ୍ତାଜନକ ହୋଇଛି। ପ୍ରଥମ ୩ଟି ମ୍ୟାଚ୍‌ରୁ ମାତ୍ର ୧ ପଏଣ୍ଟ ହାସଲ କରିଥିବା ଓଡ଼ିଶା ଗ୍ରୁପ-ଏ ଟେବଲର ୭ମ ସ୍ଥାନକୁ ଖସିଛି। ଆସନ୍ତା ୮ ତାରିଖରୁ ୪ର୍ଥ ମୁକାବିଲାରେ ଦଳ ନାଗପୁର ଗ୍ରାଉଣ୍ଡରେ ଶକ୍ତିଶାଳୀ ବିଦର୍ଭକୁ ଭେଟିବ। ଏହି



ମ୍ୟାଚ୍‌ରେ ଆନ୍ଧ୍ରର ସୌରଭ କୁମାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଭ୍ରମଣକାରୀ ଆନ୍ଧ୍ରପ୍ରଦେଶର ପ୍ରଥମ ଇନିଂସ୍‌ରେ ୧୨୩.୧ ଓଭର ଖେଳି ୭ ୱିକେଟ ହରାଇ ୪୭୫ରନ୍ ସଂଗ୍ରହ କରିଥିବା ବେଳେ ପାଳି ଘୋଷଣା କରିଥିଲା। ତେବେ ଓଡ଼ିଶା ପ୍ରଥମ ଇନିଂସ୍‌ରେ ୧୫୧ରନରେ ଅଲଆଉଟ ହୋଇ ଆନ୍ଧ୍ରପ୍ରଦେଶ ଠାରୁ ଫଲୋଅନ ଡାକରା ପାଇଥିଲା। ୩ୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ଓଡ଼ିଶା ଦ୍ୱିତୀୟ ପାଳିରେ ୨ ୱିକେଟ ହରାଇ ୧୯୦ରନ ସଂଗ୍ରହ କରିବା ସହ ଦୃଢ଼ ସ୍ଥିତିରେ ରହିଥିଲା। ଗୌରବ ଚୌଧୁରୀ ୭୯ରନ ଏବଂ ଗୋବିନ୍ଦ ପୋଦ୍ଦାର ୪ରନରେ ଅପରାଜିତ ଥିଲେ। ଆଜି ଅନ୍ତିମ ଦିନରେ ଓଡ଼ିଶା ମ୍ୟାଚ୍‌କୁ ଡ୍ର ଅଭିମୁଖେ ଅଗ୍ରସର କରାଇବ ବୋଲି ଆଶା କରାଯାଉଥିଲା। ହେଲେ ଆଜି ଖେଳ ଆରମ୍ଭର ୩ୟ ଓଭରରେ ଓଡ଼ିଶାକୁ ୩ୟ ଝଟ୍‌କା ଲାଗିଥିଲା। ବ୍ୟକ୍ତିଗତ ସ୍କୋରରେ ଆଉ ୧ ରନ ଯୋଡିଥିବା ଗୌରବ ଆଉଟ ହୋଇଥିଲେ। ଓଡ଼ିଶାର ଦୁଇ ଅଭିଜ୍ଞ ବ୍ୟାଟର କୁହାଯାଉଥିବା ଗୋବିନ୍ଦ ଏବଂ ଅଧିନାୟକ ଶୁଭ୍ରାଂଶୁ ସେନାପତି ମଧ୍ୟ ଏଭଳି ପରିସ୍ଥିତିରେ ଦଳକୁ ନିରାଶ କରିଥିଲେ। ଗୋବିନ୍ଦ ୧୩ରନରେ ଏବଂ ଶୁଭ୍ରାଂଶୁ ୧୬ରନରେ ଆଉଟ ହୋଇଥିଲେ। ପରେ ରାଜେଶ ଧୂପର ୧୧୫ବଲ ସମ୍ମୁଖୀନ ହୋଇ ୩୮ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ ସୁଦ୍ଧା ଅପରପାର୍ଶ୍ୱରୁ କ୍ରମାଗତ ଭାବେ ୱିକେଟ ପତନ ଓଡ଼ିଶାକୁ ପରାଜୟ ଦ୍ୱାରରେ ପହଞ୍ଚାଇଥିଲା। ଶେଷ ଭାଗରେ କେହି ଦୁଇ ଅଙ୍କ ଛୁଇଁ ନ ଥିଲେ। ଆନ୍ଧ୍ରପ୍ରଦେଶ ପକ୍ଷରୁ ଦ୍ୱିତୀୟ ପାଳିରେ ସୌରଭ କୁମାର ଏବଂ ତ୍ରିପୁରନ ବିଜୟ ୩ଟି ଲେଖାଏ ୱିକେଟ ଅକ୍ତିଆର କରିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS